





• ଉତ୍କଳୀ ଭେଟ •





# ପ୍ରକୃତି ପ୍ରସଙ୍ଗ


ସମ୍ବଲପୁରରେ
SAMBALPUR
RAIN HAVOC
Dt 21-8-82
ଖଣ୍ଡ ପ୍ରଳୟ
ତା ୨୧।୮।୮୨ରି

# ଉତ୍କଳ ପ୍ରସଙ୍ଗ

ଭାଦ୍ର/ଆଶ୍ୱିନ ୧୯୦୪ ଶକାବ୍ଦ ୩୯ ଖଣ୍ଡ ୨ୟ/୩ୟ ସଂଖ୍ୟା ସେପ୍‌ଟେମ୍ବର/ଅକ୍‌ଟୋବର ୧୯୮୨

**ସମ୍ପାଦନା ମଣ୍ଡଳୀ**

ନିର୍ଦ୍ଦେଶକ: ମିହିର କୁମାର ସାଓ

ସମ୍ପାଦକ: ଭୋଳାନାଥ ରାୟଗୁରୁ

ସହ ସମ୍ପାଦକ: ସୁଦର୍ଶନ ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ: ସୁରେନ୍ଦ୍ର କୁମାର ପଟ୍ଟନାୟକ

ମୁଖ୍ୟ ସମ୍ପାଦକ

ସତ୍ୟାନନ୍ଦ ଚମ୍ପତିରାୟ

ସଜ୍ଜା ଶିଳ୍ପୀ

ପରିକଳ୍ପନା : ଶ୍ରୀ ଅସିତ୍ ମୁଖାର୍ଜୀ

ଅଙ୍କନ : ଶ୍ରୀ ବି. ମହାରଥୀ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର
ବାର୍ଷିକ ଦେୟ ୧୦.୦୦
ପ୍ରତି ଖଣ୍ଡ ୧.୦୦

ମୁଦ୍ରଣ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଧରିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ଉତ୍କଳ ପ୍ରସଙ୍ଗ

## ସୂଚୀପତ୍ର


| | | | |
|---|---|---|---|
| "ବିପଦ ପ୍ରତି ନ ରହୁ ମୋ'ର ଭୟ" | .. | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | .. ୧ |
| ପ୍ରଳୟର ସଜଳ କାହାଣୀ | .. | ଶ୍ରୀ ରାଧାମୋହନ ଗଡ଼ନାୟକ | .. ୮ |
| ପ୍ରାକୃତିକ ଭାରସାମ୍ୟ ଓ ବିପର୍ଯ୍ୟୟ | .. | ଶ୍ରୀ ବସନ୍ତ କୁମାର ବିଶ୍ୱାଳ | .. ୧୧ |
| ବିପତ୍ତି ପାଇଁ ପ୍ରସ୍ତୁତି : ସ୍ୱାସ୍ଥ୍ୟ ସଂଗଠନର ଭୂମିକା | | ଶ୍ରୀ ହରିହର କରଣ | .. ୧୩ |
| ମଣିଷକୃତ ନା ଦୈବୀକୃତ ? | .. | ଶ୍ରୀ ରାଜ କିଶୋର ରାୟ | .. ୧୫ |
| ବନ୍ୟା ଦୁର୍ଗତଙ୍କ ସେବାରେ ଓଡ଼ିଶା ପୋଲିସ | .. | ଶ୍ରୀ ନରସିଂହ ସ୍ୱାଇଁ | .. ୧୭ |
| ମହାନଦୀରେ ମହାବନ୍ୟା | .. | ଶ୍ରୀ ଜନାର୍ଦ୍ଦନ ତ୍ରିପାଠୀ | .. ୩୧ |
| ସମ୍ବଲପୁରରେ ବନ୍ୟା ବିଘାତ | .. | ଶ୍ରୀ ସହଦେବ ସାହୁ | .. ୩୭ |
| ବନ୍ୟାଞ୍ଚଳରେ ପାନୀୟ ଜଳ ଯୋଗାଣ | .. | ଶ୍ରୀ ରବୀନ୍ଦ୍ର ମୋହନ ସେନାପତି | .. ୪୧ |
| ରଠା ଜଳସେଚନ ଯୋଜନାର କ୍ଷୟକ୍ଷତି | .. | ଶ୍ରୀ ସୁରେନ୍ଦ୍ର ନାଥ ପ୍ରଧାନ | .. ୪୩ |
| ସେ ବାଙ୍କୀ ଆଉ କ'ଣ ଫେରିବ ? | .. | ଶ୍ରୀ ବରେନ୍ଦ୍ର କୃଷ୍ଣ ଧଳ | .. ୪୫ |
| ପଶୁ କୂଳକୁ କାଳ | .. | ଶ୍ରୀ କେ. ବିଶ୍ୱନାଥମ୍ | .. ୪୯ |
| ବୟାଅଣୀ ବନ୍ୟାର ବିଶ୍ଳେଷଣ | .. | ଶ୍ରୀ ଆର୍ତ୍ତବନ୍ଧୁ ଜେନା | .. ୫୩ |
| ସଡ଼କ ବିଚ୍ଛିନ୍ନ : ସେତୁ ନିଶ୍ଚିହ୍ନ | .. | ଶ୍ରୀ ପ୍ରହ୍ଲାଦ ପଟ୍ଟନାୟକ | .. ୫୯ |
| ପାଣିପାଗ, ଅତିବୃଷ୍ଟି ଓ ବନ୍ୟା | .. | ଶ୍ରୀ ଜି. ଅରୁଣାଚଳମ୍ | .. ୬୫ |
| କରାଳ ଗ୍ରାସରେ ବିଧ୍ୱସ୍ତ ବୌଦ୍ଧ | .. | ଶ୍ରୀ ହିମାଂଶୁ ଶେଖର ପାଢ଼ୀ | .. ୬୯ |
| ୧୯୮୨ ବନ୍ୟା ଓ ରେଳପଥ | .. | ଶ୍ରୀ ସାତକଡ଼ି ହୋତା | .. ୭୫ |
| ବନ୍ୟା ଓ ବିଦ୍ୟୁତ୍ ବୋର୍ଡ | .. | ଶ୍ରୀ ଅମିୟ କୁମାର ମୁଖାର୍ଜୀ | .. ୭୮ |
| ବୟାଅଣୀ ବନ୍ୟା | .. | ଶ୍ରୀ ସୁଦାମ ଚରଣ ପଟ୍ଟନାୟକ | .. ୮୨ |

# ମୋ ଦୃଷ୍ଟିରେ ....

ବନ୍ୟା ଓଡ଼ିଶାର ସହଚର । ନଦୀ ମାତୃକା ଓଡ଼ିଶା ବନ୍ୟାର ଦାନ ବୋଲି ୧୯୫୫ରେ ପଣ୍ଡିତ ଜବାହରଲାଲ ନେହରୁ ଆମକୁ ସେ ଦୁର୍ଦ୍ଦିନରେ ସାହସ ଦେଇ କହିଥିଲେ । କିନ୍ତୁ ୧୯୮୨ର ବନ୍ୟା ଆହୁରି ଭୟାବହ, ଅନେକ ଗୁଣରେ ପ୍ରଳୟଙ୍କରୀ—ଅଭୂତପୂର୍ବ ।

୧୯୮୨ ଅଗଷ୍ଟର ବନ୍ୟା ମହାନଦୀର ନିମ୍ନ ଉପତ୍ୟକାରେ ୨୯ ଓ ୩୦ ଦୁଇଦିନର ପ୍ରବଳ ବର୍ଷା ଯୋଗୁଁ ହୋଇଛି । ଗୋଟିଏ ବର୍ଷର ବର୍ଷା ପରିମାଣର ଅର୍ଦ୍ଧାଧିକ ଅଂଶ ମାତ୍ର ଦୁଇଦିନ ମଧ୍ୟରେ ଆକାଶରୁ ଅବିରତ ଓ ଅବିରାମ ଭାବରେ ପତିତ ହୋଇ ମହାନଦୀ, ତା'ର ଶାଖା ଓ ପ୍ରଶାଖାମାନଙ୍କୁ ସ୍ଫୀତ କରି ଦେଇଥିଲା । ସେହି ବର୍ଷାଜଳ ବାଧାବନ୍ଧ ନ ମାନି ନଦୀ ବକ୍ଷକୁ ବହି ଆସିଲା । ମନୁଷ୍ୟ ତା'ର ଅପରିଣାମଦର୍ଶୀ ବୃକ୍ଷ ବିନାଶ ଯୋଜନା ଦ୍ୱାରା ଯୁଗ ଯୁଗ ଧରି ବାଧାବନ୍ଧକୁ ଅପସାରଣ କରି ଆସିଛି । ତା ସାଙ୍ଗକୁ ନଦୀ ଶଯ୍ୟା କ୍ରମେ ପୋତି ହୋଇ ଉଚ୍ଚ ହୋଇଗଲାଣି । ତେଣୁ ଏ ଅଗାଧ ଜଳରାଶି ନଦୀ ଭିତରେ ନ ରହି କୂଳ ଲଂଘନ କରିଥିଲା । ଏ ଦୁର୍ଭାଗ୍ୟ ମଧ୍ୟରେ ସୌଭାଗ୍ୟର କ୍ଷୀଣ ଆଲୋକ ଦର୍ଶିକା ହେଉଛି, ଓଡ଼ିଶାର ଅନ୍ୟାନ୍ୟ ନଦୀମାନେ ବନ୍ୟାର ବିପାତରୁ ସେତିକିବେଳେ ରକ୍ଷା ପାଇ ଯାଇଥିଲେ ଏବଂ ମୃତ ବା ନିଖୋଜ ବ୍ୟକ୍ତିଙ୍କ ସଂଖ୍ୟା ଥିଲା ଆନୁପାତିକ ଭାବରେ ସ୍ୱଳ୍ପ । ବନ୍ୟାର କରାଳ ବିଭୀଷିକା ସରିବା ପୂର୍ବରୁ ଓଡ଼ିଶା ସରକାର ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ସାହାଯ୍ୟ ଓ ଯୋଗାଣ ନିମନ୍ତେ ପ୍ରଶଂସନୀୟ ପଦକ୍ଷେପ ନେଇଥିଲେ । ସରକାରଙ୍କର ସମସ୍ତ ବିଭାଗ ସଂହତି ରକ୍ଷା କରି ଓ ସଂଘବଦ୍ଧ ହୋଇ ପ୍ରକୃତିର ତାଣ୍ଡବଲୀଳା ଦ୍ୱାରା ସୃଷ୍ଟି ହୋଇଥିବା ଅବସ୍ଥାର ପ୍ରତିକାର କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ବ୍ୟକ୍ତିଗତ ନେତୃତ୍ୱ ଓ ନିର୍ଦ୍ଦେଶରେ ଦୁର୍ଦ୍ଦଶାଗ୍ରସ୍ତ ଦୁର୍ଗତମାନଙ୍କ ସେବାରେ ଲାଗି ଯାଇଥିଲେ । ତାଙ୍କ ପ୍ରତ୍ୟୁତ୍ପନ୍ନମତି ଓ ଦୂରଦର୍ଶିତା ଯୋଗୁଁ ସୈନ୍ୟ ବାହିନୀ ଓ ଭାରତ ସରକାରଙ୍କ ଅନ୍ୟ ବିଭାଗଗୁଡ଼ିକ ଅତି ଶୀଘ୍ର ଆବଶ୍ୟକ ସାହାଯ୍ୟ ଦେବାକୁ ଆଗେଇ ଆସିଥିଲେ । ସ୍ୱତଃ ପ୍ରଣୋଦିତ ହୋଇ ବିଭିନ୍ନ ଛାତ୍ର ଅନୁଷ୍ଠାନ ଓ ଅନ୍ୟାନ୍ୟ ଅନୁଷ୍ଠାନ ମାନଙ୍କର ଅକ୍ଳାନ୍ତ ପରିଶ୍ରମ ଓ ସହାନୁଭୂତି ବନ୍ୟା ଦୁର୍ଗତଙ୍କର ଦୁଃଖ ଲାଘବ କରିଛି ଓ ସେମାନେ ଧନ୍ୟବାଦାର୍ହ ।

ଏ ପ୍ରଳୟଙ୍କରୀ ଓ ବିଧ୍ୱଂସକାରୀ ବନ୍ୟାରେ ଓଡ଼ିଶାର ସହସ୍ର କୋଟି ଟଙ୍କାର କ୍ଷତି ହୋଇଛି । ଆଠଗୋଟି ଜିଲ୍ଲାର ୧୧୪ ଗୋଟି ବ୍ଲକ୍‌ର ନଅ ହଜାର ଗ୍ରାମର ନବେ ହଜାର ବର୍ଗମାଇଲ ବ୍ୟାପୀ ଅଞ୍ଚଳର ପଚାଶ ଲକ୍ଷ ଲୋକ ଏହି ବନ୍ୟାରେ କ୍ଷତିଗ୍ରସ୍ତ । ତିରିଶ ଲକ୍ଷ ଏକର ଜମିରେ ପାଣି ମାଡ଼ି ଯାଇଥିଲା । ଏ ବନ୍ୟାରେ କେବଳ ସରକାରୀ ସଂପତ୍ତିର କ୍ଷତି ୬୧୬ କୋଟି ଟଙ୍କା ବୋଲି ଅନୁମିତ ହୁଏ ।

ଏ ବିପତ୍ତି ଏକ ଜାତୀୟ ବିପତ୍ତି । ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ନିଜେ ଓଡ଼ିଶା ଗସ୍ତରେ ଆସି ବନ୍ୟାଞ୍ଚଳ ପରିଦର୍ଶନ କରି ବ୍ୟଥିତ ହୋଇ ଆଶାନୁରୂପ ସାହାଯ୍ୟର ପ୍ରତିଶ୍ରୁତି ଦେଇଛନ୍ତି । କିନ୍ତୁ ଦୁର୍ଦ୍ଦିନରେ ନିଜର ଶକ୍ତି ଓ ସାମର୍ଥ୍ୟ ହିଁ ଅନ୍ୟର ସାହାଯ୍ୟ ଅପେକ୍ଷା ଅଧିକ ଆବଶ୍ୟକ । ସେହି ଶକ୍ତି ଓ ସାମର୍ଥ୍ୟ ଗଢ଼ି ତୋଳିବାକୁ ସମାଜର ସମସ୍ତ ଶ୍ରେଣୀର ଲୋକେ ନିଷ୍ଠାର ସହ ଚେଷ୍ଟା କରିବେ ବୋଲି ଆମର ଦୃଢ଼ ବିଶ୍ୱାସ ରହିଛି ।

"ଉତ୍କଳ ପ୍ରସଙ୍ଗ" ଏ ବନ୍ୟା ବିଷୟରେ ଏହି ସ୍ୱତନ୍ତ୍ର ସଂଖ୍ୟା ପାଠକମାନଙ୍କୁ ନିବେଦନ କରୁଛି । ପ୍ରଳୟର ଯେଉଁ ଚିତ୍ର ଆମେ ଆପଣଙ୍କ ନିକଟରେ ଉପସ୍ଥାପନା କରିବାକୁ ଚେଷ୍ଟା କରିଛୁ, ତାହା ସଂପୂର୍ଣ୍ଣ ନ ହେଲେ ମଧ୍ୟ ସୂଚନାମୂଳକ ହୋଇ ପାରିଛି ।

କବି ରାଧାମୋହନ ଗଡ଼ନାୟକଙ୍କର କବିତାର ଉଚ୍ଛ୍ୱାସ ଓ କୋହ ଆଜି ଓଡ଼ିଆ ଜାତିର ମନର ନିଛକ ଭାବ । ବନ୍ୟା ପରେ ସ୍ୱାସ୍ଥ୍ୟ ବିଭାଗର ପ୍ରଶଂସନୀୟ ତତ୍ପରତା ବିଷୟରେ ସୂଚନା ଦେଇଛନ୍ତି ମନ୍ତ୍ରୀ ଶ୍ରୀ ହରିହର କରଣ । ବିଶିଷ୍ଟ ବନ୍ୟା ବିଶେଷଜ୍ଞ ଶ୍ରୀ ଜନାର୍ଦ୍ଦନ ତ୍ରିପାଠୀ ଓ ଶ୍ରୀ ଅରବିନ୍ଦ ଜେନାଙ୍କ ସମୀକ୍ଷା ପ୍ରତି ଆମେ ପାଠକଙ୍କ ଦୃଷ୍ଟି ଆକର୍ଷଣ କରୁଛୁ । ଭୁବନେଶ୍ୱର ପାଣିପାଗ କାର୍ଯ୍ୟାଳୟର ନିର୍ଦ୍ଦେଶକ ଶ୍ରୀ ଜି. ଅରୁଣାଚଳମ୍‌ଙ୍କ ପ୍ରବନ୍ଧରେ ଓଡ଼ିଶାର ଏହି ପ୍ରଳୟଙ୍କରୀ ବର୍ଷା ବିଷୟରେ ଆଲୋଚନା କରାଯାଇଅଛି ।





ଦେବି ପ୍ରପନ୍ନାର୍ତ୍ତିହରେ ପ୍ରସୀଦ
ପ୍ରସୀଦ ମାତର୍ଜଗତୋଽଖିଳସ୍ୟ ।
ପ୍ରସୀଦ ବିଶ୍ୱେଶ୍ୱରି ପାହି ବିଶ୍ୱଂ
ତ୍ୱମୀଶ୍ୱରୀ ଦେବି ଚରାଚରସ୍ୟ ॥

# "ବିପଦ ପ୍ରତି ନ ରହୁ ମୋର ଭୟ"



**ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ**

ଏଥରର ବନ୍ୟା ଅଭୂତପୂର୍ବ । କାରଣ ଅଳ୍ପ ସମୟ ମଧ୍ୟରେ ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି । ଅଠଚାଳିଶ ଘଣ୍ଟାରେ ଷୋଳ ଇଞ୍ଚ । ବନ୍ୟା ଜଳ ପରିମାପ ଦୃଷ୍ଟିରୁ ଏହା ଅଭୂତପୂର୍ବ । ବନ୍ଧବାଡ଼ ଭାଙ୍ଗିବା ଦୃଷ୍ଟିରୁ ମଧ୍ୟ ଅଭୂତପୂର୍ବ ।

ଏଥର ହୀରାକୁଦ ତଳେ ଷୋଳ ଇଞ୍ଚ ବର୍ଷା ହୋଇଛି । ଗୋଏଲ କମିଟି ମତାମତକୁ ଅନୁଧ୍ୟାନ କଲେ ଜଣାଯିବ, ହୀରାକୁଦ ତଳେ ପ୍ରାୟ ଅଠର ଲକ୍ଷ କ୍ୟୁସେକ ପାଣି ଆସିପାରେ । ଡକ୍ଟର ଖୋସଲଙ୍କ ମତ ମଧ୍ୟ ତାହାଠାରୁ ଭିନ୍ନ ନୁହେଁ । ୧୯୭୫ ବନ୍ୟାରେ ବେଲଗାଁ ପାଖ ତେଲ ନଦୀରେ ତିନି ଲକ୍ଷ ଷାଠିଏ ହଜାର କ୍ୟୁସେକ ପାଣି ପ୍ରବାହିତ ହୋଇଥିଲା । ବେଲଗାଁ ପର୍ଯ୍ୟନ୍ତ ତେଲ ନଦୀର ଯେତିକି ଅବବାହିକା, ବେଲଗାଁଠାରୁ ସୋନପୁର ପର୍ଯ୍ୟନ୍ତ ତେଲନଦୀର ସେତିକି ଅବବାହିକା । ତିନି ଲକ୍ଷ ଷାଠିଏ ହଜାର କ୍ୟୁସେକ ପାଣି ବେଲଗାଁରୁ ସୋନପୁର ପର୍ଯ୍ୟନ୍ତ ଆସିପାରେ । ସେ ତିନି ଲକ୍ଷ ଷାଠିଏ ହଜାର ଓ ବେଲଗାଁ ପର୍ଯ୍ୟନ୍ତ ତିନି ଲକ୍ଷ ଷାଠିଏ ହଜାର, ଏପରି ସାତ ଲକ୍ଷ କ୍ୟୁସେକରୁ ଅଧିକ ପାଣି ତେଲ ନଦୀରେ ଆସିପାରେ । ଏଥର ୬·୫୬ ଲକ୍ଷ କ୍ୟୁସେକ ପାଣି ଆସିଚି । ବିଭିନ୍ନ ନଦୀ ତେଲ, ଅଙ୍ଗ, ବାଘ, ହରିହରଜୋର ଆଦି ବଲାଙ୍ଗୀର, ସମ୍ବଲପୁର, ଫୁଲବାଣୀ ଜିଲ୍ଲାର ଛୋଟ ବଡ଼ ନଦୀରେ ଯେ ଅଠର ଲକ୍ଷ ପାଣି ଆସିବ, ଏହା କିଛି ବିଚିତ୍ର ନୁହେଁ ।

ପାଣି ମାପ କଥା ପୂର୍ବରୁ ମୁଁ ଉଲ୍ଲେଖ କରିଚି । ୧୯୨୯ ମସିହାରେ ନରାଜଠାରେ ଏଇ ମାପ ୯୧·୫୭ ହୋଇଥିଲା ବୋଲି ହିସାବ କରାଯାଇଚି କିନ୍ତୁ ସେତେବେଳର ମାପ ଓ ବର୍ତ୍ତମାନର ମାପ ଏକା ନୁହେଁ । କରେଣ୍ଟ ଭେଲୋସିଟି ହିସାବରେ ସେତେବେଳେ ମାପ କରାଯାଉଥିଲା, ମାତ୍ର ତାହା ବୈଜ୍ଞାନିକ ପ୍ରଣାଳୀ ନୁହେଁ । ବର୍ତ୍ତମାନ କରେଣ୍ଟ ମିଟର ଅନୁସାରେ ମାପ କରା ଯାଉଚି । ଏହା ଅଧିକ ବିଜ୍ଞାନ-ସମ୍ମତ । ନରାଜଠାରେ ନିଆଯାଉଥିବା ହାଇଡ୍ରୋଗ୍ରାଫିକ ଗ୍ରାଫ୍ ଦ୍ୱାରା ତାହା ମଧ୍ୟ ପ୍ରମାଣିତ ହେଉଚି । ଯେତେବେଳେ ତତ୍କାଳୀନ ପାଣି ମାପ ଅନୁସାରେ ନରାଜଠାରେ ୯୧ ଫୁଟରୁ ଅଧିକ ପାଣି ଥିଲା, ସେତେବେଳେ ଜୋବ୍ରାଠାରେ ଥିଲା ମାତ୍ର ୭୪ ଫୁଟ । ଏଥର ନରାଜଠାରେ ୯୦·୫୬ ଫୁଟ ଥିବା ବେଳେ ଜୋବ୍ରାରେ ଜଳପତନ ହେଲା ୭୭·୨୦ ଫୁଟ । ଏଥିରୁ ସହଜରେ ପ୍ରମାଣିତ ହେଉଚି, ଏହା ଏକ ଅଭୂତପୂର୍ବ ବନ୍ୟା ।

ଘାଇ ସଂଖ୍ୟା ଦୃଷ୍ଟିରୁ ୧୯୫୫ରେ ଦଳେଇ ଘାଇ ସମେତ ସର୍ବମୋଟ ୧,୧୦୦ଟି ଘାଇ ଭାଙ୍ଗିଥିଲା । ଏ ବର୍ଷ ନଦୀ ବନ୍ଧ ଘାଇ ୫୧୦ଟି, କେବଳ କେନାଲ ବନ୍ଧ ଓ ଡିଷ୍ଟ୍ରିବ୍ୟୁଟାରୀ ମିଶି ୪,୦୨୭ଟି । ତେଣୁ ସହଜରେ କୁହାଯିବ ଯେ ଘାଇ ସଂଖ୍ୟା ଦୃଷ୍ଟିରୁ ମଧ୍ୟ ଏହି ବନ୍ୟାର କ୍ଷତି ଅଭୂତପୂର୍ବ ।

## ସତର୍କବାଣୀ :

ଅଗଷ୍ଟ ୨୬ ତାରିଖ ଦିନ ପ୍ରବଳ ବର୍ଷା ହେବାରୁ ବନ୍ୟା ଆଶଙ୍କା କରି କଲେକ୍ଟରମାନଙ୍କୁ ସତର୍କବାଣୀ ଶୁଣେଇ ଦିଆଯାଇଥିଲା । ୨୭, ୨୮ ଓ ୨୯ ତାରିଖରେ ପ୍ରବଳ ବର୍ଷା ହେଉଚି ବୋଲି ସୂଚନା ଦିଆଯାଇଥିଲା । ୨୯ ତାରିଖ ସନ୍ଧ୍ୟା ୬ଟାରେ ସେଣ୍ଟ୍ରାଲ ଫ୍ଲଡ ଫୋରକାଷ୍ଟ ଦ୍ୱାରା ଆକାଶବାଣୀ ଜରିଆରେ ସତର୍କ କରାଇ ଦିଆଯାଇଥିଲା । ୩୦ ତାରିଖ ରାତିରେ ଓ୍ୱାଏରଲେସ୍ ଓ ରେଡ଼ିଓ ପ୍ରତ୍ୟେକ ଅଧ ଘଣ୍ଟାରେ ଥରେ ଲେଖାଏଁ ସତର୍କବାଣୀ ପ୍ରଚାର କରିଥିଲେ । କଟକ ସହର ଅବସ୍ଥା ସଙ୍କଟପନ୍ନ ବୋଲି ବାରମ୍ବାର ପ୍ରଚାର କରାଯାଇଥିଲା । ଦଳେଇ ଘାଇ ଭାଙ୍ଗିଯିବା କଥା ମଧ୍ୟ ପ୍ରଚାର କରାଯାଇଥିଲା । ଏସବୁ ଫଳରେ ଯଥା ସମୟରେ ଲୋକମାନେ ନିରାପଦ ସ୍ଥାନକୁ ଚାଲି ଯାଇଥିଲେ । ତେଣୁ ମୃତ୍ୟୁ ସଂଖ୍ୟା ଅଳ୍ପ । ଆମେ ବଢ଼ାଇବାକୁ ଚେଷ୍ଟା କଲେ ତାହା ବଢ଼ିବ ନାହିଁ ।

୩୦-୮-୧୯୮୨

ଅଭୂତପୂର୍ବ ଓ ଭୟାବହ ବନ୍ୟା ଆସୁଥିବାର ଜାଣି ଆମର ପ୍ରସ୍ତୁତି ଆରମ୍ଭ ହୋଇଗଲା । ପ୍ରସ୍ତୁତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସୂଚନା ଦେବା ପାଇଁ ୩୦ ତାରିଖ ଦିନ ବିରୋଧୀ ଦଳ ସଭ୍ୟମାନଙ୍କର ଏକ ବୈଠକ ଡ଼କାଯାଇଥିଲା । ସେଇଦିନ ଉଭୟ ବିମାନ ବାହିନୀ ଓ ସୈନ୍ୟ ବାହିନୀକୁ ଖବର ଦିଆଗଲା । ୩୧ ତାରିଖ ଦିନ ସକାଳେ ବିମାନ ବାହିନୀର ବିମାନ ଆସିଲା ଓ ପଶ୍ଚିମ ବଙ୍ଗର ସିଭିଲ ଡ଼ିଫେନ୍ସ ସ୍କ୍ୱାଡ୍ ପହିଲା ତାରିଖରେ ପହଞ୍ଚିଲେ । ୩୧ ତାରିଖରୁ ବିମାନ ସାହାଯ୍ୟରେ ଖାଦ୍ୟ ପଦାର୍ଥ ପକାଇବାର କାର୍ଯ୍ୟକ୍ରମ ଆରମ୍ଭ ହୋଇଗଲା । ଯେଉଁ ଯନ୍ତ୍ରଚାଳିତ ଡ଼ଙ୍ଗା ସବୁ ଆସିଥିଲା ସେଥିମଧ୍ୟରୁ ସୈନ୍ୟବାହିନୀ ଓ ପଶ୍ଚିମ ବଙ୍ଗ ସିଭିଲ ବାହିନୀର ୪୭ ଟି ଡ଼ଙ୍ଗା ଭଲ ଭାବରେ ଉଦ୍ଧାର କାର୍ଯ୍ୟ କରିଥିଲା ।

## ସମନ୍ୱିତ ପଦକ୍ଷେପ :

ଉଦ୍ଧାର ଓ ସାହାଯ୍ୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସରକାରୀ ସ୍ତରରେ ଦ୍ରୁତ ପଦକ୍ଷେପ ନିଆଗଲା । ବନ୍ୟାଗ୍ରସ୍ତ ପ୍ରତ୍ୟେକ ସବ୍‌ଡ଼ିଭିଜନ ଦାୟିତ୍ୱରେ ଜଣେ ଜଣେ ଏ. ଡ଼ି. ଏମ୍. ଅବସ୍ଥାପିତ ହେଲେ । ବନ୍ୟାଞ୍ଚଳକୁ କେତୋଟି ଜୋନ୍‌ରେ ବିଭକ୍ତ କରାଗଲା । ପ୍ରତ୍ୟେକ ଜୋନ୍‌କୁ ରାଜସ୍ୱ, ସ୍ୱାସ୍ଥ୍ୟ ଓ ପଶୁପାଳନ ବିଭାଗର କର୍ମଚାରୀମାନଙ୍କୁ ପଠାଗଲା । କେବଳ କଟକ ଜିଲ୍ଲାକୁ ୪୧ ଟି ବନ୍ୟା ଜୋନ୍‌ରେ ବିଭକ୍ତ କରାଗଲା ।

ବନ୍ୟା ପରବର୍ତ୍ତୀ କାର୍ଯ୍ୟକ୍ରମ ପାଇଁ ସମ୍ପ୍ରତି ଏକ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯାଇଛି । ପ୍ରତ୍ୟେକ ଦୁଇଟି ପଞ୍ଚାୟତକୁ ନେଇ ଗୋଟିଏ ଗୋଟିଏ କମ୍ପୋଜିଟ୍ ଟିମ୍ କାମ କରିବେ । ଏହି ଟିମ୍ ବା ଦଳରେ ଘର ତିଆରି ସାହାଯ୍ୟ ବଣ୍ଟନ କରିବେ ରେଭେନ୍ୟୁ ଅଫିସର, ଜଣେ ଡ଼ାକ୍ତର ଓ ତିନିଜଣ ପାରାମେଡ଼ିକାଲ ଷ୍ଟାଫ୍‌କୁ ନେଇ ଗଠିତ ମେଡ଼ିକାଲ ୟୁନିଟ ଚିକିତ୍ସା ଦାୟିତ୍ୱରେ ରହିବେ ଓ ଯୋଗାଣ ବିଭାଗର ଜଣେ ଜଣେ କର୍ମଚାରୀ ବଣ୍ଟନ ବ୍ୟବସ୍ଥା କରାଇବେ । ସୁଖର କଥା ବିଭିନ୍ନ ସ୍ଥାନରେ ସେମାନେ କାର୍ଯ୍ୟ ଆରମ୍ଭ କଲେଣି । ପ୍ରତି ବ୍ଲକରେ ବନ ବିଭାଗ ଯଥେଷ୍ଟ ପରିମାଣରେ କାଠ ବାଉଁଶ ସଂଗ୍ରହ କରି ରଖିବା ପାଇଁ ବ୍ୟବସ୍ଥା କରାଯାଇଛି । ଏବେ ୭୬ ଟି ଡ଼ିପୋ ଆରମ୍ଭ କଲେଣି । ପ୍ରାୟ ସବୁ ରାସ୍ତାର ମରାମତି କାର୍ଯ୍ୟ ଶେଷ ହୋଇଯାଇଛି । ଜଳସେଚନ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି । ଡେଲଟାରେ ଶତକଡ଼ା ୫୦ ଭାଗ ଜଳସେଚିତ ଜମିକୁ ଯଥାଶୀଘ୍ର ଜଳ ଯୋଗାଇବାର ବ୍ୟବସ୍ଥା ହୋଇଛି । ଅକ୍‌ଟୋବର ମାସ ଶେଷ ସୁଦ୍ଧା ୮୦ ଭାଗ ଜଳସେଚିତ ଜମି ପାଣି ପାଇ ପାରିବେ । ନଦୀ ଓ କେନାଲ ବନ୍ଧର ମରାମତି କାର୍ଯ୍ୟ ଆଗେଇ ଚାଲିଛି । ବିଦ୍ୟୁତ୍ ବୋର୍ଡ଼ ପକ୍ଷରୁ ବିଦ୍ୟୁତ୍ ପୁନଃ ସଂଯୋଗ ଦିଗରେ ଦ୍ରୁତ ପଦକ୍ଷେପ ନିଆଯାଇଛି । ୪,୧୦୦ ଗ୍ରାମରୁ ପ୍ରାୟ ୩,୯୦୦ ଗ୍ରାମ ବିଦ୍ୟୁତ ଶକ୍ତି ପାଇ ସାରିଲେଣି । ୧୯୮୦ ରେ ଘରଭଙ୍ଗା ସାହାଯ୍ୟ ଋଣ ଯେଉଁ ପରିମାଣରେ ଦିଆଯାଇଥିଲା ଏବେ ସେହି ହାରରେ ଦିଆଯାଉଛି । ଏହା ବ୍ୟତୀତ ଜୀବନ ବୀମା ଓ ବ୍ୟାଙ୍କ ଜରିଆରେ ସ୍ୱଳ୍ପ ସୁଧରେ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ଋଣ ଦେବାର ବ୍ୟବସ୍ଥା କରାଯାଇଛି ।

ଏ ଭୟାବହ ବନ୍ୟା ଅନେକ ସ୍ଥାନରେ ଗାଁ ଗଣ୍ଡା ନିଶ୍ଚିହ୍ନ କରିଦେଇଛି । ସେ ଅଞ୍ଚଳର ଲୋକମାନଙ୍କୁ କିଭଳି ଭାବରେ ସାହାଯ୍ୟ କରାଯିବ, ତାହା ବିଚାର କରିବାର କଥା । ସରକାରୀ ସାହାଯ୍ୟ ହିସାବରେ ସେମାନଙ୍କୁ ଯେଉଁ ଟ ୫୦୦'୦୦ ଲେଖାଏଁ ଦିଆଯାଉଛି, ସେମାନଙ୍କ ନିକଟରେ ତାର ମୂଲ୍ୟ କିଛି ନୁହେଁ । ତେଣୁ ଗୋଟିଏ ଗୋଟିଏ କର୍ପୋରେସନ ଗୋଟିଏ ଗୋଟିଏ ଗ୍ରାମ ପୁନଃନିର୍ମାଣ କରିବାର ଦାୟିତ୍ୱ ନେବେ ବୋଲି ନିଷ୍ପତ୍ତି କରାଯାଇଛି । ଉଚ୍ଚ ସ୍ଥାନରେ ଘର କରି ସେମାନଙ୍କୁ ଯୋଗାଇ ଦେବା ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଛି । ଜମି ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦେବାପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି । ସେମାନେ ଯେଉଁ ଧନ୍ଦା କରି ଚଳୁଥିଲେ ତାର ବ୍ୟବସ୍ଥା କରିବାପାଇଁ ସରକାରଙ୍କର ଯେଉଁ ଆଇ. ଆର. ଡ଼ି., ଇ. ଆର. ଆର. ପି. ସ୍କିମ ଅଛି, ସେହି ସ୍କିମରେ ତାଙ୍କୁ ଅନ୍ତର୍ଭୁକ୍ତ କରାଯିବ । ଯେଉଁ ସବୁ ସ୍ଥାନ ବନ୍ୟା ଦ୍ୱାରା ବିଶେଷ କ୍ଷତିଗ୍ରସ୍ତ ହୋଇଛି, ସେଠାରେ ଶିଶୁ, ମହିଳା ଓ ଗର୍ଭବତୀମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇଦେବା ପାଇଁ ବ୍ୟବସ୍ଥା କରାଯାଇଛି ।

## କାମଧନ୍ଦା :

ବନ୍ୟା ପରେ ଜରୁରୀକାଳୀନ ରିଲିଫ୍ ସାତଦିନ ଓ ଦଶଦିନ ପରେ ବନ୍ଦକରି ଦିଆଗଲା । ତେଣୁ ଲୋକମାନଙ୍କୁ କାମଧନ୍ଦା ଯୋଗାଇ ଦିଆଯିବା ଉଚିତ । ସରକାର ସେମାନଙ୍କୁ ପର୍ଯ୍ୟାପ୍ତ କାମ ଯୋଗାଇ ଦେବାପାଇଁ ନିଷ୍ପତ୍ତି ନେଇଛନ୍ତି । କେନାଲ ବନ୍ଧ ଓ ରାସ୍ତାଘାଟ ମରାମତିରେ ପ୍ରାୟ ୬୮ ହଜାର ଲୋକଙ୍କୁ ନିଯୁକ୍ତ କରାଯାଇଛି । କେନାଲ କାମ ଓ ରାସ୍ତାଘାଟ ମରାମତି କାମ ସବୁ ଗ୍ରାମରେ ଏକ ସମୟରେ କରାଯାଇ ନ ପାରେ । ସେଥିପାଇଁ ଲୋକଙ୍କୁ ପ୍ରତିଦିନ କାମ ଯୋଗାଇ ଦେବାପାଇଁ ପ୍ରତ୍ୟେକ ବ୍ଲକକୁ ଦୁଇଲକ୍ଷ ଟଙ୍କା ଦିଆଯାଇଛି । ଏହା ବ୍ୟତୀତ ବ୍ଲକର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି, ଅନ୍ୟାନ୍ୟ ଉନ୍ନୟନ ବାବଦରେ ରହିଥିବା ଟଙ୍କା ଲୋକମାନଙ୍କୁ କାମ ଦେବାପାଇଁ ଖର୍ଚ୍ଚ କରାଯାଉ । ଗୋଟିଏ ଲୋକ ଯେପରି ବେକାର ନ ରହେ ସେଥିପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି କାର୍ଯ୍ୟକ୍ରମ ଅନୁଧ୍ୟାନ କରିବା ପାଇଁ ପ୍ରତ୍ୟେକ ଏସ. ଡ଼ି. ଓ. ଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

କ୍ଷତିଗ୍ରସ୍ତ ଅଞ୍ଚଳରେ ଚାଷୀମାନଙ୍କର ଆବଶ୍ୟକତା ଅନୁଯାୟୀ ବିଭିନ୍ନ ବିହନ ଯୋଗାଇ ଦିଆଯାଉଛି । ଆମର ଚାହିଦା ହେଉଛି—

| | | |
|---|---|---|
| ବିରି | .. | ୧୨,୦୦୦ କ୍ୱିଣ୍ଟାଲ |
| ଚିନାବାଦାମ | .. | ୭୫,୦୦୦ ,, |
| ଆଳୁ | .. | ୩୦,୦୦୦ ,, |
| ଗହମ | .. | ୨୦,୦୦୦ ,, |
| ଧାନ | .. | ୮୫,୦୦୦ ,, |

ମୋଟ ଦୁଇ ଲକ୍ଷ ସତଚାଳିଶ ହଜାର କ୍ୱିଣ୍ଟାଲ ବିହନ ସରକାର ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଉଛି । ବିହନ ବାବଦରେ ଚାଷୀମାନଙ୍କୁ ୫୦ ଭାଗ ରିହାତି ଦିଆଯିବ ।

**ଖାଦ୍ୟ ଶସ୍ୟ :**

ରାଜ୍ୟର ଖାଦ୍ୟ ଶସ୍ୟ ଚାହିଦା ମେଣ୍ଟାଇବା ପାଇଁ ଆନ୍ଧ୍ରରୁ ୧୫,୦୦୦ ଟନ୍ ଏବଂ ଉତ୍ତର ଭାରତରୁ କିଛି ଚାଉଳ ଆଣିବା ପାଇଁ ଚେଷ୍ଟା କରାଯାଉଛି । ଭାରତ ସରକାର ୨୦,୦୦୦ ଟନ୍ ଚାଉଳ ଦେଇଛନ୍ତି ଏବଂ ଅକ୍‌ଟୋବର ମାସରେ ପୁଣି ଚାଉଳ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ତେଣୁ ଖାଦ୍ୟ ଶସ୍ୟ ଅଭାବ ସମ୍ପର୍କରେ ଅପପ୍ରଚାର ବନ୍ଦ ହେବା ଉଚିତ । ନଚେତ୍ ଅସାଧୁ ବ୍ୟବସାୟୀମାନେ ତାର ସୁଯୋଗ ନେବେ ।

**କେନ୍ଦ୍ର ସାହାଯ୍ୟ.**

ଏ ପରିସ୍ଥିତିର ମୁକାବିଲା କରିବା ପାଇଁ କେନ୍ଦ୍ର ସାହାଯ୍ୟ ଅପରିହାର୍ଯ୍ୟ । ଗତ ୧୯୮୦ ବନ୍ୟାରେ କେନ୍ଦ୍ର ଆମକୁ ୪୩ କୋଟି ଟଙ୍କା ସାହାଯ୍ୟ ଦେଇଥିଲେ । ବାତ୍ୟାର ମୁକାବିଲା ପାଇଁ ଆମେ ପାଇଥିଲୁ ୫୭ କୋଟି ଟଙ୍କା । ବନ୍ୟା ହେବା ପୂର୍ବରୁ ମୁଁ ୩୦ ତାରିଖ ଦିନ ପ୍ରଧାନମନ୍ତ୍ରୀଙ୍କୁ ଟେଲିଗ୍ରାମ କରି ଜଣାଇ ଦେଇଥିଲି, ଯେଉଁଭଳି ଭାବରେ ବର୍ଷା ହେଉଛି ଏବଂ ଯାହା ଜଣାପଡୁଛି, ଓଡ଼ିଶାରେ ଏକ ଅପ୍ରତ୍ୟାଶିତ ପ୍ରଳୟଙ୍କରୀ ବନ୍ୟା ହୋଇଯିବ । ଏ ଦିଗରେ ଯାହା ସାହାଯ୍ୟ ସହଯୋଗ ଦରକାର, ସବୁ ଯୋଗାଇ ଦେବା ଆବଶ୍ୟକ । ପ୍ରଧାନମନ୍ତ୍ରୀ ସ୍ୱଚକ୍ଷୁରେ ବନ୍ୟା ଦେଖିବା ପରେ କହିଛନ୍ତି, "It is really tragic" । ଇତି ମଧ୍ୟରେ କେନ୍ଦ୍ର ସରକାରଙ୍କର ଅନୁଧ୍ୟାନକାରୀ ଦଳ ଆମର କ୍ଷୟକ୍ଷତି ସମୀକ୍ଷା କରି ଫେରି ଯାଇଛନ୍ତି ।

ଏପରି ପ୍ରଳୟଙ୍କରୀ ବନ୍ୟାର କ'ଣ କିଛି ପ୍ରତିକାର ଅଛି ? ଏ ଗୃହ ଏକ ସ୍ୱରରେ ସମର୍ଥନ କରିବେ ଯେ, ମହାନଦୀରେ ଦ୍ୱିତୀୟ ବନ୍ଧ ଛଡ଼ା ଅନ୍ୟ କୌଣସି ବାଟ ନାହିଁ ଯଦ୍ୱାରା ଆମେ ମହାନଦୀ ବନ୍ୟାର ପ୍ରତିକାର କରିପାରିବା । ପଶ୍ଚିମାଞ୍ଚଳର ବନ୍ଧୁମାନଙ୍କୁ ମୁଁ ଏ ପ୍ରତିଶ୍ରୁତି ଦେବାକୁ ଚାହେଁ ଯେ, ଯେଉଁ ମଣିଭଦ୍ରା ପରିକଳ୍ପନା କଥା



କୁହାଯାଉଛି, ନ୍ୟୂନତମ ବୁଡ଼ି ପ୍ରତି ଦୃଷ୍ଟି ଦେଇ ଏହା ପ୍ରସ୍ତୁତ କରାଯାଉଛି । ଟିକରପଡ଼ାଠାରୁ ଏହା ସଂପୂର୍ଣ୍ଣ ଭିନ୍ନ । ଏଥିରେ ବଉଦ, ସୋନପୁର ଆଦି ଐତିହାସିକ ସହର ବୁଡ଼ିଯିବା ବା ବ୍ୟାପକ କୃଷି କ୍ଷେତ୍ର ବୁଡ଼ିଯିବାର ଆଦୌ ସମ୍ଭାବନା ନାହିଁ ।

ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ପଶ୍ଚିମ ବଙ୍ଗ ପରି ଓଡ଼ିଶାରେ ମଧ୍ୟ ଗୋଟିଏ ସ୍ୱେଚ୍ଛାସେବୀ ସ୍କ୍ୱାଡ୍ ଗଠନ କରିବାକୁ ଉଦ୍ୟମ ଚାଲିଛି । ଆବଶ୍ୟକୀୟ ସାହାଯ୍ୟ ପାଇବା ପାଇଁ ଆନ୍ତର୍ଜାତୀୟ ସଂସ୍ଥାମାନଙ୍କୁ ଆବେଦନ କରାଯାଉଛି ।

ଆମକୁ ଜଗନ୍ନାଥ ଶକ୍ତି ଦେଇଛନ୍ତି ଏବଂ ପରୀକ୍ଷା କରିଛନ୍ତି ଯେଉଁ ବିପଦ ଓଡ଼ିଶାକୁ ଆସିଛି, ଆମେ ସମସ୍ତେ ଦଳମତ ନିର୍ବିଶେଷରେ ସେ ବିପଦର ସମ୍ମୁଖୀନ ହୋଇପାରିବା କି ନାହିଁ । କହିବା ବାହୁଲ୍ୟ ଯେ, ଏ ସମସ୍ୟାର ମୁକାବିଲା କରିବାପାଇଁ ଓଡ଼ିଶା ଜନସାଧାରଣଙ୍କର ଯଥେଷ୍ଟ ଶକ୍ତି ଅଛି । ଆଜିର ଓଡ଼ିଶା ଊନବିଂଶ ଶତାବ୍ଦୀ ବା ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ, ଏପରିକି ୧୯୫୫ ଦଶନ୍ଧି ସେଇ ସମୟର ଓଡ଼ିଶା ନୁହେଁ । ଏ ଓଡ଼ିଶା ଯଥେଷ୍ଟ ଶକ୍ତିଶାଳୀ, ଯଥେଷ୍ଟ ଆତ୍ମବିଶ୍ୱାସ ସଂପନ୍ନ ।

ବିଶ୍ୱକବି ରବୀନ୍ଦ୍ରନାଥ କହିଛନ୍ତି, "ହେ ଭଗବାନ ! ବିପଦ ନ ଆସୁ—ଏପରି ପ୍ରାର୍ଥନା ମୁଁ କେବେ କରୁ ନାହିଁ । ମୁ ପ୍ରାର୍ଥନା କରୁଛି, ବିପଦ ଆସିଲେ ତା'ର ସମ୍ମୁଖୀନ ହେବାପାଇଁ ମତେ ଶକ୍ତି ଦିଅ ।"*

(୨୩।୯।୧୯୮୨ ତାରିଖ ରାଜ୍ୟ ବିଧାନ ସଭାରେ ପ୍ରଦତ୍ତ ଭାଷଣର ସାରାଂଶ ନିବନ୍ଧ ରୂପରେ ଦିଆଯାଉଛି) ।

*"ବିପଦେ ମୋତେ ରକ୍ଷାକର
ଏ ନୁହେଁ ମୋର ପ୍ରାର୍ଥନା
ବିପଦ ପ୍ରତି ନ ରହୁ ମୋର ଭୟ ।
ଦୁଃଖ ତାପେ ବ୍ୟଥିତ ହୃଦେ
ନ ଦିଅ ପଛେ ସାନ୍ତ୍ୱନା
ଦୁଃଖକୁ ମୁଁ ଯେପରି କରେ ଜୟ ।"

# ବନ୍ୟା ପ୍ରସଙ୍ଗ

## ବନ୍ୟାଦୁର୍ଗତ ଲୋକଙ୍କ ଥଇଥାନ ପାଇଁ ଅର୍ଥର ଅଭାବ ନାହିଁ

**ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ**

ରାଜ୍ୟର ବନ୍ୟାଗ୍ରସ୍ତ ଅଞ୍ଚଳର ଲୋକମାନଙ୍କୁ କାମ ଧନ୍ଦା ଯୋଗାଇ ଦେଇ ସେମାନଙ୍କ ମନରେ ଆତ୍ମବିଶ୍ୱାସ ଫେରାଇ ଆଣିବା ଦିଗରେ ରାଜ୍ୟ ସରକାର ସମସ୍ତ ପ୍ରକାର ଉଦ୍ୟମ କରୁଛନ୍ତି ଏବଂ ଏଥିପାଇଁ ଅର୍ଥର ଅଭାବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଘୋଷଣା କରିଛନ୍ତି ।

ଗତକାଲି କଟକ ଜିଲ୍ଲାର ଜଗତ୍‌ସିଂହପୁର ସବ୍‌ଡିଭିଜନ ଅନ୍ତର୍ଗତ ରଘୁନାଥପୁର, ବାଲିକୁଦା, ତିର୍ତ୍ତୋଲ, ଓ ଏରସମା ପ୍ରଭୃତି ବ୍ଲକର ବିଭିନ୍ନ ବନ୍ୟା ବିଧ୍ୱସ୍ତ ଅଞ୍ଚଳ ପରିଦର୍ଶନ କାଳରେ ମୁଖ୍ୟମନ୍ତ୍ରୀ ବନ୍ୟା ଦୁର୍ଗତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଏହା ପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ ସେପ୍‌ଟେମ୍ବର ୧୮ରେ ପ୍ରଥମେ ରଘୁନାଥପୁରଠାରେ ପହଞ୍ଚି ସେଠାକାର ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଥିଲେ । ଏହାପରେ ସେ ଏରଡ଼େଙ୍ଗା ନାଲିବର ଗାଇ ପରିଦର୍ଶନ କରି ମହିଳା ବିଦ୍ୟାଳୟ ଓ କଟରା ଗ୍ରାମପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟଠାରେ ସ୍ଥାନୀୟ ବନ୍ୟା ବିପନ୍ନ ଜନସାଧାରଣଙ୍କୁ ଭେଟି ରାଜ୍ୟ ସରକାରଙ୍କ ପକ୍ଷରୁ ପରିସ୍ଥିତିର ମୁକାବିଲା କରିବା ପାଇଁ ଯେଉଁସବୁ ପଦକ୍ଷେପ ନିଆ ଯାଉଛି ତାହାର ସୂଚନା ଦେଇଥିଲେ । ପରେ ପରେ ମୁଖ୍ୟମନ୍ତ୍ରୀ ବାହାରଣା ଜନତା ହାଇସ୍କୁଲଠାରେ ଖୋଲା ଯାଇଥିବା ଭୋଜନ କେନ୍ଦ୍ର ପରିଦର୍ଶନକରି ତଣ୍ଡିକୁଦ ଗାଇ ପର୍ଯ୍ୟନ୍ତ ଯାଇଥିଲେ । ସେଠାରୁ ଫେରି ମୁଖ୍ୟମନ୍ତ୍ରୀ ଜଗତ୍‌ସିଂହପୁରଠାରେ ବନ୍ୟା ସାହାଯ୍ୟ କାର୍ଯ୍ୟକ୍ରମ ସଂପର୍କରେ ସ୍ଥାନୀୟ ଲୋକପ୍ରତିନିଧି ଓ ସଂପୃକ୍ତ ସରକାରୀ କର୍ମଚାରୀମାନଙ୍କ ସହିତ ଆଲୋଚନା କରିଥିଲେ । ଏହି ଆଲୋଚନାରେ ଲୋକସଭା ସଦସ୍ୟ ଶ୍ରୀ ଲକ୍ଷ୍ମଣ ମଲ୍ଲିକ, ରାଜ୍ୟ କୃଷି ମନ୍ତ୍ରୀ ଶ୍ରୀ ବାସୁଦେବ ମହାପାତ୍ର, ପୂର୍ତ୍ତ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଓ ଜିଲ୍ଲାପାଳ ଶ୍ରୀ ହରମୋହନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ ।

ଅପରାହ୍ନରେ ମୁଖ୍ୟମନ୍ତ୍ରୀ ତିର୍ତ୍ତୋଲ ବ୍ଲକର ତୁଳଙ୍ଗ ଓ ଅଇଣା ସାରଳା ପ୍ରଭୃତି ବନ୍ୟାଗ୍ରସ୍ତ ଗ୍ରାମ ପରିଦର୍ଶନ କରିସାରି ଏରସମା ଠାରେ ଏକ ବିରାଟ ଜନସମାବେଶରେ ଉଦ୍‌ବୋଧନ ଦେଇଥିଲେ । ସ୍ଥାନୀୟ ବନ୍ୟା ଦୁର୍ଗତ ଲୋକମାନଙ୍କର ଦୁଃଖ ଦୁର୍ଦ୍ଦଶା ଲାଘବ ଦିଗରେ ସରକାର ଯେଉଁ ବ୍ୟାପକ ଉଦ୍ୟମ ଆରମ୍ଭ କରିଛନ୍ତି ସେ ସଂପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ବ୍ଲକ ସ୍ତରରେ ବିଭିନ୍ନ ବାବଦରେ ଥିବା ସମସ୍ତ ଅର୍ଥ ତୁରନ୍ତ ବିପନ୍ନ ଲୋକମାନଙ୍କ ଥଇଥାନ ନିମନ୍ତେ ଖର୍ଚ୍ଚ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ବନ୍ୟାଞ୍ଚଳର ଚାଷୀମାନଙ୍କଠାରୁ କୃଷି ଋଣ ଆଦାୟ ବନ୍ଦ ରଖାଯିବ ଏବଂ ଶତକଡ଼ା ୫୦ ଭାଗ ରିହାତି ଦରରେ ସେମାନଙ୍କୁ ବିହନ ଯୋଗାଇ ଦିଆଯିବ ବୋଲି ସେ ଘୋଷଣା କରିଥିଲେ । ଏହାଛଡ଼ା ବନ୍ୟାଗ୍ରସ୍ତ ଅଞ୍ଚଳରେ ଆଗାମୀ ୩ ମାସ ପାଇଁ ଶିଶୁ, ବୃଦ୍ଧ ଓ ଅକର୍ମଣ୍ୟ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାମାନଙ୍କୁ ବିନା ମୂଲ୍ୟରେ ଭୋଜନ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ । ଏହି ସଭାରେ ଅନ୍ୟ ମାନଙ୍କ ସହିତ ବିଧାନ ସଭା ସଦସ୍ୟ ଡାକ୍ତର ଦାମୋଦର ରାଉତ ମଧ୍ୟ ଉପସ୍ଥିତ ଥିଲେ ।

ସଭାପରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଲୋକପ୍ରତିନିଧି ଓ ସଂପୃକ୍ତ କର୍ମଚାରୀମାନଙ୍କ ସହିତ ଏରସମା ଅଞ୍ଚଳରେ ବନ୍ୟା ସାହାଯ୍ୟ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ ।

## ମରାମତି କାର୍ଯ୍ୟରେ ୮୨ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ନିୟୋଜିତ

ରାଜ୍ୟର ବିଭିନ୍ନ ବନ୍ୟାଞ୍ଚଳରେ ଭାଙ୍ଗିଯାଇଥିବା ବନ୍ଧବାଡ଼, ରାସ୍ତାଘାଟ ଓ କୋଠାବାଡ଼ି ମରାମତି କାର୍ଯ୍ୟରେ ବର୍ତ୍ତମାନ ୮୨ ହଜାର ୨୬୭ ଜଣ ଶ୍ରମିକ ନିୟୋଜିତ ରହିଛନ୍ତି । ଏଥିମଧ୍ୟରୁ ବନ୍ଧବାଡ଼ ମରାମତି କାର୍ଯ୍ୟରେ ୬୬,୨୬୭ ଜଣ, ରାସ୍ତାଘାଟ ମରାମତି କାର୍ଯ୍ୟରେ ୮,୨୦୦ଜଣ ଏବଂ କୋଠାବାଡ଼ି ମରାମତି କାର୍ଯ୍ୟରେ ୭,୮୦୦ ଜଣ ଶ୍ରମିକ କାର୍ଯ୍ୟ କରୁଛନ୍ତି । ଇତି ମଧ୍ୟରେ ବନ୍ୟାଦୁର୍ଗତ ଅଞ୍ଚଳରେ ଗୃହବାସ ପାଇଁ ଚାଷୀମାନଙ୍କୁ

୩,୪୪୦ କ୍ୱିଣ୍ଟାଲ ବିଭିନ୍ନ ବିହନ ଯୋଗାଇ ଦିଆଯାଉଛି ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଓ ଖୋଲା ବଜାରରେ ପର୍ଯ୍ୟାପ୍ତ ପରିମାଣରେ ଖାଉଟି ଯୋଗାଇ ଦିଆଗଲାଣି ।

ଗତ ସେପ୍ଟେମ୍ବର ୨୫ ସନ୍ଧ୍ୟାରେ ରାଜ୍ୟ ସଚିବାଳୟଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ବନ୍ୟା ସାହାଯ୍ୟ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ଅନୁଧ୍ୟାନ କରିଥିଲେ ଏବଂ ଦୁର୍ଗତ ଜନସାଧାରଣଙ୍କ ଦୁର୍ଦ୍ଦଶା ଲାଘବ ନିମନ୍ତେ ସାହାଯ୍ୟ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବା ପାଇଁ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବନ୍ୟାଞ୍ଚଳରେ ଘରଦ୍ୱାର ହରାଇଥିବା ଲୋକମାନଙ୍କୁ ଘରଭଙ୍ଗା ସାହାଯ୍ୟ ବ୍ୟତୀତ ବିଭିନ୍ନ ବ୍ୟାଙ୍କ୍ ଓ ଅର୍ଥ ଲଗାଣ ସଂସ୍ଥାମାନଙ୍କ ଜରିଆରେ ଅଳ୍ପ ସୁଧରେ ନୂଆ ଘର ତିଆରି ପାଇଁ ଋଣ ଯୋଗାଇ ଦେବା ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏଥିପାଇଁ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ସଂସ୍ଥା ପକ୍ଷରୁ ସର୍ବୋଚ୍ଚ ୫ ହଜାର ଟଙ୍କାରେ ତିଆରି ହୋଇପାରିଲାଭଳି ବନ୍ୟା ପ୍ରତିରୋଧକ ଘରର ଏକ ନକ୍ସା ପ୍ରସ୍ତୁତ କରାଯାଇଛି । ଏହାଛଡ଼ା, ଏହିସବୁ ସୂତ୍ରରୁ ବାଲି ଚରି ଯାଇଥିବା ବା ଚାଷ ପାଇଁ ଅଯୋଗ୍ୟ ହୋଇପଡ଼ିଥିବା ଜମିଗୁଡ଼ିକୁ ଉଠିଆ କରିବା ପାଇଁ ଏବଂ ନିସମ୍ବଳ ଅବସ୍ଥାରେ ଥିବା ଗ୍ରାମ୍ୟ କାରିଗରମାନଙ୍କ ଥଇଥାନ ପାଇଁ ମଧ୍ୟ ଆବଶ୍ୟକୀୟ ଋଣ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଛି ।

ଏହି ବୈଠକରେ ଯୋଗଦେଇ ରାଜସ୍ୱ ମନ୍ତ୍ରୀ ଶ୍ରୀ ଉପେନ୍ଦ୍ର ଦୀକ୍ଷିତ, ଜଳସେଚନ ଓ ବିଦ୍ୟୁତ୍ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ, ପୂର୍ତ୍ତ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ, ଖାଦ୍ୟ ଓ ଯୋଗାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭଜମନ ବେହେରା, ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ମୋହନ ପଟ୍ଟନାୟକ ଓ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ଶ୍ରୀ କେ. ଏସ୍. ଚନ୍ଦ୍ରଶେଖରନ୍ ପ୍ରମୁଖ ବନ୍ୟା ସାହାଯ୍ୟ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗୀର ଓ ବୌଦ୍ଧ ବନ୍ୟାଞ୍ଚଳ ପରିଦର୍ଶନ

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଆଜି ବଲାଂଗୀର ଓ ବୌଦ୍ଧ ଫୁଲବାଣୀ ଜିଲ୍ଲାର ବିଭିନ୍ନ ବନ୍ୟା ବିପନ୍ନ ଅଞ୍ଚଳ ପରିଦର୍ଶନକରି ସେପ୍ଟେମ୍ବର ୧୬ ତାରିଖ ଅପରାହ୍ନରେ ଭୁବନେଶ୍ୱର ଫେରି ଆସିଛନ୍ତି ।

ବଲାଂଗୀର ଠାରେ ମୁଖ୍ୟମନ୍ତ୍ରୀ ହୁରଥିପାଲି, ଦିଲେଇ, ସରଦା ଓ ସ୍ଲୋକ ପାଲ୍ଲୀ ସମେତ ବିଭିନ୍ନ ବନ୍ୟାଗ୍ରସ୍ତ ଗ୍ରାମ ବୁଲି ଦେଖିଥିଲେ ଓ ସ୍ଥାନୀୟ ଲୋକମାନଙ୍କ ସହିତ କଥାବାର୍ତ୍ତାକରି ସେମାନଙ୍କର ଅବସ୍ଥା ପଚାରି ବୁଝିଥିଲେ । ବନ୍ୟା ସାହାଯ୍ୟ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ସେ ଜିଲ୍ଲାପାଳ, ସ୍ଥାନୀୟ କର୍ମଚାରୀ, ଲୋକ ସଭା ସଦସ୍ୟ ଶ୍ରୀ ନିତ୍ୟାନନ୍ଦ ମିଶ୍ର, ଉପମୁଖ୍ୟ ସଚେତକ ଶ୍ରୀ ପ୍ରସନ୍ନ କୁମାର ପାଳ, ବିଧାନ ସଭା ସଦସ୍ୟ ଶ୍ରୀ ମୁଜାଫର୍ ହୁସେନ୍ ଖାଁ । ପ୍ରମୁଖଙ୍କ ସହିତ ଆଲୋଚନା କରିଥିଲେ ।

ମଧ୍ୟାହ୍ନରେ ମୁଖ୍ୟମନ୍ତ୍ରୀ ବନ୍ୟା ବିଧ୍ୱସ୍ତ ବୌଦ୍ଧ ସହର ପରିଦର୍ଶନ କରି ସାଧାରଣ ବଂଟନ ବ୍ୟବସ୍ଥା, ରାସ୍ତାଘାଟ, ଓ ବନ୍ଧବାଡ଼ ମରାମତି, ଦୁର୍ଗତ ଲୋକଙ୍କୁ ଘର ତିଆରି ସାହାଯ୍ୟ ଯୋଗାଇ ଦେବା ସମେତ ସେଠାରେ ଚାଲିଥିବା ବନ୍ୟା ସାହାଯ୍ୟ କାର୍ଯ୍ୟକ୍ରମ ତଦାରଖ କରିଥିଲେ । ମୁଖ୍ୟମନ୍ତ୍ରୀ ବୌଦ୍ଧ ଓ ଆଖପାଖ ଅଞ୍ଚଳର କ୍ଷତିଗ୍ରସ୍ତ ଧୀବରମାନଙ୍କ ବସ୍ତି, ହରିଜନ, ଓ ମୁସଲମାନ ସଂପ୍ରଦାୟଙ୍କ ବସ୍ତି ବୁଲି ସ୍ଥାନୀୟ ଲୋକଙ୍କର ଅଭାବ ଅସୁବିଧା ବୁଝିଥିଲେ । ପରେ ପରେ ବୌଦ୍ଧ ସହର ହେଲିପ୍ୟାଡ଼ ନିକଟରେ ଏକ ବିରାଟ ଜନସମାବେଶରେ ଉଦ୍‌ବୋଧନ ଦେଇ ସେ କହିଥିଲେ ଯେ ବୌଦ୍ଧର ଇତିହାସରେ ଏହି ବନ୍ୟା ଅଭୂତ ପୂର୍ବ । ଏହି ବନ୍ୟା ଫଳରେ ବୌଦ୍ଧ ସହରର ଯେଉଁ କ୍ଷୟ କ୍ଷତି ଘଟିଯାଇଛି, ତାହା ପୂରଣ କରିବା କେବଳ ବୌଦ୍ଧବାସୀଙ୍କର ଦାୟିତ୍ୱ ନୁହେଁ, ଓଡ଼ିଶା ସରକାର ତଥା କେନ୍ଦ୍ର ସରକାରଙ୍କର ମଧ୍ୟ ଏହା ଏକ ଜରୁରୀ କର୍ତ୍ତବ୍ୟ । ବିପନ୍ନ ଅଞ୍ଚଳମାନଙ୍କରେ ଘର ତିଆରି ସାହାଯ୍ୟ, ଶସ୍ତା ଦରରେ କାଠ, ଡାଲି ଯୋଗାଣ, ବିହନ ଯୋଗାଣ, ପାନୀୟ ଜଳ ଓ ସ୍ୱାସ୍ଥ୍ୟସେବା, ଛାତ୍ରମାନଙ୍କର ଦରମା ଓ ପରୀକ୍ଷା ଫିସ୍ ଛାଡ଼ ପ୍ରଭୃତି ବିଭିନ୍ନ ସାହାଯ୍ୟ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ପରିସ୍ଥିତିର ମୁକାବିଲା କରିବା ନିମନ୍ତେ ଯାହା ସାହାଯ୍ୟ ଆବଶ୍ୟକ, ସେ ସମସ୍ତ ସାହାଯ୍ୟର ବ୍ୟବସ୍ଥା କରାଯାଉଛି ।

ବୌଦ୍ଧ ଅଞ୍ଚଳର ବନ୍ୟା ପରିସ୍ଥିତି ଓ ରିଲିଫ୍ କାର୍ଯ୍ୟକ୍ରମ ସଂପର୍କରେ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳ, ଉପ-ବାଚସ୍ପତି ଶ୍ରୀ ହିମାଂଶୁ ଶେଖର ପାଢ଼ୀ, ଲୋକସଭା ସଦସ୍ୟ ଶ୍ରୀ ମୃତ୍ୟୁଞ୍ଜୟ ନାୟକ ଓ ଶ୍ରୀ ଜଗଦୀଶ୍ ଜାନି ପ୍ରମୁଖଙ୍କ ସହିତ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜ୍ୟର ଶିଳ୍ପ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ କିଶୋର ଚନ୍ଦ୍ର ପଟେଲ ମଧ୍ୟ ବନ୍ୟାଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ ।

## କୃଷି ଓ ସମବାୟ ମନ୍ତ୍ରୀ ଶ୍ରୀ ମହାପାତ୍ରଙ୍କ ମାହାଙ୍ଗା ବନ୍ୟାଞ୍ଚଳ ଗସ୍ତ

### ବନ୍ୟାଞ୍ଚଳ କୃଷକମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସମବାୟ ଋଣ ଯୋଗାଣ ବ୍ୟବସ୍ଥା

ସେପ୍ଟେମ୍ବର ୧୫ ରେ କୃଷି ଓ ସମବାୟ ମନ୍ତ୍ରୀ ଶ୍ରୀ ବାସୁଦେବ ମହାପାତ୍ର ବିଧାନ ସଭା ସଦସ୍ୟ ଶ୍ରୀ ମଟଲୁବ୍ ଅଲ୍ଲୀଙ୍କ ସହ ମାହାଙ୍ଗାର ବନ୍ୟା ବିପନ୍ନ ଅଞ୍ଚଳ ଗସ୍ତକରି ଫେରି ଆସିଛନ୍ତି । ଏହି ଗସ୍ତ କାଳରେ

ଶ୍ରୀ ମହାପାତ୍ର ମାହାଙ୍ଗା ବ୍ଲକର ଶ୍ରୀକୃଷ୍ଣପୁର, କୁସୁପୁର, ମୂଳ ବସନ୍ତ , ବାସୁଦେବ ପୁର ଓ କୁଣ୍ଡି ଗ୍ରାମ ପଞ୍ଚାୟତ ଆଦି ଗସ୍ତ କରି ଶ୍ରୀପୁରା ଓ ଗୋପାଳପୁର ଗ୍ରାମର ନଷ୍ଟ ହୋଇଥିବା ଘରଦ୍ୱାର ବୁଲି ଦେଖିଥିଲେ । ଏହି ଗସ୍ତ କାଳରେ ପଟାମୁଣ୍ଡାଇ କେନାଲର ବନ୍ୟା ପ୍ରତିରୋଧକ ବ୍ୟବସ୍ଥା ଓ ବିରୂପା-ଗେଙ୍ଗୁଟି ବନ୍ୟାଜଳରେ କ୍ଷତି ହୋଇଥିବା ବ୍ୟାପକ ଅଂଚଳରେ ଉଠା ଜଳସେଚନର ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ସେ କହିଥିଲେ ।

କୃଷକମାନଂକୁ ସମବାୟ ଜରିଆରେ ରବି ଫସଲ ସକାଶେ ଅଗ୍ରାଧିକାର ଭିତ୍ତିରେ ଋଣ ଯୋଗାଣ ପାଇଁ ସେ ସ୍ଥାନୀୟ କେନ୍ଦ୍ର ସମବାୟ ବ୍ୟାଂକ୍‌ର କମକର୍ତ୍ତା ଓ ସହକାରୀ ନିବଂଧକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମାହାଂଗା ବି. ଡ଼ି. ଓ. ଙ୍କ ସହ କୃଷିମନ୍ତ୍ରୀ ରିଲିଫ୍‌ବ୍ୟବସ୍ଥା ସଂପର୍କରେ ଆଲୋଚନାକରି ଲୋକଂକ ଆବଶ୍ୟକତା ଦୃଷ୍ଟିରୁ ସ୍ତ୍ରଭନ ସାଂଗକୁ ଅଟା ଯୋଗାଣର ବ୍ୟବସ୍ଥା କରିବା ଓ ଲୋକମାନଂକୁ କାମଧଂଦା ଯୋଗାଇ ଦେବାକୁ ସେ ବି. ଡ଼ି. ଓ. ଙ୍କୁ ପରାମର୍ଶ ଦେଇଛନ୍ତି । ବନ୍ୟାଂଚଳରେ ଧାନ ବ୍ୟତୀତ ମୁଗ, ବିରି, ହରଡ଼ ଇତ୍ୟାଦି ଅଣ ଧାନ ଫସଲକୁ ଉତ୍ସାହିତ କରିବା ପାଇଁ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ବିହନ ଯୋଗାଣର ବ୍ୟବସ୍ଥା ହୋଇଛି ବୋଲି କୃଷିମନ୍ତ୍ରୀ ପ୍ରକାଶ କରିଥିଲେ । ବିଶେଷକରି ଏଥିପାଇଁ କୃଷକମାନଂକୁ ଋଣ ଯୋଗାଇଦେବାକୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିବାକୁ ବିଭାଗୀୟ ଅଫିସରମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

## "କେୟାର" ସଂସ୍ଥାର ସାହାଯ୍ୟ

ବନ୍ୟାବିପନ୍ନ ଲୋକଙ୍କ ସାହାଯ୍ୟାର୍ଥେ 'କେୟାର' ସଂସ୍ଥା ପକ୍ଷରୁ ୪୫ ହଜାର ବସ୍ତା ସି: ଏସ୍: ଏମ୍: ଏବଂ ୮୨ ହଜାର ବସ୍ତା ବଲ୍‌ଗାର ଗହମ ପାରାଦ୍ୱୀପ ବନ୍ଦର ଠାରେ ପହଞ୍ଚାଇ ଦିଆଯାଇଛି । ଏହା ବ୍ୟତୀତ ଖାଦ୍ୟପୁଡ଼ିଆ ପ୍ରସ୍ତୁତ କରି ଆକାଶମାର୍ଗରୁ ବିତରଣ କରିବା ପାଇଁ ଏହି ସଂସ୍ଥା ୨ ହଜାରଟି ସ୍ୱତନ୍ତ୍ର ପ୍ରକାର ଖାଲିବସ୍ତା ଯୋଗାଇ ଦେଇଛନ୍ତି ।

## ଚବିଶ ଘଣ୍ଟା ମଧ୍ୟରେ ଲୌହ ସେତୁ ନିର୍ମାଣ

ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଦ୍ୱାରା ଗତ ଛଅ ତାରିଖ ଦିନ ୪.୪ମିଟର ପ୍ରସ୍ଥ ଏବଂ ୪ ମିଟର ଲମ୍ବ ଲୌହ ନିର୍ମିତ ପୋଲର ନିର୍ମାଣ କାର୍ଯ୍ୟ ମାତ୍ର ଚବିଶ ଘଣ୍ଟା ମଧ୍ୟରେ ସଂପୂର୍ଣ୍ଣ କରିଦିଆ ଯାଇଛି । ବନ୍ୟା ବିପରିତ୍ତୁ ବନ୍ଦରାଞ୍ଚଳକୁ ରକ୍ଷା କରିବା ପାଇଁ ଏହି ପୋଲ ଯୁଦ୍ଧ-କାଳୀନ ଭିତ୍ତିରେ ବନ୍ଦର ମାରାଇନ୍ ଇଞ୍ଜିନିୟରିଂ ଏବଂ ହାଇଦର ଓ୍ୱାର୍କସ୍ ସଂସ୍ଥା-୨ ଦ୍ୱାରା ନିର୍ମିତ କରାଯାଇଛି ।

ଗତ ବନ୍ୟାଫଳରେ ଘନଗଳିଆ ଛକ ନିକଟରେ ଜଳ କ୍ରମଶଃ ଅଧିକ ହେବାରୁ ବନ୍ଦରାଞ୍ଚଳ ପ୍ରତି ବିପଦ ସୃଷ୍ଟି କରିଥିଲା । ଘନଗଳିଆ ମଧ୍ୟଦେଇ ଯାଇଥିବା ପୋର୍ଟ ହାଇଓ୍ୱେକୁ କାଟି ଏହି ଜଳକୁ ମହାନଦୀକୁ ପଠାଇ ଦେବା ପାଇଁ ସ୍ଥିର କରାଗଲା ବେଳେ ଜନ-ସାଧାରଣଙ୍କ ଯାତାୟତ ବ୍ୟବସ୍ଥା ଏକ ସମସ୍ୟା ରୂପେ ଦେଖାଗଲା । କାରଣ ବନ୍ଦରରୁ ଘନଗଳିଆ ଏବଂ ସେକ୍‌ଟର-୨୧କୁ ଯିବା ପାଇଁ ପୋର୍ଟ ହାଇଓ୍ୱେଟି ଏକମାତ୍ର ପଥ । ତେଣୁ, ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ରାସ୍ତା କଟାଯିବାର ୨୪ ଘଣ୍ଟା ମଧ୍ୟରେ ଏକ ଦୃଢ଼ ଲୌହ ସେତୁ ନିର୍ମାଣ କରାଯିବାକୁ ସ୍ଥିର ହେଲା । ଗତ ଛଅ ତାରିଖ ସଂଧ୍ୟା ଛଅଟା ବେଳେ ଏହି ପୋଲ କାର୍ଯ୍ୟ ନିର୍ମାଣ ଆରମ୍ଭ ହୋଇ ସେପ୍‌ଟେମ୍ବର ସାତ ତାରିଖ ସଂଧ୍ୟା ଛଅଟା ପୂର୍ବରୁ ସଂପୂର୍ଣ୍ଣ ହେଲା ।

## ଦଳେଇ ଘାଇ ମରାମତି

ଚଳିତ ବନ୍ୟାରେ ଭାଂଗିଯାଇଥିବା ଦଳେଇ ଘାଇର ମରାମତି ବିଶେଷ ତତ୍ପରତାର ସହିତ ସଂପାଦନ କରିବା ପାଇଁ ପଦକ୍ଷେପ ନେବା ଫଳରେ ଏଥିମଧ୍ୟରେ ୩ଫୁଟ ଉଚ୍ଚର ଘାଇ ବଂଧା ସରିଲାଣି ଏବଂ ଆସନ୍ତା ୩ଦିନ ମଧ୍ୟରେ ଏହା ୬ଫୁଟ ପର୍ଯ୍ୟନ୍ତ ହୋଇଯିବାର ଲକ୍ଷ୍ୟ ରଖାଯାଇ ମରାମତି କାର୍ଯ୍ୟ ଆଗେଇ ଚାଲିଛି ବୋଲି ଜଳସେଚନ ଓ ବିଦ୍ୟୁତ୍ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନିରଂଜନ ପଟ୍ଟନାୟକ ସେପ୍‌ଟେମ୍ବର ୧୭ରେ ପ୍ରକାଶ କରିଛନ୍ତି । ଏଥିମଧ୍ୟରେ ପୋପରଡ଼ା ଓ ଭାଣପୁର ଘାଇ ବନ୍ଧା ସରିଛି ।

ଖରିଫ୍ ଫସଲ ପାଇଁ ପଟ୍ଟାମୁଣ୍ଡାଇ ଓ ତାଳଦଣ୍ଡା କେନାଲରେ ପାଣି ଯୋଗାଇ ଦିଆଯିବା ନିମନ୍ତେ ପଦକ୍ଷେପ ନିଆଯାଇଛି । କେଂଦ୍ରାପଡ଼ା କେନାଲର ବାରବୋଡ଼ିଆ ଓ ମାଛଗାଁ କେନାଲର ଦଳେଇ ଘାଇ ପର୍ଯ୍ୟନ୍ତ ଜଳ ଯୋଗାଇ ଦେବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛିବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

## ବନ୍ୟାଗ୍ରସ୍ତ ଜଲ୍ଲାରେ ୭୭୬ଟି ରିଲିଫ୍-ଦଳ କାର୍ଯ୍ୟ କରୁଛନ୍ତି

ରାଜ୍ୟର ୮ଟି ବନ୍ୟାଗ୍ରସ୍ତ ଜଲ୍ଲାରେ ଜରୁରୀ ରିଲିଫ୍ କାର୍ଯ୍ୟ ପାଇଁ ୭୭୨ଟି ରିଲିଫ୍ ଦଳ କାର୍ଯ୍ୟ କରୁଛନ୍ତି । ସେଥିମଧ୍ୟରୁ କଟକ ଜିଲ୍ଲାରେ ୪୩୬ଟି, ପୁରୀ ଜିଲ୍ଲାରେ ୨୦୭ଟି, କଳାହାଣ୍ଡି ଜିଲ୍ଲାରେ ୫୫ଟି, ଫୁଲବାଣୀ ଜିଲ୍ଲାରେ ୨୬ଟି ଓ ଢେଙ୍କାନାଳ ଜଲ୍ଲାରେ ୪ଟି ଦଳ ଅନ୍ତର୍ଭୁକ୍ତ ।

ଏପର୍ଯ୍ୟନ୍ତ ଏହି ସବୁ ଜିଲ୍ଲାର ବନ୍ୟାଗ୍ରସ୍ତ ଲୋକଙ୍କୁ ଜରୁରୀ ରିଲିଫ୍ ବାବଦରେ ୧ ଲକ୍ଷ ପନ୍ଦର ହଜାର ୮୪୩ କୁଇଣ୍ଟାଲ୍ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି । ଏଥିମଧ୍ୟରୁ ୧ ଲକ୍ଷ ୨ ହଜାର ୮୨୧ କୁଇଣ୍ଟାଲ୍ ଚାଉଳ, ୫ ହଜାର ୩୬୦ କୁଇଣ୍ଟାଲ୍ ଚୂଡ଼ା ଓ ୭ ହଜାର ୬୬୨ କୁଇଣ୍ଟାଲ୍ ଅଟା ଅନ୍ତର୍ଭୁକ୍ତ ।







ରାଜଧାନୀରେ ଗାନ୍ଧୀ ଜୟନ୍ତୀ...

"ଅଙ୍ଗେ ମୋହରି ନିତ୍ୟ ପଡୁହେ
ବାପୁଜୀ ତୁମରି ଚରଣ ଧୂଳି"...

GANDHI JAYANTI AT BHUBANESWAR...





# ପ୍ରଳୟଙ୍କରୀ
# ଅଭିଜ୍ଞ କାହାଣୀ

ରାଧାମୋହନ ଗଡ଼ନାୟକ

ଶରତର ଲଗ୍ନେ ଆଜି
ଆମ ଦେଶେ, ଆମ ଏ ଉତ୍କଳେ,
ଆସିଅଛୁ ମାଆ ଦୁର୍ଗା, ଆସିଅଛୁ ମାଆ !

ବାର ବାର
ତିନିବାର

ପ୍ରଳୟର ଧ୍ୱଂସରାଶି' ପରେ,
ତୋହ ପାଇଁ କାହିଁ ଆଜି ରାହା ?

ହୃଦୟରୁ ଉଠୁଅଛି ଆର୍ତ୍ତ ହାହାକାର
ନୟନରୁ ଝରୁଅଛି ଲୋତକର ଧାର,
ଦୁର୍ଦ୍ଦିନରେ ଆଜି ତୋହପାଇଁ
ଆମ ପୁରେ
ଆମ ଘରେ
ପୂଜା କାହିଁ, ଅର୍ଘ୍ୟ ଅବା କାହିଁ ?

ତୋହରି ସଂତାନ ମୁହିଁ,
କବି ମୁହିଁ ଅତି ଅଭିମାନୀ,
ତୋ • ଲାଗି ବାଢୁଛି ଅର୍ଘ୍ୟ
ପ୍ରଳୟର କରୁଣ କାହାଣୀ ।

ଅଣରୂପ ମୂର୍ତ୍ତି ଧରି ଏ ବର୍ଷ ତ
ପ୍ରଭଂଜନ ବାୟୁ
ଆଣି ଥିଲା ବାତ୍ୟା ଭୟଂକର,

କେତେ କାହିଁ ଗାଆଁ ଗଣ୍ଡା ସାରି ଦେଇଥିଲା,
କେତେ କାହିଁ ଜୀବଜନ୍ତୁ ଡାକି ଦେଇଥିଲା,
କେତେ କାହିଁ ଗଛ ବୃକ୍ଷ ଟାଳି ଦେଇଥିଲା,
ଜଳ ସ୍ଥଳ
କରି ଥିଲା ତ୍ରସ୍ତ ଥରହର

ପରେ ପରେ ସୂର୍ଯ୍ୟ ପୁଣି ଅଗ୍ନି ସହ ମିଳି
ଉଷ୍ଣ ତାପ ଦେଇ ଥିଲା ଢାଳି,
କିଆରୀମାନରେ ଯେଉଁ ଧାନ ଥିଲା
ଆଉ ଯାହା ଫସଲ ବି ଥିଲା,
ବେଶି ଭାଗ ଦେଇ ଥିଲା ଜାଳି ।

ମାଟିର ମଣିଷ ଯେଉଁ ସ୍ୱପ୍ନ ଦେଖୁଥିଲା
ସାଙ୍ଗେ ସାଙ୍ଗେ କରି ଦେଇ ସାଙ୍ଗ,
ବରଷା ଋତୁରେ ବୁକେ ସୃଜିଥିଲା
ଉତପ୍ତ ନିଦାଘ ।

ବରଷାର ଅଧୀଶ୍ୱର ଇନ୍ଦ୍ର ତେବେ
ରହିଥିଲା କାହିଁ, ।

ଦୁର୍ଗତିର ପ୍ରତିକାର କେଉଁମତେ
କିଛି କଲା ନାହିଁ ।

ଅଋତୁରେ, ଅକାଳରେ, ଅଦିନରେ
ଏବେ ଆସି କଲା ଯେ କଥଣ ?

ଦିନ ନାହିଁ
ରାତି ନାହିଁ
ଅବିରାମ ଅଜାଡ଼ିଲା ବର୍ଷା ଘନ ଘନ ।

ସବୁ ଗଡୁ ଭୂମିତଳ
ଜଳାର୍ଣ୍ଣବେ ହେଲା ପରିଣତ,
ପୂରିଗଲା ନଈ ନାଳ, ଗିରି ବନ
ପୂରିଗଲା ପଥ ।

ବର୍ଷା, ବର୍ଷା, ପୁଣି ବର୍ଷା
ହ୍ରୀରାରୁଦ ହେଲା ଅସମ୍ଭାଳ,

ବର୍ଷା, ବର୍ଷା, ପୁଣି ବର୍ଷା
ବର୍ଷା ଜଳ ହେଲା ଦୁର୍ନିବାର,

ସମ୍ବଲପୁରର ବୁକେ
ଅକସ୍ମାତ ଫିଟିଗଲା ରୁଦ୍ର ଏକ ନାଳ,
ସଂକଟ-ସଂକୁଳ ହେଲା
ରାସ୍ତା, ଘରଦ୍ୱାର ।

ବର୍ଷା, ବର୍ଷା, ପୁଣି ବର୍ଷା
ଶୁକ୍ ତେଲ, ଶୁଖା ଯିଏ, ହେଲା ଜଳବୁଡ଼ା,
ଗାଁଏ ଗାଁଏ ଖର ସ୍ରୋତେ
ମାଡ଼ିଗଲା ଘୋଳି ପଥହୁଡ଼ା ।

ଲକ୍ଷ୍ମୀ ଜୋର
ତା ଛାତିରେ କେତେ ଜୋର୍,
କରିଥିଲା କାମ
ଉପ୍ଲାବିତ କରିଦେଲା
ବଜ୍ରଗୀତ ସହରତମାମ ।

ତେଲ ଉଚ୍ଚେ ଡ଼ାକ ଦେଲା–
"ଆରେ ଅଂଗ ଭାଇ,
ମହାନଦୀ ଗର୍ଜୁଅଛି,
ତାହା କ'ଣ ତତେ ଶୁଭୁ ନାହିଁ ?

ବାହାରି ପଡୁଛି ମୁହିଁ
ବାହାଣ୍ଡୁଛି ଏବେ ମୋର ପଥେ
କିଏ ଅଛି ?
କିଏ ଆଜି ରୋକିବ ରେ ମତେ ?

ମୋ ଛାତିରେ ସେତୁ ବନ୍ଧା ହୋଇ ଅଛି
ତିନି ତିନିଥର ।
ଟାଳି ଦେଇ ତାକୁ ମୁହିଁ
ନେଇ ଯାଇଅଛି କାହିଁ,

ବୁଝ୍ ମୁହିଁ କେତେ ଶକ୍ତି ଧର ।

ଅଂଗ ଆରେ ।
ଜୀବନରେ ଆସିଅଛି ବେଳ,
ଆମେ ରେ ଖେଳିବା ଆଜି
ଖେଳିବା ରେ ପ୍ରଳୟର ଖେଳ ।"

ଦଳ ଘେନି, ଜଳ ଘେନି, ବଳ ଘେନି,

ମହାନଦୀ
ଉଲ୍ଲଂଘିଲା କୂଳ,
"ବୁଡ଼ି ଗଲି, ବୁଡ଼ି ଗଲି",
ଡାକ ଦେଲା ସୁବର୍ଣ୍ଣର ପୁର ।

କରୁଣ କାତର କଣ୍ଠେ
ପକାଇଲା ହୁରି–

"ବୁଡ଼ିଗଲି ଆରେ ଭାଇ,
ମୁଁ ବି ଗଲି ବୁଡ଼ି ।"

ସାତ କୋଶିଆର ଅତି ସଂକୀର୍ଣ୍ଣ ସେ
ସଂକଟ ରାହାରେ,
ନିମ୍ନଭାଗେ କାହିଁ
ଜଳରାଶି ମୁକ୍ତ ହେଲା ନାହିଁ,

କେତେ ଗାଁ ଆ ଧ୍ୱଂସ କରି ଟିକରପଡ଼ାରେ
ମାଡ଼ିଗଲା ହରଭଂଗା ଆଡ଼େ ।
କେତେ ଖଣ୍ଡ ଗ୍ରାମ ଅକସ୍ମାତ୍
ହୋଇଗଲା ନଦୀ–ଗର୍ଭସାତ୍,
ଆଉ କେତେ ବୁଡ଼ି ଗଲା
ଅତଳ ସେ ଜଳେ,
ଘର ଦ୍ୱାର ହଜିଗଲା
ତାହାରି ଭିତରେ ।

ଟିକରପଡ଼ାର ବ୍ୟଥା–
"କଅଣ ହେଲା ଏ କଥା,

ବନ୍ଧ ହେବାର ତ ଥିଲା
ମୋହରି ସୀମାରେ,
ବନ୍ୟାର ସଂକଟ ଏଡ଼ି ଦେବା ପାଇଁ
କଟକର ତଳପାଟିଆଡ଼େ ।

ଶୁଣ ଦେଇଥିଲେ ଏଠି ସେତେବେଳକାର
ଆମର ପ୍ରଧାନ ମନ୍ତ୍ରୀ ଜବାହରଲାଲ ।
ମଣିଭଦ୍ରାଠାରେ ବନ୍ଧ ହେବା ପାଇଁ
ବର୍ତ୍ତମାନ ହେଉଛି ବିଚାର ।

ଭାବିଥିଲି ବନ୍ଧତଳେ ରହି ଯାଇ
ଲାଗିଥାନ୍ତି ଅନ୍ୟର ସେବାରେ
ଧନ୍ୟ ହୋଇଥାନ୍ତି ଟିକେ ଧନ୍ୟ ଏ ଜୀବନେ
ଭାଗ୍ୟ ନାହିଁ, ସେତିକି ହେବାରେ ।"

କଅଣ ଆସୁଛି ଇଏ !!
ଏତେ କୋଳାହଳ..........
ବନ୍ୟାଜଳ, ବନ୍ୟାଜଳ

ଉଚ୍ଛକିତ ଅନାଇଲା ବାଙ୍କି,
ମୁହୂର୍ତ୍ତକେ ମାଡ଼ିଗଲା
ଆଉ କିଛି ରହିଲା ନି ବାକି ।

ନୂଆ ନଈ ସୃଷ୍ଟି ହେଲା,
ଯାହା ଲୁପ୍ତ ହୋଇଥିଲା,
ତା ଏବେ ରେଣୁକା;
ବାଙ୍କି-ଜନତାର ତହିଁ
ବୁଡ଼ିଗଲା ଜୀବନ-ନଉକା ।

ଏ ପାଖରେ ମହାନଦୀ,
ସେ ପାଖରେ କାଠଯୋଡ଼ି
ମଝିରେ କଟକ,

ବନ୍ୟାଜଳ ସହିତରେ
ଭରିଗଲା ହିଆତଳେ
ଭୀଷଣ ଆତଙ୍କ ।

ଦୁଇପାଖେ ସିନ୍ଧୁ ଭରା
କଟକ ତ ରହିଗଲା ;
ଲୋକେ ହେଲେ ଆଚମ୍ବିତ ଖାଲି !
ହଜାର ବରଷ ତଳେ
ବନ୍ଧ କିଏ ବାନ୍ଧି ଥିଲା,
ସିଏ ଆଜି ସ୍ମୃତିର ସଂଖାଳି ।

ମହାନଦୀଠାରୁ ଭରା ଜଳ ନେଇ
କାଠଯୋଡ଼ି ଆପଣା ରାହାରେ
ଯାଉଁ ଯାଉଁ ଖେଳିଗଲା
ଦେବୀ ନଇ, ସିଡୁଆ ଶାଖାରେ,

ଜଇଜଙ୍ଗା ପରେ ପରେ
ଦଳେଇ ଘାଇର ବନ୍ଧ
ଭାଙ୍ଗିଗଲା, ହୋଇଗଲା ଛିନ୍ନ,

ଦସ୍ତୁରର,
କମା ଶାସନର,
ହାଜିପୁର ମଉଜାର
ରହିଲା ନି ଆଉ କିଛି ଚିହ୍ନ ।
କସ୍ପାରେ, ବୀରବରପାଟଣାରେ
ଘାଇ ଭାଙ୍ଗି ସେଇପରି
ସୃଜି ଦେଲା ପ୍ରଳୟର ଲୀଳା,
କି ହେଲା ରେ ସେ ଅଞ୍ଚଳ !
କାଲି ଯାହା ଶସ୍ୟ-ଶ୍ୟାମ ଥିଲା ।

ଚିତ୍ରୋତ୍ପଳା ଲୁଣା ଆଉ
ପାଇକା ବନ୍ୟାରେ
ଧ୍ୱଂସ ଲୀଳା ସୃଷ୍ଟି ହେଲା
ଗାଆଁରେ ଗାଁଆରେ ।

କାଠଯୋଡ଼ିଠାରୁ ଜଳ ସ୍ରୋତ ଯାଇ
ଭାଙ୍ଗିଦେଲା ବନ୍ଧ,
ଉଡ଼ିଗଲା ରାଜପଥ ଉଡ଼ିଗଲା ଭାଣପୁର,
ସ୍ତବ୍ଧ ହେଲା ଜୀବନର ଛନ୍ଦ ।
କୁଆଖାଇ, କୁଶଭଦ୍ରା ଦୟାନଦୀ
ସୃଜିଦେଲେ ଶୋକବିଭୀଷିକା,
ସାରା ପୁରୀ ଜିଲ୍ଲାଭରି ଦେଖାଗଲା
ବହୁତ ଚିଲିକା ।

ହାହାକାର ପୂରିଗଲା
ଜଣାସରେ,
ବରମଗିରିରେ
ହାହାକାର ପୂରିଗଲା
ଗାଏଁ ଗାଏଁ ନଈ-ତୀରେ ତୀରେ ।
ବାତ୍ୟାଠାରୁ, ମରୁଡ଼ିରୁ ବଳିଗଲା
ବନ୍ୟାର ସଙ୍କଟ
ଯେଉଁଆଡ଼େ ଅନାଇଲେ
କଅଣ ଦିଶୁଛି ଆଜି
ଗାଆଁ ଗଣ୍ଡା ନଇ ନାଳତଟ ।
କେତେ ଗାଆଁ ବୁଡ଼ିଗଲା
କେତେ ଗାଆଁ ଭାସିଗଲା
ବନ୍ୟାର ମୁହଁରେ,
କେତେ ବୃଦ୍ଧ, କେତେ ଯୁବା
କେତେ ନାରୀ, କେତେ ଶିଶୁ
ହଜିଗଲେ ବନ୍ୟାର ସୁଅରେ ।
କେତେ ଜନ ଦିନକରେ
ହେଲେ ସର୍ବହରା
ଅନ୍ନ ପାଇଁ, ବସ୍ତ୍ର ପାଇଁ
ହାହାକାର ଲୁହ-ଲହୁ-ଭରା ।
ମୋ ଦେଶର ମୋ ଜାତିର
ମେରୁଦଣ୍ଡ ଯାଇଅଛି ଭାଜି
କିପରି ଉଠିବ ପୁଣି
ଚିନ୍ତା କରି ହେଉ ନାହିଁ ଆଜି ।
ଦେବତାର ଅବିଗ୍ରର
ଦେବତାର ଅତ୍ୟାଗ୍ରର
ମଣିଷ ଉପରେ !
ମଣିଷ ମଣିଷ ପାଇଁ
କେତେ କ'ଣ ଲଢୁଅଛି
ଅହିଳୁ ଅନ୍ତରେ !
ଶରତର ଲଗ୍ନେ ତୋର,
ଆମ ଦେଶେ, ଆମ ଏ ଉତ୍କଳେ,
ଆସିଅଛୁ ମାଆ ଦୁର୍ଗା, ଆସିଅଛୁ ମାଆ,
ବାରବାର
ତିନି ବାର
ପ୍ରଳୟର ଧ୍ୱଂସରାଶି'ପରେ
ତୋହ ପାଇଁ କାହିଁ ଆଜି ରାହା ?
ଦୁର୍ଦ୍ଦିନରେ ଆଜି ତୋହ ପାଇଁ
ଆମ ପୁରେ
ଆମ ଘରେ
ପୂଜା କାହିଁ, ଅର୍ଘ୍ୟ ଅବା କାହିଁ
ତୋହରି ସନ୍ତାନ ମୁହିଁ,
କବି ମୁହିଁ,
ଅତି ଅଭିମାନୀ
ତୋ ଲଗି ଢାଳୁଛି ଅର୍ଘ୍ୟ
ପ୍ରଳୟର କରୁଣ କାହାଣୀ ।

ସି/୪୫ (ପ୍ଲଟ) ୟୁନିଟ୍-୮ ଭୁବନେଶ୍ୱର ।

# ପ୍ରାକୃତିକ ଭାରସାମ୍ୟ ଓ ବିପର୍ଯ୍ୟୟ

ଶ୍ରୀ ବସନ୍ତ କୁମାର ବିଶ୍ୱାଳ

ମନୁଷ୍ୟ ବେଶି ଦିନ ବଞ୍ଚି ରହିବାକୁ ହେଲେ ପ୍ରାକୃତିକ ଭାରସାମ୍ୟ ସଂପର୍କରେ ସଚେତନ ହେବା ଆବଶ୍ୟକ । ମନୁଷ୍ୟ, ପରିବେଶର ଅଂଶ ବିଶେଷ; ଏଥିରୁ କେବେ ହେଲେ ଅଲଗା ନୁହେଁ । ମାତ୍ର ଏ ଯାଏଁ ଏହି ଗୁରୁତ୍ୱପୂର୍ଣ୍ଣ ବିଜ୍ଞାନ ସଂପର୍କରେ ଜନସାଧାରଣ ଯଥେଷ୍ଟ ଅବହିତ ନୁହନ୍ତି । ତେବେ, ଏହା ଆନନ୍ଦର ବିଷୟ ଯେ ଆମ ଦେଶରେ ସଂପ୍ରତି ଏ ସଂପର୍କରେ ଅନେକ ବୌଦ୍ଧିକ ଚର୍ଚ୍ଚା ହେଉଛି । ତେଣୁ ଆଶା କରାଯାଇ ପାରେ, କାଳକ୍ରମେ ଏହି ଜ୍ଞାନ ବିସ୍ତାର ଲାଭ କରିବ ଏବଂ ଉତ୍ତମ ପରିଚ୍ଛନ୍ନତା ଦିଗରେ ବିଶେଷ ସହାୟକ ହେବ । ପ୍ରାକୃତିକ ଭାରସାମ୍ୟର ବିଧାନକୁ ଅବତାରଣା କରାଯାଇପାରେ । ଗୋଟିଏ ସୁନ୍ଦର ବିଷୟ କଥିତ ଅଛି: ପ୍ରତ୍ୟେକ ବସ୍ତୁ ପ୍ରତ୍ୟେକ ବସ୍ତୁ ସହିତ ସଂଶ୍ଳିଷ୍ଟ । ମନୁଷ୍ୟ ତା'ର ଚତୁଃପାର୍ଶ୍ୱରେ ଥିବା ଜୀବଗତ ଅପେକ୍ଷା ନିଜକୁ ଶ୍ରେଷ୍ଠତର ବୋଲି ଦାବି କରେ ଏବଂ ସେ ସମସ୍ତଙ୍କୁ ଉପଯୋଗ କରି ନିଜର ସ୍ୱାର୍ଥ ସାଧନ କରିଥାଏ । ମାତ୍ର ନିଜର ଖାଦ୍ୟ ପାଇଁ ସେ "ଫଟୋସିନ୍ଥେସିସ୍" ଉପରେ ନିର୍ଭର କରିଥାଏ । ଜଙ୍ଗଲରେ ଥିବା ବିଶାଳ ଓକ୍ ବୃକ୍ଷ ମଧ୍ୟ ସେଠାରେ ଜନ୍ମିଥିବା ଲତାଗୁଳ୍ମାଦିଙ୍କ ଉପରେ ନିର୍ଭର କରିଥାଏ, ଯାହାର ପତ୍ରଗୁଡ଼ିକ ପରିଶେଷରେ ପଚିତ ହୋଇ ବୃକ୍ଷ ଟେରର ପୁଷ୍ଟିସାଧନ କରିଥାଏ । ଏଭଳି ପାରସ୍ପରିକ ନିର୍ଭରଶୀଳତା ଅତି ଜଟିଳ ଉପାୟରେ କାର୍ଯ୍ୟକାରୀ ହୋଇଥାଏ । ମାତ୍ର ଏହା ଆପାତତଃଭାବେ ଜଣାଯାଇ ନ ପାରେ । ଅଧିକନ୍ତୁ, ପାରସ୍ପରିକ ନିର୍ଭରଶୀଳତାର ଏକ ଗୁରୁତ୍ୱପୂର୍ଣ୍ଣ ତାତ୍ପର୍ଯ୍ୟ ରହିଛି । ଏଣୁ, ମନୁଷ୍ୟ ପକ୍ଷରେ ବିନା କାରଣରେ ପ୍ରାଣୀ ଓ ଉଦ୍ଭିଦର ଧ୍ୱଂସସାଧନ କରିବା କିମ୍ବା ପ୍ରାକୃତିକ ବିନ୍ୟାସରେ ଅଯଥା ହସ୍ତକ୍ଷେପ କରିବା ବିଜ୍ଞତାର କାର୍ଯ୍ୟ ନୁହେଁ ।

ପ୍ରକୃତି ପ୍ରତ୍ୟେକର ସୀମାବଦ୍ଧ ...ଣ ନିୟମାବଳୀକୁ ନିୟନ୍ତ୍ରିତ କରୁଥିବାରୁ ଏହା ଆମମାନଙ୍କ ପକ୍ଷରେ ଏକ ଆଶ୍ୱସ୍ତିକର ବିଷୟ । ଜଙ୍ଗଲର ଉଚ୍ଚତମ ବୃକ୍ଷ ନିର୍ଦ୍ଦିଷ୍ଟ ଉଚ୍ଚତାରେ ପହଞ୍ଚିଲା ପରେ ଆଉ ବଢ଼ିବା ତା' ପକ୍ଷେ ସମ୍ଭବ ହୁଏ ନାହିଁ । ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କୌଣସି ବୃକ୍ଷ ମଧ୍ୟ ବଢ଼ି ପାରେ ନାହିଁ । କୌଣସି ପ୍ରାଣୀ ବା ନିର୍ଦ୍ଦିଷ୍ଟ ଶ୍ରେଣୀର ଜୀବ ଅନିର୍ଦ୍ଦିଷ୍ଟ ଭାବେ ନିଜର ବଂଶ ବୃଦ୍ଧି କରି ପାରେ ନାହିଁ । ପ୍ରାଣୀମାନେ ପ୍ରକୃତିଗତ ଭାବରେ ସେମାନଙ୍କର ସଂଖ୍ୟା ସୀମିତ ରଖନ୍ତି । ଏହାଦ୍ୱାରା ସେମାନଙ୍କ ଲାଗି ଥିବା ବଞ୍ଚିବାର ଉପାଦାନ ଅଭାବ ହୁଏ ନାହିଁ ।

ପ୍ରକୃତି ଆମମାନଙ୍କର ନିୟମ ପରିବର୍ତ୍ତେ ତା' ନିଜ ନିୟମରେ ପରିଚାଳିତ ହୋଇଥାଏ । କିନ୍ତୁ ପ୍ରକୃତିକୁ ଜୟ କରିବାରେ ମନୁଷ୍ୟ ଏତେ ଗର୍ବ ଅନୁଭବ କରିଥାଏ ଯେ, ମନୁଷ୍ୟର ପ୍ରଗତି ପ୍ରକୃତିର ପରାଜୟ ସହିତ ସମାନ ହୋଇଯାଏ । ୧୯୫୩ ମସିହାରେ ଉଚ୍ଚତମ ପର୍ବତମାଳା ମାଉଣ୍ଟ ଏଭରେଷ୍ଟର ଶିଖରରେ ମନୁଷ୍ୟ ଯେତେବେଳେ ଯାଇ ପହଞ୍ଚିଲା, ସେତେବେଳେ ଏହାକୁ ପ୍ରକୃତି ବିରୁଦ୍ଧରେ ଏକ ବିଜୟ ବୋଲି ଘୋଷଣା କରାଗଲା । କିନ୍ତୁ ଜବାହରଲାଲ୍ ନେହରୁ ଏହି 'ଏଭରେଷ୍ଟ ବିଜୟ' ଅଭିବ୍ୟକ୍ତିକୁ ନାପସନ୍ଦ କରିଥିଲେ । ସେ ବିଶ୍ୱାସ କରୁଥିଲେ ଯେ ଏହି ଘଟଣାଟିକୁ ଏପରି ନାମିତ କରିବା କେବଳ ଦାମ୍ଭିକତାର ପରିଚାୟକ । ଏହି ପୃଥିବୀରେ ବସବାସ କରୁଥିବା ଅସଂଖ୍ୟ ପ୍ରାଣୀବର୍ଗଙ୍କ ମଧ୍ୟରୁ ମନୁଷ୍ୟ ଗୋଟିଏ । କିନ୍ତୁ ପ୍ରକୃତିର ନିୟମକୁ ତଥା ଅନ୍ୟ ଜୀବଜନ୍ତୁଙ୍କ ସ୍ୱାର୍ଥକୁ ଭ୍ରୂକ୍ଷେପ ନ କରି ମନୁଷ୍ୟ ପ୍ରକୃତିକୁ ଶୋଷଣ କରି ଚାଲିଛି । ମନୁଷ୍ୟ ବ୍ୟାପକ ଭାବେ ଏ ଦିଗରେ ହସ୍ତକ୍ଷେପ କରି ଚାଲିଛି । ଏହାଫଳରେ ପ୍ରତିକୂଳ ଅବସ୍ଥା ସୃଷ୍ଟି ହୋଇଛି ଏବଂ ମନୁଷ୍ୟର ସ୍ଥିତି ବିଶେଷ ଭାବେ ବିପନ୍ନ ହୋଇ ପଡ଼ିଛି । ପ୍ରକୃତିର ପାରିସ୍ଥିତିକ ଭାରସାମ୍ୟ କ୍ଷେତ୍ରରେ କାର୍ଯ୍ୟ କାରଣକୁ ସଂପୃକ୍ତ କରିବା ଅଧିକାଂଶ ସମୟରେ କଷ୍ଟକର ହୋଇପାରେ । ସମୟ ଓ ସ୍ଥାନ ପରିପ୍ରେକ୍ଷୀରେ ଏହି ଦୁଇଟି ଜିନିଷ ବିଶେଷ ଭାବେ ପୃଥକ ବୋଲି ମନେ ହୋଇପାରେ । ଏଣୁ, ବିଳମ୍ବରେ ହେଉ ଅଥବା ଶୀଘ୍ର ହେଉ, ମାନବଜାତିର ଏଭଳି ହସ୍ତକ୍ଷେପ ଦିନେ ନା ଦିନେ ଏକ ଅପ୍ରତ୍ୟାଶିତ ପରିଣତି ସୃଷ୍ଟି କରିବ । ଏକ ଅଧ୍ୟୟନରୁ ଜଣା ପଡ଼ିଛି ଯେ ଲଗଲକୁ ଜାତୀୟ ସଂକେତ ରୂପେ ସମ୍ମାନ ଦେଉଥିବା ଗୋଟିଏ ଦେଶରେ କୀଟ ନାଶକ ଔଷଧ ସ୍ପ୍ରେ

କରିବା ଫଳରେ ବିଗତ କେତେ ବର୍ଷ ଧରି ସେ ଦେଶରୁ ସେହି ପକ୍ଷୀ ନିଶ୍ଚିହ୍ନ ହୋଇଗଲେ । ଖାଦ୍ୟ ପଦାର୍ଥରେ ସ୍ପ୍ରେ କରାଯାଉଥିବା କୀଟନାଶକ ଔଷଧ ଉକ୍ତ ପକ୍ଷୀ ଓ ଅନ୍ୟ କେତେକ ପକ୍ଷୀଙ୍କ ଖାଦ୍ୟ ନଳୀରେ ଜମା ହୋଇଗଲା । ଏହାଦ୍ୱାରା ସେମାନଙ୍କର ଜନ୍ମଧାରଣ କ୍ଷମତା ହ୍ରାସ ପାଇଲା ।

ଅନ୍ୟ ଏକ ଅନୁଧ୍ୟାନରୁ ଜଣାଯାଇଛି ଯେ ପୃଥିବୀରେ ଥିବା ଦୁଷ୍ପ୍ରାପ୍ୟ ପକ୍ଷୀମାନଙ୍କ ମଧ୍ୟରୁ ବେରମୁଡ଼ା ପେଟ୍ରେଲ୍ ହେଉଛି ଅନ୍ୟତମ । ଏହାର ସଂଖ୍ୟା ପ୍ରାୟ ୧୦୦ରୁ ଅଧିକ ନୁହେଁ । ଏହି ପକ୍ଷୀଗୁଡ଼ିକ ଦେହରେ ଡି. ଡି. ଟି. ର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତର ପରିଲକ୍ଷିତ ହୋଇଥିଲା । ଏହି ଡି. ଡି. ଟି. ର ଉତ୍ସ ଥିଲା ୬୫୦ ମାଇଲ ଦୂରରେ ଅବସ୍ଥିତ ଭୂଖଣ୍ଡରେ । ସାମୁଦ୍ରିକ ପ୍ରାଣୀମାନଙ୍କର ଆହାରାନୁକ୍ରମେ ଏହା ପକ୍ଷୀମାନଙ୍କ ଉଦରରେ ପ୍ରବେଶ କରିଥିଲା । ଆଶଙ୍କା କରାଯାଉଥିଲା ଏହି ମହାର୍ଘ ପକ୍ଷୀଙ୍କର ବଂଶ ବିସ୍ତାର କୌଣସି ପର୍ଯ୍ୟାୟରେ ପ୍ରତିହତ ହୋଇପାରେ । ଏହା ନିଶ୍ଚିତ ଭାବେ ବୁଝିବାକୁ ହେବ ଯେ ଉଦ୍ଭିଦ ଓ ପ୍ରାଣୀମାନେ ଯେଉଁ ପରିବେଶରେ ନିଶ୍ଚିହ୍ନ ହୋଇପାରନ୍ତି, ତାହା ମାନବ ଜାତି ନିମନ୍ତେ ନିରାପଦ ନୁହେଁ । ଆମ ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ବର୍ଷ ଲାଗି ରହିଛି । ସେ ସବୁ ହେଉଛି, ପ୍ରକୃତି ପ୍ରକୋପର ପରିସ୍ଫୁରଣ ମାତ୍ର । ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ ଏହିସବୁ ବିପରି ପ୍ରାକୃତିକ ଭାରସାମ୍ୟ ହୀନତା ଯୋଗୁଁ ହୋଇଥାଏ । ବ୍ୟାପକ ଜଙ୍ଗଲ କ୍ଷୟ, ଜଳ ନିୟନ୍ତ୍ରଣ ତଥା ଜୀବନଧାରଣ କ୍ଷେତ୍ରରେ ଅନାବଶ୍ୟକ ହସ୍ତକ୍ଷେପ ଯୋଗୁଁ ମନୁଷ୍ୟ ନିଜେ ହିଁ ଏଭଳି ବିପତ୍ତିର ଶିକାର ହୋଇଥାଏ ।

ବାୟୁମଣ୍ଡଳ ତଥା ପରିବେଶ କ୍ରମଶଃ ଦୂଷିତ ହେବାରେ ଲାଗିଛି ଓ ଏହା ଆମମାନଙ୍କ ପକ୍ଷେ ଉଦ୍‌ବେଗର ବିଷୟ । ବର୍ତ୍ତମାନର ପ୍ରାକୃତିକ ଅବସ୍ଥା, ଲୋକସଂଖ୍ୟା, ଉତ୍ପାଦନ ଓ ଉପଯୋଗ ଏବଂ ବୈଷୟିକ ଜ୍ଞାନର ସ୍ତର ଓ ଏହାର ବ୍ୟବହାର ପ୍ରଭୃତି ବିଷୟ ଗୁଡ଼ିକରୁ ଦୂଷୀକରଣର କାରଣ ଜଣାପଡ଼ିବ । ସମୃଦ୍ଧ ସମାଜରେ ଯାନ୍ତ୍ରିକ ପଦ୍ଧତି ହିଁ ଦୂଷୀକରଣର ମୂଳ କାରଣ । ଦରିଦ୍ର ସମାଜରେ ଅପରିଷ୍କାର ପାଣିର ବ୍ୟବହାର, ପୁଷ୍ଟିହୀନତା, ଅପରିଚ୍ଛନ୍ନତା, ବାସଗୃହର ଅଭାବ ତଥା ରୋଗ ଯୋଗୁଁ ପରିବେଶ ଦୂଷିତ ହୋଇଥାଏ । ଏହି ପ୍ରସଙ୍ଗ ଅନୁଧ୍ୟାନ କରି ଏକ ଆନ୍ତର୍ଜାତିକ ଅର୍ଥନୀତି ବିଶେଷଜ୍ଞ ଦଳ କହିଛନ୍ତି— ବିକାଶମୂଳକ ପଦକ୍ଷେପରୁ ପାରିସ୍ଥିତିକ ସମସ୍ୟା ଦେଖାଦିଏ ନାହିଁ, ପରନ୍ତୁ ଏହାର ନିରାକରଣ ଦିଗରେ ଉକ୍ତ ବ୍ୟବସ୍ଥାମାନ ଯଥେଷ୍ଟ ସହାୟକ ହୋଇଥାଏ । ଆମଭଳି ବିକାଶୋନ୍ମୁଖୀ ଦେଶଗୁଡ଼ିକରେ ଯୋଜନା ମାଧ୍ୟମରେ ଏଭଳି ବିକାଶମୂଳକ ବ୍ୟବସ୍ଥାମାନ ଗ୍ରହଣ କରାଗଲେ, ଦରିଦ୍ର ଲୋକମାନଙ୍କର ଉନ୍ନତି ସାଧିତ ହୋଇ ପାରିବ । ଯୋଜନା କରିବା ସମୟରେ ଅର୍ଥନୀତିର ପରିମାଣାତ୍ମକ ଅଭିବୃଦ୍ଧି ପ୍ରତି ଦୃଷ୍ଟି ନ ଦେଇ ଜୀବନର ଗୁଣାତ୍ମକ ବିକାଶ ସାଧନ ଦିଗରେ ସବିଶେଷ ଯତ୍ନ ନିଆଯିବା ଆବଶ୍ୟକ । ଅଗଣିତ ଗରିବ ଜନସାଧାରଣଙ୍କୁ ଦାରିଦ୍ର୍ୟର କଶାଘାତରୁ ମୁକ୍ତିଦେଇ ସେମାନଙ୍କ ଜୀବନକୁ ସୁଖସମୃଦ୍ଧ କରି ଗଢ଼ିତୋଳିବା ନିମନ୍ତେ ଆମେ ଯେଉଁ ଲକ୍ଷ୍ୟ ରଖିଛୁ ସେଥିରୁ ଆମେ ବିଚ୍ୟୁତ ହେବୁ ନାହିଁ- ଏହା ଭାବିବା ଠିକ୍ ନୁହେଁ ଯେ ଆମେ ଦାରିଦ୍ର୍ୟ ଓ ପ୍ରାକୃତିକ ଭାରସାମ୍ୟ କିମ୍ବା ପାରିପାର୍ଶ୍ୱିକ ଦୂଷୀକରଣ ମଧ୍ୟରୁ ଗୋଟିଏ ବାଛିବାକୁ ଯାଉଛୁ । ପରନ୍ତୁ ସୃଷ୍ଟି ହେଉଥିବା ପାରିସ୍ଥିତିକ ଭାରସାମ୍ୟହୀନତା ଯୋଜନାଗୁଡ଼ିକ ମାଧ୍ୟମରେ ଦୂରେଇ ଦିଆଯାଇ ପାରିବ । ଯେଉଁଠାରେ କ୍ଷୟକ୍ଷତି ଘଟି ଯାଇଛି ସେଠାରେ କ୍ଷତିପୂରଣ ଜନିତ ବ୍ୟବସ୍ଥା ଗ୍ରହଣ କରିବା ସଙ୍ଗେ ସଙ୍ଗେ ଅବିଳମ୍ବେ ସେ ସବୁ ନିଷ୍ଠାର ସହିତ କାର୍ଯ୍ୟକାରୀ କରାଯିବା ଆବଶ୍ୟକ ।

ପାରିପାର୍ଶ୍ୱିକ ଅବସ୍ଥାରେ ସଂସ୍ଥା ଅତି ବ୍ୟାପକ । କେବଳ ସରକାରୀ ସଂସ୍ଥା ଯଦି ପରିବେଶ ସଚେତନ ରହିବେ, କୌଣସି ବାହ୍ୟବସ୍ତୁର ପାରିସ୍ଥିତିକ ଯୋଜନାର ସୁଫଳ ସଂପୂର୍ଣ୍ଣ ହାସଲ ହୋଇ ପାରିବ ନାହିଁ । ସ୍ଥପତି, ଇଂଜିନିୟର, କଣ୍ଟ୍ରାକ୍ଟର, ଟେକ୍‌ନିସିଆନ୍, କୃଷକ, ଉଦ୍ୟାନବିତ୍ ଓ ସର୍ବୋପରି ସମସ୍ତ ନାଗରିକମାନଙ୍କୁ ଏ ସଂକ୍ରାନ୍ତରେ ଶିକ୍ଷା ଦିଆଯିବା ଆବଶ୍ୟକ । ପାରିପାର୍ଶ୍ୱିକ ଯୋଜନାର ଆବଶ୍ୟକତା ସଂପର୍କରେ ଜନସାଧାରଣ ସଚେତନ ହେବାକୁ ପଡ଼ିବ ।

## କେନ୍ଦ୍ରାପଡ଼ାରେ ଉଦ୍ଧାର କାର୍ଯ୍ୟ

କେନ୍ଦ୍ରାପଡ଼ା ସବ୍‌ଡିଭିଜନର ମହାକାଳପଡ଼ାରେ ୩୬ ଟି, ମାର୍ଶାଘାଇରେ ୨୪ଟି, ଗରଦପୁରରେ ୨୦ଟି, କେନ୍ଦ୍ରାପଡ଼ାରେ ୧୨ଟି ଏବଂ ଡେରାବିଶିରେ ୧୧ ଟି ରିଲିଫ୍ ଦଳଙ୍କୁ ସାହାଯ୍ୟ କାର୍ଯ୍ୟରେ ନିଯୁକ୍ତ କରାଯାଇଛି ।

ଏହି ସବ୍‌ଡିଭିଜନର ବନ୍ୟା ବିପନ୍ନ ଲୋକଙ୍କୁ ସେପ୍ଟେମ୍ବର ୧୦ ସୁଦ୍ଧା ୬,୮୬୪ କ୍ୱିଣ୍ଟାଲ୍ ଗହମ, ୧,୩୫୮ ବସ୍ତା ଚୂଡ଼ା, ୧,୦୨୮ ବସ୍ତା ଅଟା ଏବଂ ୬,୮୨୫ଟି ଟଲେଜ ଜରୁରୀ ସାହାଯ୍ୟ ଆକାରରେ ଯୋଗାଇ ଦିଆଯାଇଛି ।

# ବିପତ୍ତି ପାଇଁ ପ୍ରସ୍ତୁତି

## ସ୍ୱାସ୍ଥ୍ୟ ସଙ୍ଗଠନର ଭୂମିକା

ଶ୍ରୀ ହରହର କରଣ

ବନ୍ୟା, ବାତ୍ୟା, ଘୂର୍ଣ୍ଣିବାତ୍ୟା ଓ ସମୁଦ୍ର ଜୁଆର ଜନିତ ପ୍ଲାବନ ଭଳି ପ୍ରାକୃତିକ ଦୁର୍ବିପାକ ଆମ ଦେଶ ପାଇଁ ଅସାଧାରଣ ଘଟଣା ନୁହେଁ । ଏସବୁ ଘଟଣା ବର୍ଷର ବିଭିନ୍ନ ସମୟରେ ଘଟି ବହୁ ଧନଜୀବନ ନଷ୍ଟ କରିଥାଏ । ଦେଶର ସୁବିସ୍ତୀର୍ଣ୍ଣ ଉପକୂଳ ଅଞ୍ଚଳରେ ବହୁ ସଂଖ୍ୟକ ନଦୀ ଓ ସେଗୁଡ଼ିକର ଅସଂଖ୍ୟ ଶାଖାନଦୀ ପ୍ରବାହିତ ହୋଇଥିବା ଯୋଗୁଁ ଆମ ଦେଶରେ ଧ୍ୱଂସାତ୍ମକ ପ୍ରାକୃତିକ ବିପର୍ଯ୍ୟୟ ଦେଖାଯାଉଛି ।

ଅତୀତରେ ଜୀବନ ରକ୍ଷା ହିଁ ସାହାଯ୍ୟର ପ୍ରଧାନ ଆଭିମୁଖ୍ୟ ଥିଲା । ବିପନ୍ନ ଜନସାଧାରଣ, ଅତ୍ୟଧିକ ଦୁର୍ଦ୍ଦଶାଗ୍ରସ୍ତ କିମ୍ବା ସଙ୍କଟାପନ୍ନ ଲୋକଙ୍କୁ ରକ୍ଷା କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରାଯାଉଥିଲା । ମାତ୍ର ଅଯାଚିତ ଦାନର କୌଣସି ବ୍ୟବସ୍ଥା ନଥିଲା । ଏହା ମୁଖ୍ୟତଃ ଏକ ଉଦ୍ଧାର କାର୍ଯ୍ୟକ୍ରମ ରୂପେ ରହିଥିଲା । ଅନାହାରରେ ଯେ କେବଳ କାହାରିକୁ ମରିବାକୁ ଦିଆଯିବ ନାହିଁ, ତା' ନୁହେଁ, ବରଂ ଜୀବନ ଧାରଣ କ୍ଷେତ୍ରରେ ଶାରିରୀକ ଅକ୍ଷୁର୍ଣ୍ଣତା ଯେପରି ବଜାୟ ରହେ ଓ କୌଣସି ବ୍ୟକ୍ତି ଯେପରି ନିରାଶ୍ରୟ ବୋଲି ମନେନକରନ୍ତି, ସେ ଦିଗରେ ସମୁଚିତ ବ୍ୟବସ୍ଥା ଗ୍ରହଣ କରିବା ହେଉଛି ବର୍ତ୍ତମାନ ସାହାଯ୍ୟର ମୁଖ୍ୟ ଆଭିମୁଖ୍ୟ । ସୁଦିନ ଫେରି ଆସିଲେ ସେମାନେ ଯେପରି ସ୍ୱାଭାବିକ ଭାବେ ଦୈନନ୍ଦିନ ଜୀବିକା ନିର୍ବାହ କରିପାରିବେ ଏବଂ ଗାଁ ସହରର ଲୋକମାନେ ଐକ୍ୟବଦ୍ଧଭାବେ ସେମାନଙ୍କର ସାଧାରଣ ବିପର୍ଯ୍ୟୟକୁ ପରାହତ କରିପାରିବେ, ସେଥିନିମନ୍ତେ ସେମାନଙ୍କୁ ସାହାଯ୍ୟ ଦିଆଯିବା ଉଚିତ । ଏବେ ସାହାଯ୍ୟ କାର୍ଯ୍ୟରେ ପ୍ରତିଷେଧକ, ପ୍ରତିକାରକ ଏବଂ ପୁନଃ ସଂସ୍ଥାନ ମୂଳକ ପଦକ୍ଷେପମାନ ନିଆଯାଉଥାଏ । ଏବେ ସାହାଯ୍ୟ ଦାୟିତ୍ୱ ମୁଖ୍ୟତଃ ରାଜ୍ୟ ସରକାରଙ୍କର ଏବଂ ଏ ଦାୟିତ୍ୱ କେବଳ ମରୁଡ଼ି କିମ୍ବା ବନ୍ୟାକୁ ପ୍ରତିହତ କରିବାରେ ସୀମିତ ନୁହେଁ ବରଂ ଜନସାଧାରଣଙ୍କ ଅର୍ଥନୈତିକ ସ୍ଥିତିର ନିରବଚ୍ଛିନ୍ନମାନ ରକ୍ଷା କରିବାପାଇଁ ଉଦିଷ୍ଟ । କହିବା ବାହୁଲ୍ୟ ଯେ ଅତୀତରେ ଏପରି ପଦ୍ଧତି ଅନୁସୃତ ହେଉ ନଥିଲା ।

ପ୍ରତ୍ୟେକ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କ୍ଷେତ୍ରରେ ସ୍ୱାସ୍ଥ୍ୟ ସଂଗଠନର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ପ୍ରକୃତରେ ବିପତ୍ତି ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଅଧିକ ଲୋକ ଯେ ମୃତ୍ୟୁ ବରଣ କରନ୍ତି ତା' ନୁହେଁ, ବରଂ ରୋଗ, ଶାରିରୀକ ଶକ୍ତିହ୍ରାସ ଫଳରେ ସେମାନେ ମୃତ୍ୟୁ ବରଣ କରିଥାନ୍ତି । ଏହା ଫଳରେ ହଇଜା, ଆନ୍ତ୍ରିକଜ୍ୱର ଓ ଅନ୍ୟାନ୍ୟ ଆମାଶୟ ଭଳି ମହାମାରୀ ରୋଗ ଦେଖା ଦେଇଥାଏ । ଏଣୁ, ବହୁ ପୂର୍ବରୁ ଆମେମାନେ ସ୍ୱାସ୍ଥ୍ୟ ସଂଗଠନଗୁଡ଼ିକୁ ବିଶେଷ ଭାବେ ସକ୍ରିୟ କରିବା ସର୍ବଥା ଆବଶ୍ୟକ । ଏହା ଫଳରେ ମହାମାରୀଜନିତ ରୋଗ ଦେଖା ଦେଲେ, ସେଗୁଡ଼ିକୁ ପ୍ରତିରୋଧ କରିବା ନିମନ୍ତେ ଆମେମାନେ ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କରିପାରିବା ଓ ସଂକ୍ରମିତ ରୋଗୀମାନଙ୍କୁ ଆବଶ୍ୟକ ଚିକିତ୍ସା ଯୋଗାଇ ଦେଇପାରିବା । ଏଥିପାଇଁ ବିପର୍ଯ୍ୟୟ ଜନିତ ପ୍ରସ୍ତୁତିର ଆବଶ୍ୟକତା ଥାଏ ଓ ତଦନୁଯାଇ ଅଧିକ ଡାକ୍ତରୀ ଓ ପାରାମେଡ଼ିକାଲ କର୍ମଚାରୀମାନଙ୍କୁ ପ୍ରସ୍ତୁତି ହୋଇ ରହିବାକୁ ପଡ଼େ ତେଣୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ସାପକାମୁଡ଼ା ଇଂଜେକ୍ସନ୍ ସମେତ ଆବଶ୍ୟକ ଔଷଧ ପତ୍ର ଓ ପ୍ରତିଷେଧକ ମୂଳକ ଇଂଜେକ୍ସନ୍‌ଗୁଡ଼ିକ ମହଜୁଦ୍ କରି ରଖିବାକୁ ହୁଏ । ଏହାଛଡ଼ା ରୋଗୀମାନଙ୍କୁ ସ୍ଥାନାନ୍ତରିତ କରିବା ନିମନ୍ତେ ପରିବହନ ବ୍ୟବସ୍ଥା ଆଗୁଆ ଗ୍ରହଣ କରିବାକୁ ହୁଏ ଓ ସ୍ୱାସ୍ଥ୍ୟ କେନ୍ଦ୍ର ନିମନ୍ତେ ବିକଳ୍ପ ବ୍ୟବସ୍ଥା ଓ ଜରୁରୀକାଳିନ ସ୍ୱାସ୍ଥ୍ୟ ସେବା ତଥା ସଂପୃକ୍ତ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା ଲାଗି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଏ । ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ହଇଜା ଓ ଆନ୍ତ୍ରିକଜ୍ୱର ପ୍ରତିଷେଧକ ମଶା, ମାଛିଙ୍କ ଦାଉରୁ ରକ୍ଷା ପାଇବା ସମେତ ଜରୁରୀକାଳିନ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା ବନ୍ୟା ପ୍ଲାବିତ ଗ୍ରାମଗୁଡ଼ିକରେ ତଥା ଆଶ୍ରୟ ଶିବିରଗୁଡ଼ିକରେ ନିଆଯିବା ଆବଶ୍ୟକ ହୁଏ ।

ଓଡ଼ିଶାର ଭୌଗୋଳିକ ଅବସ୍ଥିତିକୁ ବିଶ୍ଳେଷଣରୁ ନେଲେ ଜଣାଯାଏ ଯେ ଏଠାରେ ବିଭିନ୍ନ ସଂସ୍କୃତି ତଥା ଜଳବାୟୁର ସମିଶ୍ରଣ ଘଟିଛି । ଅନ୍ୟ ଯେ କୌଣସି ରାଜ୍ୟ ଅପେକ୍ଷା ଏଠାରେ ପ୍ରାକୃତିକ ବିପର୍ଯ୍ୟୟ ଅଧିକ ଘଟେ । ଉତ୍ତର ପ୍ରଦେଶ, ବିହାର, ପଶ୍ଚିମବଙ୍ଗ ଓ ଆନ୍ଧ୍ର ପ୍ରଦେଶ ଭଳି ରାଜ୍ୟଗୁଡ଼ିକ ମୁଖ୍ୟତଃ ବନ୍ୟାର ଶିକାର ହେଉଥିବା ବେଳେ ଆମେମାନେ ଓଡ଼ିଶାରେ ବନ୍ୟା, ବାତ୍ୟା, ଘୂର୍ଣ୍ଣିବାତ୍ୟା ସମୁଦ୍ର ଜୁଆରର ସମ୍ମୁଖୀନ ହୋଇଥାଉ । ଅଳ୍ପ ସମୟ

ବ୍ୟବଧାନରେ ମଧ୍ୟ ଏଭଳି ବିପରି ଆମ ରାଜ୍ୟରେ ଦେଖାଦେଇଥାଏ । ଏବର୍ଷ ଦୁଇମାସ ବ୍ୟବଧାନରେ ଆମକୁ ଅଭୂତପୂର୍ବ ବାତ୍ୟା ଓ ବନ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି । ଗତ ଜୁନ ମାସ ୩ ତାରିଖରେ ହୋଇଥିବା ବାତ୍ୟା ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକର ଜନସାଧାରଣଙ୍କର ସ୍ୱାଭାବିକ ଜୀବନଯାତ୍ରା ବିଶେଷ ଭାବେ ବ୍ୟାହତ କରିଦେଇଥିଲା ଓ ଏହା ଫଳରେ ୨୪୬୧ ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ ଓ ବହୁ ସଂଖ୍ୟକ ଗୋମହିଷାଦି ପଶୁ ନିଖୋଜ ହୋଇଥିଲେ । ଏହି ପବନର ବେଗ ଘଣ୍ଟାକୁ ୨୨୦ କି: ମି: ଥିଲା ବୋଲି ପାରାଦୀପଠାରେ ରେକର୍ଡ କରାଯାଇଛି । ଏହା ଫଳରେ କେୟାର ପଣ୍ୟବାହୀ ଏକ ବୋଇତ ବୋଝେଇ ସମେତ ଦୁଇଟି ଜାହାଜ ନିଖୋଜ ହୋଇଥିଲା ଓ ଅନେକ ଛୋଟ ଜାହାଜ ବୁଡ଼ି ଯାଇଥିଲା । ଏହାର ଠିକ୍ ଦୁଇମାସ ପରେ ସମ୍ବଲପୁର ସହର ବର୍ଷାଜଳରେ ବୁଡ଼ି ଯାଇଥିଲା । ଫଳରେ ଅନେକ ଲୋକ ଗୃହଶୂନ୍ୟ ଓ ନିରାଶ୍ରୟ ହୋଇଗଲେ । ମାତ୍ର ଜନସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସକ୍ରିୟ କରାଯିବା ଫଳରେ ସେଠାରେ ମହାମାରୀଜନିତ ରୋଗ ଦେଖା ଯାଇନଥିଲା ।

ଅଗଷ୍ଟ-ସେପ୍ଟେମ୍ବର ମାସରେ ମହାନଦୀ ଅବବାହିକାରେ ଆସିଥିବା ଅଭୂତପୂର୍ବ ବନ୍ୟା ଫଳରେ ରାଜ୍ୟର ୮ଟି ଜିଲ୍ଲାର ୧୦୫ଟି ବ୍ଲକ୍‌ରେ ବ୍ୟାପକ କ୍ଷୟ କ୍ଷତି ହୋଇଛି । ୧୪୦୦ ଗ୍ରାମ ପଞ୍ଚାୟତର ପ୍ରାୟ ୧୦ ନିୟୁତ ଲୋକ ବିପନ୍ନ ହୋଇଛନ୍ତି । ପ୍ରକୃତ ପକ୍ଷେ ୫.୨ ନିୟୁତ ଲୋକ ଗୁରୁତରଭାବେ ବିପନ୍ନ ହୋଇଛନ୍ତି । ସ୍ୱାଭାବିକ ଅବସ୍ଥା ପୂର୍ଣ୍ଣ ମାତ୍ରାରେ ଫେରି ନାହିଁ । ବନ୍ୟାଜଳ ଏବେବି ଛାଡ଼ି ନାହିଁ । ବନ୍ୟା ହେବା ପରଠାରୁ ମଝିରେ ମଝିରେ ବର୍ଷା ହେବା ଫଳରେ ବିପନ୍ନ ଲୋକମାନଙ୍କ ଅବସ୍ଥା ବିଶେଷ ଖରାପ ଆଡ଼କୁ ଗତି କରିଛି । ବନ୍ୟା ବିପନ୍ନ ଲୋକମାନଙ୍କୁ ରୋଗ ପ୍ରାଦୁର୍ଭାବରୁ ରକ୍ଷା କରିବା ନିମନ୍ତେ ପୂର୍ଣ୍ଣ ମାତ୍ରାରେ ଡାକ୍ତରୀ ଓ ଜନ ସ୍ୱାସ୍ଥ୍ୟ ବ୍ୟବସ୍ଥା ଗ୍ରହଣ କରାଯାଇଛି । ବିପଦ ସଙ୍କୁଳ ଅବସ୍ଥାରେ କାଳାତିପାତ କରୁଥିବା ବହୁଲୋକ, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ସ୍ୱାଭାବିକ ସମୟରେ ମଧ୍ୟ ପେଟ ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି, ସେହି ୫୨ ଲକ୍ଷ ଲୋକଙ୍କୁ ମହାମାରୀ ପ୍ରତିଷେଧକ, ଡାକ୍ତରୀ ଓ ସାଧାରଣ ସ୍ୱାସ୍ଥ୍ୟ ବ୍ୟବସ୍ଥା ଯୋଗାଇ ଦେବା ଦିଗରେ ଯେ କେବଳ ବ୍ୟବସ୍ଥା ଗ୍ରହଣ କରାଯାଇଛି ତା' ନୁହେଁ ବରଂ ରୋଗ ଯେପରି ସଂକ୍ରମିତ ହୋଇନପାରେ ସେଥି ନିମନ୍ତେ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି । କଲେରା ପ୍ରତିଷେଧକ ଟୀକା ଦେବା ଓ ସଂକ୍ରମିତ ସ୍ଥାନଗୁଡ଼ିକ ସମେତ ସଂଲଗ୍ନ ଅଞ୍ଚଳରେ । ଜଳର ବିଶୋଧନ କରିବା ହେଉଛି ଆମର ଅଭିମୁଖ୍ୟ। ପ୍ରତ୍ୟେକ ୧୦ ହଜାର ଲୋକ କିମ୍ବା ଦୁଇଟି ଗ୍ରାମପଞ୍ଚାୟତ ପାଇଁ ଜଣେ ଡାକ୍ତର, ୪ଜଣ ପାରାମେଡ଼ିକାଲ କର୍ମଚାରୀ ଓ ୫ଜଣ ଗ୍ରାମ୍ୟ ସ୍ୱାସ୍ଥ୍ୟ ଗାଇଡ୍‌କୁ ନେଇ ଗଠିତ ଏକ ଡାକ୍ତରୀ ଚିକିତ୍ସା ଦଳ କାର୍ଯ୍ୟ କରିବେ । ଏହା ହେଉଛି ପ୍ରଧାନ ବୈଶିଷ୍ଟ୍ୟ । ପ୍ରାୟ ୧୪୦୦ ଗ୍ରାମ ପଞ୍ଚାୟତ ନିମନ୍ତେ ଏଭଳି ୨୦୦ ଡାକ୍ତରୀ ଚିକିତ୍ସା ଦଳ ସଙ୍ଗଠିତ କରାଯାଉଛି । ଆବଶ୍ୟକସ୍ଥଳେ ତୁରନ୍ତ ଡାକ୍ତରୀ ଚିକିତ୍ସା ଓ ପ୍ରତିଷେଧମୂଳକ ବ୍ୟବସ୍ଥା ଦରକାର କରୁଥିବା ଅଞ୍ଚଳଗୁଡ଼ିକୁ ଖବର ପାଇବା ମାତ୍ରେ ଯିବା ଲାଗି ଏଭଳି ୧୦୦ଟି ଦଳ ପ୍ରସ୍ତୁତ ହୋଇ ରହିଛନ୍ତି । ସଫଳତାର ସହ ସ୍ୱାସ୍ଥ୍ୟ ସୁରକ୍ଷା ଲାଗି ଏକ ଅଭିଯାନ ନିମନ୍ତେ ୮୦୦ ଜଣ ଡାକ୍ତର, ୩୨୦୦ ଜଣ ପାରାମେଡ଼ିକାଲ କର୍ମଚାରୀ ଓ ୪୦୦୦ ଗ୍ରାମ୍ୟ ସ୍ୱାସ୍ଥ୍ୟ ଗାଇଡ୍ ଆବଶ୍ୟକ ହେବେ । ବିପନ୍ନ ଅଞ୍ଚଳରେ ପର୍ଯ୍ୟାପ୍ତ ଭାବେ ଡାକ୍ତର ଓ ପାରାମେଡ଼ିକାଲ କର୍ମଚାରୀ ମିଳୁ ନଥିବାରୁ ମେଡ଼ିକାଲ କଲେଜଗୁଡ଼ିକରୁ ହାଉସ୍ ସର୍ଜନ ଓ ସ୍ନାତକୋତ୍ତର ଛାତ୍ରମାନଙ୍କ ସମେତ ବନ୍ୟା ବିପନ୍ନ ନହୋଇଥିବା ଜିଲ୍ଲାଗୁଡ଼ିକରୁ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ସେବା କାର୍ଯ୍ୟରେ ନିୟୋଜିତ କରାଯାଉଛି ।

ବନ୍ୟା ବିପନ୍ନ ଅଞ୍ଚଳ ଦୁର୍ଗମ ହୋଇଥିବା ସତ୍ତ୍ୱେ ବନ୍ୟାର ପ୍ରଥମ ୧୫ ଦିନ ମଧ୍ୟରେ ଡାକ୍ତରୀ ଦଳ ଅଭ୍ୟନ୍ତରୀଣ ଅଞ୍ଚଳଗୁଡ଼ିକୁ ଯାଇ ପ୍ରାୟ ୯ ଲକ୍ଷ ଲୋକଙ୍କୁ ଟୀକା ଦେଇଛନ୍ତି, ୧,୦୦,୦୦୦ ଜଳାଶୟକୁ କ୍ଲୋରିନ୍ ସାହାଯ୍ୟରେ ବିଶୋଧିତ କରିଛନ୍ତି ଓ ୪ଲକ୍ଷ ଲୋକଙ୍କୁ ଚିକିତ୍ସା ଦ୍ୱାରା ସାଧାରଣ ରୋଗରୁ ମୁକ୍ତ କରିଛନ୍ତି । ପ୍ରମୁଖ ଡାକ୍ତରୀ ଅଫିସରମାନେ ବିପନ୍ନ ଅଞ୍ଚଳର କେନ୍ଦ୍ରସ୍ଥଳରେ ରହି ସ୍ୱାସ୍ଥ୍ୟ ବ୍ୟବସ୍ଥାଗୁଡ଼ିକର ତଦାରଖ କରୁଛନ୍ତି ।

ବିଗତ ବର୍ଷଗୁଡ଼ିକରେ ଡାକ୍ତରୀ ସାହାଯ୍ୟ କାର୍ଯ୍ୟକ୍ରମ ଓ ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରବର୍ତ୍ତନ କରି ଆମେ ଯେଉଁ ଅଭିଜ୍ଞତା ହାସଲ କରିଛୁ, ସେଥିରୁ ଆମର ହୃଦ୍‌ବୋଧ ହୋଇଛି ଯେ ହଇଜା ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ପୂର୍ବରୁ ସ୍ୱାଭାବିକ ଅବସ୍ଥା ଫେରି ଆସିବା ଲାଗି ଅପେକ୍ଷା କରିବା ଅନାବଶ୍ୟକ । ଏହା ଫଳରେ ଯେ କୌଣସି ଜରୁରୀକାଳୀନ ଅବସ୍ଥାକୁ ଆୟତ୍ତାଧୀନ କରାଯାଇ ପାରିବ । ମାତ୍ର ସ୍ଥାନାନ୍ତର ପ୍ରେରଣା, କ୍ଷେତ୍ର ପାଇଁ ଶିବିର ଜିନିଷପତ୍ର ତଥା ଭ୍ରାମ୍ୟମାଣ ହାସପାତାଳର ସୁବିଧା ଇତ୍ୟାଦି ନହେଲେ ଏପରି ପ୍ରସ୍ତୁତି ଫଳପ୍ରସୂ ହେବା ସମ୍ଭବପର ନୁହେଁ । ଆମର ଉଦ୍ଦେଶ୍ୟ ହେଲା, ଯେ କୌଣସି ପରିସ୍ଥିତିରେ ଯେ କୌଣସି ସ୍ଥାନକୁ ଏକ ସ୍ୱୟଂ ସଂପୂର୍ଣ୍ଣ ଭ୍ରାମ୍ୟମାଣ ଦଳ ଯାଇ ତୁରନ୍ତ ମହାମାରୀ ପ୍ରତିଷେଧକ ସେବା ଯୋଗାଇ ଦେବା । ୬ଟି ଶକ୍ତିଚାଳିତ ଡଙ୍ଗାକୁ ନେଇ ଗୋଟିଏ ଭେଳାରେ ଭାସମାନ ହାସପାତାଳ, ୪ଟି ମଟର ଗାଡ଼ି, ଉନ୍ନତ ଧରଣର ଟେଣ୍ଟ ପାଇଁ ଆମର ପ୍ରସ୍ତାବ ରହିଛି । ଯଦି ସମ୍ଭବ ହୁଏ, ତେବେ ସୁଇସ୍ କଟେଜ୍ ଟେଣ୍ଟ ସାହାଯ୍ୟରେ ଶିବିର ହାସପାତାଳ ପାଇଁ ମଧ୍ୟ ସୁବିଧା କରାଯିବ । ଏଭଳି ଡାକ୍ତରୀ ରିଲିଫ୍ ଦଳ ଓଡ଼ିଶାର ଉପକୂଳବର୍ତ୍ତୀ ତଥା ନଦୀ ଅଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ପଦକ୍ଷେପ ନେବା ସଙ୍ଗେ ସଙ୍ଗେ ରାଜ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେବା ସମୟରେ ବହୁମୂଲ୍ୟ ସେବା ଯୋଗାଇ ଦେବେ ।

---

ସ୍ୱାସ୍ଥ୍ୟ ରାଷ୍ଟ୍ର ମନ୍ତ୍ରୀ, ଓଡ଼ିଶା
ଭୁବନେଶ୍ୱର ।

# ମନୁଷ୍ୟକୃତ ନା ଦୈବୀକୃତ ?

ଅଧ୍ୟାପକ ରାଜକିଶୋର ରାୟ

ଯେଉଁମାନେ ଐଶ୍ୱରୀୟ ଶକ୍ତି ଉପରେ ବିଶ୍ୱାସ କରନ୍ତି ନାହିଁ, ଯେଉଁମାନେ ଦେବୀଭାବର ସୃଷ୍ଟି, ସ୍ଥିତି ଓ ପ୍ରଳୟକୁ ଅବଜ୍ଞା କରନ୍ତି, ଯେଉଁମାନେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସମ୍ମୋହନରେ ଏ ସୃଷ୍ଟିର ଅନ୍ତରାଳରେ ଯେ ଏକ ସତ୍ୟ, ସନାତନ, ପରମାତ୍ମା ସର୍ବବିଧାନ କରୁଛି ବୋଲି ଅସ୍ୱୀକାର କରନ୍ତି, ସେମାନେ ଓଡ଼ିଶାରେ ୧୯୮୨ ପ୍ରଳୟକରୀ ବନ୍ୟାର ବିଭୀଷିକାକୁ ମଣିଷକୃତ ବୋଲି କହି ରାଜନୈତିକ ରଙ୍ଗମଞ୍ଚରେ ହୁଏତ କିଛି ସମୟ ପାଇଁ ଆସନକୁ ସମାଲୋଚନା କରିପାରନ୍ତି, ସବୁକାଳକୁ ନୁହେଁ । ସତ୍ୟ, ସତ୍ୟ, ତାହା ସବୁବେଳେ ଅମ୍ଳାନ ।

ସମଗ୍ର ରାଜ୍ୟର ନଦୀସକଳ, ଏପରିକି ଯାହା ନାମତଃ ନଦୀ ଥିଲା, ଯେପରି କି ବାଙ୍କୀର ରେଣୁକା, ହଠାତ୍ ମାତ୍ର ଦୁଇ ତିନି ଦିନ ଭିତରେ ଏପରି ଉଗ୍ରା ଓ ପ୍ଲାବିତା ହେଲେ କିପରି ? ପୁଣି ଏତେ ପ୍ରଶ୍ନର ଜଳୋଚ୍ଛ୍ୱାସ ଆସିଲା କୁଆଡ଼ୁ ? ଗୋଟାଏ ରାତ୍ରିର ବର୍ଷାରେ ଓଡ଼ିଶାର ଏକ ବିଶିଷ୍ଟ ସହର ଜଳମଗ୍ନ ହେଲା କିପରି ? ଅନ୍ୟତମ ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର କଟକ ସହରର କାଠଯୋଡ଼ି ନଦୀବନ୍ଧ ପ୍ରାୟ ଭାଙ୍ଗିଯିବା ପୂର୍ବରୁ ରକ୍ଷା ପାଇଲା କିପରି ? ହଜାର ହଜାର ସଂଖ୍ୟାରେ ଗ୍ରାମ, ଲକ୍ଷ ଲକ୍ଷ ହେକ୍ଟର ଶସ୍ୟ ଜମି, ଅସଂଖ୍ୟ ଗୃହପାଳିତ ପଶୁ, ସମଗ୍ର ରାଜ୍ୟକୁ ସଂଯୋଗକାରୀ ସ୍ଥଳପଥ ସବୁ, ରେଳୱେ, ସଉନ୍‌ଠାରୁ ଆରମ୍ଭ କରି, ଦୋକାନ ବଜାର, ଏକ ପ୍ରକାର ସମଗ୍ର ରାଜ୍ୟ ଏପରି ଜଳ ପ୍ଲାବିତ ହେଲା କାହିଁକି ?

କେଉଁ ମଣିଷ ବା ମଣିଷମାନେ କେଉଁଠି ପ୍ରମାଦ ସୃଷ୍ଟି କଲେ ଯେ ତାଙ୍କ ଉପରେ ଦୋଷ ଦେଇ ଏତେ ପ୍ରକାଣ୍ଡ ଧ୍ୱଂସଲୀଳାକୁ ସେହିମାନଙ୍କର କରଣୀ ବୋଲି କହି ଆମେ ନୈଶ୍ଚିନ୍ତ୍ୟ ଅନୁଭବ କରୁ ?

ଓଡ଼ିଶାର ଅଜ୍ଞାତ ନୁହେଁ ଏ ବନ୍ୟା ବିପତ୍ତି । ପ୍ରାୟ ପ୍ରତିବର୍ଷ ଏହାର ମାରାତ୍ମକ ଅଭିଯାନ ଶାସନ ତଥା ସାଧାରଣ ନାଗରିକକୁ ପ୍ରସ୍ତୁତ ରହିବାକୁ ଅବ୍ୟକ୍ତ ଭାଷାରେ କହିଥାଏ । ମେ' ଜୁନ ମାସରୁ ଶାସନକଳ ସଜାଗ ହୋଇ ରହିଥାଏ । ଯିଏ ଯେତେବେଳେ ଯେଉଁ ରାଜନୈତିକ ଦଳ ରାଜ୍ୟକୁ ଶାସନ କରିଛନ୍ତି, ସେମାନେ ଓଡ଼ିଆ, ସେମାନେ ଧର୍ମ, ସଂସ୍କୃତି, ଐତିହ୍ୟ ଏ ସବୁର ଉପାସକ, ସେମାନେ ଜାଣି ଜାଣି ଲକ୍ଷ ଲକ୍ଷ ଲୋକଙ୍କୁ ବିପନ୍ନ କରିଦେବା ପାଇଁ ନୀରବ ରହି ନପାରନ୍ତି । ମହାକାଳ ତା'ର କାର୍ଯ୍ୟ କରି ଚାଲିଛି । ପୃଥିବୀରେ ଭାରସାମ୍ୟ ରକ୍ଷା କରିବା, ଜନ୍ମ-ମୃତ୍ୟୁର ହାରକୁ ସମତା ଓ ସୁରକ୍ଷା ଦେଇ ଜୀବଲୋକରେ ଜୀବିମାନଙ୍କର ଅଧର୍ମ ଓ ପାଶବିକତାକୁ ଶାସ୍ତି ଦେଇ ତା'ର ଅକ୍ଷୟ ଚକ୍ରକୁ ସେ ଘୂରେଇ ଚାଲିଛି । ତାକୁ ଏଥିରୁ ବିଚ୍ୟୁତ କରିବା କାହାର ଶକ୍ତି ନାହିଁ । ନିଜେ ଭଗବାନ ନିର୍ଦ୍ଦେଶ ଦେଇଛନ୍ତି, ସେ ସ୍ୱୟଂ କାଳ କ୍ଷୟ କରିବା ତାଙ୍କର କର୍ମ, ସେ ଏହି କାର୍ଯ୍ୟରେ ପ୍ରବୃତ୍ତ ରହନ୍ତି ଯେତେବେଳେ ଅଧର୍ମର ବିସ୍ତାର ଘଟେ । ସୃଷ୍ଟିର ଲୟ ଓ କ୍ଷୟରେ ନୂତନ ମୂଲ୍ୟବୋଧର ସୃଷ୍ଟି ହୁଏ । ମଣିଷ ସଂଯତ ହୁଏ । ମାନୁଷୀ କାର୍ଯ୍ୟରେ ଭଗବଦ୍ ଆରାଧନା ଆଚରିତ ହୁଏ ।

ଏବେ ତ କମ୍ପ୍ୟୁଟର ଯୁଗ । ଅଣୁ ମାତ୍ରିକ ଗାଣିତିକ ବିଚାରଧାରାରେ ପ୍ରାୟ ନିର୍ଭୁଲ ଆକାଶଯାନ-ମାନଙ୍କର ଗତିଧାରା ନିୟନ୍ତ୍ରିତ ହେଉଛି । ବିଜ୍ଞାନର ଜୟକାର ଭିତରେ ହତାଶା ତେବେ ଆସୁଛି କାହିଁକି ? ଇନ୍‌ସାଟ୍-ବି ଅଚଳ ହେଲା କାହିଁକି ? ପାଣିପାଗ ହିସାବରେ ଯାହା ନଘଟିବ ବୋଲି ନିର୍ଦ୍ଦେଶ ଥାଏ, ତା'ର ସମସ୍ତ ହିସାବକୁ ପରାଭୂତ କରି ମହାବାତ୍ୟା, ମହାଜଳ ପ୍ଲାବନ, ମହାମାରୀ, ପର୍ବତ ଅବତା ଖସିବା, ମହାଘୂର୍ଣ୍ଣୀ, ଆକାଶ ପଥରେ ବିମାନ ଧ୍ୱସ୍ତ ବିଧ୍ୱସ୍ତ ହେବାରେ ମୃତ୍ୟୁଲୀଳା, ଶହ ଶହ ସଂଖ୍ୟାରେ ଯାନ ଦୁର୍ଘଟଣା - ଏ ସବୁ କଅଣ ମଣିଷକୃତ ? ମଣିଷର ପ୍ରଜ୍ଞା ତ ନଭଶ୍ଚୁମ୍ବୀ ! କେଉଁଠି ତିଳେ ମାତ୍ର ଭ୍ରାନ୍ତି ବିଚ୍ୟୁତିର କଥା ହିଁ ନାହିଁ ତଥାପି ତକ୍ଷକ ସର୍ପ ଗୋଟାଏ ବିଳ ପାଇଗଲା ଓ ସେହି ପଥ ହିଁ ଥିଲା ମହାକାଳର ରହସ୍ୟମୟ ବିଧାନ, ଯେଉଁଠି ମଣିଷର ବିଶ୍ୱର ପରାସ୍ତ ହେଲା କିପରି ?

ଯେଉଁମାନେ ରାଜନୈତିକ ଅସହିଷ୍ଣୁତାରେ ଏ ବନ୍ୟାକୁ ମଣିଷକୃତ କହି ଶାସନକୁ ଉପହାସ କରୁଛନ୍ତି, ସେମାନେ କିପରି ଏହା 'ମଣିଷକୃତ' ବୋଲି କେଉଁଠି କହୁ ନାହାନ୍ତି । ବନ୍ୟାର ଦୁଇ ଦିନ ଭିତରେ ଏହାର ସାମଗ୍ରିକ ମହାପ୍ରଳୟକୁ ଆୟତ୍ତ କରିବାକୁ ଅସଂଭବକୁ ସଂଭବ କରାଯାଇ ପାରିଛି । ଜାତୀୟ ବିପତ୍ତି ବେଳେ ନେତୃତ୍ୱର କର୍ମ ତତ୍‌ପରତା, ସାହସ ପ୍ରଦାନ, ସମଗ୍ର ଶାସନ କଳକୁ ଏକାତ୍ମ ଆଦର୍ଶରେ ଅନୁପ୍ରାଣିତ ତଥା ଅନ୍ୟ ରାଜ୍ୟସ୍ଥ ସହଯୋଗ ଓ ସାହାଯ୍ୟ ଆଣିବାରେ କେଉଁଠି ଅବହେଳା ଘଟିଛି କି ? ପ୍ରଳୟ ସୃଷ୍ଟି କଲା ଦୈବ, ମାତ୍ର ଏ ଦୈବୀକୃତକୁ ଆହ୍ୱାନ ଦେଇ ତାହାର ତୀକ୍ଷ୍ଣତାକୁ ଭାଙ୍ଗି ଦେବାରେ ଓଡ଼ିଶାର ଶାସନ ନେତୃତ୍ୱ ଯାହା କରି ପାରିଛି, ତାହା ହେଉ :--

୧ । ବନ୍ୟାବେଳେ ଜୀବନ ରକ୍ଷା ପାଇଁ ତାଲିମ-ପ୍ରାପ୍ତ ଆର୍ମିର ସାହାଯ୍ୟ ସହଯୋଗ ।

୨ । ପଶ୍ଚିମବଙ୍ଗସ୍ଥ ତାଲିମପ୍ରାପ୍ତ ନାବିକମାନଙ୍କର ସହଯୋଗ ।

୩ । ଗ୍ରାମ୍ୟ ଶାସନସ୍ତରରୁ କଲେକ୍ଟର ପର୍ଯ୍ୟନ୍ତ କର୍ମଚାରୀମାନଙ୍କର ପ୍ରାଣମୂର୍ଚ୍ଛା କର୍ମୋଦ୍ୟୋଗ ।

୪ । ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ଅନୁପ୍ରେରଣା ଦେଇ ତାଙ୍କୁ କାର୍ଯ୍ୟରତ କରିବାରେ ନେତୃତ୍ୱର ଆଦର୍ଶବାଦ ।

୫ । ଏ ବନ୍ୟାରେ ସ୍ୱାସ୍ଥ୍ୟ ବିଭାଗର ଅଭୂତପୂର୍ବ ସେବା ମନୋଭାବର ପ୍ରକାଶ । ଦୁର୍ଗମ ଅଞ୍ଚଳକୁ ଚିକିତ୍ସକମାନଙ୍କର ଯାତ୍ରା ଓ ସେଠାରେ ସେବା କାର୍ଯ୍ୟ ।

୬ । ରାସ୍ତାଘାଟର ପୁନର୍ନିର୍ମାଣରେ ନିର୍ମାଣ ବିଭାଗର ଅହୋରାତ୍ର କାର୍ଯ୍ୟ ।

୭ । ପୁଲିସ ବିଭାଗର କାର୍ଯ୍ୟ ଦକ୍ଷତା ପ୍ରତିଫଳିତ ହୋଇଛି, ଏ ଦୁରବସ୍ଥାରେ ଅସାମାଜିକ ଲୋକଙ୍କର ଦୌରାତ୍ମ୍ୟକୁ ଦମନ କରିବାରେ । ଗୋଟାଏ ପ୍ରଚଣ୍ଡ ଜାତୀୟ ବିପତ୍ତିରେ ପଶୁ ବି କାତର ହୋଇ ଉଠେ ସାହାଯ୍ୟ ଦେବା ପାଇଁ । ଅଥଚ ମଣିଷ ନୀରବ ରହିପାରେ କି ?

ଧ୍ୱଂସର ବ୍ୟାପକତାକୁ ଲକ୍ଷ୍ୟ ରଖି କହିବାକୁ ପଡ଼ିବ ଯେ ମଣିଷର ନିଷ୍ଠା ଓ କାର୍ଯ୍ୟ ଦକ୍ଷତା ଯେତେ ପ୍ରଖର ଓ ପ୍ରସାରିତ ହେଲେ ପଛକେ ସମସ୍ତ ବିପନ୍ନକୁ ସାହାଯ୍ୟ ପହଞ୍ଚାଇ ଦେବାରେ ହୁଏ ତ ଶାସନର କେଉଁଠ ସାମାନ୍ୟ ତ୍ରୁଟି ବିଚ୍ୟୁତି ରହିଯାଇଥିବ । ହେଲିକପ୍‌ଟରରୁ ଖାଦ୍ୟ ପୁଡ଼ିଆ ପକାଇବାରେ ଯଦି କେହି କ୍ଷତ ବିକ୍ଷତ ହୁଏ, ତେବେ ସେ ଦୋଷ କଅଣ ଶାସନର ? ମନ୍ତ୍ରୀମାନେ ତ କେହି ଘରେ ଶୋଇ ନଥିଲେ ? ବିଧାୟକମାନେ ତ କେହି ଆରାମ କରୁନଥିଲେ ? ଏ ଯେ ପ୍ରଚଣ୍ଡ କ୍ଷତି, ତାହାକୁ ଧୀରେ ଧୀରେ ପୂରଣ କରିବାରେ ଶାସନର କେଉଁ ବିଭାଗ ଉଚ୍ଚ କାର୍ଯ୍ୟ କରୁନାହିଁ ? ରେଳବାଇ ବିଭାଗ ତ ହଜାର ହଜାର ଶ୍ରମିକ ଲଗାଇ ଲାଇନ୍ ସଜାଡ଼ି ଦେଇଛି ? ଅସ୍ଥାୟୀ ପୋଲ ନିର୍ମାଣ କରି ନିର୍ମାଣ ବିଭାଗତ ଯାତାୟତର ବ୍ୟବସ୍ଥା କରି ଦେଇଛି । କୃଷି ବିଭାଗତ କ୍ଷୟକ୍ଷତିର ହିସାବ ରଖି ପୁଣି ଏ ରାଜ୍ୟକୁ ଶସ୍ୟ ଶ୍ୟାମଳା କରିବାରେ ବଦ୍ଧ ପରିକର । ଶିଳ୍ପ ବିଭାଗତ ରାଜ୍ୟକୁ ପୁନର୍ବାର ଶିଳ୍ପାୟିତ କରିବାରେ ପ୍ରଚେଷ୍ଟ । ହଜାର ସଂଖ୍ୟାରେ ବିଦ୍ୟାଳୟ ଗୃହକୁ ନିର୍ମାଣ କରିବାରେ ଶିକ୍ଷା ବିଭାଗ ତ ପଦକ୍ଷେପ ନେଇଛନ୍ତି ? ଏ ରାଜ୍ୟର ମହିଳାମାନେ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ଓ ବିତରଣ କରିବାରେ ଜୀବନ ବିପନ୍ନ କରି କାର୍ଯ୍ୟ କରି ଚାଲିଛନ୍ତି ।

ଜାତୀୟ ବିପତ୍ତିକୁ ସଂଘତ୍ତି କରି ଦେବାରେ ଯେ କୁହୁକ ମନୁଷ୍ୟାର୍ଜିତ ତାହା ଏ ଶାସନର ଅଛି । ସମାଧିର ଶାନ୍ତିରୁ ପୁଣି ଜନ-ଜୀବନର ସୂର୍ଯ୍ୟୋଦୟ ଘଟେ । କେହି ସମାଧି ଉପରେ ମୁଣ୍ଡ ପିଟି, ନିର୍ଜୀବ ରହନ୍ତି ନାହିଁ । ଯେଉଁମାନେ ମୃତ୍ୟୁଲୀନ ହୋଇଗଲେ ସେମାନେ ଏ ଜାତିର ମର୍ମ ସ୍ଥଳରେ ପୂଜାର୍ଘ୍ୟ ପାଉଥିବେ ।

ପ୍ରଧାନ ସତ୍ୟ ହେଲା, ଭଗ୍ନଜାନୁ, ଭଗ୍ନହୃଦୟ, ହା, ହତାଶାର ଭାବ, ଅକର୍ମଣ୍ୟତାର ଶୋକ, ସବୁ ହଜିଯିବାର ବିଭୀଷିକାରୁ ରାଜ୍ୟର ବିପନ୍ନ ଅଧିବାସୀଙ୍କୁ ମୁକ୍ତ କରି ନବ ଜୀବନ, ନବ ଉଦ୍ୟମ ଓ ନବ-ପ୍ରେରଣାରେ ସେମାନଙ୍କୁ ପୁନର୍ବାର ଜୀବନପ୍ରେମୀ କରିବାକୁ ରାଜ୍ୟ ଓ କେନ୍ଦ୍ର ନେତୃତ୍ୱ ଆହ୍ୱାନ ଦେଇଛି । ଏଥିରେ ପ୍ରଗାଢ଼ ଆନ୍ତରିକତା ଓ ପୂର୍ଣ୍ଣ ସେବା ମନୋଭାବର ପ୍ରତିଫଳନ ଘଟିଛି ।

ବିପତ୍ତି ଆସେ, ଯାଏ, ସ୍ଥାୟୀ ରହେନା । ମାତ୍ର ସ୍ଥାୟୀ ରହେ ମଣିଷର ଚେତନା ଯାହା ଏ ଜାତୀୟ ଦୌରାତ୍ମ୍ୟକୁ ଐଶ୍ୱରୀୟ ମାଙ୍ଗଲ୍ୟ ଭାବି ସହ୍ୟ କରିନେଇ ନବ ବଳ ତଥା ଆତ୍ମ ବିଶ୍ୱାସରେ ରାଜ୍ୟକୁ ସମୃଦ୍ଧ କରିବାରେ ପ୍ରାଣବନ୍ତ କରିବ ।

ଯେ କର୍ମ କରେ, ସେ ପଥ ଚାଲେ । ବାବଦୂକ ନିଷ୍କର୍ମା ବୃକ୍ଷଛାୟାରେ ବସି ଚାଲିବା ଲୋକର ଡାହାଣ ବାମ ପାଦ କିମିତି ପଡୁଛି ଭାବୁଛି ତା'ର ଆଲୋଚନା ସମାଲୋଚନା କରିଥାଏ ।

ଏହା ନହେଉ ।

ବଡ଼ଶଙ୍ଖ ସାହି, ପୁରୀ ।

# ବନ୍ୟା ଦୁର୍ଗତଙ୍କ ସେବାରେ ଓଡ଼ିଶା ପୋଲିସ

ଶ୍ରୀ ନରସିଂହ ସ୍ୱାଇଁ

୧୯୮୨ ମସିହା ସେପ୍‌ଟେମ୍ବର ମାସ ପ୍ରଥମ ସପ୍ତାହର ବନ୍ୟା ଅଭୂତପୂର୍ବ । ନ'ଅଙ୍କ ଦୁର୍ଭିକ୍ଷ ପରେ ଓଡ଼ିଶାରେ ଏପରି କରୁଣ ଓ କରାଳ ବିଭୀଷିକା ଏପର୍ଯ୍ୟନ୍ତ ଘଟିନାହିଁ । ଚଳିତ ବନ୍ୟାର ଧ୍ୱଂସକାଣ୍ଡ ଓଡ଼ିଆ ଜାତିର ଅର୍ଥନୈତିକ ମେରୁଦଣ୍ଡକୁ ଦୋହଲାଇ ଦେଇଅଛି । ବାସହୀନ, ସମ୍ବଳଶୂନ୍ୟ ଓ କ୍ଷୁଧାତୁର ଲକ୍ଷ ଲକ୍ଷ ନରନାରୀ ଘୋର ସଙ୍କଟର ସମ୍ମୁଖୀନ । ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ, ଭୂମିହୀନ ଓ ଭିକାରୀ ସମସ୍ତେ ସମଦଶାପନ୍ନ । ଏପରି ଏକ ସଙ୍କଟାପନ୍ନ ପରିସ୍ଥିତିରେ ଓଡ଼ିଶାର ପ୍ରତ୍ୟେକ ବ୍ୟକ୍ତି ଏମାନଙ୍କୁ ସାହାଯ୍ୟ ଓ ଆଶ୍ୱାସନା ଦେବାକୁ ଆଗେଇ ଆସିବା ଉଚିତ ।

ବନ୍ୟା ଓ ତତ୍ ପରବର୍ତ୍ତୀ ପରିସ୍ଥିତିରେ ରାଜ୍ୟ ପୋଲିସ ବିଭାଗର କାର୍ଯ୍ୟ ସମ୍ବନ୍ଧରେ ଡାଇରେକ୍‌ଟର ଜେନେରାଲ ଶ୍ରୀ ସ୍ୱାଇଁଙ୍କର ନିବନ୍ଧ ଆମେ ପ୍ରକାଶ କରୁଛୁ । ପୋଲିସ ବିଭାଗର ଏହିସବୁ କାର୍ଯ୍ୟକ୍ରମ ପଛରେ ଏକ ନିର୍ଦ୍ଦିଷ୍ଟ ଅନୁପ୍ରେରଣା ରହିଅଛି ।

ମୁଖ୍ୟ ସଂପାଦକ

ଅଗଷ୍ଟ ୧୮ ତାରିଖରୁ ବିଭିନ୍ନ ଜିଲ୍ଲାରେ ବର୍ଷାର ତାଣ୍ଡବଲୀଳା ଲାଗି ରହିଅଛି । କେବଳ ସମ୍ବଲପୁର ଜିଲ୍ଲାରେ ଅଗଷ୍ଟ ୧୮ ଓ ୧୯ ତାରିଖରେ ମାତ୍ର ୨୪ ଘଣ୍ଟା ମଧ୍ୟରେ ୨୪ ଇଞ୍ଚ ବର୍ଷା । ରାମ୍ପାଘାଟ, ଗଉଦ୍ୱାର ଏବଂ ଧନଜୀବନ ଏହି ଅଭୂତପୂର୍ବ ବର୍ଷା ଏବଂ ବନ୍ୟାରେ ଛିନ୍ନଭିନ୍ନ-ବିପଦଗ୍ରସ୍ତ । ପୁଣି ଅଗଷ୍ଟ ୨୯ ତାରିଖ ଦିନ ନିକଟବର୍ତ୍ତୀ ବଲାଙ୍ଗୀର ଜିଲ୍ଲାରେ ୨୪ ଘଣ୍ଟା ମଧ୍ୟରେ ୯ ଇଞ୍ଚରୁ ଊର୍ଦ୍ଧ୍ୱ ବର୍ଷା । ପଡ଼ୋଶୀ ଫୁଲବାଣୀ ଜିଲ୍ଲାର ସମଗ୍ର ପାହାଡ଼ିଆ ଅଞ୍ଚଳରେ ସେହି ସମୟରେ ବଲାଙ୍ଗୀରଠାରୁ ଅଧିକ ବର୍ଷା । ତା'ଫଳରେ ତେଲ, ସୁକତେଲ ଏବଂ ଅଙ୍ଗ ନଦୀରେ ପ୍ରବଳ ବନ୍ୟା । ସେହି ବନ୍ୟାଜଳ ମହାନଦୀରେ ପ୍ରବେଶ କରିବା ଫଳରେ ମନମୁଣ୍ଡାଠାରୁ ଆରମ୍ଭ କରି ମହାନଦୀ ଅବବାହିକାର ବିସ୍ତୀର୍ଣ୍ଣ ଅଞ୍ଚଳ ଜଳମଗ୍ନ ଓ ସଂକଟ ସମ୍ମୁଖୀନ । ଅଗଷ୍ଟ ୩୧ ତାରିଖ ବେଳକୁ ଫୁଲବାଣୀ, ବଲାଙ୍ଗୀର, କଳାହାଣ୍ଡି ପ୍ରଭୃତି ଜିଲ୍ଲା ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାମାନଙ୍କଠାରୁ ବିଚ୍ଛିନ୍ନ ହୋଇଗଲେ । ତା' ପରେ ପରେ ରାଜଧାନୀ ଭୁବନେଶ୍ୱରରୁ କଟକ ଏବଂ ପୁରୀ ପ୍ରଭୃତି ବିଚ୍ଛିନ୍ନ ହୋଇଗଲେ । ଯାନବାହାନର ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ଏବଂ ଲକ୍ଷ ଲକ୍ଷ ନରନାରୀ ଘୋର ବିପଦଗ୍ରସ୍ତ । ରାଜଧାନୀରୁ ଏବଂ ବିଭିନ୍ନ ଜିଲ୍ଲାର ସଦର ମହକୁମାମାନଙ୍କରୁ ଘନ ଘନ ନିର୍ଦ୍ଦେଶ ଏବଂ ଖବର ଆଦାନପ୍ରଦାନ କରିବା ଏକ ଦୁରୁହ କାର୍ଯ୍ୟ ହୋଇ ପଡ଼ିଥିଲା । ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଅନେକ ଥାନା ପାଣି ଘେରରେ ପଡ଼ି ରହିବାରୁ କେତେକ ବେତାର ଯନ୍ତ୍ର ଅକାମୀ ହୋଇ ଯାଇଥିଲା । ତଥାପି ପୋଲିସ ବେତାର ବିଭାଗର କର୍ମଚାରୀମାନେ ସବୁ ବାଧାବିଘ୍ନକୁ ଭ୍ରୂକ୍ଷେପ ନ କରି ଯେକୌଣସିମତେ ବେତାର ବାର୍ତ୍ତା ଆଦାନପ୍ରଦାନ କାର୍ଯ୍ୟ ଜାରି ରଖିଥିଲେ । ବନ୍ୟା ଓ ବାତ୍ୟା ଭଳି ସମୟରେ ବିଭିନ୍ନ ଜିଲ୍ଲା ଏବଂ ରାଜଧାନୀ ମଧ୍ୟରେ ଯୋଗାଯୋଗ ଏବଂ ଖବର ଆଦାନପ୍ରଦାନ ଅବ୍ୟାହତ ରଖିବାର ପୋଲିସ ବେତାର ବିଭାଗର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଯୋବ୍ରା ଆନିକଟ ନିକଟରେ ମହାନଦୀର ବିପଦ ସଂକେତ ୭୨ ଫୁଟ ଥିବା ସ୍ଥଳେ ଅଗଷ୍ଟ ୩୦ ତାରିଖ ରାତି ୧୨ ଟା ବେଳକୁ ଏହା ୭୫ ଫୁଟକୁ ଟପିଥିଲା ଏବଂ କ୍ରମଶଃ ବୃଦ୍ଧି ପାଇ ୩୧ ତାରିଖ ରାତ୍ର ୯ ଘଣ୍ଟା ବେଳକୁ ୭୭'୨ ଫୁଟରେ ପହଞ୍ଚିଥିଲା । ସେହିପରି କାଠଯୋଡ଼ିର ଜଳପଭନ ବିପଦ ସଂକେତର ସୀମା

ଅତିକ୍ରମ କରି ୩୧ ତାରିଖ ସନ୍ଧ୍ୟା ୬ ଘଣ୍ଟା ବେଳକୁ ୨୮.୭୫ ଫୁଟରେ ପହଞ୍ଚିଥିଲା । ବନ୍ୟାପ୍ଲାବିତ ମହାନଦୀ ଓ କାଠଯୋଡ଼ୀର ଦୁଇ ହାତମୁଠା ମଧ୍ୟରେ ଘୁପି ରହିଥିବା କଟକ ମହାନଗରୀର ଟଳମଳ ଅବସ୍ଥା ଏବଂ କଟକ ସହରବାସୀଙ୍କର ଆତଙ୍କ ସହଜରେ ଅନୁମେୟ ।

ରାଜ୍ୟ ସଦର ପୋଲିସ କାର୍ଯ୍ୟାଳୟରେ ପହଞ୍ଚୁଥିବା ଖବର ଅନୁସାରେ ବଲାଙ୍ଗୀର ଜିଲ୍ଲାର ତେଲ,



ପଶ୍ଚିମ ବଙ୍ଗ ଏମର୍ଜେନ୍‌ସି ଫୋର୍ସ ପକ୍ଷରୁ ଉଭୟମୁଖୀ ଯାନ ଅଞ୍ଚଳକୁ ଖାଦ୍ୟପଦାର୍ଥ ଯୋଗାଣ

ଶୁକତେଲ ଓ ଅଂଗ ନଦୀର ବନ୍ୟା ଯୋଗୁ ବୀର ମହାରାଜପୁର, ସୋନପୁର, ଡୁଙ୍ଗୁରିପାଲି, ତରଭା, ଲୁଇସିଂଗା, ସିଂଧେକେଲା, ତୁସ୍ରା ଓ ସଦର ଥାନାର ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଥିଲା ଏବଂ ଏହି ଅଞ୍ଚଳର ଅଧିବାସୀମାନେ ବହୁ କ୍ଷତିଗ୍ରସ୍ତ ହୋଇଅଛନ୍ତି । ଫୁଲବାଣୀ ଜିଲ୍ଲାର ମନମୁଣ୍ଡା, ବୌଦ୍ଧ, ହରଭଙ୍ଗା, ପୁରୁଣା କଟକ ଓ ଫୁଲବାଣୀ ସହରାଞ୍ଚଳରେ ବ୍ୟାପକ କ୍ଷତି ଘଟିଅଛି । କଟକ ଜିଲ୍ଲାର ବାଂକୀ, ବୈଦେଶ୍ୱର, ସଦର, ଗୋବିନ୍ଦପୁର, ଚୌଦ୍ୱାର, ବାଲିକୁଦା, ଏରସମା, କୁଜଙ୍ଗ, ତିର୍ତୋଲ, ଜଗତସିଂହପୁର, କେନ୍ଦ୍ରାପଡ଼ା, ପାଟକୁରା, ମହାକାଳପଡା, ସାଲେପୁର, ମାହାଙ୍ଗା, ଧର୍ମଶାଳା, ବିଂଝାରପୁର, କିସନ ନଗର, ପାରାଦ୍ୱୀପ, ଆଠଗଡ଼, ଟିଗିରିଆ, ନରସିଂହପୁର, କାନପୁର, ବଡ଼ମ୍ବା, ବଡ଼ଚଣା, ଟାଙ୍ଗୀ ପ୍ରଭୃତି ଥାନା ଅଞ୍ଚଳ କେବଳ କ୍ଷତି ଗ୍ରସ୍ତ ହୋଇ ନାହିଁ, ଗୃହପାଳିତ ପଶୁ ଏବଂ ନରନାରୀ ପ୍ରାଣ ହରାଇଛନ୍ତି । ଭାର୍ଗବୀ, ଦୟା, କୁଶଭଦ୍ରା, ଦେବୀ ଓ ପ୍ରାଚୀ ନଦୀର ବନ୍ୟା ଓ ସାଇ ଯୋଗୁ ପୁରୀ ଜିଲ୍ଲାର ଡେଲିପାଟଣା, ଦାନକାଟି, କାକଟପୁର, ବାଲିଅନ୍ତା ଅସ୍ତରଙ୍ଗ, ଗୋପ, ନିମାପଡ଼ା, ପିପିଲି, ଡେଲାଙ୍ଗ, କଣାସ, ବ୍ରହ୍ମଗିରି ଏବଂ ସଦର ଥାନାର ବ୍ୟାପକ ଅଞ୍ଚଳ ପ୍ରବଳ କ୍ଷତିଗ୍ରସ୍ତ ହୋଇଅଛି । ମହାନଦୀର ବନ୍ୟା ଯୋଗୁଁ ଗଣିଆ, ଦଶପଲ୍ଲା, ଖଣ୍ଡପଡ଼ା, ଫତେଗଡ଼ ଓ ନୟାଗଡ଼ ପ୍ରଭୃତି ଅଞ୍ଚଳ ମଧ୍ୟ କ୍ଷତିଗ୍ରସ୍ତ ହୋଇଅଛି । ଢେଙ୍କାନାଳ ଜିଲ୍ଲାର ଆଠମଲ୍ଲିକ ଓ ପୁରୁଣାକୋଟ ଥାନାର ବ୍ୟାପକ ଅଞ୍ଚଳ ମଧ୍ୟ ଜଳମଗ୍ନ ହୋଇଥିଲା ।

ଅଗଷ୍ଟ ୨୯ ତାରିଖଠାରୁ ରାଜ୍ୟ ପୋଲିସ ବିଭାଗର ସଦର କାର୍ଯ୍ୟାଳୟରେ ବର୍ଷା ଓ ବନ୍ୟାର ପ୍ରକୋପ ବିଶେଷଭାବରେ ଅନୁଧ୍ୟାନ କରା ଯାଉଥିଲା । ଅଗଷ୍ଟ ୩୦ ତାରିଖ ଦିନ କଂଟ୍ରୋଲ ରୁମ୍ ଖୋଲଯାଇ ବନ୍ୟାଗ୍ରସ୍ତ ଜିଲ୍ଲା ପୋଲିସ୍ କର୍ତ୍ତୃପକ୍ଷଙ୍କଠାରୁ ସଠିକ ଖବର ସଂଗ୍ରହ କରାଯାଇ କ୍ଷତିଗ୍ରସ୍ତ ଅଞ୍ଚଳରେ ସ୍ଥାନୀୟ ପୋଲିସ କର୍ମଚାରୀମାନେ ବନ୍ୟାଗ୍ରସ୍ତ ଜନସାଧାରଣଙ୍କୁ ବିଶେଷ ସାହାଯ୍ୟ ଓ ସହଯୋଗ ଦେବାପାଇଁ ନିର୍ଦ୍ଦେଶ ଦିଆ ଯାଇଥିଲା । ରିଲିଫ୍ ବଣ୍ଟନ ଓ ବନ୍ୟା ଘେରରେ ଥିବା ବିପଦଗ୍ରସ୍ତ ବ୍ୟକ୍ତିମାନଙ୍କର ଉଦ୍ଧାର କାର୍ଯ୍ୟରେ ଉପସ୍ଥିତ ସମସ୍ତ ପୋଲିସ କର୍ମଚାରୀ, ଗୃହରକ୍ଷୀ ଓ ଗ୍ରାମରକ୍ଷୀମାନଙ୍କୁ ନିୟୋଜିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଅଗଷ୍ଟ ୩୦ ତାରିଖ ଦିନ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପଶ୍ଚିମବଙ୍ଗର ପୋଲିସ ଡାଇରେକ୍ଟର ଜେନେରାଲଙ୍କୁ ତାଙ୍କ ରାଜ୍ୟର ସିଭିଲ ଡିଫେନ୍‌ସ ବିଭାଗର ତାଲିମ ପ୍ରାପ୍ତ ସଦସ୍ୟମାନଙ୍କୁ ବୋଟ୍ ସହ ଓଡ଼ିଶା ଆସି ବନ୍ୟା ଉଦ୍ଧାର

କାର୍ଯ୍ୟରେ ସହାୟତା କରିବା ପାଇଁ ଅନୁରୋଧ କରାଯାଇଥିଲା । ଏହି ଅନୁରୋଧକ୍ରମେ ୩ ପର୍ଯ୍ୟାୟରେ ୧୫୭ ଜଣ କର୍ମଚାରୀ ୫୦ ଟି ବୋଟ ଧରି ରେଳପଥରେ କଟକରେ ପହଞ୍ଚିଥିଲେ । ରାସ୍ତାଘାଟ ଛିନ୍ନବିଚ୍ଛିନ୍ନ ହେବା ପୂର୍ବରୁ ଅଗଷ୍ଟ ୩୦ ତାରିଖ ଦିନ ରାଉରକେଲାସ୍ଥିତ



ନଂ-ସୁଆ ନଦୀ ଅତିକ୍ରମ କରି ଗୁଆଲିପୁର ଗ୍ରାମ ଅଭିମୁଖେ ଖାଦ୍ୟ ନେଇ ପୁଲିସ ବାହିନୀର ଯାତ୍ରା

୪ର୍ଥ ବାଟାଲିୟନ ଓ ଝାରସୁଗୁଡ଼ାସ୍ଥିତ ୨ୟ ବାଟାଲିୟନର କେତେକ ଯବାନମାନଙ୍କୁ କଟକ ଅଭିମୁଖେ ପ୍ରେରଣ କରାଯାଇଥିଲା । ଏହା ସଂଗେ ସଂଗେ କଟକ ଓ ଭୁବନେଶ୍ୱରର ବାଟାଲିଅନ କର୍ମଚାରୀମାନଙ୍କୁ ତୁରନ୍ତ ଉଦ୍ଧାର କାର୍ଯ୍ୟ କରିବା ପାଇଁ ପୁରୀ ଓ କଟକର ବିଭିନ୍ନ ସ୍ଥାନକୁ ପଠାଯାଇଥିଲା । ନାନା ଅସୁବିଧା ସତ୍ତ୍ୱେ ମଧ୍ୟ ଅଗଷ୍ଟ ୩୧ ତାରିଖ ସକାଳ ସୁଦ୍ଧା ଦ୍ୱିତୀୟ ବାଟାଲିଅନର ୩ ପ୍ଲାଟୁନ, ୪ର୍ଥ ବାଟାଲିଅନର ଏକ ପ୍ଲାଟୁନ, କଟକ ବାଟାଲିଅନର ୮ ପ୍ଲାଟୁନ ଓ ଭୁବନେଶ୍ୱର ବଟାଲିଅନର ୧ ପ୍ଲାଟୁନ, ବଲାଙ୍ଗୀର, କଟକ ଓ ପୁରୀ ଜିଲ୍ଲାର ନିର୍ଦ୍ଦିଷ୍ଟ ସ୍ଥଳରେ ପହଞ୍ଚି ପାରିଥିଲେ ।

ବନ୍ୟା ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ବିଭିନ୍ନ ଜିଲ୍ଲା ପୋଲିସ ଅଧ୍ୟକ୍ଷମାନଙ୍କୁ ନିମ୍ନଲିଖିତ ନିର୍ଦ୍ଦେଶ ଦିଆ ଯାଇଥିଲା :—

(୧) ରିଲିଫ୍ ସାମଗ୍ରୀ ନିର୍ଦ୍ଦିଷ୍ଟ ସ୍ଥଳରେ ପହଞ୍ଚାଇ ଦେବା ପାଇଁ ରାଜସ୍ୱ ବିଭାଗ କର୍ତ୍ତୃପକ୍ଷଙ୍କୁ ସଶସ୍ତ୍ର ପୋଲିସ ସାହାଯ୍ୟ ।

(୨) ବନ୍ୟା ବିପର୍ଯ୍ୟସ୍ତ ଲୋକମାନଙ୍କୁ ଉଦ୍ଧାର କରିବା ପାଇଁ ତତ୍ପରତା ଏବଂ ଅତୁଳନୀୟ ସାହାଯ୍ୟ ।

(୩) ବନ୍ୟାପ୍ଲାବିତ ନଦୀ ବନ୍ଧର ସୁରକ୍ଷା ପାଇଁ ଆବଶ୍ୟକୀୟ ନିରାପତ୍ତା ବ୍ୟବସ୍ଥା ଏବଂ ଜଳସେଚନ ବିଭାଗର କର୍ମଚାରୀମାନଙ୍କୁ ସାହାଯ୍ୟ ।

(୪) ବନ୍ୟା ସମ୍ବନ୍ଧୀୟ ଜରୁରୀ ଖବର ଏବଂ ସରକାରୀ ନିର୍ଦ୍ଦେଶନାମା ଶୀଘ୍ର ପଠାଇବା ପାଇଁ ବେତାର ବିଭାଗର ୨୪ ଘଣ୍ଟିଆ ଉପଯୋଗ ।

(୫) ବନ୍ୟା ଘେରରୁ ମୁକ୍ତି ପାଇଁ ବିଭିନ୍ନ ସ୍ଥାନରେ ଆଶ୍ରୟ ନେଇଥିବା ବିପଦଗ୍ରସ୍ତ ପରିବାରଗୁଡ଼ିକର ସୁରକ୍ଷା ଏବଂ ଅପରାଧ ନିରାକରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ।

## ଉଦ୍ଧାର କାର୍ଯ୍ୟ

### ବଲାଙ୍ଗୀର ଜିଲ୍ଲା

ଅଗଷ୍ଟ ୨୯ ତାରିଖ ଦିନ ପ୍ରବଳ ବର୍ଷା ହେତୁ ବଲାଙ୍ଗୀର ସହର ଓ ତା'ର ଆଖପାଖ ଅଞ୍ଚଳ ଜଳମଗ୍ନ ହୋଇଥିଲା । ବହୁ ସଂଖ୍ୟାରେ ଘରଦ୍ୱାର ଭାଙ୍ଗିଯିବା ଯୋଗ ଲୋକମାନେ ନିରାଶ୍ରୟ ହୋଇ ପଡ଼ିଥିଲେ । ବଲାଙ୍ଗୀର ଜିଲ୍ଲା ଏସ୍.ପି. ତାଙ୍କର ସହକର୍ମୀ ଓ ପୋଲିସ ଯବାନମାନଙ୍କୁ ନେଇ ମଝିଆପାଲି ଗ୍ରାମରୁ ପ୍ରାୟ ୫୦ ଜଣ ଲୋକଙ୍କୁ ଉଦ୍ଧାର କରିଥିଲେ । ବଲାଙ୍ଗୀର ସଦର ଥାନାର ଅଫିସର ଇନଚାର୍ଜ ତାଙ୍କ ଅଞ୍ଚଳର ୩୫ ଟି ଗ୍ରାମର ୧,୬୬୧ ଜଣ ଗ୍ରାମବାସୀଙ୍କୁ ଉଦ୍ଧାର କରିଥିଲେ ।

ସେମାନଙ୍କୁ ନିକଟବର୍ତ୍ତୀ ହାଇସ୍କୁଲମାନଙ୍କରେ ଆଶ୍ରୟ ଦିଆଯାଇଥିଲା । ଟାଉନଥାନାର ଭାରପ୍ରାପ୍ତ ଅଫିସର ତାଙ୍କର ସହକର୍ମୀ ଓ ଗୃହରକ୍ଷୀମାନଙ୍କୁ ନେଇ ସହରତଳି ଅଞ୍ଚଳ ଯଥା:—ତାଲପାଲି, ହାତୀଶାଳପଡ଼ା ଓ ଠିକାଦାର-ପଡ଼ାରୁ ବହୁ ସଂଖ୍ୟାରେ ବୃଦ୍ଧ ଏବଂ ରୁଗ୍ଣ ଲୋକଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାକୁ ନେଇ ଯାଇଥିଲେ । ବୀରମହାରାଜପୁର ଥାନାର ଭାରପ୍ରାପ୍ତ ଅଫିସର ତାଙ୍କ ସହକର୍ମୀମାନଙ୍କ ସାହାଯ୍ୟରେ ତାଙ୍କ ଅଞ୍ଚଳରେ ୬ ଟି ଗ୍ରାମର ଲୋକମାନଙ୍କୁ ବନ୍ୟାକବଳରୁ ଉଦ୍ଧାର କରିଥିଲେ । ସୁବଳୟା ଫାଣ୍ଡିର ଏ: ଏସ୍: ଆଇ: ଶ୍ରୀ ଜି: ବି: ବେହେରା, ବିପଦଗ୍ରସ୍ତ ଲୋକମାନଙ୍କୁ ସାହାଯ୍ୟ କରିବାରେ ଅତି ପ୍ରଶଂସନୀୟ କାର୍ଯ୍ୟ କରିଥିଲେ । ସେ ୫ଟି ଗ୍ରାମର ୩୫୦ ଜଣ ଲୋକଙ୍କୁ ବନ୍ୟା ଘେରରୁ ଉଦ୍ଧାର କରି ଜନସାଧାରଣଙ୍କର ପ୍ରଶଂସାର ପାତ୍ର ହୋଇପାରିଛନ୍ତି । ସେହିପରି ଲୁଇସିଂଘା ଥାନାର ଭାରପ୍ରାପ୍ତ ଅଫିସର ତାଙ୍କ ସହକର୍ମୀ ଓ ଗୃହରକ୍ଷୀ ଭାଇମାନେ ୪ଟି ଗ୍ରାମର ୨୫୨ ଜଣ ଲୋକଙ୍କୁ ଉଦ୍ଧାର କରିଥିଲେ । ଡଗଭା ଥାନାର ଭାରପ୍ରାପ୍ତ ଅଫିସର ଶ୍ରୀ ଗୋପାଳ ଚନ୍ଦ୍ର ତ୍ରିପାଠୀ ତାଙ୍କ ଅଞ୍ଚଳରେ ଦକ୍ଷତାର ସହ ପ୍ରାୟ ୨,୫୦୦ ଲୋକଙ୍କୁ ଉଦ୍ଧାର କରି କର୍ତ୍ତବ୍ୟ ନିଷ୍ଠାର ପରିଚୟ ଦେଇଛନ୍ତି । ଡୁଙ୍ଗୁରୀପାଲି ଥାନାର ଭାରପ୍ରାପ୍ତ ଅଫିସର ଶ୍ରୀ ଆର: ବି: ପାଣିଙ୍କର ବିରଶିରା ଗ୍ରାମର ପ୍ରାୟ ୭୫୦ ଜଣ ଲୋକଙ୍କୁ ଉଦ୍ଧାର କରିବା ଏକ ପ୍ରଶଂସନୀୟ କାର୍ଯ୍ୟ । ପାଟଣାଗଡ଼ ଥାନାର ଅଫିସର ଓ ପୋଲିସ କର୍ମଚାରୀମାନେ ଏ: ପି: ଆର: ଯବାନମାନଙ୍କ ସହଯୋଗରେ ନୂଆମୁଣ୍ଡି ଗ୍ରାମର ୧୨ ଜଣଙ୍କୁ ବନ୍ୟା ଘେରରୁ ରକ୍ଷା କରିଥିଲେ । ଜଣେ ସର୍ଜେଣ୍ଟଙ୍କ ତତ୍ତ୍ୱାବଧାନରେ ଗୋଟିଏ ଏ: ପି: ଆର: ଦଳ ଲୁଇସିଂଘା ଅଞ୍ଚଳକୁ ଯାଇ ଲୋକ-ମାନଙ୍କୁ ଉଦ୍ଧାର କାର୍ଯ୍ୟରେ ସାହାଯ୍ୟ କରିଥିଲେ । ଜିଲ୍ଲାର ବିଭିନ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ବ୍ଲକ ଅଫିସମାନଙ୍କରେ ନିରାଶ୍ରୟ ଲୋକମାନଙ୍କୁ ଆଶ୍ରୟ ଦିଆ ଯାଇଥିଲା ।

### ଫୁଲବାଣୀ ଜିଲ୍ଲା

୯ । ଚଳିତ ବର୍ଷ ଫୁଲବାଣୀ ଜିଲ୍ଲାରେ ମରୁଡ଼ି ଯୋଗୁ କିଛିଦିନ ତଳେ ଲୋକଙ୍କ ମନରେ ବିଷାଦର ଛାୟା ଖେଳି ଯାଇଥିଲା । ବୋଝ ଉପରେ ନଳିତା ବିଡ଼ା ଭଳି ଅଗଷ୍ଟ ୨୮ ଓ ୨୯ ତାରିଖ ଦିନ ପ୍ରବଳ ବର୍ଷା ଯୋଗୁଁ ବ୍ୟାପକ ବିପର୍ଯ୍ୟୟ ଦେଖା ଦେଇଥିଲା । ସାଲୁଂକି ନଦୀରେ ପ୍ରବଳ ବନ୍ୟା ଆସିବା ହେତୁ ଫୁଲବାଣୀ ସହରର ତଳିଆ ଅଞ୍ଚଳ ଯଥା—ଡେରାଗଡ଼ା, ପିଥନ ପଡ଼ା, କେନ୍ଦୁପଦର, ନଦୀଖଣ୍ଡି ସାହି ଓ ମାଦିବୁଡ଼ା ସଂପୂର୍ଣ୍ଣ ଜଳମଗ୍ନ ହୋଇ-ଥିଲା । ଫୁଲବାଣୀ ସଦର ଇନିସ୍‌ପେକ୍‌ଟର ତାଙ୍କର ସହକର୍ମୀମାନଙ୍କୁ ନେଇ ପୋଲିସ ଗାଡ଼ି ସାହାଯ୍ୟରେ ପ୍ରାୟ ୧୨୦ ଜଣ ଲୋକଙ୍କୁ ଉଦ୍ଧାର କରି ସରକାରୀ କଲେଜ, ସ୍କୁଲ ଓ ମାଦିବୁଡ଼ା ପୋଲିସ ଲାଇନ୍‌ରେ ଆଶ୍ରୟ ଦେଇଥିଲେ । ଲୋକଙ୍କୁ ଉଦ୍ଧାର କରିବାର ଅଳ୍ପ ସମୟ



'କରୁଣା' ପକ୍ଷରୁ ବ୍ରାହ୍ମଣବାଡ଼ି ଗ୍ରାମରେ ଖାଦ୍ୟ ବଣ୍ଟନ

ପରେ ଡେରାଗୁଡ଼ା ଅଞ୍ଚଳଟି ବନ୍ୟା ସ୍ରୋତରେ ନିଶ୍ଚିହ୍ନ ହୋଇ ଯାଇଥିଲା । ଏହି ଜିଲ୍ଲାର ବୌଦ୍ଧ ସହରଟି ମହାନଦୀ ଓ ସାଲୁଂକି ନଦୀର ବନ୍ୟାରେ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲା । ଏହି ସହରରୁ ପୁରୁଣାକଟକ ଓ ସୋନପୁର ଯିବାକୁ ମାତ୍ର ୨ଟି ରାସ୍ତା ବ୍ୟତୀତ ଅନ୍ୟ ଗମନାଗମନ ପଥର ସୁବିଧା ନାହିଁ, କିନ୍ତୁ ଉଭୟ ରାସ୍ତା ପ୍ରବଳ ବନ୍ୟା ଓ ବର୍ଷା ଯୋଗୁଁ ବାହାର ଦୁନିଆରୁ ପୂରାପୂରି ବିଚ୍ଛିନ୍ନ ହୋଇଗଲା । ଅଗଷ୍ଟ ୨୯ ତାରିଖ ରବିବାର ସକାଳ ୯ ଘଣ୍ଟା ସମୟରେ ସୋନପୁରରୁ ବେତାର ଯୋଗେ ଖବର ଆସିଲା—ବ୍ରଜରାଜନଗର-ବ୍ରହ୍ମପୁର କଳିଙ୍ଗ ଏକ୍‌ସପ୍ରେସ ବସ୍‌ର ଯାତ୍ରୀମାନେ ବନ୍ୟା ଘେର ଭିତରେ ପଡ଼ିଛନ୍ତି । ତାଙ୍କୁ କୌଣସି ମତେ ଉଦ୍ଧାର କରିବାକୁ ପଡ଼ିବ । ବସ୍‌ଟି ବୌଦ୍ଧ-ସୋନପୁର ରାସ୍ତାର ଡାବସରଡ଼ା ଗ୍ରାମ ନିକଟରେ ଥିବା ଭଙ୍ଗା ପୋଲ ଉପରେ ବନ୍ୟାଜଳ ଯୋଗୁଁ ଅଟକି ଯାଇଥାଏ । ସ୍ଥାନୀୟ ଏସ୍: ଡି: ଓ:, ସହକାରୀ ନିର୍ବାହୀ ଯନ୍ତ୍ରୀ (ବୌଦ୍ଧର ସର୍କଲ ଇନିସ୍‌ପେକ୍‌ଟର) ଓ ଅନ୍ୟାନ୍ୟ ପୋଲିସ କର୍ମଚାରୀମାନେ ତତ୍‌କ୍ଷଣାତ ଘଟଣା ସ୍ଥଳକୁ ଯାଇ ଦେଖିଲେ ଯେ ବସ୍‌ଟି ସେଠାରେ ପଡ଼ିଛି କିନ୍ତୁ ଯାତ୍ରୀମାନେ କୌଣସି ପ୍ରକାରେ ଆତ୍ମରକ୍ଷା ପାଇଁ ସେଠାରୁ ଚାଲି ଯାଇଛନ୍ତି । ଏହି ଉଦ୍ଧାରକାରୀ ଦଳ ଆଗରେ ଆଉ ଗୋଟିଏ ବିରାଟ ଦାୟିତ୍ୱ ଆସି ପହଞ୍ଚିଲା । ସାଲୁଂକି

ନଦୀର ବନ୍ୟାଜଳ ସରଯାଦପୁର ଗ୍ରାମଟିକୁ ଘେରି ସାରିଥିଲା । ସେହି ଗ୍ରାମର ଲୋକମାନେ ଜୀବନ ରକ୍ଷା ପାଇଁ କରୁଣ କ୍ରନ୍ଦନ କରୁ ଥାଆନ୍ତି । ସର୍କଲ ଇନ୍‌ସ୍‌ପେକ୍ଟରଙ୍କ ସଙ୍ଗରେ ଯାଇଥିବା ପୋଲିସ୍ କର୍ମଚାରୀମାନେ ସେହି ବିପନ୍ନ ଲୋକଙ୍କୁ ରକ୍ଷା କରିବା ପାଇଁ ନିଜର ଜୀବନକୁ ବିପନ୍ନ କରି ଆଗେଇ ଗଲେ । ଛୋଟ କାଠ ଡଙ୍ଗା ସାହାଯ୍ୟରେ ସେହି ଲୋକମାନଙ୍କୁ ଗୋବିନ୍ଦପୁର ଗ୍ରାମର ଉଚ୍ଚସ୍ଥାନମାନଙ୍କୁ ଅଣାଗଲା । ଅପରାହ୍ନରେ ସାଲୁଙ୍କୀ ଓ ମହାନଦୀର ପ୍ରବଳ ବନ୍ୟା ସ୍ରୋତ ବନ୍ଧକୁ ଅତିକ୍ରମ କରି ଶ୍ରୀ ଚନ୍ଦ୍ରଚୂଡ଼ଙ୍କ ମନ୍ଦିର ନିକଟସ୍ଥ ଛୋଟ ପୋଲଠାରେ ବୌଦ୍ଧ ସହର ଭିତରକୁ ପ୍ରବେଶ କରିବା ଆ[illegible] କରିଥିଲା । ସ୍ଥାନୀୟ ପୋଲିସ୍ କର୍ମଚାରୀମାନେ [illegible]ଗର ସହକାରୀ ଯନ୍ତ୍ରୀଙ୍କ ସହାୟତାରେ ବାଲି [illegible] ଦ୍ୱାରା ଅକ୍ଳାନ୍ତ ପରିଶ୍ରମ କରି ସେହି ବନ୍ୟା ଜଳକୁ [illegible]କିବାରେ ସମର୍ଥ ହୋଇଥିଲେ । ଉଭୟ ନଦୀର ବ[illegible] କୋପ ଓ ଅବିଶ୍ରାନ୍ତ ବର୍ଷାକୁ ଦେଖି ସ୍ଥାନୀୟ [illegible] ଅଫିସର ଓ କର୍ମଚାରୀମାନେ ଘରକୁଘର ଯାଇ ଲୋ[illegible]କୁ ନିରାପଦ ସ୍ଥାନକୁ ଚାଲିଯିବା- ପାଇଁ ଅନୁରୋଧ କଲେ, କିନ୍ତୁ ସେହି ପ୍ରଳୟଙ୍କରୀ ମହାନଦୀକୁ ରୋକିବବା କିଏ ? ବନ୍ୟାଜଳ ଚନ୍ଦ୍ରଚୂଡ଼ ପ୍ରାଥମିକ ବିଦ୍ୟାଳୟ ନିକଟ ଦେଇ ସହରରେ ପ୍ରବେଶ କରିବା କ୍ଷଣି ସ୍ଥାନୀୟ ପୋଲିସ୍ ମାଳିସାହି, କଲେଜଟେଜ କଲୋନୀ, ବ୍ଲକ୍ କଲୋନୀ, ଖଲିଆ ବଗିଚା, ବାବୁସାହି ଓ ଅଫିସର କଲୋନୀମାନଙ୍କରୁ ପ୍ରାୟ ୨୫୦ ନରନାରୀ ଓ ଶିଶୁଙ୍କୁ କଚେରୀ, ରାଜପ୍ରାସାଦ ଓ ସ୍କୁଲକୁ ପୋଲିସ୍ ଗାଡ଼ି ସାହାଯ୍ୟରେ ବନ୍ୟା ଘେରରୁ ନେଇ ଯାଇଥିଲେ । ଜଣେ ବୃଦ୍ଧ ୮୦ ବର୍ଷ ବୟସ—ଚାଲିବାର ଶକ୍ତିନାହିଁ—ସେ ବନ୍ୟା ଘେରରେ । ସମସ୍ତେ ନିଜ ନିଜର ଜୀବନ ରକ୍ଷା କରିବାରେ ବ୍ୟସ୍ତ । ସେହି ସମୟରେ ସ୍ଥାନୀୟ ପୋଲିସ୍ ସେହି ବୃଦ୍ଧଙ୍କୁ ନିଶ୍ଚିତ ମୃତ୍ୟୁ ମୁଖରୁ ରକ୍ଷା କରି ପାରିଥିଲେ । ସେହିଦିନ ସ୍ଥାନୀୟ ପୋଲିସ କର୍ମଚାରୀମାନେ ବଗିଚା ସାହିର ପାଣି ଘେରରେ ପଡ଼ିଥିବା ଜଣେ ଗର୍ଭବତୀ ମହିଳାଙ୍କୁ ଗୋଟିଏ ବିଜୁଳି ଖୁଣ୍ଟରେ ଦଉଡ଼ି ଓ ଶାଢ଼ୀ ବାନ୍ଧି କୌଣସି ପ୍ରକାରେ ଉଦ୍ଧାର କରିଥିଲେ । ଉଲ୍ଲେଖଯୋଗ୍ୟ କଥା ଯେ ସଂପୃକ୍ତ ପୋଲିସ୍ କର୍ମଚାରୀମାନଙ୍କର ପରିବାର- ମାନେ ମଧ୍ୟ ବିପଦ ସଂକୁଳ ଅବସ୍ଥାରେ ଥିଲେ କିନ୍ତୁ ସେମାନଙ୍କର ଭଲ ମନ୍ଦ ବୁଝିବାକୁ ପୁଲିସକର୍ମୀଙ୍କର ସମୟ ନଥିଲା । ବାଉଁଶୁଣି ଓ ଦାଦିଆ ପଡ଼ାର ପୋଲିସ୍ କର୍ମଚାରୀମାନେ ସେହି ଅଞ୍ଚଳର ବହୁ ଲୋକଙ୍କୁ ବନ୍ୟାଜଳରୁ ଉଦ୍ଧାର କରିଥିଲେ । ଅଗଷ୍ଟ ୨୮ ଓ ୨୯ ତାରିଖ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁ ହରଭଙ୍ଗା ଥାନାର ଶଗଡ଼ିଆ ନାଳ ଦେଇ ବନ୍ୟା ଜଳ ଉକ୍ତ ଗ୍ରାମର ବସ୍ତି ଭିତରକୁ ପ୍ରବେଶ କରିବାରୁ ଥାନାର ଭାରପ୍ରାପ୍ତ ଅଫିସର ଓ ପୋଲିସ୍ କର୍ମଚାରୀମାନେ ଲୋକଙ୍କୁ ଉଚ୍ଚସ୍ଥାନକୁ ଯିବାପାଇଁ ଅନୁରୋଧ କଲେ । ଅଧିକାଂଶ ଲୋକ ତାଙ୍କ କଥା ମାନିଲେ । ଯେଉଁମାନେ ସେ[illegible] ମାନଙ୍କର ସତର୍କକୁ ଉପେକ୍ଷା କଲେ ନାହିଁ ସେମାନେ ପାଣି ଘେରରେ ପଡ଼ି ପ୍ରାଣରକ୍ଷା ପାଇଁ ଚିତ୍କାର କଲେ । ହରଭଙ୍ଗା ଥାନାର ପୋଲିସ୍ କର୍ମଚାରୀ- ମାନେ ନିଜର ଓ ନିଜ ପରିବାରର ଜୀବନକୁ ଉପେକ୍ଷା ନକରି ଡଙ୍ଗା ସାହାଯ୍ୟରେ ପ୍ରାୟ ୫୦୦ ଲୋକ ଓ ଗୃହପାଳିତ ପଶୁମାନଙ୍କୁ ସ୍ଥାନୀୟ ହାଇସ୍କୁଲ ଓ ଡାକବଙ୍ଗଳାରେ ଆଶ୍ରୟ ଦେଇଥିଲେ । ମହାନଦୀର ବନ୍ୟା ଯୋଗୁ ମନମୁଣ୍ଡା ଅଞ୍ଚଳ ସଂପୂର୍ଣ୍ଣ ଜଳମଗ୍ନ ହୋଇ ଯାଇଥିଲା । ବାହାରୁ ସାହାଯ୍ୟ ପାଇବାର କିଛି ସୁବିଧା ନ ଥିଲା । ସ୍ଥାନୀୟ ଲୋକଙ୍କର ଏହି ଦୁର୍ଦ୍ଦିନରେ ମନମୁଣ୍ଡା ଥାନାର ଭାରପ୍ରାପ୍ତ ଅଫିସର ଓ ତାଙ୍କର ସହକର୍ମୀ ପୋଲିସ୍ ଭାଇମାନେ ପ୍ରାୟ ୨୦୦ ଲୋକଙ୍କୁ ବନ୍ୟା ଜଳରୁ ଉଦ୍ଧାର କରି ନିରାପଦ ସ୍ଥାନକୁ ନେଇ ଯାଇଥିଲେ । ସଂକ୍ଷେପରେ କହିବାକୁ- ଗଲେ ଫୁଲବାଣୀ ଜିଲ୍ଲାର ପୋଲିସ୍ କର୍ମଚାରୀ ମାନଙ୍କର କର୍ତ୍ତବ୍ୟ ନିଷ୍ଠା ଯୋଗୁ ବହୁ ଧନଜୀବନ ବନ୍ୟା ଦାଉରୁ ରକ୍ଷା ପାଇଥିଲା ।

## ଢେଙ୍କାନାଳ ଜିଲ୍ଲା

ଏହି ଜିଲ୍ଲାର ଆଠମଲ୍ଲିକ ଥାନାର୪୨ଟି ଗ୍ରାମର ପ୍ରାୟ ୩୦,୦୦୦ ଲୋକ ମହାନଦୀର ବନ୍ୟା ଯୋଗୁ ବିପନ୍ନ ହୋଇଥିଲେ । ୨୦ଟି ଗ୍ରାମ ସଂପୂର୍ଣ୍ଣ ଜଳମଗ୍ନ ହୋଇ ଯାଇଥିବାରୁ ବାହାର ଜଗତରୁ ବିଚ୍ଛିନ୍ନ ହୋଇ ଯାଇଥିଲା । ସେହିପରି ପୁରୁଣା କୋଟ ଥାନାର ଟିକରପଡ଼ା ଅଞ୍ଚଳ ମହାନଦୀର ବନ୍ୟା ଯୋଗୁ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲା । ସ୍ଥାନୀୟ ଭାରପ୍ରାପ୍ତ ଅଫିସର ଓ ପୋଲିସ୍ କର୍ମଚାରୀମାନେ ଲୋକମାନଙ୍କୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ରିଲିଫ୍ କାର୍ଯ୍ୟରେ ଯଥା ସମ୍ଭବ ସାହାଯ୍ୟ କରିଥିଲେ । ଜିଲ୍ଲା ଏସ୍. ପି. ଓ ଅତିରିକ୍ତ ଏସ୍. ପି. ଯଥା ଶୀଘ୍ର ବନ୍ୟାଞ୍ଚଳ ପରିଦର୍ଶନ କରି ପୋଲିସ୍ ବ୍ୟବସ୍ଥା ତଦାରଖ କରିଥିଲେ

## ଭୁବନେଶ୍ୱର ପୋଲିସ ଜିଲ୍ଲା

ଭୁବନେଶ୍ୱର ପୋଲିସ୍ ଜିଲ୍ଲାର ବାଲିପାଟଣା, ଶହୀଦନଗର ଥାନାର ୩୭ଟି ପଞ୍ଚାୟତ କୁଆଖାଇ, ଦୟା, କୁଶଭଦ୍ରା, ପ୍ରାଚୀ, ଭାର୍ଗବୀ ଓ ଗଙ୍ଗୁଆର ବନ୍ୟା ଜଳରେ ପ୍ଳାବିତ ହୋଇଥିଲା । ଏହି ନଦୀଗୁଡ଼ିକର ବନ୍ଧ ବହୁ ସ୍ଥାନରେ ଭାଙ୍ଗି ଶହ ଶହ ଗ୍ରାମ ବନ୍ୟା ପ୍ଳାବିତ ହେବା ସଙ୍ଗେ ସଙ୍ଗେ ଲକ୍ଷ ଲକ୍ଷ ଲୋକଙ୍କ ଧନ ଜୀବନ ବିପନ୍ନ ହୋଇଥିଲା । ବନ୍ୟାଜଳ ଭୁବନେ- ଶ୍ୱର-ପୁରୀ ଓ ଭୁବନେଶ୍ୱର-କଟକ ରାସ୍ତାରେ ପାର ହେବା ଫଳରେ ପୁରୀ ଓ କଟକ ସହ ବାହାର ଅଞ୍ଚଳକୁ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହେଲା । ପ୍ରବଳ ବନ୍ୟାର ସ୍ରୋତରେ ଲୋକମାନେ ଘରଦ୍ୱାର [illegible] ଛାଡ଼ି [illegible] [illegible] ପୋଲ ପର୍ଯ୍ୟନ୍ତ

ଓ ଧଉଳି ଶାନ୍ତିସ୍ତୂପ ନିକଟରେ ଆଶ୍ରୟ ନେଇଥିଲେ । ଭୟ ଏବଂ କ୍ଷୁଧାରେ ଲୋକମାନେ ଆର୍ତ୍ତଚିତ୍କାର କରୁଥିଲେ । ବହୁଲୋକ ପାଣି ଘେରରେ ରହି ଆଶ୍ରୟ ନିମନ୍ତେ କାତର ନୟନରେ ଅପେକ୍ଷା କରିଥିଲେ । ଏହି ବିପତ୍ତି ସମୟରେ ଅଗଷ୍ଟ ୩୦ ଓ ୩୧ ଦିନ ଭୁବନେଶ୍ୱର ପୋଲିସ୍ ଜିଲ୍ଲାର ୮୫ ଜଣ ଯବାନ ୪୦ ଜଣ ଗୃହରକ୍ଷୀ, ଏସ୍. ପି., ଅତିରିକ୍ତ ଏସ୍. ପି. ଓ ଡ଼ି.ଏସ୍.ପି. ଙ୍କ ସମେତ ୩୦ ଜଣ ଅଫିସର ଲିଙ୍ଗିପୁର, ଇଟିପୁର, ସଦେଇପୁର, ଧଉଳି, ନୂଆଗାଁ, ସଙ୍ଗେଶ୍ୱରପୁର, ପଟିଆ ଓ ରଘୁନାଥପୁର ଅଞ୍ଚଳର ପ୍ରାୟ ୧,୦୦୦ ଲୋକଙ୍କୁ ଉଦ୍ଧାର କରିବା ସଂଗେ ସଂଗେ ସେମାନଙ୍କର ଆସବାବ-ପତ୍ର ଓ ଗୃହପାଳିତ ପଶୁମାନଙ୍କୁ ଉଦ୍ଧାର କରି ନିରାପଦ ସ୍ଥାନକୁ ପୋଲିସ୍ ଗାଡ଼ିରେ ଆଣିଥିଲେ । ବାଲକାଟି ନିକଟସ୍ଥ ରଥୀପୁର, ବସନ୍ତପେଡ଼ି ପ୍ରଭୃତି ଗ୍ରାମମାନଙ୍କୁ କୌଣସି ଲୋକ କିମ୍ବା ନୌକା ଯିବା ସମ୍ଭବ ହୋଇ ନଥିଲେ ମଧ୍ୟ ୪ଜଣ ଗୃହରକ୍ଷୀ ଅତ୍ୟନ୍ତ ସାହସିକତାର ସହ ଜୀବନ ରକ୍ଷା 'ଜ୍ୟାକେଟ୍' ପିନ୍ଧି ଘାଇର ପ୍ରବଳ ସ୍ରୋତକୁ ଅତିକ୍ରମ କରି ଜଣେ ସ୍ତ୍ରୀ ଲୋକ ତାର ସନ୍ତାନ ସହିତ ଭାସି ଯାଉଥିବା ବେଳେ ସେ ଦୁହିଁଙ୍କର ପ୍ରାଣ ରକ୍ଷା କରିଥିଲେ । ସେହିପରି ଭରଡ଼ାଛକ ନିକଟରେ କେତେକ ସ୍ତ୍ରୀଲୋକମାନଙ୍କୁ ପୋଲିସ୍ କର୍ମଚାରୀମାନେ ଉଦ୍ଧାର କରିଥିଲେ । ଗତ ତା ୩-୯-୮୨ ରିଖ ଦିନ ଧଉଳି ଠାରୁ ପ୍ରାୟ ୩୫ ଜଣ ଲୋକଙ୍କୁ ନେଇ ଭରଡ଼ାଛକ ଆଡ଼କୁ ଗୋଟିଏ ଡଙ୍ଗା ଆସୁଥିବା ସମୟରେ ଡଙ୍ଗାଟି ବୁଡ଼ିଯିବାରୁ ସେମାନଙ୍କ ଜୀବନ ବିପନ୍ନ ହୋଇଥିଲା । ଠିକ୍ ସମୟରେ ପୋଲିସ୍ ଯବାନମାନେ ସେଠାରେ ପହଞ୍ଚି ସେମାନଙ୍କୁ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା କରିଥିଲେ । ଏହା କେବଳ କର୍ତ୍ତବ୍ୟ ନିଷ୍ଠାର ପରିଚୟ ନୁହେଁ, ସାହସିକତା ଓ ପରୋପକାରିତାର ଜ୍ୱଳନ୍ତ ଉଦାହରଣ । ଭୁବନେଶ୍ୱରଠାରୁ ୪୦ କି. ମି. ଦୂର ଅଭୟମୁଖୀ ଗ୍ରାମ ନିକଟରେ ଗାଇ ଭାଙ୍ଗି ଶହ ଶହ ଲୋକଙ୍କ ଜୀବନ ବିପନ୍ନ ହୋଇ ଯାଇଥିଲା । ଚତୁଃପାର୍ଶ୍ୱରେ ଜଳାର୍ଣ୍ଣବ ଯୋଗୁ ବାହାରୁ କୌଣସି ସାହାଯ୍ୟ ମିଳିବାର ଆଶା ମଧ୍ୟ ନ ଥିଲା । ସେପ୍ଟେ-ମ୍ବର ୩ ତାରିଖ ଦିନ ଭୁବନେଶ୍ୱର ଏସ୍. ପି. ଓ ଏସ୍. ଡ଼ି. ଓ. ୩ ଜଣ ଇନ୍ସପେକ୍ଟର, ୫ ଜଣ ଏ. ପି. ଆର. ଯବାନ ଓ ସେନାବାହିନୀର କେତେକ ଯବାନ ୨ଟି ସେନାବାହିନୀର ବୋଟ୍‌ରେ ସେହି ଗ୍ରାମରେ ପହଞ୍ଚି ଖାଦ୍ୟ ବିତରଣ କରିଥିଲେ ଓ ସେମାନଙ୍କୁ ନିରାପଦ ସ୍ଥାନକୁ ନେଇ ଯାଇଥିଲେ ।

## ପୁରୀ ଜିଲ୍ଲା

ପୁରୀ ଜିଲ୍ଲା ସଦର ଥାନାର ପୋଲିସ୍ କର୍ମଚାରୀ-ମାନେ ପାତ୍ରପଡ଼ା, ନୂଆଗାଁ, ଦହଳିବାଡ଼ି, ଭାଙ୍ଗରା ପ୍ରଭୃତି ଗ୍ରାମର ପ୍ରାୟ ୧୫୦ ଜଣ ଲୋକଙ୍କୁ ବନ୍ୟା ଘେରରୁ ଉଦ୍ଧାର କରିଥିଲେ । ଗୋପ ଥାନା ଦୟା-ନଦୀର ବନ୍ୟା ଯୋଗୁ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଥିଲା । ଲୋକମାନଙ୍କୁ ଉଦ୍ଧାର କରିବା ପାଇଁ ଜିଲ୍ଲା ପୋଲିସ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବହୁ ସଂଖ୍ୟକ ଏ. ପି. ଆର. ଓ ଓଡ଼ିଶା ସଶସ୍ତ୍ରବାହିନୀ ଯବାନମାନଙ୍କୁ ମୁତୟନ କରାଯାଇଥିଲା । ସେମାନେ ନଳିଗଡ଼, ଡିଗିରିଆ, ବିଧାଣ, ଘରଟିଆ, ବଳଭଦ୍ରପୁର, ବସନ୍ତପୁର ପ୍ରଭୃତି ଗ୍ରାମମାନଙ୍କରୁ ୩୮୬ ଜଣ ଲୋକଙ୍କୁ ଉଦ୍ଧାର କରି ନିରାପଦ ସ୍ଥାନକୁ ନେଇ ଯାଇଥିଲେ । ବାଘମାରୀ ଗ୍ରାମର ୮ ଜଣ ଲୋକଙ୍କୁ ଖୋର୍ଦ୍ଧା ପୋଲିସ୍ ଇନ୍ସପେକ୍ଟର, ଭାରପ୍ରାପ୍ତ ଅଫିସର, ଗୃହରକ୍ଷୀ ବାହିନୀ ଓ ଅଗ୍ନିଶମ ସେବାଦଳ ସହାୟତାରେ ଉଦ୍ଧାର କରିଥିଲେ । ସେମାନେ ମଧ୍ୟ ବସନ୍ତପୁର ଓ ବଡ଼ଲେଉଟାଙ୍ଗୀ ଗ୍ରାମର ପ୍ରାୟ ୮୦ ଜଣ ଲୋକଙ୍କୁ ପାଣି ଘେର ମଧ୍ୟରୁ ଉଦ୍ଧାର କରି ନିରାପଦ ସ୍ଥାନକୁ ନେଇ ଯାଇଥିଲେ । କଣ୍ଡିଲୋ ଆଉଟପୋଷ୍ଟ୍‌ର ଏ. ଏସ୍. ଆଇ. ଓ ତାଙ୍କର ସହକର୍ମୀମାନେ ଗୋଟିଏ ନାବିକ ସାହାଯ୍ୟରେ ପ୍ରାୟ ୩୫୧ ଜଣ ଲୋକଙ୍କୁ ନିରାପଦ ସ୍ଥାନକୁ ନେଇ ଆସିଥିଲେ । ରଣିଆ ଥାନାର ଓଳିପୁର, ବେଲପାଡ଼ା ଓ ଗାଉଡପଡ଼ା ଗ୍ରାମର ୮୦ ଜଣ ଲୋକ ବନ୍ୟା ଘେରରେ ପଡ଼ିଥିବା ବେଳେ ସ୍ଥାନୀୟ ପୋଲିସ୍ କର୍ମଚାରୀମାନେ ସେମାନଙ୍କ ଜୀବନ ରକ୍ଷା କରିଥିଲେ ।

## କଟକ ଜିଲ୍ଲା

ଅଗଷ୍ଟ ୩୦ ତାରିଖ ସକାଳୁ ପୋଲିସ୍ ତରଫରୁ ବିଡ଼ାନାସୀ ଓ ସହରର ତଳିଆ ଅଞ୍ଚଳରେ ବାସ କରୁଥିବା ଲୋକମାନଙ୍କୁ ନିରାପଦ ସ୍ଥାନକୁ ଚାଲିଯିବା ପାଇଁ ସତର୍କ କରାଇ ଦିଆଯାଇଥିଲା । କେନ୍ଦ୍ରାଞ୍ଚଳ ଡି. ଆଇ. ଜି. ଓ ଏସ୍. ପି. ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାଠଯୋଡ଼ି ଓ ମହାନଦୀ ବନ୍ଧର ନିରାପତ୍ତା ବ୍ୟବସ୍ଥା କରା ଯାଇଥିଲା । ଏହି କାର୍ଯ୍ୟରେ ଓଡ଼ିଶାର ସ୍ୱତନ୍ତ୍ର ସଶସ୍ତ୍ର ବାହିନୀର ଗୋଟି ପ୍ଲାଟୁନ୍, ଦୁଇ ପ୍ଲାଟୁନ୍ ଏ. ପି. ଆର., ବହୁ ସଂଖ୍ୟାରେ ଥାନା-ଫାଣ୍ଡି କନେଷ୍ଟବଳ ଏବଂ ୧୦୦ ଜଣ ଗୃହରକ୍ଷୀଙ୍କୁ ମୁତୟନ କରା ଯାଇଥିଲା । ତା ୩୦ରିଖ ଦିନ ସଦର ଥାନାର ପୋଲିସ୍ କର୍ମଚାରୀମାନେ ମୁକାମେଶ୍ୱର ଗ୍ରାମର ୫୦ ଜଣ ଲୋକଙ୍କୁ ନିରାପଦ ସ୍ଥାନକୁ ନେଇ ଯାଇଥିଲେ । କେନ୍ଦ୍ରାଞ୍ଚଳ ଡି. ଆଇ. ଜି. ଏବଂ କଟକ ସଦର ଏସ୍. ପି. ରାଣପୁର ଓ ମଙ୍ଗଳାପନଗରୀ ଅଞ୍ଚଳ ପରିଦର୍ଶନ କରି ଲୋକମାନଙ୍କୁ ନିରାପଦ ସ୍ଥାନକୁ ଚାଲିଯିବା-ପାଇଁ ସତର୍କ କରାଇଥିଲେ । ଏହା ବ୍ୟତୀତ ବାଲିବସ୍ତା ନେଇ ପାଣି ପଶୁଥିବା ସ୍ଥାନମାନଙ୍କରେ ପକାଇବାରେ ଉତ୍ତାନଜଳସେଚନ ବିଭାଗର କର୍ମଚାରୀମାନଙ୍କୁ ପୋଲିସ୍ କର୍ମଚାରୀମାନେ ଯଥା ସମ୍ଭବ ସାହାଯ୍ୟ କରିଥିଲେ । ପୁରୀଘାଟ ଥାନାରେ ଥିବା ପ୍ରାୟ ୧,୫୦୦ ଖାଲି ସିମେଣ୍ଟ ବସ୍ତା ସ୍ଥାନୀୟ ଲୋକମାନଙ୍କୁ ଦିଆଯାଇଥିଲା । ଏହି ବସ୍ତାରେ ବାଲି ଭର୍ତ୍ତି କରି କାଠଯୋଡ଼ି ବନ୍ଧରେ ପକା ଯାଇଥିଲା । ବିଡ଼ାନାସୀ ଗ୍ରାମର ପ୍ରାୟ ୧,୦୦୦ ଲୋକଙ୍କର ରହିବାର ବ୍ୟବସ୍ଥା ଚୁନସାପୁର ପୋଲିସ୍ ଟାଉନ୍‌ରେ ସ୍ଥାନୀୟ ପୋଲିସ୍ କର୍ମଚାରୀମାନଙ୍କ ତରଫରୁ କରାଯାଇଥିଲା । ସାଲେପୁର, ମାହାଙ୍ଗା,

ଗୋବିନ୍ଦପୁର ଓ କିଶନନଗର ଥାନାର ଭାରପ୍ରାପ୍ତ ଅଫିସରମାନେ ଯଥେଷ୍ଟ ସଂଖ୍ୟକ ପୋଲିସ୍ କର୍ମଚାରୀ ଓ ଗୃହରକ୍ଷୀଙ୍କୁ ବନ୍ଧବାଡ଼ ଜଗିବା କାର୍ଯ୍ୟରେ ନିୟୋଜିତ କରିଥିଲେ ।

କଟକ ଗ୍ରାମାଞ୍ଚଳ ପୋଲିସ୍ ଜିଲ୍ଲାର ତିରିଡ଼ିଆ ଥାନାର ଏସ୍.ଆଇ. ଶ୍ରୀ ବିଜୟେନ୍ଦ୍ର ପ୍ରଧାନ ବସ୍ ଏବଂ ଟ୍ରେକର ସାହାଯ୍ୟରେ ପ୍ରାୟ ୫୦୦ ଲୋକଙ୍କୁ ଉଦ୍ଧାର କରି ବିଷ୍ଣୁଶୀମା ସ୍କୁଲ ଗୃହରେ ଆଶ୍ରୟ ଦେଇଥିଲେ । ତାଙ୍କର ଏହି କର୍ମ ତତ୍ପରତା ଓ ନିଷ୍ଠା ପ୍ରଶଂସନୀୟ । କେନ୍ଦ୍ରାପଡ଼ା ଓ ପାଟକୁରା ଥାନାର ଭାରପ୍ରାପ୍ତ ଅଫିସର ଓ ତାଙ୍କର ସହକର୍ମୀମାନେ ଯଥାକ୍ରମେ ୫୦୦ ଓ ୧,୫୦୦ ଲୋକଙ୍କୁ ପାଣି ଘେରରୁ ରକ୍ଷା କରିଥିଲେ । ସେହିପରି ଆଠଗଡ଼, ବାଙ୍କୀ, ବଡ଼ମ୍ବା, ନରସିଂହପୁର, କାନପୁର, ମହିଦେଶ୍ୱର, ତିର୍ତ୍ତୋଲ, କୁଜଙ୍ଗ, ପାରାଦ୍ୱୀପ, ବାଲିକୁଦା, ଏରସମା ପ୍ରଭୃତି ଥାନାର ଭାରପ୍ରାପ୍ତ ଅଫିସର ଓ ତାଙ୍କର ଅଧସ୍ତନ ପୋଲିସ୍ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟରେ ଯଥାସାଧ୍ୟ ସାହାଯ୍ୟ କରିଥିଲେ ।

କଟକ ଜିଲ୍ଲାବାସୀ ୧୯୫୫ ମସିହାରେ ଦେବୀ ନଦୀର ଦନ୍ତେଇଘାଇ ଭାଙ୍ଗିବା ଓ ବହୁ ଧନଜୀବନ ନଷ୍ଟ ହେବା ଘଟଣା ଏପର୍ଯ୍ୟନ୍ତ ଭୁଲିନାହାନ୍ତି । ଏବର୍ଷର ବନ୍ୟା ପ୍ରକୋପ ଦେଖି ଲୋକମାନଙ୍କର ଆଶଙ୍କା ଥିଲା–ବାରେ ଦନ୍ତେଇଘାଇ ଭାଙ୍ଗିଯିବ, ପୁଣି ସେମାନେ ସର୍ବସ୍ୱାନ୍ତ ହୋଇଯିବେ । ଆଶଙ୍କା ଆଶଙ୍କାରେ ରହିଲା ନାହିଁ । ନିରାଟ ବାସ୍ତବତାରେ ପରିଣତ ହୋଇ ଅଗଷ୍ଟ ୩୧ ତାରିଖ ଦିନ ଘ ୧୨ । ୩୫ ମିନିଟ୍ ସମୟରେ । ଦନ୍ତେଇଘାଇ ଭାଙ୍ଗିବା ପୂର୍ବରୁ ପଶ୍ଚିମବଙ୍ଗ ଏମର୍ଜେନ୍‌ସି ଫୋର୍ସର ଯବାନମାନଙ୍କ ସହ ଓଡ଼ିଶାର ସ୍ୱତନ୍ତ୍ର ସଶସ୍ତ୍ର ପୋଲିସ୍ ବାହିନୀର ୬୬୦ ଜଣ ଯବାନ ଜଣେ ସହକାରୀ ଦୁର୍ଗପତିଙ୍କ ତତ୍ତ୍ୱାବଧାନରେ ୨୦ଟି ବୋଟ ନେଇ ଜଗତସିଂହପୁରରେ ପହଞ୍ଚି ଯାଇଥିଲେ । ପରେ ଏହିପରି ଆଉ କେତୋଟି ଉଦ୍ଧାରକାରୀ ଦଳ କେନ୍ଦ୍ରାପଡ଼ା, ବଡ଼ଚଣା, ରଘୁନାଥପୁର, ଦନ୍ତେଇଘାଇ, ଓଲଟପୁର ଓ କଟକ ସଦର ଅଞ୍ଚଳକୁ ବୋଟ ନେଇ ଉଦ୍ଧାର କାର୍ଯ୍ୟ କରିବାକୁ ଯାଇଥିଲେ । ଏହି ଦଳରେ ବାଲେଶ୍ୱର ଜିଲ୍ଲାରୁ ଆସିଥିବା ଉଦ୍ଧାର କାର୍ଯ୍ୟରେ ବିଶେଷ ତାଲିମପ୍ରାପ୍ତ ୪୦ ଜଣ ଗୃହରକ୍ଷୀଙ୍କୁ ମଧ୍ୟ ସାମିଲ୍ କରାଯାଇଥିଲା । ୬ଷ୍ଠ ବାଟାଲିୟନ ସଦର କାର୍ଯ୍ୟାଳୟରେ ରକ୍ଷିତ ଥିବା ଜୀବନରକ୍ଷାକାରୀ 'ଜାକେଟ୍' ରସି ଓ ଅନ୍ୟାନ୍ୟ ଉପକରଣ ଉଦ୍ଧାରକାରୀ ଦଳମାନଙ୍କୁ ଦିଆଯାଇଥିଲା । ଏହି ଦଳ ଗୁଡ଼ିକ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ବନ୍ୟାକବଳରୁ ଉଦ୍ଧାର କରି ଚରମ କର୍ତ୍ତବ୍ୟ ନିଷ୍ଠାର ପରିଚୟ ଦେଇଛନ୍ତି । ଏହି କାର୍ଯ୍ୟରେ ସେମାନେ ୫୦ଟି ବୋଟ୍ ବ୍ୟବହାର କରିଥିଲେ । ଅଗଣିତ ନିଃସହାୟ ନରନାରୀ ଓ ଶିଶୁମାନଙ୍କର କରୁଣ ଚିତ୍କାର– ଦିଗ୍‌ବଳୟ ବ୍ୟାପୀ ବନ୍ୟାଜଳ–ମନରେ ଭୟ ଓ ଆଶଙ୍କା– ପେଟରେ ଶୋକ । ନିଜ ଜୀବନକୁ ବିପନ୍ନକରି ଏହି ନିଃସହାୟ ନରନାରୀ ଓ ଶିଶୁମାନଙ୍କୁ ମୃତ୍ୟୁ ମୁଖରୁ ରକ୍ଷା କରିବାରେ ପଶ୍ଚିମବଙ୍ଗ ଏମରଜେନସି ଫୋର୍ସ ଓ ଓଡ଼ିଶା ପୋଲିସର ଅବଦାନ ଭୁଲି ହେବ ନାହିଁ ।

ଅଗଷ୍ଟ ୩୧, ପ୍ରାୟ ଦିନ ୧୧ଟା ବେଳକୁ ରାଜ୍ୟ ସଦର ମହକୁମାରେ ଖବର ଆସିଲା–ସଦର ଥାନାର ପତାପ-



ପୋଲିସ ପରିବାର କଲ୍ୟାଣ ସଂଘ ତରଫରୁ ଗୋବିନ୍ଦପୁର ଅଞ୍ଚଳରେ ଖାଦ୍ୟବଣ୍ଟନ

ଦେବୀ ନଦୀର ସେଇ ଐତିହାସିକ ଦନ୍ତେଇଘାଇ ଭାଙ୍ଗି ଜଗତସିଂହପୁର ଓ କଟକ ସଦର ସବ୍‌ଡିଭିଜନର ଲୋକମାନଙ୍କୁ ସର୍ବସ୍ୱାନ୍ତ କରିଦେଲା । ନଗରୀ ଅଞ୍ଚଳରେ ବ୍ୟାପକ ବନ୍ୟା ଯୋଗୁ ଶହ ଶହ ନରନାରୀ ଜଳ ଘେର ମଧ୍ୟରେ ଉଦ୍ଧାର ପାଇଁ କରୁଣ ନୟନରେ ଅନାଇ ବସିଛନ୍ତି । ଅଧିକ ବିଳମ୍ବ ହୁଏତ

ସେମାନଙ୍କୁ ମୃତ୍ୟୁ ମୁଖକୁ ଟାଣି ନେଇପାରେ । ଏହି ଖବର ପାଇବା ମାତ୍ରେ ୬ଷ୍ଠ ବାଟାଲିୟନର ଦୁର୍ଗପତିଙ୍କୁ ଏ ବିଷୟରେ ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ନିର୍ଦ୍ଦେଶ ଦିଆଗଲା ! କିଛିକ୍ଷଣ ଭିତରେ ଉପଦୁର୍ଗପତି ଶ୍ରୀ ବିଭୁପଦ ପଟ୍ଟନାୟକ ଏକ ପ୍ଲାଟୁନ୍ ଯବାନଙ୍କୁ ନେଇ ସେହି ନିଃସହାୟ ନରନାରୀଙ୍କୁ ଉଦ୍ଧାର କରିବା ପାଇଁ ଆଗେଇ ଗଲେ । ସେମାନଙ୍କ ସାଙ୍ଗରେ ଥିଲା ନାଇଲନ୍ ଦଉଡ଼ି, ଜୀବନ ରକ୍ଷାକାରୀ ଜାକେଟ୍ ଓ ଅନ୍ୟାନ୍ୟ ଉପକରଣ । ପ୍ରତାପନଗରୀ ନିକଟରେ ପହଞ୍ଚି ଦେଖନ୍ତି, ଜାତୀୟ ରାଜପଥରେ ୫୦୦ ଫୁଟର ଏକ ବିରାଟ ଘାଇ, ସତେ ଯେପରି କୁଆଖାଇର ଆଉ ଗୋଟିଏ ଶାଖା, ଜଳର ପ୍ରଖର ସ୍ରୋତ ଭିତରେ ହାତୀ ବି ଯିବା ସମ୍ଭବ ନୁହେଁ, ମଣିଷ କଥା ଛାଡ଼ନ୍ତୁ । ପୋଲିସ୍ ଯବାନମାନଙ୍କର ନିରାଶ୍ରୟ ଲୋକମାନଙ୍କୁ ଉଦ୍ଧାର କରିବା ପାଇଁ ପ୍ରବଳ ଇଚ୍ଛା ଥିଲେ ବି ପ୍ରକୃତି ଆଗରେ ସେମାନେ ସେଦିନ ପାଇଁ ହାର ମାନିଲେ । ନିକଟରେ ଭାଣପୁର ଗ୍ରାମର ଶହ ଶହ ଗ୍ରାମବାସୀ ପାଣିଘେର ଭିତରେ କରୁଣ କ୍ରନ୍ଦନ କରୁଥାନ୍ତି । ଏହି ଉଦ୍ଧାରକାରୀ ଦଳ ଦଉଡ଼ି ସାହାଯ୍ୟରେ ଗୋଟିଏ ବରଗଛ ଓ ନଡ଼ିଆ ଗଛକୁ ସଂଯୋଗ କରି କୌଣସିମତେ ସେମାନଙ୍କ ନିକଟରେ ପହଞ୍ଚିଲେ । ନିଜ ନିଜ ପିଠିରେ ପ୍ରତ୍ୟେକ ଗ୍ରାମବାସୀମାନଙ୍କୁ ପାଣିଘେର ମଧ୍ୟରୁ ଉଦ୍ଧାର କଲେ । ଶ୍ରୀ ପଟ୍ଟନାୟକ ତାଙ୍କ ଅନୁଭୂତିରୁ କହନ୍ତି– ସ୍ୱାସ୍ଥ୍ୟବାନ ଯୁବକମାନେ ମଧ୍ୟ ବନ୍ୟାର ପ୍ରଳୟଙ୍କରୀ ରୂପ ଦେଖି ଆତଙ୍କିତ ହେଉଥିଲେ । ସେମାନଙ୍କ ମଧ୍ୟରୁ କେତେକ ଉଦ୍ଧାର ପାଇଲାପରେ ଜାତୀୟ ରାଜପଥରେ ଅଚେତ ହୋଇ ପଡ଼ିଥିଲେ । ଏଠାରେ ଉଲ୍ଲେଖ କରାଯାଇପାରେ, ଏହି ଉଦ୍ଧାର କାର୍ଯ୍ୟର ମାତ୍ର ୨ ଘଣ୍ଟା ପୂର୍ବରୁ ଜଣେ ନାରୀ ସନ୍ତାନ ପ୍ରସବ କରିଥାନ୍ତି । ଏହି ଛୁଆଟି ଓ ତା'ର ମା' ପୋଲିସ୍ ଯବାନଙ୍କ ଦ୍ୱାରା ଉଦ୍ଧାର ପାଇଥିଲେ । ପାଣିର ଗଭୀରତା ଏତେ ଥିଲା ଯେ, ପୋଲିସ୍ ସାହାଯ୍ୟ ବିନା ହୁଏତ ବହୁ ଗ୍ରାମବାସୀ ବନ୍ୟା ଜଳରେ ବୁଡ଼ି ମରିଥାନ୍ତେ । ଏହି ଗ୍ରାମର ପ୍ରାୟ ୨୦୦ ଗଜ ଦୂରରେ ଆଉ ଗୋଟିଏ କୋଠା ଘର ଉପରେ ବହୁ ଲୋକ ଆଶ୍ରୟ ନେଇଥାନ୍ତି । ପୋଲିସ୍ ଉଦ୍ଧାରକାରୀ ଦଳ ସେମାନଙ୍କୁ ଏପରି ବିପଦଜନକ ଅବସ୍ଥାରେ ଛାଡ଼ି, ବାଟାଲିୟନକୁ ଫେରି ଆସିବାକୁ ଚାହିଁଲେ ନାହିଁ । କେତେକ ଯବାନ ପାଣି ଭିତରେ ପହଁରି ଦଉଡ଼ି ସାହାଯ୍ୟରେ ଓ ନିଜ ପିଠି ଉପରେ ନିଃସହାୟ ନରନାରୀ ଓ ଶିଶୁମାନଙ୍କୁ ଉଦ୍ଧାର କରି ଜାତୀୟ ରାଜପଥରେ ଛାଡ଼ିଥିଲେ । କେବଳ ଲୋକଙ୍କୁ ଉଦ୍ଧାର କରିଥିଲେ ତା' ନୁହେଁ, ଗ୍ରାମର ଗୃହପାଳିତ ପଶୁମାନଙ୍କୁ ଯେତେଦୂର ସମ୍ଭବ ସେମାନେ ନିରାପଦ ସ୍ଥାନକୁ ନେଇ ଆସିଥିଲେ ।

ସେପ୍ଟେମ୍ବର ୧ ତାରିଖ । ସକାଳେ ଖବର ଆସିଲା–ଓଲଟପୁରଠାରେ ଅବସ୍ଥିତ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଉତ୍ପାଦନ କେନ୍ଦ୍ର ତଥା ଡାକ୍ତରଖାନା (ALIMCO) ର ପ୍ରାୟ ୨୦୦ ଜଣ ଡାକ୍ତର, କର୍ମଚାରୀ ଓ ରୋଗୀ ପାଣି ଘେର ଭିତରେ ଲୋକ ଉପାସରେ ଉଦ୍ଧାର ନିମିତ୍ତ ଅପେକ୍ଷା କରି ରହିଛନ୍ତି । ଏକ ତାରିଖ ସୁଦ୍ଧା ଫୁଲନଖରା ଭିତରେ ଥିବା ସଡ଼କ ରାସ୍ତା ଭୁବନେଶ୍ୱରସ୍ଥାନରେ ଘାଇ ହେତୁ ପୁରାପୁରି ବନ୍ଦ ରହିଥିଲା । ଅନ୍ୟ ଦିଗରେ କଟକ ଓ ଫୁଲନଖରା ଭିତରେ ପ୍ରତାପନଗରୀ ନିକଟରେ ଜାତୀୟ ରାଜପଥରେ ଦୁଇଟି ଘାଇ ହେତୁ କୌଣସି ଦିଗରୁ ଉଦ୍ଧାରକାରୀ ଦଳ ପଠାଇବା ସମ୍ଭବ ନଥିଲା । କିନ୍ତୁ ସେହି ନିରାଶ୍ରୟ ରୋଗୀ ଓ କର୍ମଚାରୀଙ୍କର କରୁଣ କ୍ରନ୍ଦନ ସମସ୍ତଙ୍କ ମନ ଅସ୍ଥିର କରୁଥିଲା । କୌଣସି ମତେ ସେମାନଙ୍କୁ ରକ୍ଷା କରିବାକୁ ପଡ଼ିବ । ପୋଲିସ ଡାଇରେକ୍ଟର ଜେନେରାଲ ନିଜେ ୬ଷ୍ଠ ବାଟାଲିଅନର ଦୁର୍ଗପତି ଶ୍ରୀ ବିଶ୍ୱରଞ୍ଜନ ଦାସ, ଏମରଜେନ୍‌ସି ଫୋର୍ସର କର୍ମଚାରୀ ଓ ତାଙ୍କର ୨ଟି ବୋଟ୍ ନେଇ ଓଲଟପୁର ଦିଗରେ ବାହାରିଲେ । ପ୍ରତାପନଗରୀ ନିକଟରେ ଜାତୀୟ ରାଜପଥରେ ଯେଉଁ ଦୁଇଟି ଘାଇ ହୋଇଥିଲା ସେଠାରେ ଜଳର ଗତି ଅତି ପ୍ରଖର ଥିଲା । ଷଷ୍ଠ ବାଟାଲିଅନର ଯବାନ ଓ ପଶ୍ଚିମବଙ୍ଗ ଏମରଜେନ୍‌ସି ଫୋର୍ସର ଯବାନମାନେ ଯେତେ ଚେଷ୍ଟା କଲେବି ସେ ସ୍ରୋତକୁ ଅତିକ୍ରମକରି ଆଗକୁ ଯିବା ସମ୍ଭବ ହେଲନାହିଁ । ସମସ୍ତଙ୍କ ମନରେ ବିଷାଦର ଛାୟା ଖେଳିଗଲା, କିନ୍ତୁ ଉପାୟ କ'ଣ? ଉଦ୍ଧାରକାରୀ ଦଳ ନିକଟବର୍ତ୍ତୀ ଭାଣପୁର ଗ୍ରାମାଞ୍ଚଳରୁ ପ୍ରାୟ ୩୦ ଜଣ ନିଃସହାୟ ନରନାରୀ ଓ ଶିଶୁଙ୍କୁ ଉଦ୍ଧାର କରି ଜାତୀୟ ରାଜପଥକୁ ନେଇ ଆସିଥିଲେ । ଭୁବନେଶ୍ୱର ଏସ୍.ପି. ଙ୍କୁ ନିର୍ଦ୍ଦେଶ ଦିଆଗଲା ଯେ ତାଙ୍କ ଦଳ ଓଲଟପୁରରେ ପହଞ୍ଚିବା ପାଇଁ ଚେଷ୍ଟା କରନ୍ତୁ । କିନ୍ତୁ ତାଙ୍କ ଆଗରେ ମଧ୍ୟ ସେହିପରି ପ୍ରତିବନ୍ଧକ ଥିଲା । ଓଲଟପୁରର ସେହି ବିପନ୍ନ ରୋଗୀମାନଙ୍କ କ୍ରନ୍ଦନ ଭଗବାନଙ୍କ କାନରେ ବୋଧହୁଏ ପଡୁନଥିଲା । ହେଲିକପ୍ଟରରେ ଯାଇ ସେମାନଙ୍କୁ ରକ୍ଷାକରିବା ମଧ୍ୟ ସମ୍ଭବ ହୋଇ ନଥିଲା । କେଉଁଠାରେ ବା ହେଲିକପ୍ଟର ଅବତରଣ କରିବ ? ସମୁଦ୍ର ଭିତରେ ଟାପୁ ଭଳି ଓଲଟପୁର ଡାକ୍ତରଖାନା ବାହାର ଦୁନିଆରୁ ସଂପୂର୍ଣ୍ଣରୂପେ ବିଚ୍ଛିନ୍ନ ଥିଲା । ଏକ ତାରିଖ ଦିନ ଆମ୍ଭମାନଙ୍କ ଉଦ୍ୟମ ବିଫଳ ହେଲାପରେ, ୨ ତାରିଖ ଦିନ ପ୍ରାତଃକାଳରୁ ପୁଣି ଏକ ଅଭିଯାନ ଆରମ୍ଭ କରିବା ପାଇଁ ଯୋଜନା କରାଗଲା । ବନ୍ୟା ସ୍ରୋତରେ ସାମାନ୍ୟ ଶିଥିଳତା ଆସିଥାଏ । ଏହା ପୋଲିସ ଅଭିଯାନକାରୀଙ୍କ ମନରେ ଟିକିଏ ଆଶା ସଞ୍ଚାର କରିଥିଲା । ଦୁଇ ତାରିଖ ଦିନ ସକାଳୁ ଦୁର୍ଗପତି ଶ୍ରୀ ବିଶ୍ୱରଞ୍ଜନ ଦାସ, ସହକାରୀ ଦୁର୍ଗପତି ଶ୍ରୀ ବାଦଲ ବିହାରୀ ସ୍ୱାଇଁ, ଶ୍ରୀ ବିମଳ କିଶୋର ମହାନ୍ତି ଓ ସୁବେଦାର ଶ୍ରୀ ଖାଜା କମରୁଦ୍ଦିନ ପଶ୍ଚିମବଙ୍ଗ ଏମରଜେନ୍‌ସି ଫୋର୍ସର ଶ୍ରୀ ପୁଲକ ସିହ୍ନା ଓ ତାଙ୍କ ସହକର୍ମୀମାନଙ୍କୁ ନେଇ ୨ଟି ଯନ୍ତ୍ରଚାଳିତ ବୋଟ ଧରି ଓଲଟପୁର ଅଭିମୁଖେ ଆଗେଇ ଚାଲିଲେ । କୌଣସି-ମତେ ଶ୍ରୀ ବାଦଲ ସ୍ୱାଇଁ, ଶ୍ରୀ ବିମଳ ମହାନ୍ତି, ଶ୍ରୀ ଖାଜା କମରୁଦ୍ଦିନ ଓ ପଶ୍ଚିମବଙ୍ଗ ଏମରଜେନ୍‌ସି ଫୋର୍ସର ଶ୍ରୀ ପୁଲକ ସିହ୍ନା ପ୍ରତାପ ନଗରୀଠାରେ ହୋଇଥିବା

ପାଣିରୁ ବୋଟ ସାହାଯ୍ୟରେ ବହୁ କଷ୍ଟରେ ଅତିକ୍ରମ କଲେ । କୁଆଖାଇ ନଦୀର ପ୍ରଖର ସ୍ରୋତ ମଧ୍ୟରେ ବୋଟ ଚଳାଇ ସେମାନେ ପୁରୀ-କାକଟପୁର କେନାଲ ପାଖେ ସାହସର ସହିତ ଆଗେଇ ଚାଲିଲେ । ଗୋଟିଏ ବୋଟର ଇଂଜିନଟି ଖରାପ ହୋଇଯିବାରୁ ଅନ୍ୟ ବୋଟରେ ଉପରୋକ୍ତ ଚାରିଜଣ ଅଫିସର କୌଣସି ମତେ ପୁରୀ କାକଟପୁର କେନାଲ ଭିତରେ ପ୍ରବେଶ କଲେ । ଏହି କେନାଲର ବିଭିନ୍ନ ଟନେଲ ଦେଇ ସେମାନେ ବହୁ ସମୟ ପରେ କୁଶଭଦ୍ରା ନଦୀର କେନାଲ ଲକ୍ ନିକଟରେ ପହଞ୍ଚିଲେ । ବୋଟଟିକୁ ପାଣିରୁ ଉଠାଇ ପୁଣି କୁଶଭଦ୍ରା ନଦୀରେ ପକାଇଲେ । ନଦୀରେ ସେତେବେଳେ ପ୍ରବଳ ବନ୍ୟା ଥାଏ । ଦେଖିଲେ ଯେକୌଣସି ଲୋକକୁ ଭୟ ଲାଗିବ । ଯାହାହେଉ ସେମାନେ ୮ କିଲୋମିଟର ଉଜାଣ ପରେ ଏକ ବିରାଟ ଘାଇ ଦେଇ ପ୍ରାଚୀ ନଦୀ ଆଡକୁ ଗତି କଲେ । ଧାନ ଜମି, ରାସ୍ତା, କେନାଲ ଦେଇ କୌଣସି ମତେ ଓଳଟପୁର ଡାକ୍ତରଖାନା ଠାରେ ପହଞ୍ଚିଲେ । ସେମାନଙ୍କୁ ଦେଖି ନିଃସହାୟ ଡାକ୍ତର, କର୍ମଚାରୀ ଓ ରୋଗୀମାନଙ୍କ ମନରେ ଅପୂର୍ବ ଆନନ୍ଦ ଦେଖା ଯାଇଥିଲା । ସତେ ଯେପରି ଭଗବାନ ସେମାନଙ୍କ କ୍ରନ୍ଦନ ଶୁଣିଲେ ଓ ସେମାନଙ୍କୁ ରକ୍ଷା କରିବା ନିମିତ୍ତ ଏହି ଉଦ୍ଧାରକାରୀ ଦଳକୁ ପଠାଇଲେ । ସେତେବେଳକୁ ଡାକ୍ତରଖାନାରେ ୧୦ ଫୁଟ ପାଣି ଥିଲା । ଉପରେ କେବଳ ଆସବେଷ୍ଟସ୍ ଛାତ ଦେଖାଯାଉଥିଲା । ୫୦ଜଣ ରୋଗୀ, ଡାକ୍ତର ଓ କର୍ମଚାରୀଙ୍କୁ ବୋଟ ସାହାଯ୍ୟରେ ଉଦ୍ଧାର କରାଯାଇ ୫ କି: ମି: ଦୂରସ୍ଥ ସୁନ୍ଦର ଗାଁ ଉଚ୍ଚ ବିଦ୍ୟାଳୟରେ ରଖାଗଲା । ଉଦ୍ଧାରକାରୀ ଦଳ ସଙ୍ଗରେ ନେଇଥିବା ଖାଦ୍ୟ ଓ ପାନୀୟ ଦେଇ ସେମାନଙ୍କର ଶୁଶ୍ରୂଷା କରିଥିଲେ । ଓଳଟପୁର ଡାକ୍ତରଖାନାର ନିର୍ଦ୍ଦେଶକ ମେଜର ଜେନେରାଲ ଶ୍ରୀ ଭାଲ୍ଲା ଏହି ଉଦ୍ଧାରକାରୀ ଦଳକୁ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ କୃତଜ୍ଞତା ଜଣାଇ ଥିଲେ ।

ସହକାରୀ ଦୁର୍ଗପତି ଶ୍ରୀ ବି. ଏସ୍. ଆଚାର୍ଯ୍ୟ ଗୋଟିଏ ଉଦ୍ଧାରକାରୀ ଦଳ ନେଇ ଜଗତସିଂହପୁର ଯାଇଥିଲେ । ସେ ଜଗତସିଂହପୁରରୁ ୨ଟି ଡଙ୍ଗା ନେଇ ୩୧ ତାରିଖ ସନ୍ଧ୍ୟାରେ ଆଳିପିଙ୍ଗଳ ଗ୍ରାମକୁ ଗଲେ । ଚତୁର୍ଦ୍ଦିଗରେ ପ୍ରକୃତିର ତାଣ୍ଡବଲୀଳା । ଯେଉଁଆଡେ ଚାହିଁଲେ ସମୁଦ୍ର ଭଳି ଦେଖାଯାଉଥାଏ । ଶହ ଶହ ଗ୍ରାମବାସୀ ପ୍ରାଣ ବିକଳରେ ଉଚ୍ଚ ସ୍ଥାନ ଓ ବୃକ୍ଷ ଉପରେ ଆଶ୍ରୟ ନେଇଥାନ୍ତି । ଶ୍ରୀ ଆଚାର୍ଯ୍ୟ କୁହନ୍ତି, ଦୁଇଟି ପିଲା ନିଜର ଜୀବନ ରକ୍ଷା ପାଇଁ ଗୋଟିଏ ଗଛ ଉପରେ ଚଢି ଯାଇ ଅସହାୟ ଅବସ୍ଥାରେ କରୁଣ କ୍ରନ୍ଦନ କରୁଥାନ୍ତି । ବାପା ମା, ବନ୍ଧୁ ବାନ୍ଧବ ସମସ୍ତେ ସମଦଶାପନ୍ନ । କିଏ ବା କାହାକୁ ରକ୍ଷା କରିବ । କିନ୍ତୁ ପୋଲିସ ଉଦ୍ଧାରକାରୀ ଦଳ ବୋଟ ସାହାଯ୍ୟରେ ସେମାନଙ୍କୁ ନିରାପଦ ସ୍ଥାନକୁ ନେଇ ଆସିଥିଲେ । ଉକ୍ତ ଗ୍ରାମରେ ଦୁଇଟି ଅଳ୍ପ ବୟସ ପିଲା ଭାସିଯାଉଥିବାର ଏହି ଉଦ୍ଧାରକାରୀ ଦଳ ଦେଖିଲେ । ବନ୍ୟା ଜଳ ଗଭୀରତା ଉଦ୍ଧାରକାରୀ ଦଳଙ୍କ ଆଗରେ ପ୍ରତିବନ୍ଧକ ନଥିଲା । କିନ୍ତୁ ପ୍ରବଳ ସ୍ରୋତ ଆଗରେ ସେମାନେ କରିବେ ବା କ'ଣ? ମାନବିକତା ଓ କର୍ତ୍ତବ୍ୟ ବୋଧର ଆହ୍ୱାନରେ ସେହି ଦୁଇଟି ପିଲାଙ୍କୁ ଉଦ୍ଧାର କରିବା ପାଇଁ ଯଥାସାଧ୍ୟ ଚେଷ୍ଟା କଲେ । ସେତେବେଳକୁ ବହୁତ ରାତି ହୋଇଯାଇଥାଏ, ମୁହଁକୁ ମୁହଁ ଦିଶୁନଥାଏ । ଗୋଟିଏ ପିଲାକୁ ରକ୍ଷା କଲେ । ଅନ୍ୟ ପିଲାଟି କୁଆଡେ ଗଲା ତା'ର ପତ୍ତା ମିଳିଲାନାହିଁ । ଦୁଇ ତାରିଖ ଦିନ ସନ୍ଧ୍ୟାରେ ଆଉ ଗୋଟିଏ ଘଟଣା । ନାଉବର ଗ୍ରାମରେ ଏହି ଉଦ୍ଧାରକାରୀ ଦଳ କାର୍ଯ୍ୟରତ । ରୋକ ଉପାସରେ ଯନ୍ତ୍ରଣା ସତ୍ତ୍ୱେ ବି ସମସ୍ତ ଜବାନଙ୍କ ମନରେ ଦୁଃସ୍ଥ, ନିସ୍ସହାୟ ଜନସାଧାରଣଙ୍କୁ ସାହାଯ୍ୟ କରିବା ପାଇଁ ପ୍ରବଳ ଉଦ୍ଦୀପନା ଓ ଆଗ୍ରହ । ପୂରାପୂରି ଅନ୍ଧାର ହୋଇନି, ଦୂରରେ ପାଣି ଘେର ଭିତରେ ଗୋଟିଏ ବିଲ୍ଡିଂ ଖଣ୍ଡ ଉପରେ ୨ଟି ଲୋକ ପ୍ରାଣ ରକ୍ଷା ପାଇଁ ଚଢି ଯାଇଥିବାର ଦେଖାଗଲା । ସଙ୍ଗେ ସଙ୍ଗେ ଏମାନେ ଗୋଟିଏ ବୋଟ ନେଇ ସେହି ଖଣ୍ଡ ପାଖରେ ପହଞ୍ଚିଲେ । ଗୋଟିଏ ଲୋକ ଖଣ୍ଡରୁ ଓହ୍ଲାଇ ଆସି ଭୀଷଣ କାନ୍ଦିବାକୁ ଆରମ୍ଭ କଲା ଏବଂ କହିଲା, ଖଣ୍ଡ ଉପରେ ଥିବା ଅନ୍ୟ ଲୋକଟି ମରି ଯାଇଛି । ଯାହା ହେଉ ଉଦ୍ଧାରକାରୀ ଦଳ ବଞ୍ଚିଥିବା ଲୋକଟିକୁ ନିରାପଦ ସ୍ଥାନକୁ ନେଇ ଆସିଲେ ଓ ପରେ ମୃତ ଦେହଟିକୁ ଆଣିବାକୁ ଯିବାବେଳକୁ ପବନ ଦ୍ୱାରା ତାରଗୁଡିକ ପାଣିରେ ପଡିଗଲା ଓ ଶବଟି ବନ୍ୟା ସ୍ରୋତରେ ଭାସିଗଲା । ଏହି ଦଳ ୩ ତାରିଖ ଦିନ ସକାଳେ ସେମାନଙ୍କ ବୋଟ ନେଇ ଉଜ୍ଜଳପୁରରେ ପହଞ୍ଚିଲେ । ଜଣେ ବୃଦ୍ଧା କରୁଣ ଚିତ୍କାର କରି କହିଲେ– ତାଙ୍କର ୧୪ ବର୍ଷର ପୁଅ କୁଆଡେ ଭାସି ଯାଇଛି । ତାକୁ କୌଣସି ମତେ ରକ୍ଷା କରିବାକୁ ସେ ବାରମ୍ବାର ଅନୁରୋଧ କଲେ । ଏମାନେ ବହୁତ ଚେଷ୍ଟା କଲେ କିନ୍ତୁ ସେ ପିଲାଟିର କୌଣସି ପତ୍ତା ମିଳିଲାନାହିଁ । ଏହି ଗ୍ରାମର ୧,୫୬୫ ବ୍ୟକ୍ତିଙ୍କୁ ପାଣି ଘେରରୁ ଉଦ୍ଧାର କରାଯାଇଥିଲା । ବନ୍ୟା ଘେରରେ ଥିବା ବହୁ ଲୋକ ମିନତି ସତ୍ତ୍ୱେ ବି ନିଜ ନିଜ ଘରଦ୍ୱାରର ମମତା ଛାଡି ଆସିବା ପାଇଁ ରାଜି ହେଲେ ନାହିଁ । ଛାତ ଉପରେ ଆଶ୍ରୟ ନେଇ ସେମାନେ ଭୋକ ଉପାସରେ ପଡିଥାଆନ୍ତି ।

ଅଗଷ୍ଟ ୩୧ ତାରିଖ ଦିନ ବାଙ୍କୀ ସହରର ଅବସ୍ଥା ଉଦ୍‌ବେଗଜନକ ହୋଇ ପଡିଥିଲା । ଦୁଇଟି ଜାଗାରେ ଘାଇ ହୋଇ ସମୁଦାୟ ସହର ଦୁଇଟି ଭାଗରେ ବିଭକ୍ତ ହୋଇ ଯାଇଥିଲା ଏବଂ ୬ଫୁଟରୁ ଉର୍ଦ୍ଧ୍ୱ ବନ୍ୟା ଜଳରେ ବୁଡି ଯାଇଥିଲା । ସହରର ଏକ ଉଚ୍ଚ ସ୍ଥାନରେ ଥିବା ବାଙ୍କୀ ଥାନା ମଧ୍ୟ ପ୍ରାୟ ୩-୪ ଫୁଟ ଜଳରେ ବୁଡି ଯାଇଥିଲା । ଥାନାର କର୍ମଚାରୀ ଓ ସେମାନଙ୍କର ପରିବାରମାନେ ଘର ଛାତ ଉପରେ ଆଶ୍ରୟ ନେଇଥିଲେ । ଦୁଇଟି ଘାଇ ଦୁଇଟି ନୂତନ ନଦୀ ସୃଷ୍ଟି କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ବାଙ୍କୀ ସହର ଯେପରି ଭାବରେ ଧ୍ୱଂସ ହୋଇଛି, ତାହା ଭବିଷ୍ୟତରେ ପୁନର୍ବାର ଗଢି ଉଠି ପାରିବ କି ନାହିଁ, ସନ୍ଦେହଜନକ । ସେପ୍ଟେମ୍ବର ୩ ତାରିଖ ବେଳକୁ ପାଣି ଛାଡିବା ସଙ୍ଗେ ସଙ୍ଗେ ଅସାମାଜିକ ବ୍ୟକ୍ତିମାନଙ୍କର ଲୁଟ-ତରାଜ କାର୍ଯ୍ୟ-

କଳାପ ଆରମ୍ଭ ହୋଇଥିଲା । ୧୫--୨୦ ଜଣ ବ୍ୟକ୍ତି ଡଙ୍ଗା ସାହାଯ୍ୟରେ ସହର ଭିତରକୁ ପଶି ପରିତ୍ୟକ୍ତ ଦୋକାନ ବଜାର ଏବଂ ଗୃହ ମାନଙ୍କରୁ ଧନସଂପତ୍ତି ଅପହରଣ କରିଥିଲେ । ବାଙ୍କୀ ଥାନାର ଜୁନିଅର ଏସ୍. ଆଇ, ଏ. ଏସ୍. ଆଇ. ଏବଂ କେତେକ କନେଷ୍ଟବଳ ସେମାନଙ୍କର ସମ୍ମୁଖୀନ ହେବାକୁ ଯାଇ ବିଫଳ ହୋଇ-ଥିଲେ । ଓଳଟି ଏ. ଏସ୍. ଆଇ. ବିଚରା ଲୁଣ୍ଠନକାରୀ ମାନଙ୍କ ଦ୍ୱାରା ମାଡ ଖାଇଥିଲ । ସେମାନଙ୍କୁ ସାହାଯ୍ୟ କରିବାକୁ ଅଫିସର-ଇନ୍-ଚାର୍ଜ ଯେତେବେଳେ ଗଲେ, ସେ ମଧ୍ୟ ସଂଘାତିକ ଆକ୍ରମଣର ସମ୍ମୁଖୀନ ହୋଇଥିଲେ । ଶେଷକୁ ବାଧ୍ୟ ହୋଇ ସେ ଶୂନ୍ୟରେ ଗୋଟିଏ ରାଉଣ୍ଡ ଗୁଳି ତାଙ୍କ ରିଭଲଭରରୁ ଫୁଟାଇ ଥିଲେ । ଗୁଳି ଫୁଟିବା ଦେଖି ଲୁଣ୍ଠନକାରୀମାନେ ଛିନ୍ନଭିନ୍ନ ହୋଇ ପଳାଇ ଥିଲେ । ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ମଧ୍ୟ ଏହା ମଧ୍ୟରେ ଗିରଫ କରାଯାଇଛି ।

ବୌଦ ସହର ଜଳମଗ୍ନ । ବେତାର କେନ୍ଦ୍ରରେ ୮ଫୁଟ ପାଣି । କିନ୍ତୁ ବେତାର କେନ୍ଦ୍ରର କର୍ମଚାରୀ ମାନଙ୍କର ସାହସ ଓ କର୍ତ୍ତବ୍ୟ ନିଷ୍ଠା ଫଳରେ ଜିଲ୍ଲା କର୍ତ୍ତୃପକ୍ଷ ଓ ରାଜ୍ୟ ସରକାର ସେହି ଅଞ୍ଚଳର ଖବର ଯଥା ସମୟରେ ପାଇ ପାରିଲେ । ବୌଦ ବେତାର କେନ୍ଦ୍ରରେ ପାଣି ପଶିଥିବା ସତ୍ତ୍ୱେ ସେହି କେନ୍ଦ୍ରର କର୍ତ୍ତବ୍ୟନିଷ୍ଠ କର୍ମଚାରୀମାନେ ବେତାର ଯନ୍ତ୍ରଟିକୁ ଉଚ୍ଚସ୍ଥାନକୁ ନେଇ ବିଭିନ୍ନ ସଦର ମହକୁମା ସହ ଯୋଗା-ଯୋଗ ରକ୍ଷା କରିଥିଲେ । ବହୁ ପରିଶ୍ରମ ପରେ ଯାନ୍ତ୍ରିକ ତ୍ରୁଟି ଦୂର କରି ଅଗଷ୍ଟ ୩୧ ତାରିଖ ସକାଳ ୯ଟା-୩୦ ବେଳକୁ କଟକ ଓ ଫୁଲବାଣୀ ସହିତ ପୁଣି ଯୋଗାଯୋଗ ସ୍ଥାପନ କଲେ । ଦୀର୍ଘ ୨୪ ଘଣ୍ଟା ଧରି ବୌଦ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥିଲ । କଟକ ଓ ଭୁବନେଶ୍ୱରରେ ସମସ୍ତଙ୍କ ମନରେ ଉତ୍କଣ୍ଠା କିନ୍ତୁ ଅପରେଟର ଏ. ଏସ୍. ଆଇ. ଶ୍ରୀ ସଚ୍ଚିଦାନନ୍ଦ ଦାସ ଓ ଶ୍ରୀ ରମେଶ ଚନ୍ଦ୍ର



ବାଙ୍କୀ ସବ୍‌ଡିଭିଜନର ବିଭିନ୍ନ ସ୍ଥାନରେ ବନ୍ୟା ଘେରରେ ଥିବା ଲୋକମାନଙ୍କୁ ସ୍ଥାନୀୟ ସରକାରୀ କର୍ମଚାରୀ ଓ ପୋଲିସମାନଙ୍କ ସାହାଯ୍ୟରେ ଉଦ୍ଧାର କରାଯାଇଥିଲ ।

ବନ୍ୟାଞ୍ଚଳରେ ଉଦ୍ଧାର ଓ ରିଲିଫ କାର୍ଯ୍ୟର ସମନ୍ୱୟ ପାଇଁ କଟକ ଓ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ବେତାର କେନ୍ଦ୍ରମାନ ଖୋଲା ଯାଇଥିଲା, କହିବା ବାହୁଲ୍ୟ, ବନ୍ୟା ସମ୍ବନ୍ଧୀୟ ଆଗୁଆ ଖବର ସଂଗ୍ରହ କରିବା ପାଇଁ ମହାନଦୀର ଉପରି ସ୍ରୋତରୁ ତଳଭାଗ ପର୍ଯ୍ୟନ୍ତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବେତାର କେନ୍ଦ୍ର ମାନ ପ୍ରତି ବର୍ଷ ପରି ଏବର୍ଷ ମଧ୍ୟ ଖୋଲା ଯାଇଥିଲା । ଏହି ଆଗୁଆ ଖବରକୁ ଭିତ୍ତିକରି ବନ୍ୟାର ପ୍ରକୋପ ସମ୍ବନ୍ଧରେ ଜନ ସାଧାରଣଙ୍କୁ ସତର୍କ କରିବା ସରକାରଙ୍କ ପକ୍ଷରେ ସମ୍ଭବ ହୁଏ ।

ଦଳେଇଙ୍କର ସାହସ ଓ କର୍ତ୍ତବ୍ୟ ନିଷ୍ଠା ଫଳରେ ପୁନଃ ଯୋଗାଯୋଗ ହୋଇ ପାରିଲା, ସେମାନେ ଆମର ଅଭିନନ୍ଦନୀୟ ।

## କରୁଣା ଓ ଖାଦ୍ୟ ବଣ୍ଟନ

ନିଃସହାୟ ମାନଙ୍କୁ ସାହାଯ୍ୟ କରିବା ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ । ଏଥିପାଇଁ ସରକାରୀ ନିର୍ଦ୍ଦେଶର ଆବଶ୍ୟକତା ନଥାଏ । ବନ୍ୟା ବିପନ୍ନ ଜିଲ୍ଲା ମାନଙ୍କରେ ଥାନାର ଭାରପ୍ରାପ୍ତ ଅଫିସର ଏବଂ ସେମାନଙ୍କର ସହକର୍ମୀ-ଗଣ ବିପଦଗ୍ରସ୍ତ ଜନସାଧାରଣଙ୍କୁ ସାହାଯ୍ୟ କରିବା ପାଇଁ ସବୁମତେ ଚେଷ୍ଟା କରିଛନ୍ତି । ଲୋକମାନଙ୍କୁ ଖାଦ୍ୟ ପଦାର୍ଥ ଯୋଗାଇବା ସବୁ ସ୍ଥାନରେ ସେମାନଙ୍କ ପକ୍ଷରେ ସମ୍ଭବ ନଥିଲ । କାରଣ ସେମାନଙ୍କ ମଧ୍ୟରୁ କେତେକ ସ୍ତ୍ରୀ ପିଲାମାନଙ୍କୁ ନେଇ ବନ୍ୟା ଘେରରେ ସମଦଶା ଭୋଗୁ-

ଥିଲେ । କିନ୍ତୁ ବହୁସ୍ଥାନରେ ଭାରପ୍ରାପ୍ତ ଅଫିସରମାନେ ତାଙ୍କର ସହକର୍ମୀ ମାନଙ୍କୁ ନେଇ ନିରାଶ୍ରୟ ଲୋକମାନଙ୍କ ପାଇଁ ଖାଦ୍ୟ ପେୟର ବ୍ୟବସ୍ଥା କରିଥିଲେ ।

ଅଗଷ୍ଟ ୩୦ ତାରିଖ ରାତିରେ ଦୟାନଦୀ କୂଳରେ ଆଶ୍ରୟ ନେଇଥିବା ପ୍ରାୟ ୧,୦୦୦ ଲୋକଙ୍କୁ ଭୁବନେଶ୍ୱରର ପୁଲିସ ତରଫରୁ ଖାଦ୍ୟ ବଣ୍ଟା ଯାଇଥିଲା । ଏହା ପୂର୍ବରୁ କୌଣସି ସରକାରୀ କିମ୍ବା ବେସରକାରୀ ସାହାଯ୍ୟ ସେଠାରେ ପହଞ୍ଚି ପାରିନଥିଲା । ବାଲିଅନ୍ତା ଓ ବାଲିପାଟଣାର ପୁଲିସ ଅଫିସରମାନେ ନିଜ ନିଜ ଅଞ୍ଚଳର ଲୋକମାନଙ୍କୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ଖାଦ୍ୟ-ପେୟର ବନ୍ଦୋବସ୍ତ କରିଥିଲେ । ବୟଳୀର ଜଣେ ସୁବନୟା ପାଣ୍ଡିର ଏ. ଏସ୍. ଆଇ. ନିଜେ ଉଦ୍ଧାର କରିଥିବା ଶହ ଶହ ଲୋକଙ୍କୁ ଖାଦ୍ୟ ପଦାର୍ଥ ଯୋଗାଡ଼ କରି ବଣ୍ଟନ କରିଥିଲେ । 'କରୁଣା' ନାମଟି ଆଜି ଓଡ଼ିଶାରେ ସୁପରିଚିତ । ୧୯୬୫ ମସିହା ମେ ମାସରେ କଳାହାଣ୍ଡି ଜିଲ୍ଲାର ଦାରୁଣ ମରୁଡ଼ି ସମୟରେ ପୋଲିସ ବିଭାଗ ତରଫରୁ 'କରୁଣା' ନାମରେ ଏକ ଭୋଜନ କେନ୍ଦ୍ର ଖୋଲା ଯାଇଥିଲା । ମେ ମାସ ୨୧ ତାରିଖ । ତତ୍କାଳୀନ ଆଇ. ଜି. ଭବାନୀପାଟଣାରୁ ଗସ୍ତରେ ଫେରୁଥିଲେ । ଦୁହେଲପଡ଼ା ଗ୍ରାମ ପାଖରେ ଅଟକି ସେଠାରୁ ମରୁଡ଼ିଗ୍ରସ୍ତ ଗ୍ରାମବାସୀମାନଙ୍କର ଘୋର ଦୁର୍ଦ୍ଦଶା ଓ ଶୋଚନୀୟ ଅବସ୍ଥା ଦେଖିଥିଲେ । ଯୁବକ, ଯୁବତୀ, ପ୍ରୌଢ଼, ପ୍ରୌଢ଼ା ସମସ୍ତେ ଅସ୍ଥିକଙ୍କାଳସାର । ସମସ୍ତଙ୍କ ମୁଖରେ ମୃତ୍ୟୁର ଛାୟା । ଏହି କରୁଣ ଦୃଶ୍ୟରେ ବିଚଳିତ ହୋଇ ସେ ସିଦ୍ଧାନ୍ତ ନେଲେ ଯେ ଦୁହେଲପଡ଼ାର ସମସ୍ତ ଗ୍ରାମବାସୀଙ୍କୁ ଖାଦ୍ୟ ଦେବେ, ବସ୍ତ୍ର ଦେବେ ଏବଂ ଚିକିତ୍ସା କରିବେ । ସେମାନଙ୍କୁ ସେ ନିଶ୍ଚୟ ମୃତ୍ୟୁ ମୁଖରୁ ବଞ୍ଚାଇବେ । କଟକ ଫେରି ଆସି ଆବଶ୍ୟକୀୟ ଯୋଜନା ପ୍ରସ୍ତୁତ କରି ସେ ଏକ ମାଗଣା ଭୋଜନକେନ୍ଦ୍ର ଷଷ୍ଠ ବାଟାଲିୟନର ସହକାରୀ କମାଣ୍ଡାଣ୍ଟ ବିଭୁପଦ ଗଡ଼ନାୟକଙ୍କ ପରିଚାଳନାରେ ମେ ୨୧ ତାରିଖରୁ ଆରମ୍ଭ କଲେ । ମାଗଣା ଭୋଜନ ଛଡ଼ା ପୋଲିସ ଡାକ୍ତରଙ୍କ ଜରିଆରେ ଉପଯୁକ୍ତ ଚିକିତ୍ସାର ମଧ୍ୟ ବ୍ୟବସ୍ଥା କରାଯାଇଥିଲା । ପ୍ରତ୍ୟେକ ଗ୍ରାମବାସୀଙ୍କୁ ଆବଶ୍ୟକୀୟ ବସ୍ତ୍ର ମଧ୍ୟ ଯୋଗାଇ ଦିଆ ଯାଇଥିଲା । କରୁଣା କେନ୍ଦ୍ର ଅଗଷ୍ଟ ୧୬ ତାରିଖ ପର୍ଯ୍ୟନ୍ତ ସ୍ଥିର ରଖା ଯାଇଥିଲା । ଦୁହେଲପଡ଼ାର ଗ୍ରାମବାସୀ ନିଶ୍ଚିତ ମୃତ୍ୟୁ ମୁଖରୁ ରକ୍ଷା ପାଇଥିଲେ । ସେହିବର୍ଷ ଅକ୍ଟୋବର ମାସରେ ବୈତରଣୀ ଓ ବ୍ରାହ୍ମଣୀରେ ଅଭୂତପୂର୍ବ ବନ୍ୟା ଆସିଥିଲା । କେନ୍ଦୁଝର, ବାଲେଶ୍ୱର ଓ କଟକ ଜିଲ୍ଲାର ବ୍ୟାପକ ଅଞ୍ଚଳ ଜଳମଗ୍ନ ହେବା ସଙ୍ଗେ ସଙ୍ଗେ ଘରଦ୍ୱାର, ରାସ୍ତା ଘାଟ, ଧନଜୀବନ ଓ ବହୁ ପଶୁ ସଂପଦ ନଷ୍ଟ ହେଲା । ବନ୍ୟାର ୨୪ ଘଣ୍ଟାରୁ ୪୮ ଘଣ୍ଟା ଭିତରେ ଆନନ୍ଦପୁର ଥାନାର ଭାରପ୍ରାପ୍ତ ଅଫିସର ତାଙ୍କର ସହକର୍ମୀମାନଙ୍କ ସହାୟତାରେ ବହୁ ଲୋକଙ୍କୁ ମୃତ୍ୟୁ ମୁଖରୁ ରକ୍ଷା କରିଥିଲେ ଓ ୨,୦୦୦ ଲୋକଙ୍କ ନିମିତ୍ତ ଖାଦ୍ୟ-ପେୟ ଯୋଗାଡ଼ କରି ସରକାରୀ ସାହାଯ୍ୟ ମିଳିବା ପର୍ଯ୍ୟନ୍ତ ସେମାନଙ୍କୁ ବଞ୍ଚାଇଥିଲେ । ସେହିପରି ଉତ୍ତରାଂଶରେ ପୋଲିସ ତରଫରୁ ଖାଦ୍ୟ-ପେୟର ବ୍ୟବସ୍ଥା କରାଯାଇଥିଲା । ବାଂସଦ୍ଧା ପୋଲିସ ଥାନାର ତତ୍କାଳୀନ ଭାରପ୍ରାପ୍ତ ଅଫିସର ସ୍ଥାନୀୟ ଲୋକଙ୍କଠାରୁ ଚାନ୍ଦା ସଂଗ୍ରହକରି ପ୍ରାୟ ୪୦୦ ଜଣ ଲୋକଙ୍କୁ ୩ ଦିନ ପର୍ଯ୍ୟନ୍ତ ଖାଇବା ଦେଇଥିଲେ । ଏହି ବନ୍ୟା ସମୟରେ ବିଂଝାରପୁର ଥାନାର କଳାମାଟି, ଆନନ୍ଦପୁର, ମୁରାପୁର, କେନ୍ଦୁଝର ଜିଲ୍ଲାର କୁଆଗପୀଢ଼, ଧାମନଗର ଥାନାର ଚୂଡ଼ାକୋଟି, ସାଂଧପୁର, ଦହରପାଟଣା, ଧୁସୁରୀ, ଆମଗଡ଼ିଆ, ଭଣ୍ଡାରୀପୋଖରୀ ଥାନାର ଭଣ୍ଡାରୀ-ପୋଖରୀ, ମାଳଦା, ସାଂପେଇ, କଂସାଗଡ଼ିଆ, ବାଂସଦ୍ଧା ଥାନାର ବାଂସଦ୍ଧା, ଦୋସିଙ୍ଗା, କରଠକଳା, ବାସୁଦେବପୁର ଥାନାର ପାରାପୋଖରୀଠାରେ "କରୁଣା" ମାଗଣା ଭୋଜନ କେନ୍ଦ୍ର ଖୋଲା ଯାଇଥିଲା । ଏଥିପାଇଁ ପୋଲିସ ବିଭାଗର ସମସ୍ତ କର୍ମଚାରୀ ଅର୍ଥ ସାହାଯ୍ୟ କରିଥିଲେ । ୧୯୮୦ ମସିହାରେ ବଂଶଧାରାର ପ୍ରଳୟଙ୍କରୀ ବନ୍ୟା ଗୁଣୁପୁରରେ ଯେଉଁ ବିଭୀଷିକା ଆଣିଥିଲା ତାହା କାହାକୁ ଅଜଣା ନଥିବ । ଗୁଣୁପୁର ଓ କାଶୀନଗରର ହଜାର ହଜାର ଲୋକ ଗୃହଶୂନ୍ୟ ହେଲେ । ବହୁ ଧନ ଜୀବନ ଓ ପଶୁ ସଂପଦ ନଷ୍ଟ ହେଲା । ଚତୁର୍ଦ୍ଦିଗରେ ବନ୍ୟା ଜଳ ମାଡ଼ିଯିବାରୁ ବାହାରୁ ବିଶେଷ ସାହାଯ୍ୟ ଲୋକଙ୍କ ପାଖରେ ଠିକ୍ ସମୟରେ ପହଞ୍ଚି ପାରିଲା ନାହିଁ । ସେହି ଦୁର୍ଦ୍ଦିନରେ "କରୁଣା" ଆଗେଇ ଯାଇଥିଲା । ଏହି ଅଞ୍ଚଳରେ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ରାଜ୍ୟ ପୋଲିସ ସଦର ମହକୁମାର ଜଣେ ଏ. ଆଇ. ଜିଙ୍କ ତତ୍ତ୍ୱାବଧାନରେ ଦୁଇ ଜାଗାରେ ମାଗଣା ଭୋଜନ କେନ୍ଦ୍ର ଖୋଲଯାଇ ପ୍ରାୟ ୧୦,୦୦୦ ଲୋକଙ୍କୁ ୭ ଦିନ ପାଇଁ ଖାଇବାକୁ ଦିଆଯାଇଥିଲା ।

ଚଳିତ ବନ୍ୟାରେ କ୍ଷତିଗ୍ରସ୍ତ ମଫସଲ ଅଞ୍ଚଳରେ ବନ୍ୟା ବିପନ୍ନ ଲୋକଙ୍କୁ ରନ୍ଧା ଖାଦ୍ୟ ମୋଗାଇ ଦେବା ପାଇଁ "କରୁଣା" ତରଫରୁ ବ୍ୟବସ୍ଥା କରାଯାଇଅଛି । କଟକ ସଦର ଥାନାର ରାଣପୁର ଅଞ୍ଚଳର ହଜାର ହଜାର ଲୋକ ତା ୨୧।୯।୮୨ ରିଖ ଦିନ ରୋକ ଉପାସରେ ନଚସନ୍ତ ହେଉଥିଲେ । ଜାତୀୟ ରାଜପଥରେ ଏହି ଲୋକମାନେ ସର୍ବସ୍ୱ ହରାଇ କାତର ନୟନରେ ଖାଦ୍ୟ ପାଇଁ ରହି ରହିଥାନ୍ତି । ପ୍ରକୃତି ନିରପେକ୍ଷ । ଧନୀ, ଗରିବ ସମସ୍ତେ ସମାନ । ତା ୧।୯।୮୨ ରିଖ ଦିନ ପୋଲିସ ଡାଇରେକ୍ଟର ଜେନେରାଲ, କେନ୍ଦ୍ରାଞ୍ଚଳ ଡ଼ି. ଆଇ. ଜି. ଓ କଟକ ସଦର ଏସ୍. ପି. ଙ୍କ ଗସ୍ତରେ ସେହି ଅଞ୍ଚଳର ଅବସ୍ଥା ଦେଖିବାକୁ ଯାଇଥାନ୍ତି । ଲୋକମାନଙ୍କର ଅକଥନୀୟ ଦୁର୍ଦ୍ଦଶା ଦେଖି ସେମାନେ ଠିକ୍ କଲେ ଯେ "କରୁଣା" ତରଫରୁ ଯଥା ସାଧ୍ୟ ସାହାଯ୍ୟ ଦିଆଯିବ । ତା' ପରଦିନ ଠାରୁ ଦୁଇଦିନ ପର୍ଯ୍ୟନ୍ତ ପ୍ରାୟ ଚାରି ହଜାର ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆ ଯାଇଥିଲା । ସେପ୍ଟେମ୍ବର ୪ ଓ ୫ ତାରିଖ ଦିନ ଡାଇରେକ୍ଟର ଜେନେରାଲ, କେନ୍ଦ୍ରାଞ୍ଚଳ ଡ଼ି. ଆଇ. ଜି. ଓ କଟକ ସଦର ଏସ୍. ପି. ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କିଶନନଗର ଥାନାର ସଁପୁର ଏବଂ ଉଦୟପୁର ଠାରେ "କରୁଣା" କେନ୍ଦ୍ର ଖୋଲଯାଇ ଯଥାକ୍ରମେ ୫,୦୦୦ ଓ ୪,୦୦୦ ବନ୍ୟା ବିପନ୍ନ ଭୋକିଲା ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିଲା । ତା ୮।୯।୮୨ ରିଖ ଦିନ କଟକ ସଦର ଜିଲ୍ଲା ତରଫରୁ ମାହାଙ୍ଗା ଥାନାର ବାସୁଦେବପୁର ଠାରେ "କରୁଣା" ମାଧ୍ୟମରେ

ପ୍ରାୟ ୨,୦୦୦ ଗ୍ରାମବାସୀଙ୍କୁ ଖାଇବା ଯୋଗାଇ ଦିଆଯାଇଥିଲା । ଫୁଲବାଣୀ ଜିଲ୍ଲାର ବୌଦଠାରେ ପୋଲିସ କର୍ମଚାରୀମାନେ ଶହ ଶହ ଲୋକଙ୍କୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ପ୍ରାୟ ୮,୦୦୦ ଲୋକଙ୍କୁ ବିସ୍କୁଟ, ଚୂଡ଼ା ଓ ଗୁଡ଼ ବଣ୍ଟନ କରିଥିଲେ ଓ ରନ୍ଧା ଖାଦ୍ୟ ଯୋଗାଇ ଦେଇଥିଲେ । ତା ୯।୯।୮୨ ରିଖ ଦିନ ଡାଇରେକ୍ଟର ଜେନେରାଲଙ୍କ ଉପସ୍ଥିତିରେ ନିଆଳୀ ନିକଟସ୍ଥ ପାଣ୍ଡକୋଡ଼ (ପାଣ୍ଡବ କୁଦ) ଗ୍ରାମରେ ୧,୩୫୦ ଲୋକଙ୍କ ପାଇଁ "କରୁଣା" ଶିବିରରେ ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା ଏବଂ ଏହା ୧୨ ତାରିଖ ପର୍ଯ୍ୟନ୍ତ ଖୋଲା ରହିଥିଲା । ତା ୧୧।୯।୮୨ ରିଖ ଦିନ ୧,୯୫୦ ଜଣଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିଲା । ଏହି ଶିବିରଟି ଭୁବନେଶ୍ୱରସ୍ଥ ୭ମ ବାଟାଲିୟନର ସହକାରୀ ଦୁର୍ଗପତି ଶ୍ରୀ ଶୁକଦେବ କରଙ୍କ ତତ୍ତ୍ୱାବଧାନରେ ବାଟାଲିୟନର ଯବାନ୍‌ମାନେ ପରିଚାଳନା କରୁଥିଲେ । ପୁରୀ ଜିଲ୍ଲା କଣାସ ଉଚ୍ଚ ଇଂରାଜୀ ବିଦ୍ୟାଳୟଠାରେ ସେପ୍ଟେମ୍ବର ୧୦ ତାରିଖ ଠାରୁ ୩ ଦିନ ପାଇଁ ଏହି ବାଟାଲିୟନର ଯବାନମାନଙ୍କ ଦ୍ୱାରା "କରୁଣା" କାର୍ଯ୍ୟ କରୁଅଛି । ପ୍ରତିଦିନ ୩୫୦ ଜଣ ଲୋକ ଏଠାରେ ରନ୍ଧା ଖାଦ୍ୟ ପାଉଛନ୍ତି । ସେପ୍ଟେମ୍ବର ୬ ତାରିଖ ଦିନ ୭ମ ବାଟାଲିୟନର ଯବାନମାନେ ବାଙ୍କୀଠାରେ "କରୁଣା" ମାଧ୍ୟମରେ ପ୍ରାୟ ୧,୦୦୦ ଲୋକଙ୍କର ଖାଇବା ପାଇଁ ବ୍ୟବସ୍ଥା କରିଥିଲେ । ତା' ଛଡ଼ା ସେଠାରେ ସ୍ଥାନୀୟ ସରକାରୀ କର୍ତ୍ତୃପକ୍ଷଙ୍କଠାରୁ ଖାଦ୍ୟ ସାମଗ୍ରୀ ନେଇ ଏହି ଯବାନମାନେ ଗରିବ ଜନସାଧାରଣଙ୍କୁ ଯୋଗାଇ ଦେଇଥିଲେ । କଟକ ପୋଲିସ ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ସାମନ୍ତସିଂହାରପୁର ଗ୍ରାମରେ ୧,୧୦୦ ଲୋକଙ୍କୁ ରନ୍ଧା ଖାଦ୍ୟ ଦିଆ ଯାଇଥିଲା ।

କଟକ ଠାରେ ଅବସ୍ଥିତ ଉଚ୍ଚ ପୋଲିସ ଅଫିସରଙ୍କ ସହଧର୍ମିଣୀମାନଙ୍କ ଦ୍ୱାରା ସଙ୍ଗଠିତ "ଲେଡ଼ିଜ କ୍ଲବ୍" ତରଫରୁ ତା ୭।୯।୮୨ ରିଖ ଠାରୁ ତା ୧୧।୯।୮୨ ରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ପାୟ ୪୦୦/୫୦୦ ଲୋକଙ୍କ ପାଇଁ ରନ୍ଧା ଖାଦ୍ୟ ପ୍ରସ୍ତୁତ ବିତରଣ କରିବାର ବ୍ୟବସ୍ଥା କରା ଯାଇଥିଲା । ଏହା ଫଳରେ କଟକ ଆଖପାଖ ବନ୍ୟା ବିପନ୍ନ ଲୋକଙ୍କ ବ୍ୟତୀତ କଯନ୍ତା, ଜଗତପୁର, ସାଲେପୁର, କଣିହୁଦ, ନୂଆପଲେଇ, କୋଟକଣା, ଛପଡ଼ା, ହରିଜନ ବସ୍ତି, ପାଣ୍ଡରା, ବ୍ରାହ୍ମଣବାଡ଼ି ଓ ଏରଡ଼ଙ୍ଗା ପ୍ରଭୃତି ଗାଁର ବିପନ୍ନ ଲୋକ ବିଶେଷ ଉପକୃତ ହୋଇଥିଲେ । ଜଗତସିଂହପୁର ଥାନା ଅନ୍ତର୍ଗତ ଗୁଆଳିପୁର ଓ ଖରଲାସାହି ଗ୍ରାମର ୫୦୦ ଜଣ ବିପନ୍ନ ଲୋକଙ୍କୁ ମଧ୍ୟ "କରୁଣା" ପକ୍ଷରୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିଲା । ସେପ୍ଟେମ୍ବର ୧୨ ତାରିଖ ଦିନ ରାଜ୍ୟ ପୋଲିସ ସଦର ମହକୁମାର ଅମଲା ଓ ଅନ୍ୟାନ୍ୟ କର୍ମଚାରୀଙ୍କ ତରଫରୁ ଏରଡ଼ଙ୍ଗା ଓ ପୁରୁଣାବସନ୍ତ ଗ୍ରାମର ପ୍ରାୟ ୬୦୦ ବନ୍ୟାକ୍ଳିଷ୍ଟ ଲୋକମାନଙ୍କ ପାଇଁ ରନ୍ଧା ଖାଦ୍ୟ ଆୟୋଜନ କରାଯାଇଥିଲା ।

କେନ୍ଦ୍ରାପଡ଼ା ଏସ. ଡି. ପି. ଓ. ଏବଂ ସର୍କଲ ଇନସ୍‌ପେକଟରଙ୍କ ତତ୍ତ୍ୱାବଧାନରେ ପାଟକୁରା ଥାନାର ବନ୍ୟାଞ୍ଚଳରେ "କରୁଣା" ଖୋଲଯାଇ ପ୍ରାୟ ୫୦୮ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିଲା । କଟକ ଗ୍ରାମାଞ୍ଚଳ ପୋଲିସ ଦ୍ୱାରା ମାହାଙ୍ଗା ଥାନା ଅଫିସଠାରେ ଆୟୋଜିତ "କରୁଣା" କେନ୍ଦ୍ରରେ ସ୍ଥାନୀୟ ଲୋକପ୍ରତିନିଧି ଶ୍ରୀ ଅଜାଙ୍କ ଉପସ୍ଥିତିରେ ପ୍ରାୟ ୩,୦୦୦ ଲୋକଙ୍କୁ ରନ୍ଧା ଖାଦ୍ୟ ଦିଆଯାଇଥିଲା ।

ଏହି ବନ୍ୟାରେ ସମଗ୍ର ରାଜ୍ୟରେ ପୁଲିସ ବିଭାଗର ବହୁ କୋଠା ବାଡ଼ି ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଛି । କଟକ ଜିଲ୍ଲାର ଜାନପୁର, ଏରସମା, କୁଜଙ୍ଗ, ତିର୍ତ୍ତୋଲ, ପାଟକୁରା, ବାଙ୍କୀ, ବୈଦେଶ୍ୱର, ବାଲିକୁଦା, ଗୋବିନ୍ଦପୁର, କଟକ ସଦର, ପୁରୀ ଜିଲ୍ଲାର ବାଲିଅନ୍ତା, ବାଲିପାଟଣା, କାକଟପୁର ଓ କଣାସ ଓ ଫୁଲବାଣୀ ଜିଲ୍ଲାର ହରଭଙ୍ଗା, ବୌଦ, ମନମୁଣ୍ଡା ଆଦି ଥାନାରେ ବନ୍ୟାଜଳ ପ୍ରବେଶ କରିବା ଯୋଗୁଁ ଥାନା କର୍ମଚାରୀମାନେ ବିଶେଷ ହଇରାଣ ହୋଇଥିଲେ ଓ ଥାନାର ଆସବାବପତ୍ର ଓ ସରକାରୀ କାଗଜ ପାଣିରେ ଭିଜି ଯାଇଥିଲା । ଏହି ଥାନା ଗୁଡ଼ିକର ପରିସର ମଧ୍ୟରେ ଥିବା ପୁଲିସ କର୍ମଚାରୀମାନଙ୍କର ସରକାରୀ ବାସଗୃହଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା । ଏତଦ୍‌ବ୍ୟତୀତ ବଲାଙ୍ଗୀର ଓ ଫୁଲବାଣୀ ଜିଲ୍ଲାରେ ପ୍ରବଳ ବର୍ଷା ହେତୁ ଅନେକ ସ୍ଥାନରେ ପୁଲିସ ବିଭାଗର କୋଠାବାଡ଼ି-ଗୁଡ଼ିକ ଭାଙ୍ଗିରୁଜି ଯାଇଥିଲା । ସମ୍ବଲପୁର ଜିଲ୍ଲାର ଗାଇସିଲଟ ଥାନାଟି ବନ୍ୟା ଜଳରେ ସଂପୂର୍ଣ୍ଣ ଭାବେ ଭାଙ୍ଗିଯାଇଛି । ସେହିପରି ଢେଙ୍କାନାଳ ଜିଲ୍ଲାର ପୁରୁଣାକୋଟ ଥାନାଟି ମଧ୍ୟ ପ୍ରବଳ ବର୍ଷା ହେତୁ ଭାଙ୍ଗିଯାଇଛି । ଆମର ହିସାବ ଅନୁସାରେ ଏହି କ୍ଷୟ କ୍ଷତିର ପରିମାଣ ପାୟ ୩୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ । କଟକ, ପୁରୀ, ବଲାଙ୍ଗୀର, ଫୁଲବାଣୀ ଜିଲ୍ଲାର ବହୁ ପୁଲିସକର୍ମଚାରୀ ସେମାନଙ୍କ ନିଜ ନିଜ ଗ୍ରାମରେ ବନ୍ୟା ଯୋଗୁଁ ବହୁ କ୍ଷତିଗ୍ରସ୍ତ ହୋଇଛନ୍ତି । ସେ ସବୁ କ୍ଷତିର ପୁରା ହିସାବ ଏପର୍ଯ୍ୟନ୍ତ ମିଳି ପାରିନାହିଁ । ବ୍ୟକ୍ତିଗତ କ୍ଷତି ଓ ଅସୁବିଧା ସତ୍ତ୍ୱେ କର୍ତ୍ତବ୍ୟ ପଥରୁ କୌଣସି ପୋଲିସ କର୍ମଚାରୀ କେବେ ପଛେଇ ଯାଇନାହିଁ । ସମସ୍ତେ ଶୃଂଖଳିତ ଭାବରେ ପରିବାର କଥା ଭୁଲିଯାଇ ଜନସାଧାରଣଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି ।

## ଶାନ୍ତି ଶୃଙ୍ଖଳା ରକ୍ଷା

କଟକ ଜିଲ୍ଲାର ଶହ ଶହ ନିରାଶ୍ରୟ ଲୋକ ନିର୍ଗୁଣ୍ଡିଠାରୁ ଭାଣପୁର ପର୍ଯ୍ୟନ୍ତ ଜାତୀୟ ରାଜପଥ, ପାରାଦ୍ୱୀପ ରାସ୍ତା, ମହାନଦୀ ଓ କାଠଯୋଡ଼ି ନଦୀବନ୍ଧ, ଏକ୍ସପ୍ରେସ ହାଇୱେ, ନରାଜ-କପିଳାସ ରୋଡ଼ ରେଳରାସ୍ତା, ନିର୍ଗୁଣ୍ଡି-ତାଳଚେର ରେଳରାସ୍ତା ଓ ଭୁବନେଶ୍ୱର-କଟକ ରାସ୍ତା ଉପରେ ସେମାନଙ୍କର ସ୍ତ୍ରୀ, ପୁଅ, ଝିଅ ଓ ବୁଢ଼ା, ଯତକିଞ୍ଚିତ ରକ୍ଷିତ ସଂପତ୍ତି ଓ ଗୃହପାଳିତ ପଶୁମାନଙ୍କୁ ନେଇ ଆଶ୍ରୟ ନେଇଥାନ୍ତି । ଏହି ଅଞ୍ଚଳଗୁଡ଼ିକରେ ପୋଲିସ କର୍ମଚାରୀମାନେ ଦିବାରାତ୍ରି ପହରା ଦେଇ ଦୁର୍ବୃତ୍ତମାନଙ୍କର ଅସାମାଜିକ କାର୍ଯ୍ୟକଳାପକୁ ରୋକିଥିଲେ । ପୋଲିସ ଉପସ୍ଥିତି ଯୋଗୁଁ ଉଲ୍ଲେଖଯୋଗ୍ୟ ଅପରାଧ କିଛି ଘଟିନଥିଲା ।

କିନ୍ତୁ ୩୧ ତାରିଖ ଦିନ ବିଭିନ୍ନ ସ୍ଥାନରେ ଘାଇ ଲାଗିବା ଫଳରେ ନିରାଶ୍ରୟ ଲୋକମାନେ ଭୋକ ଉପାସରେ ବହୁତ କଷ୍ଟ ପାଉଥିଲେ । କେତେକ ସ୍ଥାନରେ ଏହି ଲୋକମାନଙ୍କ ହାତରୁ କେତେକ ସରକାରୀ ଓ ବେସରକାରୀ ରିଲିଫ ସାମଗ୍ରୀ ଚୋର ଜବରଦସ୍ତି ଛଡ଼ାଇ ନେଉଥିବା ଅଭିଯୋଗ ହୋଇଥିଲା । ଏ ସଂକ୍ରାନ୍ତରେ ଏପର୍ଯ୍ୟନ୍ତ ସାତଗୋଟି ଅଭିଯୋଗ ପୁଲିସ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚିଛି । ବନ୍ୟାକ୍ରିଷ୍ଟ ଲୋକମାନଙ୍କର ଦୁରବସ୍ଥା ପାଇଁ ସମସ୍ତେ ସମବେଦନଶୀଳ କିନ୍ତୁ ରିଲିଫ ସାମଗ୍ରୀର ସୁଷମ ବଣ୍ଟନ କରାଯାଉଛି । ଏହିଭଳି ଆଉ ଦୁଇଟି ଘଟଣା ମଧ୍ୟ ସେହି ଅଞ୍ଚଳରେ ଘଟିଥିଲା । ଏହି ତିନୋଟି ଅଭିଯୋଗ ଉପରେ ସ୍ଥାନୀୟ ପୁଲିସ ଅନୁସନ୍ଧାନ କରୁଛନ୍ତି । ସେପ୍ଟେମ୍ବର ୩ ତାରିଖ ଦିନ କଟକ ଜିଲ୍ଲା ଆଠଗଡ଼ ଥାନାର ମେଘା ଗ୍ରାମରେ ୪୦ କୁଇଣ୍ଟାଲ ସରକାରୀ ଗହମ କେତେକ ଗ୍ରାମବାସୀ ଜବରଦସ୍ତି ଲୁଟି କରିନେଲେ । ଏ ସଂକ୍ରାନ୍ତରେ ଆଠଗଡ଼ ଥାନାରେ ଗୋଟିଏ ମୋକଦ୍ଦମା ରୁଜୁ କରାଯାଇଥିଲା, ଅନୁସନ୍ଧାନକାରୀ ପୁଲିସ ଅଫିସର ୨୦ ବସ୍ତା ଗହମ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ଅପରାଧୀମାନଙ୍କୁ ଗିରଫ କରିଛନ୍ତି ।



ଗୁଆଳିପୁରଠାରେ କରୁଣା ପକ୍ଷରୁ ଖାଦ୍ୟ ବିତରଣ

ସମସ୍ତଙ୍କର କାମ୍ୟ । ଚୋର ଯାହାର ମୂଳକ ତାହାର ନୀତିରେ ଯଦି ଖାଦ୍ୟ ସାମଗ୍ରୀ ଛଡ଼ାଇ ନିଆଯାଏ, ବୃଦ୍ଧ, ରୁଗ୍ଣ, ଶିଶୁ ଓ ନାରୀ ବହୁ ସଂଖ୍ୟାରେ ଖାଦ୍ୟ ପଦାର୍ଥ ନପାଇ ଭୋକ ଉପାସରେ ମୃତ୍ୟୁ ମୁଖରେ ପଡ଼ିବେ । ଏପରି ଅପରାଧର ନିରାକରଣ ପାଇଁ ରିଲିଫ ଦଳଙ୍କ ସହିତ ପୁଲିସ କର୍ମଚାରୀଙ୍କୁ ସଂଶ୍ଳିଷ୍ଟ କରାଯାଇଛି । ଖାଦ୍ୟ ପଦାର୍ଥ ଲୁଟି କରିବାର କେତୋଟି ଘଟଣା ଏଠାରେ ଉଲ୍ଲେଖ କରାଯାଇପାରେ । ସେପଟେମ୍ବର ୪ ତାରିଖ ଦିନ ପୁରୀ ଜିଲ୍ଲାର ଜଣେ ଏ. ଡି. ଏମ. ଓ ନିମାପଡ଼ାର ସର୍କଲ ଇନସ୍‌ପେକଟର ଖାଦ୍ୟ ସାମଗ୍ରୀ ନେଇ ପ୍ରାଚୀ ନଦୀରେ ଡଙ୍ଗାରେ ଯାଉଥିବା ବେଳେ କାକଟପୁର ଥାନାର କେତେକ ଗ୍ରାମବାସୀ ଚୋର ଜବରଦସ୍ତି କରି ସେ ଖାଦ୍ୟ ପଦାର୍ଥ ଛଡ଼ାଇ ନେଲେ ଓ ସେହି ଦୁଇଜଣ ସରକାରୀ ଅଫିସରଙ୍କୁ ପାଣିକୁ ଠେଲିଦେଲେ । କୌଣସି ମତେ ସେ ଦୁଇଜଣ ମୃତ୍ୟୁ ମୁଖରୁ ରକ୍ଷା ପାଇଥିଲେ । ଏ ସଂକ୍ରାନ୍ତରେ କାକଟପୁର ଥାନାରେ ଗୋଟିଏ ମୋକଦ୍ଦମା ରୁଜୁ

ସେପ୍ଟେମ୍ବର ୨ ତାରିଖ ରାତିରେ ନରାଜ ଅଞ୍ଚଳର କେତେକ ବିପନ୍ନ ଲୋକ ଗୋଟିଏ ମାଲ ଗାଡ଼ିର ଗୋଟିଏ ଓ୍ୱାଗନ ଭାଙ୍ଗି ୩୪୦ କୁଇଣ୍ଟାଲ ଗହମ ଓ କେତେକ ଡ଼ାଲି ବସ୍ତା ଲୁଟି କରି ବିପନ୍ନ ଲୋକଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ । ସେମାନଙ୍କ କହିବା ଅନୁସାରେ ଭୋକର ଜ୍ୱାଳା ସମ୍ଭାଳି ନପାରି ସେମାନେ ଏପରି କୁକର୍ମ କଲେ । କିନ୍ତୁ ଆଇନ ଅନୁସାରେ ସେମାନଙ୍କ ବିରୁଦ୍ଧରେ ରେଳବାଇ ପୁଲିସ ତରଫରୁ ଗୋଟିଏ ଫୌଜଦାରୀ ମୋକଦ୍ଦମା ରୁଜୁ କରା ଯାଇଥିଲା । ପରେ ପୁଲିସର ହସ୍ତକ୍ଷେପ ଫଳରେ କିଛି ପରିମାଣରେ ଗହମ, ଡ଼ାଲି ସେହି ଲୋକମାନଙ୍କଠାରୁ ଉଦ୍ଧାର କରା ଯାଇଥିଲା । ସେହି ଘଟଣା ପରେ, କପିଳାସ ରୋଡ ଓ ବାରଙ୍ଗ ମଧ୍ୟରେ, ନିର୍ଗୁଣ୍ଡି ଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବ୍ୟାପକ ପୁଲିସ ବ୍ୟବସ୍ଥା କରା ଯାଇଥିଲା । ରେଳବାଇ ଏସ. ପି. ଓ ତିନିଜଣ ଡି. ଏସ. ପି. ଙ୍କ ତତ୍ତ୍ୱାବଧାନରେ ଦୁଇ ପ୍ଲାଟୁନ ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ବାହିନୀ ଯବାନ ଓ ସ୍ଥାନୀୟ ରେଳବାଇ କନେଷ୍ଟବଳମାନେ ଦିନରାତି ପହରା

କରିଥିଲେ । ଏହା ଫଳରେ ଖାଦ୍ୟ ସାମଗ୍ରୀ ନେଇ ଆସୁଥିବା ମାଲଗାଡ଼ିଗୁଡ଼ିକ ସୁରୁଖୁରୁରେ କଟକରେ ପହଞ୍ଚି ପାରୁଥିଲେ । ବନ୍ୟା ସମୟରେ ଅଭାବ ମେଣ୍ଟାଇବା ପାଇଁ ଏପରି ବ୍ୟବସ୍ଥା ଅତ୍ୟନ୍ତ ଜରୁରୀ ଥିଲା । ଏତଦବ୍ୟତୀତ କଟକ, ଭୁବନେଶ୍ୱର ଓ ପୁରୀ ମଧ୍ୟରେ ରେଳ ଚଳାଚଳ ଅବ୍ୟାହତ ରହିବା ପାଇଁ ପୁଲିସ ତରଫରୁ ସମସ୍ତ ବ୍ୟବସ୍ଥା କରା ଯାଇଥିଲା । ସଡ଼କ ଯୋଗାଯୋଗ ବନ୍ଦ ହୋଇଥିବା ଯୋଗୁଁ ଯାତ୍ରୀମାନେ କେବଳ ରେଳ ଉପରେ ନିର୍ଭର କରୁଥିଲେ । କେତେକ ସ୍ଥାନରେ ବନ୍ୟା ବିପନ୍ନ ଲୋକ ପିଇବା ପାଣି ନିମନ୍ତେ ରେଳଗାଡ଼ିକୁ ଅଟକାଉଥିଲେ କିନ୍ତୁ ପୁଲିସ କର୍ମଚାରୀଙ୍କର ସତର୍କତା ଓ ହସ୍ତକ୍ଷେପ ଯୋଗୁଁ କ୍ରମେ ରେଳ ଚଳାଚଳରେ ଉନ୍ନତି ଘଟିଲା । ଜାତୀୟ ରାଜପଥରେ ଜଗତପୁର ଏବଂ ଭୁବନେଶ୍ୱର ନିକଟସ୍ଥ ରସୁଲଗଡ଼ଠାରେ ହଜାର ହଜାର ଟ୍ରକ ଗମନାଗମନ ବିଚ୍ଛିନ୍ନ ହେବା ହେତୁ ଅଟକି ଯାଇଥିଲା । ସେମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲା ପୁଲିସ କର୍ତ୍ତୃପକ୍ଷଙ୍କ ତରଫରୁ ବିହିତ ପଦକ୍ଷେପ ନିଆଯାଇଥିଲା । ସେପ୍ଟେମ୍ବର ୧୪ ତାରିଖ ମଧ୍ୟ ରାତ୍ରୀରୁ ଯାନବାହାନର ନିୟନ୍ତ୍ରିତ ଚଳାଚଳ ଆରମ୍ଭ ହୋଇଅଛି । ସ୍ୱାଭାବିକ ଗମନାଗମନ ଓ ଯାନ ବାହାନର ଚଳାଚଳ ହେବାକୁ ଆଉ କିଛି ଦିନ ଲାଗିବ ।

ବନ୍ୟା ହେବାର ପ୍ରାୟ ୧୭ ଦିନ ପରେ ମଧ୍ୟ ବହୁ ସଂଖ୍ୟକ ପୋଲିସ କର୍ମଚାରୀ ଓ ଗୃହରକ୍ଷୀ ରିଲିଫ ନେଉଥିବା ଟ୍ରକ ଓ ରିଲିଫ ବଣ୍ଟନ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ ସଶସ୍ତ୍ର ସହାୟତା ଦେଉଅଛନ୍ତି । ସ୍ଥଳ ବିଶେଷରେ ରାସ୍ତା, ବନ୍ଧ ପ୍ରଭୃତି ପୁନଃନିର୍ମାଣ କାର୍ଯ୍ୟରେ ବ୍ୟସ୍ତ ଥିବା ଇଞ୍ଜିନିୟରମାନଙ୍କୁ ମଧ୍ୟ ପୋଲିସ ସହାୟତା ଦିଆଯାଉଛି । ବନ୍ୟା ତ୍ରସ୍ତ ପ୍ରତ୍ୟେକ ସବଡ଼ିଭିଜନର ସଦର ମହକୁମାରେ ସଶସ୍ତ୍ର ପୋଲିସ ଦଳ ମୁତୟନ ହୋଇଛନ୍ତି । ସରକାରଙ୍କର ଖାଦ୍ୟ ବଣ୍ଟନ, ପୁନର୍ବସତି ପ୍ରଭୃତି ବିସ୍ତୃତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଓ ବନ୍ୟା ଉପଦ୍ରୁତ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ଅବ୍ୟାହତ ରହିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ପୋଲିସ ବିଭାଗ ତରଫରୁ କରାଯାଇଅଛି । ଏହି ସବୁ ବହୁମୁଖୀ ପୋଲିସ ଯୋଜନା ବେଶ କିଛି ଦିନ ପାଇଁ ଲାଗୁ ରହିବ ବୋଲି ଅନୁମାନ ହୁଏ ।

ଦୈନନ୍ଦିନ ଶାନ୍ତି ଶୃଙ୍ଖଳା ଓ ଅପରାଧ ନିରାକରଣ ଜନିତ କାର୍ଯ୍ୟ କଳାପର ସୀମା ବାହାରେ ଓଡ଼ିଶା ପୋଲିସ "କରୁଣା" ମାଧ୍ୟମରେ ଦୁଃସ୍ଥ ଜନସାଧାରଣଙ୍କର ପ୍ରତ୍ୟକ୍ଷ ଭାବେ ସେବାରେ ନିଜକୁ ନିୟୋଜିତ କରି ପାରିଥିବାରୁ ଆନନ୍ଦ ଅନୁଭବ କରୁଅଛି । ଦୁଃଖୀରଙ୍କିଙ୍କର ସେବା ହିଁ ପ୍ରକୃତ ଜନ ସେବା ।

---

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ
ଓଡ଼ିଶା, କଟକ



କଟକସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ରାଜ୍ୟପାଳଙ୍କ ହସ୍ତରେ ବନ୍ୟା ସାହାଯ୍ୟ ପାଣ୍ଠିକୁ ଦାନ

# ମହାନଦୀରେ ମହାବନ୍ୟା

**ଶ୍ରୀ ଜନାର୍ଦ୍ଦନ ତ୍ରିପାଠୀ**

ବନ୍ୟା, ବତି ଓ ମରୁଡ଼ି ଓଡ଼ିଶାରେ ଲାଗି ରହିଛି । ତା'ରି ମଧ୍ୟରେ ଓଡ଼ିଆର ଜନ୍ମ, ତା'ରି ମଧ୍ୟରେ ତା'ର ଜୀବନ, ତାକୁ ଆଦରି ଓଡ଼ିଆ ତାର ଅଦମ୍ୟ ସାହସରେ ପ୍ରଗତି ପଥରେ ଧୀରେ ଧୀରେ ଆଗଉଛି । ନଦୀ କୂଳରେ ଗାଁ ବସାଇଛି, ସହର ବସାଇଛି, ନିଜ ପାଇଁ ଓ ନିଜର ଫସଲ ପାଇଁ ପାଣି ଟିକିଏ ସୁବିଧାରେ ମିଳିବ । ସେଥିକୁ ପୁଣି ନୌବାଣିଜ୍ୟ ଚଳାଇ ପାରିବ । ଓଡ଼ିଶାର ବଡ଼ ନଦୀ–ମହାନଦୀ । ଏହି ନଦୀ ହିଁ ଓଡ଼ିଶାକୁ ବଡ଼ କରିଛି । ଓଡ଼ିଶାର ସଭ୍ୟତା–ମହାନଦୀ ସଭ୍ୟତା । ବହୁ ଆଗ କାଳରେ ମହାନଦୀର ଶାଖା ଗଙ୍ଗୁଆ କୂଳରେ ନଦୀ ବନ୍ଦର ଭୁବନେଶ୍ୱରରେ ସାଧବ ବାଣିଜ୍ୟ କରି ଓଡ଼ିଶାର ସ୍ୱଚ୍ଛଳତା ବଢ଼ାଇ ଥିଲା ପ୍ରାୟ ଏକ ଶତାବ୍ଦୀ ଯାଏ । ଗଙ୍ଗୁଆ ନଦୀ କିନ୍ତୁ କ୍ରମେ କ୍ଷୀଣ ହୋଇ ଆସିଲା ଓ ମହାନଦୀର ଅନ୍ୟାନ୍ୟ ଶାଖା ନଦୀ ବଡ଼ ଆକାର ଧାରଣ କଲା । ତେଣୁ ଓଡ଼ିଆ ବଣିକ ପୁରୀ ସମୁଦ୍ର କୂଳରେ ପୀଠ ସ୍ଥାପନ କରି ମହାନଦୀ ଅନ୍ୟାନ୍ୟ ଶାଖା ସାହାଯ୍ୟରେ ପ୍ରାୟ ଏକ ଦୁଇ ଶତାବ୍ଦୀ ବାଣିଜ୍ୟ କଲା । ସେ ଶାଖା ମଧ୍ୟ ରହିଲା ନାହିଁ । ତେଣୁ ମହାନଦୀର ଆଉ ଏକ ପ୍ରଶାଖା ଚନ୍ଦ୍ରଭାଗା କୂଳରେ କୋଣାର୍କ ଗଢି ତାର ବାଣିଜ୍ୟ ପ୍ରସାରର ଚେଷ୍ଟା କଲାବେଳେ ଚନ୍ଦ୍ରଭାଗା ନଦୀ ପୋତି ହୋଇଗଲା, କୋଣାର୍କ ଆଉ ଗଢ଼ା ହୋଇ ପାରିଲା ନାହିଁ । ଅଧା ରହିଗଲା, କେବଳ ରବିଆତରେ ଯାତ୍ରୀ ମନୋରଞ୍ଜନ ପାଇଁ । କାହିଁକି ଏପରି ହେଲା ? କେବଳ ମହାନଦୀ ଯୋଗୁଁ । ଏହି ମହାନଦୀ ବନ୍ଦର ପାଖ ତାର ଶାଖା ନଦୀଗୁଡ଼ିକୁ ପୋତି ପକାଇଲା । ଓଡ଼ିଆର ବାଣିଜ୍ୟ ଶତାବ୍ଦୀ ଶତାବ୍ଦୀ ଧରି ବାଧାପ୍ରାପ୍ତ ହେଲା । ଓଡ଼ିଆ ଦୁର୍ବଳ ହୋଇ ଗରିବ ହୋଇଗଲା । ଏହି କେତେ ଶତାବ୍ଦୀ ଧରି ମହାନଦୀ ତାର ଡ଼େଲଟାରେ ବର୍ଷ ବର୍ଷ ଧରି ବନ୍ୟାର ତାଣ୍ଡବ ଲୀଳା ଦେଖାଇଲା । ଊନବିଂଶ ଶତାବ୍ଦୀରେ ମହାନଦୀ କେନାଲ ଯୋଜନା ହୋଇ ଡେଲଟାରେ କେତୋଟି ଦୋଆବ ତଟ ବନ୍ଧ ଦ୍ୱାରା ସଂରକ୍ଷିତ ହୋଇ କେନାଲ ଜଳସେଚନ ହେଲା, ସେହି ମହାନଦୀର ଜଳ ବିନିଯୋଗ କରି । ତେବେ ପ୍ରାୟ ଆଠଶହ ବର୍ଷ ଆଗେ କଟକ ସହର ତଟବନ୍ଧ ଦ୍ୱାରା ସଂରକ୍ଷିତ ହୋଇ ଆସିଛି ।

କିନ୍ତୁ ଅନ୍ୟାନ୍ୟ ଦୋଆବଗୁଡ଼ିକ ବନ୍ୟା ପ୍ରକୋପରେ ଛଟପଟ ହେଉଥିଲେ । ଦେଶର ସ୍ୱାଧୀନତା ଆସିଲା । ମହାନଦୀ ଉପରମୁଣ୍ଡରେ ହୀରାକୁଦ ବନ୍ଧ ନିର୍ମାଣ ହେଲା, ମହାନଦୀର ଜଳ ବିନିଯୋଗ କରିବା ପାଇଁ, ତା ସଙ୍ଗେ କିଛି ବନ୍ୟାପାଣି କିଛି ସମୟ ପାଇଁ ଅଟକାଇ ବନ୍ୟା ପ୍ରକୋପ ଲାଘବ କରିବା ପାଇଁ । ତା'ସଙ୍ଗେ ସଙ୍ଗେ ମହାନଦୀ ଡେଲଟାର ଅନ୍ୟ ସମସ୍ତ ଦୋଆବ ତଟବନ୍ଧ ଦ୍ୱାରା ସଂରକ୍ଷିତ ହେଲା ଓ ସେଥିରେ ମଧ୍ୟ କେନାଲ ଜଳସେଚନ ଯୋଗାଇ ଦିଆଗଲା । ବନ୍ୟାରୁ ଅନେକାଂଶରେ ରକ୍ଷା ମିଳିଲା, ଯଦିଓ ବିପତ୍ତିରୁ ସଂପୂର୍ଣ୍ଣ ମୁକ୍ତି ମିଳିଲା ନାହିଁ । ଏଥି ମଧ୍ୟରେ ପାରାଦୀପ ବନ୍ଦର ମଧ୍ୟ ମହାନଦୀର ମୁହଁରେ ଗଢ଼ି ଉଠିଲା । ଏହି ନିଶ୍ଚିତ ପ୍ରଗତି ପଥରେ ଆଗେଇଲାବେଳେ ମହାନଦୀର ଅଗଷ୍ଟ ୨୮ ରୁ ସେପ୍ଟେମ୍ବର ପ୍ରଥମ ସପ୍ତାହର ବନ୍ୟା ଏକ ନିଦାରୁଣ ଆଘାତ । ଏ ବନ୍ୟା ମହାନଦୀର ଏକ ମହାବନ୍ୟା । ଓଡ଼ିଶାରେ ଏହାର ଅବବାହିକାର ସମସ୍ତ ଅଞ୍ଚଳ କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର, ଫୁଲବାଣୀ-ବୌଦ୍ଧ, ଢେଙ୍କାନାଳ, କଟକ ଓ ପୁରୀ ଜିଲ୍ଲାରେ ଓଡ଼ିଶାର ପଶ୍ଚିମ କୋଣରୁ ବଙ୍ଗୋପ-ସାଗର ଯାଏ ସର୍ବତ୍ର ଏକ ପ୍ରକାର ପ୍ରଳୟ ସୃଷ୍ଟି କଲା । କାହିଁକି ? ଏ କଣ ପ୍ରକୃତିର ଆମପ୍ରତି ଅସହିଷ୍ଣୁତା ? ମୋତେ ଲାଗୁଛି–ନା । ବରଂ ମହାନଦୀ ତାର ରୂପ ଦେଖାଇ ଦେଲା ଓ ଇଙ୍ଗିତରେ ଆମକୁ ଚେତେଇ ଦେଲା ଯେ ଅଧା ପନ୍ତରିଆ କିଛି କର ନାହିଁ । ତାର ଲୀଳା ଭୂମିରେ ଯଦି ଆମେ ରହିବା ତା ହେଲେ ତାକୁ ସୁରକ୍ଷିତ କରି ରହିବାକୁ ହେବ ଓ ତାର ସହିତ ସହଯୋଗ କଲେ ସେ ତାର କର୍ତ୍ତବ୍ୟ କରି ପାରିବ –ବର୍ଷା ପାଣି ତଳକୁ ଓ ପଟୁ ଓ ବାଲିଯାକୁ ସୁବିଧାରେ ନେଇ ବଙ୍ଗୋପସାଗରରେ ପହଞ୍ଚାଇ ଦେବ । ତାର ଏ କର୍ତ୍ତବ୍ୟ କରି ପାରିଲେ ସେ ଆଉ ଆମକୁ ଅସୁବିଧାରେ ପକାଇବ ନାହିଁ । ଏଥିରୁ ମୋତେ ଏତିକି ଲାଗୁଛି ଯେ ଏ ବନ୍ୟାକୁ ସବୁ ଦିଗରୁ ସମୀକ୍ଷା କରି ଆମର ସମସ୍ତ ବିକାଶ ମୂଳକ କାର୍ଯ୍ୟର ଯୋଜନା ବୈଜ୍ଞାନିକ ଭିତ୍ତିରେ କଲେ ମହାନଦୀ ସୁହାଇବ ଓ ଆମେ ତା' ସହିତ ସହାବସ୍ଥାନ କରି ରହିବା ଓ ତା'ର ଜଳସଂପଦ ବିନିଯୋଗ କରି ପାରିବା । ଏହି ସମୀକ୍ଷାରୁ ଜଳସଂପଦ

ବିନିଯୋଗ, ତଟବନ୍ଧ, ନଦୀବନ୍ଧ ଓ ନଦୀକୁ ମଣ କରିବା (river taming) କାର୍ଯ୍ୟରେ ସଠିକ ବାଟ ମିଳିବ । ପୁଣି ଅବବାହିକାରେ ରାସ୍ତାଘାଟ, ରେଳଲାଇନ୍, ବିଦ୍ୟୁତ୍ ଲାଇନ୍, ଜନବସତି, ଶିଳ୍ପ ଅନୁଷ୍ଠାନମାନଙ୍କର ଅବସ୍ଥିତି ଓ ଡିଜାଇନ ଇତ୍ୟାଦିର ବିଭିନ୍ନ ସୀମା ନିର୍ଦ୍ଧାରଣ କରାଯାଇ ପାରିବ । ତା ସଙ୍ଗେ ବିଭିନ୍ନ ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟେକ କ୍ଷେତ୍ରରେ ଗ୍ରହଣ କରାଯାଇ ପାରିବ । ଏହି ସମୀକ୍ଷା ଦ୍ୱାରା ଭବିଷ୍ୟତର ବିକାଶ ମୂଳକ କାର୍ଯ୍ୟରେ ନିଶ୍ଚିତ ପଦକ୍ଷେପ ନିଆଯାଇ ପାରିବ । ଯେଉଁଥିରେ କି ଭବିଷ୍ୟତକୁ ବନ୍ୟାଜନିତ କ୍ଷତି ପ୍ରାୟ ହେବନି ।

ମହାନଦୀର ଗୋଟିଏ ପ୍ରଶାଖା ନଦୀ କୂଳରେ ମୋର ଜନ୍ମ । ପିଲାଦିନେ ଆନନ୍ଦରେ ବଢି ପାଣିରେ ଖେଳି ନଈ ପହଁରି ପାର ହେଉଥିଲି । ପରେ ମୋର ଇଂଜିନିୟର ଜୀବନରେ ମହାନଦୀର ବନ୍ଧ, ତଟବନ୍ଧ ଓ ଅବବାହିକାର ସବୁ ଅଞ୍ଚଳ, ତାର ଜଳସଂପଦ ଓ ତାର କରାଳ ରୂପ-ସବୁ ବିଷୟରେ ପରିଚୟ ହୋଇଛି । ଏଥିଯୋଗୁ ଅଭ୍ୟାସ ବଶତଃ ଅବସର ନେଇଥିଲେ ବି ପ୍ରତ୍ୟହ ପାଣିପାଗ, ବର୍ଷା ଓ ବଢି ବିଷୟରେ ରେଡ଼ିଓ, ଖବର କାଗଜ ଯେ କୌଣସି ସୂତ୍ରରୁ ଖବର




ନିଏ ; କେବଳ ଜାଣିବା ପାଇଁ ଢ'ଣ କେତେବେଳେ ହେଉଛି । ଏ ବଢିରେ ମଧ୍ୟ ସ୍ୱାଭାବିକ କେତୋଟି ଖବର ପାଇଲି । ସର୍ବଦା ଝଡ଼ି ପରେ ବଢି । ବଙ୍ଗୋପସାଗରରେ ଲଘୁଚାପ, ତଜ୍ଜନିତ ଝଡ଼ି ଓ ଓଡ଼ିଶାରେ ବର୍ଷା । ଲଘୁଚାପ ସାଧାରଣତଃ ପଶ୍ଚିମ-ଉତ୍ତର ପଶ୍ଚିମକୁ ଗତି କରେ, ଓଡ଼ିଶା ଉପକୂଳ ପାର ହୁଏ, କେତେବେଳେ ବିହାର ଆଡ଼କୁ ଗତି କରେ ବା କେତେବେଳେ ମଧ୍ୟ ପ୍ରଦେଶ, ଉତ୍ତର ପ୍ରଦେଶ, ଦିଲ୍ଲୀ ଓ ପଞ୍ଜାବ ଯାଏ ଗତି କରେ । ଏହାର ପ୍ରଭାବରେ ଘୋର ବର୍ଷା ହୁଏ । ତେବେ ଏହି ଲଘୁଚାପ ପ୍ରଭାବ ଏହାର ଗତି ପଥରେ ସମାନ ରହେନି । ଲଘୁଚାପ କ୍ରମେ ପ୍ରବଳ ହୁଏ (Depression, deep depression and cyclonic storm) ଶେଷରେ ଝଡ଼ ବାତ୍ୟାରେ ପହଞ୍ଚେ । କେତେବେଳେ ମଧ୍ୟ ଦୁର୍ବଳ ହୋଇଯାଏ ପରେ ପୁଣି ଘନୀଭୂତ ହୁଏ ।

ଏଥର ଅଗଷ୍ଟ ୨୭ରେ ବଙ୍ଗୋପ ସାଗରରେ ଲଘୁଚାପ ଓ ତାର ପ୍ରଭାବରେ ଉପକୂଳବର୍ତ୍ତୀ ଦକ୍ଷିଣାଞ୍ଚଳ ଜିଲ୍ଲାମାନଙ୍କରେ ପ୍ରାୟ ୭୦-୮୦ ମିଲିମିଟର ବର୍ଷା ଅଗଷ୍ଟ ୨୮ରେ ଲଘୁଚାପ ୨୨୦ କିଲୋମିଟର ଦୂରରେ ବଙ୍ଗୋପସାଗରରେ ଓ ସେଦିନ ଉପକୂଳ ବାଲେଶ୍ୱର ନିକଟରେ ପାର ହୋଇ ଅଗଷ୍ଟ ୨୯ ସକାଳେ କେନ୍ଦୁଝର ନିକଟରେ କେନ୍ଦ୍ରୀଭୂତ ହୋଇଥିଲା । ଏହାର ପ୍ରଭାବରେ ଓଡ଼ିଶାର ମଧ୍ୟାଞ୍ଚଳରେ ଅଗଷ୍ଟ ୨୮ରେ ପ୍ରବଳ ବର୍ଷା ହୋଇଥିଲା । ବଲାଙ୍ଗୀର ଓ ସୋନପୁରରେ ୨୩୦, ୨୨୦ ମିଲିମିଟର

ବର୍ଷା ଅଗଷ୍ଟ ୨ରେ ହୋଇଥିଲା । ଏହି ବର୍ଷା ଅଗଷ୍ଟ ୨୮ ସନ୍ଧ୍ୟାରୁ ଆରମ୍ଭ ହୋଇ ୩୦ ତାରିଖ ଦ୍ୱିପହର ଯାଏ ହୋଇଥିଲା । ଏହି ଦୁଇଦିନରେ ସାରା ବର୍ଷର ଅଧେ ବର୍ଷା ପ୍ରାୟ ୬୫୦ ମିଲିମିଟର ହୋଇଥିଲା । ପାଣିପାଗ ଅଫିସରୁ ନିୟମିତ ବୁଲେଟିନ୍ ରେଡ଼ିଓ ମାଧ୍ୟମରେ ବରାବର ପ୍ରଚାର କରାଯାଉଥିଲା । ଖବରକାଗଜରେ ମଧ୍ୟ ଦିଆଯାଉଥିଲା । ତେବେ ପାଣିପାଗ ବୁଲେଟିନ୍ ତ ସାଧାରଣ ଭାଷାରେ 'ପ୍ରବଳ' ବର୍ଷା ହେବ ବୋଲି କହିବ । କିନ୍ତୁ କୌଣସି କୌଣସି ଜାଗାରେ ୬୦୦ରୁ ୭୦୦ ମି. ମି. ବର୍ଷା ହେବ ବୋଲି ତ ଆଉ କହି ପାରିବନି । ବଲାଙ୍ଗୀର ଓ ଫୁଲବାଣୀ ଜିଲ୍ଲାମାନଙ୍କରେ ବର୍ଷା ହେବା ସାଙ୍ଗେ ସାଙ୍ଗେ ନଦୀରେ ବଢ଼ି ଆସିଯାଏ । ଏ ମୁଷଳଧାରାର ବର୍ଷାତ କେହି ଆଶଙ୍କା କରି ପାରିବେନି । ତେଣୁ ବର୍ଷା ସମୟରେହିଁ ସେସବୁ ନଦୀରେ ବଢ଼ି ଆସି ବହୁ ଧନ ଜୀବନ ନଷ୍ଟ କରି ଦେଲା । ଏ ସବୁ ଜାଗାରେ ଆଗରୁ ସତର୍କ ହେବାକୁ ସମୟ ନଥାଏ ଓ ଆଗରୁ ବନ୍ୟା ପରିମାଣ କହିବାକୁ ସମ୍ଭବ ହୁଏନି ।

ଏ ବର୍ଷା ହୀରାକୁଦ ତଳ ମୁଣ୍ଡରେ ପ୍ରବଳ ଭାବେ ଓ ବିସ୍ତୃତ ଅଞ୍ଚଳରେ ହେଲା । ବଢ଼ିର ପରିମାଣ, ବର୍ଷାର ପରିମାଣ, ସମୟ ଓ ବିସ୍ତୃତି ଉପରେ ହିଁ ନିର୍ଭର କରେ । ହୀରାକୁଦ ତଳ ଭାଗରେ ପ୍ରାୟ ୧୮,୦୦୦ ବର୍ଗମାଇଲ ଅବବାହିକା ଅବସ୍ଥିତ । ଏହି ଅବବାହିକାରେ ପ୍ରାୟ ଦୁଇ ଦିନ ମଧ୍ୟରେ ଅନୁମାନ ୫୦୦ ମି.ମି. ବର୍ଷା ହୋଇଥିବ । (ପରେ ବିସ୍ତୃତ ବିବରଣୀ ସଂଗ୍ରହ କଲେ ସଠିକ୍ ସଂଖ୍ୟା ଜଣାପଡ଼ିବ) । ବିଶେଷତଃ ତେଲ ଓ ଅଙ୍ଗ ନଦୀ ଅବବାହିକା ଓ ଫୁଲବାଣୀ ମାଳଭୂମିର ଜଳ ଅତିଶୀଘ୍ର ମହାନଦୀରେ ଠୁଳ ହୋଇଗଲା । ୨୯ ତାରିଖ ରାତିରେ ମହାନଦୀ ସୋନପୁର ବୌଦ ଅଞ୍ଚଳରେ କୂଳ ଡେଇଁ ପଡ଼ିଲା । ଏହି ଅଞ୍ଚଳରେ ନଦୀଶଯ୍ୟା ପ୍ରସ୍ତରମୟ ଓ ନଦୀକୂଳ ମଧ୍ୟରେ ସୀମିତ ରହେ । କେତେ ସାମାନ୍ୟ ଖାଲଜାଗା (ଉପନଦୀ ମୁହାଣରେ) ଛାଡ଼ି ଦେଲେ ନଦୀ କେବେ କୂଳ ଡେଇଁ ଉପରକୁ ଆସେ ନାହିଁ । ଏସବୁ ଜାଗାରେ ତଟବନ୍ଧର ଆବଶ୍ୟକତା ପ୍ରାୟ ନାହିଁ । ବଢ଼ି ଏତେ ବେଶୀ ହେଲା ଯେ ବୌଦ ସହରରେ ପାଣି ପଶିଗଲା । ଯେସବୁ ଅଞ୍ଚଳ ଆଖି-ଆଗରେ ଆସିଯିବାରୁ ମୁଁ ବିଶେଷ ଆତଙ୍କିତ ହୋଇଗଲି । କାରଣ ମହାନଦୀର ଉଭୟକୂଳ ଟିକରପଡ଼ା ଘାଟିଠାରୁ, କଣ୍ଟିଲୋରୁ ମୁଣ୍ଡଳି ଓ ସେପଟେ ନରସିଂହପୁରଠାରୁ ମୁଣ୍ଡଳି ସବୁ ବନ୍ଧ ଭାଙ୍ଗି ଧନଜୀବନ ନଷ୍ଟ ହେବ । ମହାନଦୀ ଡେଲଟାରେ ବଢ଼ି ବନ୍ଧ ଡେଇଁ ବନ୍ଧ ବହୁ ଜାଗାରେ ଭାଙ୍ଗିବ । ଏପରିକି କଟକ ସହର ମଧ୍ୟ ବିପନ୍ନ ହୋଇ ଯାଇପାରେ । ଅଗଷ୍ଟ ୩୧ ରାତିଯାଏ ଆତଙ୍କିତ ଅବସ୍ଥା । ଭଗବାନଙ୍କୁ ଡାକିବା ବ୍ୟତୀତ ମୋର ଅନ୍ୟ ଗତି ନଥିଲା । କଟକ ସିନା ଯାଇ ଯାଉ ବଞ୍ଚିଗଲା, ତେବେ ସାରା ଅବବାହିକାରେ ଏ ବନ୍ୟା ପ୍ରଳୟ କରିଦେଲା ।

ମୋର ଅନୁଭୂତିରୁ, ଯତ୍ ସାମାନ୍ୟ ଖବର ମୁଁ ପାଉଥିଲି, ସେଥିରୁ ମୁଁ ଯାହା କଳନା କରୁଥିଲି । କିନ୍ତୁ ଖବର କାଗଜରୁ ଦେଖି ଜାଣିଲି ଯେ ସରକାରଙ୍କର ସବୁ ସ୍ତରରେ ସମସ୍ତେ ସଜାଗ ଅଛନ୍ତି । ଭୁବନେଶ୍ୱର ୨୯ ଅଗଷ୍ଟ ଖବର ୩୦ ଅଗଷ୍ଟ ଖବରକାଗଜରେ ବଡ଼ଧରଣ ବନ୍ୟାର ଆଶଙ୍କା ସୂଚାଇଛି । ପୁଣି ୩୦ ଅଗଷ୍ଟରେ ମୁଖ୍ୟମନ୍ତ୍ରୀ ସାମ୍ବାଦିକ ସମ୍ମିଳନୀରେ ପରିଷ୍କାର ଜଣାଇ ଦେଇଛନ୍ତି ଯେ ଏ ବଢ଼ି ୧୯୮୦ ବଢ଼ିଠାରୁ ଅଧିକ ହେବ । ସେ ସମୟର ଅନୁମାନ ୧୩ ଲକ୍ଷ ଘନଫୁଟ-ସେକେଣ୍ଡ (କ୍ୟୁସେକ୍) ମୁଣ୍ଡଳିଠାରେ ହୋଇପାରେ । ସେତେବେଳ ସୁଦ୍ଧା ବଲାଙ୍ଗୀର ଆଡେ ବର୍ଷା ହେଉଥାଏ । ସାରା ସରକାରୀ କଳ ଏ ଅଭୂତପୂର୍ବ ବନ୍ୟାର ସମ୍ମୁଖୀନ ହେବା ପାଇଁ ସଜାଗ ରହିଲେ । ଏହି ଆଗୁଆ ଖବର (ଫୋର-କାଷ୍ଟ) ହେତୁ ଲୋକେ ସମୟରେ ଉଚ୍ଚସ୍ଥାନକୁ ଯାଇ ଜୀବନ ରକ୍ଷାକରି ପାରିଛନ୍ତି । ନୋହିଲେ ଟିକରପଡ଼ା ଘାଟିଠାରୁ ସମୁଦ୍ରଯାଏ ନଦୀ କୂଳର ବହୁତ ବେଶୀ ଜୀବନହାନୀ ହୋଇଥାନ୍ତା ।

ହୀରାକୁଦର ଉପରପଟ ଅବବାହିକା ପ୍ରାୟ ୩୨,୦୦୦ ବର୍ଗମାଇଲ । ବନ୍ଧ ହେବା ଆଗରୁ ଉପରମୁଣ୍ଡର ବନ୍ୟା ଓ ତଳମୁଣ୍ଡ ବନ୍ୟା ମିଶି ବନ୍ୟାର ଶୀର୍ଷ ପ୍ରବାହ ହୋଇଥାଏ । କିନ୍ତୁ ବନ୍ଧ ହେବା ପରେ ବନ୍ଧରୁ ନିୟନ୍ତ୍ରିତ ପ୍ରବାହ ନିମ୍ନଭାଗ ଅବବାହିକାର ପ୍ରବାହ ସହିତ ମିଶି ଶୀର୍ଷ ପ୍ରବାହ ହୁଏ । ବନ୍ୟାର ଉତ୍ସରର ହୀରାକୁଦଠାରୁ ଜଳ ପ୍ରବାହ ପ୍ରାୟ ଦୁଇ ଦିନରେ ମୁଣ୍ଡଳିରେ ପହଞ୍ଚେ । ଏ ବନ୍ୟା ମୁଣ୍ଡଳୀଠାରେ ଅଗଷ୍ଟ ୩୧ର ସନ୍ଧ୍ୟା ଛଅ ଘଣ୍ଟା ସମୟରେ ସର୍ବାଧିକ ସ୍ତରରେ ଥିଲା । ତାର ଠିକ୍ ଦୁଇ ଦିନ ଆଗରୁ ଅଗଷ୍ଟ ୨୯ର ସେହି ସମୟରେ ହୀରାକୁଦ ଜଳ-ଭଣ୍ଡାରକୁ ପ୍ରାୟ ଦେଢ଼ଲକ୍ଷ ଘନଫୁଟ–ସେକେଣ୍ଡ ପାଣି ପ୍ରବେଶ କରୁଥିଲା । ତଳମୁଣ୍ଡରେ ବର୍ଷା ହେବାର ଦେଖି ହୀରାକୁଦରୁ ବନ୍ୟାଜଳ ନିଷ୍କାସନ ସେହି ସମୟରେ ବନ୍ଦ କରାହୋଇଥିଲା । ତେଣୁ ଉପରମୁଣ୍ଡର ବନ୍ୟା, ତଳମୁଣ୍ଡରେ ବନ୍ୟା ସହିତ ମିଶିପାରି ନଥିଲା । ମୁଣ୍ଡଳି-ନରାଜଠାରେ ଏ ବନ୍ୟା ପ୍ରାୟ ୧୬ଲକ୍ଷ ଘନଫୁଟ–ସେକେଣ୍ଡ ହୋଇଥିଲା । ହୀରାକୁଦ ନଥିଲେ ମୋଟ ପରିମାଣ ୧୭.୫ଲକ୍ଷ ଘନଫୁଟ-ସେକେଣ୍ଡ ହୋଇଥାନ୍ତା । ଏ ଅବସ୍ଥା ସହଜେ ଅନୁମେୟ । ଆଜି ହୁଏତ କଟକ ସହର ସହର ହୋଇ ରହି ନଥାନ୍ତା ଓ ତଳମୁଣ୍ଡରେ ପୂର୍ଣ୍ଣ ପ୍ରଳୟ ହୋଇ ଯାଇଥାନ୍ତା । ମହାନଦୀ ଓ ତେଲନଦୀ ସଙ୍ଗମର ତଳପାସକୁ ଖରିଆମାଳଠାରେ ହୀରାକୁଦର ଗେଜ୍ ଓ ବେତାର କେନ୍ଦ୍ର ଅଛି । ସେଠାରୁ ତଳମୁଣ୍ଡ ଅବବାହିକାର ପ୍ରବାହ ଖବର ଘଣ୍ଟା ଘଣ୍ଟା ଧରି ହୀରାକୁଦକୁ ଯାଏ । ସେ ଖବର ପାଇ ହୀରାକୁଦ ବନ୍ୟା ନିଷ୍କାସନ ତଳମୁଣ୍ଡ ହିତ ଦୃଷ୍ଟିରୁ ନିୟନ୍ତ୍ରିତ କରାଯାଏ । ଅଗଷ୍ଟ ୨୯ରେ ବନ୍ୟାଜଳ ପଶିଯିବାରୁ ସେ ଖବର ଆଉ ହୀରାକୁଦ ପାଇ ପାରିନି । ତଥାପି ସେଠାର ଇଂଜିନିୟର ହୀରାକୁଦରୁ ବନ୍ୟା ନିଷ୍କାସନ ଅଗଷ୍ଟ ୨୯ରେ ସଂପୂର୍ଣ୍ଣ ବନ୍ଦ କରିଦେଇ ଇଂଜିନିୟରିଂ ଜ୍ଞାନ ଓ ଦାୟିତ୍ୱର ପରାକାଷ୍ଠା ଦେଖାଇଛନ୍ତି ଓ କଟକ ସମେତ ଆଉ ବହୁ ଅଞ୍ଚଳକୁ ବନ୍ୟା କବଳରୁ ବଞ୍ଚାଇଛନ୍ତି ।



ଆମର ପ୍ରାୟ ଏକଶତ ବର୍ଷରୁ ଊର୍ଦ୍ଧ୍ୱକାଳ, ନରାଜ-ଠାରେ ମହାନଦୀର ବନ୍ୟା ହିସାବ ଅଛି । ଅଧିକାଂଶ ହୀରାକୁଦର ପୂର୍ବରୁ ସେ ବନ୍ୟା ମହାନଦୀର ସମସ୍ତ ଅବବାହିକାର ପ୍ରବାହ ଓ ଏହାର ସର୍ବୋଚ୍ଚ ପରିମାଣ ୧୯ଲକ୍ଷ ଘନଫୁଟ-ସେକେଣ୍ଡ କିନ୍ତୁ ଏ ବନ୍ୟା କେବଳ ତଳ ଅବବାହିକାରୁ ପ୍ରାୟ ୧୬ଲକ୍ଷ ଓ ସମସ୍ତ ଅବବାହିକାର ମୂଳ ପ୍ରବାହ ୧୭.୪ ଲକ୍ଷ ଘନଫୁଟ-ସେକେଣ୍ଡ । ଆମର ଲିଖିତ ହିସାବକୁ ଏ ବନ୍ୟା ବହୁତ ଟପି ଯାଇଛି । ଆମର କଟକ ବନ୍ଧ ପ୍ରାୟ ଆଠଶହ ବର୍ଷ ହେବ । ଇତିହାସରୁ ଜଣାଯାଏ କେବେହେଲେ ଏ ବନ୍ଧ ଭାଙ୍ଗି କଟକ ବିପନ୍ନ ହୋଇନି । ଏ ଆଠଶହ ବର୍ଷର ବନ୍ଧ ବର୍ଷ ବର୍ଷ ଧରି କ୍ରମେ କେତେ ଉଚ୍ଚ ହୋଇଛି । ଯେହେତୁ ଏ ବନ୍ୟା ଏହି ଉଚ୍ଚ ବନ୍ଧକୁ ଡେଇଁଥାନ୍ତା ଏଥିରୁ ଅନୁମାନ କରାଯାଇ ପାରେ ଯେ ଆଠଶହ ବର୍ଷ ହେଲା ଏତେବଡ ବଢ଼ି ମହାନଦୀରେ ହୋଇନାହିଁ । ଏହା ଏକ ଅଭୂତପୂର୍ବ ବନ୍ୟା । ତେବେ ପ୍ରକୃତିର ଏପରି ବିକାର ଘଟେ । ତେଣୁ ମହାନଦୀ ଯେତେବେଳେ ତାର ରୂପ ଦେଖାଇସଣି, ଆଗକୁ ଆମର ବନ୍ୟା ନିୟନ୍ତ୍ରଣ କାମଗୁଡ଼ିକ ଏହି ବନ୍ୟାକୁ ସମ୍ଭାଳିବା ପାଇଁ ହେବା ଉଚିତ । ଏହି ପ୍ରଳୟଙ୍କରୀ ବନ୍ୟାକୁ ଗୋଟିଏ କମିଟି ସବୁ ଦିଗରୁ ସମ୍ୟକ୍ ଅନୁଧ୍ୟାନ କରି ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କଲେ ଭଲ ହେବ ।

ବନ୍ୟା ନିୟନ୍ତ୍ରଣରେ କେତେଗୁଡ଼ିଏ ବିଗ୍ରହ ଅଛି । ଆମ ଦେଶର ପାଞ୍ଚ ହଜାର ବର୍ଷର ସଭ୍ୟତାରେ ବନ୍ୟା ନିୟନ୍ତ୍ରଣ ବାଦ ଯାଇନାହିଁ । ସରଳ ଓ ସହଜ ହେଲା ନଦୀ ତଟବନ୍ଧ । ନଈ କୂଳରେ ବନ୍ଧ ପକାଇ ବଢ଼ି ପାଣିକୁ ଆଡ଼େଇ ରଖିବା କଥା । ବିଶେଷତଃ ଢେଙ୍କାନାଳ ଅଞ୍ଚଳରେ ଏପରି ବନ୍ଧ ହଜାର ହଜାର ବର୍ଷରୁ ରହି ଆସିଛି । ତେବେ ପ୍ରାୟ ଏକଶତ ବର୍ଷ ହେବ ବୃହତ୍ ନଦୀ ବନ୍ଧ ଯୋଜନାରେ ବଡ଼ ଜଳ ଭଣ୍ଡାର ହେବା ଦ୍ୱାରା ବନ୍ୟାର ଉଦ୍‌ବୃତ୍ତ ଜଳ ସଂରକ୍ଷିତ ହୋଇ ବିଭିନ୍ନ କାର୍ଯ୍ୟରେ ବିନିଯୋଗ ହେଉଛି । ତେଣୁ ତଳମୁଣ୍ଡରେ ବନ୍ୟାର ପ୍ରବାହ କମି ଯାଉଛି । କୌଣସି କୌଣସି ଜଳ ଭଣ୍ଡାରରେ ମଧ୍ୟ ଖାସ ବନ୍ୟା ନିୟନ୍ତ୍ରଣ ପାଇଁ ସ୍ଥାନ ରଖାଯାଇ ବନ୍ୟାର ପ୍ରବାହ ନିୟନ୍ତ୍ରିତ ହୁଏ । ଏହି ବିଗ୍ରହରୁ ଆମର ପ୍ରଜ୍ଞ ଇଞ୍ଜିନିୟର ବିଶ୍ୱେଶ୍ୱରେୟା ୧୯୩୦ ଦଶନ୍ଧିରେ ମହାନଦୀ ଉପରମୁଣ୍ଡରେ ଜଳ ଭଣ୍ଡାର କରି ବନ୍ୟା ନିୟନ୍ତ୍ରଣ କରିବାକୁ ସୂଚନା ଦେଇଥିଲେ । ପରବର୍ତ୍ତୀ ଦଶନ୍ଧିରେ ଭାରତର ପ୍ରସିଦ୍ଧ ଇଞ୍ଜିନିୟର ଡକ୍ଟର ଏ. ଏନ. ଖୋସଲ ହୀରାକୁଦ ଜଳ ଯୋଜନା ପ୍ରସ୍ତୁତ କରି ସେଥିରେ ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ରଖିଲେ । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡକ୍ଟର କେ. ଏଲ. ରାଓ, ଜଳ ଭଣ୍ଡାର ଦ୍ୱାରା ବନ୍ୟା ନିୟନ୍ତ୍ରଣର ପକ୍ଷପାତୀ । ଏ ବିଷୟରେ ମୋର କିଛି କହିବାର ନାହିଁ । ଜଳ ଭଣ୍ଡାର ଦ୍ୱାରା ନିଶ୍ଚିତ ଭାବେ ବନ୍ୟା ପ୍ରବାହ ସୀମିତ କରାଯାଇ ପାରିବ । ତେବେ ଜଳ ଭଣ୍ଡାରର ଜୀବଦଶା ମଧ୍ୟ ସୀମିତ, ହୁଏତ ଏକଶତ ବା ପାଞ୍ଚଶତ ବର୍ଷ ମଧ୍ୟରେ । ଜଳ ଭଣ୍ଡାରର କ୍ଷମତା ହ୍ରାସ ସଙ୍ଗେ ସଙ୍ଗେ ବନ୍ୟା ପ୍ରକୋପ ପୁଣି ବୃଦ୍ଧି ପାଇବ । ଜଳଭଣ୍ଡାର ଥିଲେ ସୁଦ୍ଧା ତଟ ବନ୍ଧକୁ ବାଦ ଦିଆଯାଇ ନ ପାରେ । ଏହି ତଟବନ୍ଧ ନଦୀ ଥିବା ଯାଏ ରହିବ । ଚାରି ହଜାର ବର୍ଷ ... ସଭ୍ୟତାରେ ଏକ ଜଳ ଭଣ୍ଡାରର ଏକଶତ ବର୍ଷ ଆୟୁ

ଏପରି କିଛି ନୁହେଁ । ତେଣୁ ମୁଁ କହେ ଯେ ଜଳଭଣ୍ଡାର ନିଶ୍ଚିତ ଭାବେ ବନ୍ୟା ନିୟନ୍ତ୍ରଣ କରିବ, କିନ୍ତୁ ତାହା ସମୟ ଦୃଷ୍ଟିରୁ ସୀମିତ । ତେଣୁ ସ୍ଥାୟୀ ବ୍ୟବସ୍ଥା ହେଲା ନଦୀଗୁଡ଼ିକୁ ମଣ କରିବା ( taming ) । ଏହି କାର୍ଯ୍ୟରେ ତଟବନ୍ଧ ଏକାନ୍ତ ଆବଶ୍ୟକ । ତା ସାଙ୍ଗକୁ ଆଉ କେତେକ ମଣେଇବା କାର୍ଯ୍ୟ କରିବାକୁ ହୁଏ । ଇଉରୋପରେ ଡ୍ରାନିଉବ୍, ଧନ୍ ଓ ପୋ ନଦୀମାନ ମଣ ( taming ) ହୋଇଛନ୍ତି ଓ ଦୁଇ କୂଳରେ କାଛ ବନ୍ଧାଯାଇଅଛି । ଏବେ ଆମେରିକାରେ ଜଳ ଭଣ୍ଡାର ଥାଇ ମଧ୍ୟ ନଦୀକୁ ମଣ କରାଯାଇଛି । ତେଣୁ ମୁଁ ଏତିକି କହିବି ଯେ ଆମ ନଦୀଗୁଡ଼ିକର ତଟବନ୍ଧଗୁଡ଼ିକୁ କୌଣସି ପ୍ରକାର ହେଳା କରିବା ଅନୁଚିତ । ବରଂ ସେଗୁଡ଼ିକୁ ବର୍ତ୍ତମାନ ବନ୍ୟା ସ୍ତରଠାରୁ ଉଚ୍ଚ ଓ ଦୃଢ଼ କରି ଗଢ଼ିବା ଆବଶ୍ୟକ । ଯେଉଁଠାରେ କୂଳ ଖାଇଯିବାର ଆଶଙ୍କା ଅଛି ସେଠାରେ ନଦୀକୁ ବିଭିନ୍ନ ଉପାୟରେ ମଣ କରିବାକୁ ହେବ । ଏ ସବୁ ଚିରସ୍ଥାୟୀ । ଏହିଭଳି ମଣ ଦ୍ୱାରା ନଦୀ ଶଯ୍ୟା ଉଚ୍ଚ ହେବନି ଓ ନଦୀ କ୍ରମେ ସ୍ଥିର ଭାବ ଗ୍ରହଣ କରି ତାର ନିଜ କର୍ତ୍ତବ୍ୟ କରିଯିବ ଓ ଆମେମାନେ କାଳକ୍ରମେ ଏହି ତଟବନ୍ଧ ଓ ନଦୀକୂଳ ସ୍ଥାୟୀ କରିବୁ ।

ଏହା ସାଙ୍ଗକୁ ଉପର ମୁଣ୍ଡରେ ନଦୀ ବନ୍ଧହିଁ ଭଲ । ସେଗୁଡ଼ିକ ମୁଖ୍ୟତଃ ଜଳ ସମ୍ପଦ ବିନିଯୋଗ ଦୃଷ୍ଟିରୁ ନିର୍ମିତ ହୁଏ । ଯଥା, ଜଳ ସେଚନ, ବିଦ୍ୟୁତ୍ ଉତ୍ପାଦନ ଇତ୍ୟାଦି । ଏ ସବୁର ବନ୍ୟା ନିୟନ୍ତ୍ରଣ କେବଳ ଆନୁଷଙ୍ଗୀକ ଓ ଅଳ୍ପ ବର୍ଷ ପାଇଁ ।

ଏ ବନ୍ୟା ମନରେ ଆଉ କେତେକ ଚିନ୍ତାଧାରା ଉଦ୍ରେକ କରୁଛି । ତେବେ ସବୁତ ଏହି କ୍ଷୁଦ୍ର ପ୍ରବନ୍ଧରେ ବିସ୍ତାର କରି ହେବନି । ଆବଶ୍ୟକ ହେଲେ ଯଥା-ସମୟରେ ସେ ସବୁ ବିସ୍ତାର କରାଯାଇ ପାରେ ।

(ବି: ଦ୍ର: – ଏହି ପ୍ରବନ୍ଧରେ ପରିସଂଖ୍ୟାନ ସୂଚିପଟରୁ ଗୃହୀତ) ।

---

ଅବସରପ୍ରାପ୍ତ ଚିଫ୍ ଇଞ୍ଜିନିୟର,
ଶହୀଦନଗର, ଭୁବନେଶ୍ୱର ।



ମୁଖ୍ୟମନ୍ତ୍ରୀଙ୍କ ବନ୍ୟ ପ୍ରାଣୀ ଫଟୋ ପ୍ରଦର୍ଶନୀ ପରିଦର୍ଶନ




ବୈଧାନିକ ସତର୍କତା: ସିଗାରେଟ ଖାଇବା ସ୍ୱାସ୍ଥ୍ୟ ପକ୍ଷରେ କ୍ଷତିକାରକ
STATUTORY WARNING: CIGARETTE SMOKING IS INJURIOUS TO HEALTH

HMA 2/82 Ori.

# ସମ୍ବଲପୁରରେ ବନ୍ୟା ବିଘାତ



ଶ୍ରୀ ସହଦେବ ସାହୁ

ଅଗଷ୍ଟ ୧୭ରୁ ୧୯ ମଧ୍ୟରେ ସମ୍ବଲପୁର ଓ ଆଖପାଖ ଅଞ୍ଚଳରେ ଅଭୂତପୂର୍ବ ବର୍ଷା ହେଲା । ପ୍ରତିଦିନ ସକାଳ ଆଠଟାରେ ୨୪ ଘଣ୍ଟାର ବୃଷ୍ଟିପାତ ମାପିବା ଯନ୍ତ୍ରରେ ଯେତେ ମିଲିମିଟର ବର୍ଷା ହୋଇଥିଲା, ନିମ୍ନରେ ତାହା ଉଲ୍ଲେଖ କରାଗଲା ।

| | | ୧୭-୮-୮୨ | ୧୮-୮-୮୨ | ୧୯-୮-୮୨ |
|---|---|---|---|---|
| ସମ୍ବଲପୁର (ସହର) | .. | ୪'୪୦ | ୨୪'୧ | ୫୮୧'୯୦ |
| ହୀରାକୁଦ (ବିଜ୍ଞାପିତ ଅଞ୍ଚଳ) । | .. | | ୩୩'୨୦ | ୪୦୮'୦୦ |
| ମାନେଶ୍ୱର (ପଞ୍ଚାୟତ ସମିତି) । | | ୧୦'୦୦ | ୧୬'୦୦ | ୩୧୨'୦୦ |
| ଧନକଉଡ଼ା (ପଞ୍ଚାୟତ ସମିତି) । | .. | | ୩୧'୦୦ | ୫୮୧'୯୦ |

ଏହି ବର୍ଷାକୁ ମୂଷଳଧାରାବର୍ଷୀ ବର୍ଣ୍ଣନାକଲେ, ମାପକୁ ହେୟଜ୍ଞାନ କରିବା ସଙ୍ଗେ ସମାନ ହେବ । ସମ୍ବଲପୁରର ପ୍ରତ୍ୟକ୍ଷଦର୍ଶୀମାନେ କହନ୍ତି ଯେ ୧୮ ତାରିଖ ସଂଧ୍ୟା ସାଢ଼େସାତଟାରୁ ରାତି ଦୁଇଟା ମଧ୍ୟରେ ବାଲ୍‌ଟିରେ ପାଣି ଢାଳିଲା ଭଳି ବର୍ଷା ଅଜାଡ଼ି ହୋଇପଡ଼ିଲା । ପ୍ରତି ଘଣ୍ଟାରେ ଯେ ୧୦୦ ମିଲିମିଟର ବର୍ଷା ହୋଇପାରେ, ହୀରାକୁଦରେ ଥିବା ସ୍ୱୟଂଚାଳିତ ବୃଷ୍ଟିମାପକ ଯନ୍ତ୍ରର ରେଖାଚିତ୍ର ନ ଦେଖିବା ପର୍ଯ୍ୟନ୍ତ ସେପ୍‌ଟେମ୍ବର ୪ରେ ସମ୍ବଲପୁର ପରିଦର୍ଶନରେ ଆସିଥିବା କେନ୍ଦ୍ରୀୟ ପରିଦର୍ଶନକାରୀ ଦଳର ନେତା ତଥା କେନ୍ଦ୍ର କୃଷି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଶ୍ରୀଯୁକ୍ତ ଆଗ୍ରୟୀ ବିଶ୍ୱାସ କରି ନ ଥିଲେ ।

ଏତେ ବର୍ଷାର ଜଳପରିମାଣକୁ ନିଷ୍କାସନ କରିବାପାଇଁ ଯେଉଁ ପ୍ରକାରର ନିଃସାରଣ ଦରକାର ତା ସମ୍ବଲପୁରରେ କାହିଁକି, କୌଣସି ବଡ଼ ସହରରେ ନ ଥିବ । ଲକ୍ଷାଧିକ ଅଧିବାସୀ ଥିବା ନଗରମାନଙ୍କରେ ଯେଉଁ ଜଳ ନିଷ୍କାସନ ବ୍ୟବସ୍ଥା ଥାଏ ତାହା ସାଧାରଣତଃ କେତେ ଘଣ୍ଟା ପାଇଁ ଘଣ୍ଟାକୁ ୫୦ ମି: ମି: ବର୍ଷା ବା ୨୪ ଘଣ୍ଟାରେ ହାରାହାରି ୨୬୦ ମି: ମି: ବର୍ଷା ସଂଭାଳିପାରେ । କିନ୍ତୁ କାଳକ୍ରମେ ବିଭିନ୍ନ ନଳା ଓ ଜୋର ଦୁଇ ପାର୍ଶ୍ୱରେ ଲୋକମାନେ ଘର ତିଆରି କରି ନେଇଥିବାରୁ ୨୪ ଘଣ୍ଟା ଭିତରେ ୧୫୦ ମି: ମି: ବୃଷ୍ଟିପାତକୁ ନିଷ୍କାସନ କରିବା ଭଳି ସୁବିଧା ସମ୍ବଲପୁରରେ ନାହିଁ । ଅଗଷ୍ଟ ୧୮ ଓ ୧୯ ପରି ନାହିଁ ନଥିବା ବର୍ଷା ସଂଭାଳିବାକୁ ହେଲେ ସମ୍ବଲପୁର ସହରରେ ଥିବା ସବୁ ନଳା ଓ ଜୋର ଏବଂ ସେଗୁଡ଼ିକ ଉପରେ ଥିବା ପୋଲଗୁଡ଼ିକୁ ଓସାରିଆ କରିବାକୁ ପଡ଼ିବ । ଏହା ସମୟ ଓ ଅର୍ଥ ସାପେକ୍ଷ ।

ସମ୍ବଲପୁର ସହରର ବୃଷ୍ଟିଜଳ ମୁଖ୍ୟତଃ ଧୋବିଜୋର ବାଟେ ଯାଏ । ସହର ଭିତରେ ଉତ୍ତରଦକ୍ଷିଣ ହୋଇ ୪ କି: ମି: ଗଲାପରେ ଧୋବିଜୋର ପୂର୍ବମୁହାଁ ହୋଇ ୬ କି : ମି: ବହିଯାଇଛି । ହରଡ଼ଜୋର ନଦୀ ଠିକ୍ ମହାନଦୀରେ ପଡ଼ିବା ପୂର୍ବରୁ ଧୋବିଜୋର ହରଡ଼ ଜୋରରେ ମିଶିଛି । ସହର ଭିତରେ ବିଭିନ୍ନ ଅଞ୍ଚଳରୁ ଜଳ ନିଷ୍କାସନ କରୁଥିବା ଗୁଡ଼ିଏ ନଳା ହରଡ଼ଜୋରରେ ମିଶିଛନ୍ତି । ହରଡ଼ଜୋରରେ ମିଶିଥିବା ସ୍ଥାନର ଅନତି ଦୂରରେ ଧୋବିଜୋର ଉପରେ ଯେଉଁ ପୋଲଟି ଅଛି, ତହିଁର ଦୁଇଟି ଫୁକାରରେ ପାୟ ୫ ମିଟର ଓସାରରେ ପାଣି ଯାଇ ପାରିବ । ଅର୍ଥାତ୍ ୧୦ ହଜାର କ୍ୟୁସେକ୍ ପାଣି ଏବାଟେ ଯାଇପାରେ । ୧୮ ଓ ୧୯ର ମଝି ରାତିରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ରାତି ଗୋଟାକରୁ ୨ଟା ମଝିରେ ପ୍ରାୟ ୯୦ ହଜାର କ୍ୟୁସେକ୍‌ରୁ ବେଶୀ ପାଣି ବହିବାକୁ ଲାଗିଲା । ଧୋବିଜୋର ଏତେ ପାଣି ନେଇ ନ ପାରିବାରୁ ସମ୍ବଲପୁର ସହରର ପ୍ରାୟ ୧୩ ବର୍ଗ କି : ମି: ଅଞ୍ଚଳରେ ବନ୍ୟା ଦେଖାଗଲା । ସ୍ଥାନେ ସ୍ଥାନେ ବନ୍ୟା ଜଳର ଗଭୀରତା ଦେଢ଼ ମିଟରରୁ ବେଶୀ ହୋଇଗଲା । ଫଳରେ ମହାନଦୀ କୂଳରେ ଥିବା ବାଲିବନ୍ଧ ଭାଙ୍ଗିଯାଇ ୭୦ ମିଟର ଲମ୍ବ ଓ ୧୨ ମିଟର ଗଭୀର ଘାଇ ହୋଇଗଲା । ଷ୍ଟେଟ ବେଙ୍କ୍ ନିକଟରେ ସମ୍ବଲପୁର-କଟକ ରାସ୍ତାରେ ଥିବା ପୋଲ ବୁଡ଼ିଯାଇ ତା ଉପରେ ଦେଢ଼ ମିଟର ପାଣି

ଘୁଞ୍ଚିଲା । ପାଣି ଛାଡ଼ିଗଲା ପରେ ଦେଖାଗଲାଯେ ପୋଲର ବାମ ପାଖରେ ୧୦ ମିଟର ଲମ୍ବ ଓ ୬ ମିଟର ଗଭୀର ଗୋଟିଏ ଗାଡ଼ ହୋଇଯାଇଛି ।

ବର୍ଷାଋତୁରେ ଗୋଟିଏ ମାସରେ ଯେତେ ବର୍ଷା ହୋଇଥାଏ ତହିଁରୁ ବେଶୀ ଗୋଟିଏ ଦିନରେ ହୋଇଗଲା । ବୁର୍ଲା ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରେ ଲାଗିଥିବା ଟରବାଇନଗୁଡ଼ିକ ଉପରେ ପ୍ରାୟ ୧୧ ମିଟର ଉଚ୍ଚର ବର୍ଷାଜଳ ଜମିଗଲା । ଜବାହାର ମୀନାର ପାହାଡ଼ରୁ ବୋହି ଆସିଥିବା ଏତେ ପାଣିର ଓଜନରେ ଟରବାଇନ୍ ସବୁ ବନ୍ଦ ହୋଇଗଲା । ଏଠାରେ ବର୍ଷାଜଳ କାଢ଼ିବା-ପାଇଁ ଯେଉଁ ପମ୍ପ ବ୍ୟବହାର ହୁଏ ତାହା ୧୦୦ ମିଲିମିଟର ଭଳି ବର୍ଷା ହେଲେ ପାଓ୍ୱାର ହାଉସକୁ ଶୁଖିଲା ରଖି ପାରିବ । ହୀରାକୁଦରେ ୪୦୦ ମିଲି-ମିଟରରୁ ବେଶୀ ବର୍ଷା ହୋଇ ଏହି ପମ୍ପଗୁଡ଼ିକୁ ଅଚଳ କରିଦେଲା । ଫଳରେ ହୀରାକୁଦରୁ ବିଦ୍ୟୁତ୍ ଉତ୍ପାଦନ ସଂପୂର୍ଣ୍ଣ ବନ୍ଦ ହୋଇଗଲା । ବହୁ ଅଶ୍ୱଶକ୍ତି ବିଶିଷ୍ଟ ପମ୍ପଗୁଡ଼ିଏ ଲଗାଇ ଟରବାଇନଗୁଡ଼ିକୁ ଶୁଖିଲା କରାଇବାକୁ ୧୦ ଦିନରୁ ବେଶୀ ଲାଗିଲା । ଏହି ଅଭୂତପୂର୍ବ ବୃଷ୍ଟିଜନିତ ବନ୍ୟାର ପ୍ରକୋପ କେତେ ତାହା ସହଜରେ ଅନୁମାନ କରିହୁଏ ।



ସମ୍ବଲପୁର ସହରରେ ପ୍ରାୟ ୫୦ ହଜାର ଲୋକ ଏହି ବନ୍ୟା କଷ୍ଟ ଭୋଗିଥିଲେ । ୪୦ଟି ବସ୍ତିରେ ପ୍ରାୟ ୧୮ ହଜାର ଲୋକ ପାଣି ଘେରରେ ପଡ଼ିଯାଇଥିଲେ । ଏମାନଙ୍କୁ ଘର ଛାଡ଼ିବାକୁ ପଡ଼ିଥିଲା । ୧୮ ତାରିଖ ରାତିର ଘନ ଅନ୍ଧକାରରେ ବହୁତ ଲୋକ ନିଜଘର ଛାଡ଼ି ଉଚ୍ଚ ସ୍ଥାନକୁ ପଳାଇ ଆସିଥିଲେ । ହଠାତ୍ ଏତେପାଣି ଆସିଲା ଯେ ମୋଦିପଡ଼ା ପାଖ ଫାର୍ମ-ରୋଡ଼ରେଥିବା ପୋଲ ପାରହୋଇ ଧୋବିଜୋର ଗୋଟିଏ ନୂଆ ନାଳ ତିଆରି କରିଦେଲା । ଏହି ନୂଆନାଳ ମତ୍ସ୍ୟବିଭାଗର ପୋଖରୀଗୁଡ଼ିକରେ ମିଶି ଫାର୍ମରୋଡ୍ ଓ କମଳିବଜାର ତଥା ପାଖଆଖ ବହୁତ ଘରଦ୍ୱାର ନଷ୍ଟ କରିଦେଲା । ମହାନଦୀ କୂଳରେ ବାଲିବନ୍ଧ ଭାଙ୍ଗିବା ପୂର୍ବରୁ ଗାନ୍ଧୀପାର୍କ ଓ ଲେଡ଼ିଜ୍ ପାର୍କକୁ ଧୋଇ ନେଇଗଲା । ପାର୍କରେ ଥିବା ବଡ଼ ବଡ଼ ଗଛ, ଲୁହାଜାଲି, ପକାବେଞ୍ଚ ଆଦି ସୁଦୃଢ଼ ଗଠନଗୁଡ଼ିକ ଯେପରି ଭାବରେ ଖୋଳି ପୋପାଡ଼ି ଦେଇଛି, ସେଗୁଡ଼ିକୁ ଦେଖିଲେହିଁ ବିଶ୍ୱାସ କରିହେବ ଯେ ପ୍ରବଳ ବୃଷ୍ଟିପାତ ଯୋଗୁଁ ପ୍ରଳୟ ହୋଇପାରେ । ଗୋଲବଜାର ଓ ଲକ୍ଷ୍ମୀଟକିଜ ଅଞ୍ଚଳର କେତେକ ଘରେ ୨ ମିଟର ଯାଏ ପାଣି ପଶିଥିଲା ଏବଂ ରାସ୍ତାଘାଟକୁ ଖାଲ ଗାଡ଼ି-ଘୋଡ଼ା ଯାତାୟାତ ବିପଜ୍ଜନକ କରିଦେଲା । ଠାକୁର-ପଡ଼ା, କୁଳିତାପଡ଼ା, ଦଶମତୀ କଲୋନୀ, ଡେହେରା-ମୁଣ୍ଡା, ଚେଲୁଆପଡ଼ା, ଗୋପାଳମାଳ, କୁମ୍ଭାରପଡ଼ା, ସାକିଆ ବସ୍ତି ଓ ଲେବର କଲୋନୀ ଭଳି କେତେଗୁଡ଼ିଏ ତଳ ଅଞ୍ଚଳ ବସ୍ତିଗୁଡ଼ିକରେ ସବୁ କଚ୍ଚାଘର ଭୁଷୁଡ଼ି ପଡ଼ିଲା । ସମ୍ବଲପୁର ସହରରେ ପ୍ରବଳ ବର୍ଷା ହେଉଥିବା-ବେଳେ ବୁର୍ଲା ଓ ହୀରାକୁଦ ସହରରେ ମଧ୍ୟ ବର୍ଷାର ତାଣ୍ଡବ ଲୀଳା ଲାଗିଥିଲା । ପ୍ରକୃତରେ କହିବାକୁ ଗଲେ

ସମ୍ବଲପୁର ଜିଲ୍ଲାର ଅଧିକାଂଶ ବ୍ଲକରେ ୧୯ ତାରିଖ ସକାଳ ସୁଦ୍ଧା ୧୦୦ ମିଲିମିଟରରୁ ବେଶୀ ବର୍ଷା ହୋଇଥିଲା । ଏହାର ପ୍ରଭାବରେ ପ୍ରାୟ ୩୦୦ ଘର ସଂପୂର୍ଣ୍ଣ ଧୋଇ ଯାଇଛି ଏବଂ ୩,୧୦୦ ଘର ପୂରାପୂରି ଓ ୧୦,୬୦୦ ଘର ଆଂଶିକ ଭାବରେ ଭୁଶୁଡ଼ି ପଡ଼ିଛି । ୨୦୦ରୁ ଅଧିକ ଗୋମେଷାଦି ପଶୁ ନଷ୍ଟ ହୋଇଛନ୍ତି । ଏହି ବନ୍ୟା ଫଳରେ ମୃତ୍ୟୁ ଲଭିଥିବା ଲୋକଙ୍କ ସଂଖ୍ୟା ନଅ ।

ବିଭିନ୍ନ ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ସରକାରୀ କର୍ମଚାରୀମାନେ ତଥା ବେସାମରିକ ପ୍ରତିରକ୍ଷା ବାହିନୀର କର୍ମୀମାନେ ବନ୍ୟାପ୍ରପୀଡ଼ିତ ଲୋକମାନଙ୍କ ସାହାଯ୍ୟକୁ ଆସିଥିଲେ । ପାଣି ଘେରରେ ଥିବା ଏବଂ ଘରଭୁଶୁଡ଼ି ପଡ଼ିଥିବା ଲୋକମାନଙ୍କୁ ଆଣି ୪୦ଟି ରିଲିଫ୍ କେମ୍ପରେ ରଖାଯାଇଥିଲା । ପ୍ରଥମ ତିନିଦିନ ସରକାରୀ ଖାଦ୍ୟ ବ୍ୟବସ୍ଥା ଅନୁଯାୟୀ ଚୂଡ଼ାଗୁଡ଼ ବା ରନ୍ଧା



ଖାଦ୍ୟ ଦିଆଯାଇଥିଲା । କେତେକ ଦୁଃସ୍ଥ ଲୋକଙ୍କୁ ୧୦ ଦିନ ପର୍ଯ୍ୟନ୍ତ ଗହମ, ଡାଲି ଆଦି ଖାଦ୍ୟଦ୍ରବ୍ୟ ଯୋଗାଇ ଦିଆଯାଇଥିଲା । ବନ୍ୟାରେ ଲୁଗାପଟା ଭାସିଯାଇଥିବାରୁ ବୟସ୍କମାନଙ୍କୁ ଧୋତିଶାଢ଼ୀ ଓ ପିଲାମାନଙ୍କୁ ପୋଷାକ ମଧ୍ୟ ଯୋଗାଇ ଦିଆଯାଇଥିଲା । ମୋଟରେ ନିମ୍ନଲିଖିତ ପରିମାଣର ସାହାଯ୍ୟ ଦିଆଯାଇଛି .

ଚୁଡ଼ା–୮୦ କୁଇଣ୍ଟାଲ, ଗୁଡ଼–୧'୬୦ କୁଇଣ୍ଟାଲ, ଲୁଣ–୬ କୁଇଣ୍ଟାଲ, ପିଆଜ–୪ କୁଇଣ୍ଟାଲ, କିରାସିନି–୧୬୩ ଲିଟ୍, ଗହମ–୪୬୬'୦୨ କୁଇଣ୍ଟାଲ, ଡାଲି–୫'୬୮ କୁଇଣ୍ଟାଲ, ଦୁଧଗୁଣ୍ଡ–୩୩୮ ଟିଣ, ଶିଶୁମାନଙ୍କର ପୋଷାକ ୨,୦୦୮, ଧୋତି ୨,୩୮୧ଟି, ଶାଢ଼ୀ–୩,୪୫୬ଟି, ଘରତିଆରି ଅନୁଦାନ (୩,୦୦୦ ଘର ପାଇଁ) ପ୍ରାୟ ୬ ଲକ୍ଷ ଏବଂ ମହମବତୀ ୩,୦୦୦ଟି ।

ଯାହାକିଛି ଘରୋଇ ସଂପତ୍ତି ନଷ୍ଟ ହୋଇଛି ସେଗୁଡ଼ିକର ମୂଲ୍ୟ କଳନା କରି ହେବନାହିଁ କିନ୍ତୁ ଏହ ଅଟକଳରୁ ଜଣାଯାଇଛି ଯେ ଘର ତିଆରି ପାଇଁ ନିୟମାନୁଯାୟୀ ସାହାଯ୍ୟ ଦେଲେ ପ୍ରାୟ ୪୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ମାଗଣା ଖାଦ୍ୟ, ଅସ୍ଥାୟୀ ଆବାସ, ମୃତ ଲୋକର ପରିବାରକୁ ଦାନ, ଲୁଗାପଟା ଯୋଗାଇବା, ନଷ୍ଟ ହୋଇଥିବା ପାଠପଢ଼ା ବହି ଯୋଗାଇବା, ରିଲିଫ୍ ସାମଗ୍ରୀର ପରିବହନ, ସାମୟିକ ଭାବରେ ଜଳଯୋଗାଣ ଆଦି ବିଭିନ୍ନ ବ୍ୟବସ୍ଥାପାଇଁ ଯେତେ ଖର୍ଚ୍ଚ ହେଉଛି ତାହା ୨୦ ଲକ୍ଷରୁ ବଢ଼ିଯିବ ।

କୋଠାବାଡ଼ି, ସ୍କୁଲଘର, ରାସ୍ତାଘାଟ, ବିଭିନ୍ନ ଜଳସେଚନ ଯୋଜନା ଅନ୍ତର୍ଗତ କେନାଲମାନଙ୍କର ବନ୍ଧ, ପଞ୍ଚାୟତ ସମିତିର ବିଭିନ୍ନ ସଂପତ୍ତି ଆଦିର ଯାହାସବୁ

କ୍ଷତି ଘଟିଛି, ସେ ସବୁର ମରାମତି ପାଇଁ ପ୍ରାୟ ୧୩ କୋଟି ଟଙ୍କା ଲଗିଯାଇପାରେ ।

ମାତ୍ର ଗୋଟିଏ ଦିନର ପ୍ରଳୟଙ୍କରୀ ବର୍ଷା ଯୋଗୁଁ ଏଭଳି କ୍ଷତି ଘଟିଗଲା ତାକୁ ପୂରଣ କରିବା ପାଇଁ ଆମକୁ ବର୍ଷ ବର୍ଷ ଲାଗିବ । କିନ୍ତୁ ଏସବୁ କ୍ଷତି ମୂଳରେ ସମ୍ବଲପୁରର ଅଧିବାସୀ ହିସାବରେ ପ୍ରତ୍ୟେକଙ୍କର କିଛି ନା କିଛି ତ୍ରୁଟି ରହିଛି । ଯେଉଁ ଜୋର ବା ନାଳ-ଗୁଡ଼ିକର ଶଯ୍ୟା ପୂର୍ବେ ଖୋଲଥିଲା ତାକୁ ଆଜି ଆମେ ପୋତି ଦେଉଛୁ ଓ ଜମି ଗଠିଆ କରିଛୁ । ସ୍ଥାନେ ସ୍ଥାନେ ପକାଘର ତିଆରି କରିଛୁ । ଅଧିକା ଜମି ମିଳିଯିବ ବୋଲି ଭାବି ନାଳକୂଳରେ ଥିବା ଖୋଲା-ଜମିକୁ ଆମ ଭିତରୁ କେତେକ ଲୋକ ଜବର ଦଖଲ କରି ଘରବାସ କରୁଛନ୍ତି । ଜବରଦଖଲର ଚିହ୍ନରୂପେ ବାଡ଼ବତା, ବିଶେଷକରି ଅମରିଗଛ ଲଗାଉଛୁ । ଏହା ଜଳନିଷ୍କାସନରେ ବାଧା ସୃଷ୍ଟିକରୁଛି । ଭଙ୍ଗାରୁଜା ଘରର ଆବର୍ଜନା ନାଳଶଯ୍ୟାରେ ପଡ଼ି ପାଣିକୁ ଅଟକାଇ ଦେଉଛି । ଲୋକସଂଖ୍ୟା ବୃଦ୍ଧି ପାଉଥିବାରୁ ମନଇଚ୍ଛା ଘରଦ୍ୱାର ତିଆରି ହେଉଛି । ଆଗରୁ ବନ୍ୟା ହୋଇନାହିଁ ଭାବି ଅନେକ ଲୋକ ତଳ ଅଞ୍ଚଳରେ କିମ୍ବା ନଦୀ କୂଳରେ ଓ ଜୋର ଉପରେ ଘର ତିଆରି କରି ପକାଉଛନ୍ତି । ୧୯୮୦ ମସିହାର ବନ୍ୟା ପ୍ରଭାବ ଲୋକଙ୍କ ସ୍ମୃତିରେ ଥିଲେବି, ତାପରେ ମଧ୍ୟ ନାଳକୂଳରେ ଜବରଦସ୍ତ ଘରବାଡ଼ି ତିଆରି ଚାଲିଛି । ଯେଉଁମାନେ ନଦୀର ଶଯ୍ୟାକୁ ସଂକୁଚିତ କରିଦେଲେ ସେମାନେ ଯେତିକି କ୍ଷତି ସହିଲେ ତାଠାରୁ ବେଶୀ କ୍ଷତି ସହିଲେ ଯେଉଁମାନେ ତଳ ଅଞ୍ଚଳରେ ଜବରଦସ୍ତ ଘର କରିଛନ୍ତି । ସମ୍ବଲପୁର ସହରରେ ସ୍ଥାୟୀଭାବରେ ଏକ ଜଳ ନିଷ୍କାସନ ଯୋଜନା ସରକାରଙ୍କର ବିଚାରାଧୀନ ଅଛି । ଯେପର୍ଯ୍ୟନ୍ତ ଲୋକେ ଜଳ ନିଷ୍କାସନ ପ୍ରଣାଳୀଗୁଡ଼ିକୁ ମୁକ୍ତ ନ ରଖିବେ ଏବଂ ସହରର ସାମୂହିକ ହିତଦୃଷ୍ଟିରୁ ଜମିବାଡ଼ି ମନଇଚ୍ଛା ଜବର ଦଖଲ୍ ବନ୍ଦ ନ କରିବେ ସେ ପର୍ଯ୍ୟନ୍ତ ସମ୍ବଲପୁର ସହରର ଜଳ ନିଷ୍କାସନ ବ୍ୟବସ୍ଥାର ସ୍ଥାୟୀ ସମାଧାନ ସଂଭବ ନୁହେଁ ।

ଉତ୍ତରାଞ୍ଚଳ ରାଜସ୍ୱ କମିଶନର,
ସମ୍ବଲପୁର ।



ଆଂଚଳିକର ହେହ୍ଲିଦରେଠାରେ ଯୋଗାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭଜମନ ବେହେରାଙ୍କ ରିଲିଫ ବଣ୍ଟନ

# ବନ୍ୟାଞ୍ଚଳରେ ପାନୀୟ ଜଳ ଯୋଗାଣ

ଶ୍ରୀ ରବୀନ୍ଦ୍ର ମୋହନ ସେନାପତି

୧୯୮୨ ଅଗଷ୍ଟ ୨୯ ଓ ୩୦ ତାରିଖରେ ହୋଇଥିବା ନାହିଁ ନଥିବା ବର୍ଷା ସବୁଦିନ ପାଇଁ ଓଡ଼ିଶାର ଜନସାଧାରଣଙ୍କ ସ୍ମୃତିରେ ଲିପିବଦ୍ଧ ହୋଇ ରହିବ । ଏହା ଓଡ଼ିଶାର ବନ୍ୟା ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ।

ଏହି ଦୁଇ ଦିନ ମଧ୍ୟରେ ହୀରାକୁଦ ବନ୍ଧର ତଳ ଅଞ୍ଚଳରେ ଅର୍ଥାତ୍ ମହାନଦୀର ଉପରମୁଣ୍ଡରେ ନାହିଁ ନଥିବା ବର୍ଷା ହୋଇଥିଲା । ଦୁଇ ଦିନର ବୃଷ୍ଟିପାତ ରେକର୍ଡରୁ ଜଣାଯାଏ ଯେ ଫୁଲବାଣୀରେ ୬୯୩ ମି. ମି., ବିଜେପୁର-୬୭୧ ମି. ମି., ବଲାଙ୍ଗୀର-୨୨୩ ମି. ମି., ସୋନପୁର-୫୫୫ ମି. ମି., ମଦନପୁର-ରାମପୁର-୪୩୦ ମି. ମି., କେସିଙ୍ଗା-୩୯୭ ମି. ମି., ନରଲା-୩୩୭ ମି. ମି., କରଲାମୁଣ୍ଡା-୩୪୮ ମି. ମି. ଏବଂ ରାଜକିଶୋରନଗରରେ-୨୯୪ ମି. ମି. ବର୍ଷା ହୋଇଥିଲା । ଫଳରେ ଘୋର ବିପତ୍ତି ମାଡ଼ି ଆସିଲା । ପଶ୍ଚିମାଞ୍ଚଳ ଜିଲ୍ଲାଗୁଡ଼ିକରେ ବନ୍ୟା ବିପତ୍ତି ଘଟୁ ନଥିଲେ ମଧ୍ୟ ଏଥର ବର୍ଷା ଯୋଗୁଁ ଧ୍ୱଂସ ସାଧିତ ହୋଇଥିଲା । ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଇ ନଥିଲା । ତଥାପି ୧୯୮୨ ଅଗଷ୍ଟ ୨୯ ତାରିଖଠାରୁ ମହାନଦୀ ବଢ଼ିବାକୁ ଲାଗିଲା । ଏବଂ ୧୯୮୨, ୧୯୧୧, ୧୯୩୩ ଓ ୧୯୫୫ ମସିହାର ପ୍ରବଳ ବନ୍ୟାର ପୂର୍ବବର୍ତ୍ତୀ ସମସ୍ତ ରେକର୍ଡ ଅପେକ୍ଷା ଅଗଷ୍ଟ ୩୧ ତାରିଖ ଏକ ନୂତନ ରେକର୍ଡ ସୃଷ୍ଟି କଲା ।

ସମଗ୍ର ତ୍ରିକୋଣଭୂମି ଅଂଚଳ ଭୟଙ୍କର ଜଳାର୍ଣ୍ଣବରେ ପରିଣତ ହେବା ଫଳରେ ରାସ୍ତା ଓ ବନ୍ଧବାଡ଼ଗୁଡ଼ିକରେ ଅନେକ ଘାଇ ହୋଇଗଲା । ଏପରିକି ଜାତୀୟ ରାଜପଥରେ ଘାଇ ହୋଇ କଟକ-ଭୁବନେଶ୍ୱର ଯୋଗାଯୋଗ ବିଚ୍ଛିନ୍ନ ହେଲା । ପୁରୀ ରାସ୍ତା ଭାଙ୍ଗିଗଲା । ବିପନ୍ନ ଅଞ୍ଚଳରେ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ବ୍ୟାହତ ହେବା ଦ୍ୱାରା ବିଦ୍ୟୁତ୍ ସରବରାହ ବନ୍ଦ ହୋଇଗଲା । ହଜାର ହଜାର ଲୋକ ପାଣି ଘେରରେ ପଡ଼ି ରହିଲେ । ସେମାନଙ୍କର ଘରଦ୍ୱାର ଗଲା ଓ ଗୋରୁଗାଈ ଭାସିଗଲେ । ଏହି ସମୟରେ ଋଷିକୁଲ୍ୟା ନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବାଦ୍ୱାରା ଗଞ୍ଜାମ ଜିଲ୍ଲାରେ ବିଶେଷ କ୍ଷୟକ୍ଷତି ହେଲା ।

ଏହି ଆସନ୍ନ ବିପଦ ଖବର ପାଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତୁରନ୍ତ ସକ୍ରିୟ ହେଲେ । ସେହି ପୁରୁଣାକାଳିଆ କଥା "ଯୁଆଡ଼େ ଗଲେ ବି ଖାଲି ପାଣି", ହେଲେ ପିଇବାକୁ ପାଣି ଟୋପିଏ ନାହିଁ" ସଂପୃକ୍ତ ଅଫିସରମାନଙ୍କ ମନେ ପଡ଼ିଗଲା । ଏହି ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ କ୍ଷେତ୍ର ଅଫିସରମାନେ ଅବିଳମ୍ବେ ସଜାଗ ହେବା ଫଳରେ ବନ୍ୟା ବିପନ୍ନ ଲୋକମାନେ ନିର୍ମଳ ପାନୀୟ ଜଳ ପାଇଁ ଅସୁବିଧା ଭୋଗି ନଥିଲେ ।

ପ୍ରବଳ ବନ୍ୟା ଫଳରେ କଟକ, ପୁରୀ, ସମ୍ବଲପୁର, ବଲାଙ୍ଗିର, ଫୁଲବାଣୀ, କଳାହାଣ୍ଡି ଓ ଗଞ୍ଜାମ ଜିଲ୍ଲାର ସହରାଞ୍ଚଳରେ ୧୦ଟି ଓ ଗ୍ରାମାଞ୍ଚଳରେ ୨୧ଟି ଜଳଯୋଗାଣ ସଂସ୍ଥାର ଗୁରୁତର କ୍ଷତି ହେଲା । ଅନୁମାନ କରାଯାଏ ଯେ ବିପନ୍ନ ଜିଲ୍ଲାଗୁଡ଼ିକର ପ୍ରାୟ ୯,୦୦୦ ନଳକୂପ ପୁରାପୁରି ନଷ୍ଟ ହୋଇଯାଇଛି । ଏପରିକି, କ୍ୟାପିଟାଲ ୱାଟର ୱାର୍କସ ଖରାପ ହେବା ଯୋଗୁଁ ରାଜଧାନୀକୁ ଜଳଯୋଗାଇବାରେ ଅସୁବିଧା ସୃଷ୍ଟି ହୋଇଥିଲା । ଏହି ସମୟରେ ଜନସ୍ୱାସ୍ଥ୍ୟ ଇଂଜିନିୟରମାନଙ୍କର ଜରୁରୀ କାର୍ଯ୍ୟ ଥିଲା ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା । ଏହି ପରିସ୍ଥିତିକୁ ସମ୍ଭାଳିବା ଲାଗି ତୁରନ୍ତ ଗୋଟିଏ କାର୍ଯ୍ୟକ୍ରମ ଆରମ୍ଭ କରାଗଲା ।

(୧) ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ନଷ୍ଟ ହୋଇଥିବା ଜଳ ଯୋଗାଣ ବ୍ୟବସ୍ଥାର ମରାମତି ।

(୨) ବନ୍ୟା ଜଳ ଛାଡ଼ି ପାଇଥିବା ଅଞ୍ଚଳରେ ସ୍ଥିତ ନଳକୂପଗୁଡ଼ିକର ମରାମତି ଓ ସେଥିରୁ ବିଶୁଦ୍ଧ କରଣ ।

(୩) ଜଳାଭାବ ଅଞ୍ଚଳ ଓ ଆଶ୍ରୟ ଶିବିରରେ ପାନୀୟ ଜଳ ଯୋଗାଇବା,

(କ) ଟ୍ୟାଙ୍କରରେ କିମ୍ବା ଜି: ଆଇ: ଟ୍ୟାଙ୍କରେ ଟ୍ରକରେ ।

(ଖ) ଯେଉଁଠାରେ ସମ୍ଭବପର ନୂଆ ନଳକୂପମାନ ବସାଇ ।

(୪) ସ୍ୱଳ୍ପ ସମୟ ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବା ଉଦ୍ଦେଶ୍ୟରେ ବିପନ୍ନ ହୋଇ ନଥିବା ଅଞ୍ଚଳରୁ ଲୋକ ଓ ଜିନିଷପତ୍ର ନେବା ।

ଜନସ୍ୱାସ୍ଥ୍ୟ ଇଂଜିନିୟରମାନେ କାର୍ଯ୍ୟକ୍ଷେତ୍ରକୁ ଖୁବ୍ ଶୀଘ୍ର ଯାଇଥିଲେ । ପାନୀୟ ଜଳର ଅଭାବ ଯୋଗୁଁ ରାଜଧାନୀରେ ଉଦ୍‌ବେଗ ଅବସ୍ଥା ସୃଷ୍ଟି ହୋଇଥାଆନ୍ତା । କାରଣ ପାଣି ଉଠାଯାଉଥିବା ମୁଖ୍ୟ ସ୍ଥାନରୁ ପାଇପ୍‌ରେ ବାଲି ଆସିବା ଦ୍ୱାରା ଜଳ ବିଶୋଧନ ପ୍ଲାଣ୍ଟ ଖରାପ ହୋଇଥିଲା । କିନ୍ତୁ ଏଥିପାଇଁ ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯାଇ ଏହି ଅସୁବିଧା ଦୂର କରାଗଲା । ପମ୍ପ ହାଉସ୍‌ରେ ବଢିପାଣି ପଶିବା ଦ୍ୱାରା କୁଆଖାଇ ହେଡ୍ ଓ୍ୱାର୍କ ଖରାପ ହେଲା । ଖୁବ୍ ଶୀଘ୍ର ହେଡ୍ ଓ୍ୱାର୍କ ମରାମତି କରାଯାଇ ଆଂଶିକ ଜଳ ଯୋଗାଣ ହୋଇଥିଲା । ସେପ୍‌ଟେମ୍ବର ୫ ତାରିଖରେ ବାଲି ବାହାର କରାଯିବା ପରେ ସାଧାରଣ ଜଳ ଯୋଗାଣ ସମ୍ଭବ ହେଲା । ପମ୍ପ ହାଉସ୍ ବୁଡ଼ିବା ଫଳରେ ଦୟା ହେଡ୍ ଓ୍ୱାର୍କ ଅଗଷ୍ଟ ୩୦ ତାରିଖରେ ଖରାପ ହେଲା । ଦୟା ହେଡ୍ ଓ୍ୱାର୍କ ମରାମତି କରାଯାଇ ସେପ୍‌ଟେମ୍ବର ୨ ତାରିଖରେ ଖୋଲିବା ପର୍ଯ୍ୟନ୍ତ ଗଙ୍ଗୁଆ ନଈରେ ଅସ୍ଥାୟୀ ବିଦ୍ୟୁତ୍ ପମ୍ପ ବସାଯାଇ ବିକଳ୍ପ ବ୍ୟବସ୍ଥା କରାଗଲା ।

ଏହା ବ୍ୟତୀତ, ୯ଟି ସହରାଞ୍ଚଳ ଓ ୨୧ଟି ଗ୍ରାମାଞ୍ଚଳରେ ଥିବା ୩୦ଟି ଓ୍ୱାଟର୍ ଓ୍ୱାର୍କସ ମଧ୍ୟରୁ ୧୭ଟି ଓ୍ୱାର୍କସ ସେପ୍‌ଟେମ୍ବର ୨ରୁ ୯ ତାରିଖ ମଧ୍ୟରେ କାର୍ଯ୍ୟକାରୀ ହେଲା । ଏଗୁଡ଼ିକ ହେଲା କଟକ, ଖୁରଦାଟାଉନ, କଳାହାଣ୍ଡି, ସମ୍ବଲପୁର, ବରଗଡ଼, ବଲାଙ୍ଗିର, ଫୁଲବାଣୀ ବୌଦ୍ଧ, ଭବାନି ପାଟଣା, ବଡମ୍ବା, କାନପୁର, କଣ୍ଟିଲୋ, ସମାଗରା, ବଙ୍କା, ପଦ୍ମପୁର, ଟିକାବାଲି ଓ ଫୁଲବାଣୀ ବିଜ୍ଞାନ କଲେଜଠାରେ ଥିବା ଓ୍ୱାଟର ଓ୍ୱାର୍କସ ।

ଅନ୍ୟ ୮ଟି ଜଳଯୋଗାଣ ବ୍ୟବସ୍ଥାକୁ ୧୯୮୨ ସେପ୍‌ଟେମ୍ବର ୧୦ରୁ ୧୬ ତାରିଖ ମଧ୍ୟରେ କାର୍ଯ୍ୟକ୍ଷମ କରାଯାଇଥିଲା । ଏହି ଗ୍ରାମାଞ୍ଚଳ ପାଇପ ଜଳ ଯୋଗାଣ ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ବାଙ୍କୀ, ଧଉଳି, ଗିଦେନ, ଟୋରା, କଣ୍ଡାମାଲ, ପାଟନାଗଡ଼, ତରଭା ଓ ତୁସୁରା ଅନ୍ତର୍ଭୁକ୍ତ । ବଲାଙ୍ଗୀର ଜିଲ୍ଲାର ସାଲେଭଟ୍ଟ, ମେଣ୍ଡା, ବେଲପଡା, ସଇଁତଳା ଓ ଅଗଲପୁର ଜଳଯୋଗାଣ ବ୍ୟବସ୍ଥା ବିଜୁଳି ସରବରାହ ପରେପରେ ଆରମ୍ଭ ହେବ ।

## ନଳକୂପ ଗୁଡ଼ିକର ମରାମତି

ବହୁ ସଂଖ୍ୟକ ନଳକୂପ ନଷ୍ଟ ହୋଇଯାଇଥିଲା । ବନ୍ୟା ଜଳ ଛାଡ଼ିବା ପରେ ଏହି ସବୁ ନଳକୂପଗୁଡ଼ିକର ମରାମତି ଓ ବିଶୋଧନ ଯଥା ଶୀଘ୍ର କରାଯାଉଛି । ସେପ୍‌ଟେମ୍ବର ୪ ତାରିଖରୁ ୧୬ ତାରିଖ ମଧ୍ୟରେ ମୋଟ ୬,୬୦୮ ଟି ନଳକୂପ ମରାମତି କରାଯାଉଛି । ତନ୍ମଧ୍ୟରୁ କଟକ, ପୁରୀ, ବଲାଙ୍ଗୀର, ଢେଙ୍କାନାଳ, ଫୁଲବାଣୀ ବୌଦ୍ଧ ଜିଲ୍ଲାଗୁଡ଼ିକରେ ଯଥାକ୍ରମେ ୪,୮୨୫, ୨,୨୫୦, ୧୪୮, ୨୨, ଓ ୪୬୦ଟି ନଳକୂପ ମରାମତି କରାଯାଉଛି । ଏହିସବୁ ନଳକୂପଗୁଡ଼ିକ ଓଡ଼ିଶା ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଯୋଗାଇଥିବା ହାଲୋଜେନ୍ ଟ୍ୟାବ୍‌ରେ ବିଶୋଧନ କରାଯାଉଛି ।

## ଆଶ୍ରୟ ଶିବିରଗୁଡ଼ିକରେ ଜଳ ବ୍ୟବସ୍ଥା

ନଳକୂପ ଓ ପୂର୍ବର ଅନ୍ୟାନ୍ୟ ପାନୀୟ ଜଳାଧାର ଯଥା ପୁଷ୍କରିଣୀ ଓ କୂପଗୁଡ଼ିକ ବନ୍ୟା ଜଳ ଦ୍ୱାରା ଦୂଷିତ ହୋଇଯାଇଥିବାରୁ, ବିପନ୍ନ ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ସକାଶେ ଆବଶ୍ୟକ ସ୍ଥଳେ ନୂଆ ନଳକୂପମାନ ବସାଇବା ଦରକାର ପଡ଼ିଲା । ସେପଟେମ୍ବର ୧୮ ତାରିଖ ସୁଦ୍ଧା ସମ୍ବଲପୁର, ପୁରୀ ଓ କଟକ ଜିଲ୍ଲାର ବିଭିନ୍ନ ଆଶ୍ରୟ ଶିବିର ଓ ଜନାଗାର ସ୍ଥାନଗୁଡ଼ିକରେ ୧୧୧ଟି ନୂଆ ନଳକୂପ ବସାଯାଇଛି ।

ଗମନାଗମନ ସୁବିଧା ଥିବା ଅଞ୍ଚଳକୁ ଟ୍ୟାଙ୍କର୍ ଓ ଜି. ଆଇ. ଟ୍ୟାଙ୍କ୍ ବୋଝେଇ ଟ୍ରକରେ ପାନୀୟ ଜଳ ଯୋଗାଇ ଦିଆଗଲା । ପୁରୀ ଜିଲ୍ଲାର ଧଉଳି, ପଟିଆ, ବାଲିଅନ୍ତା, ଦୟା, ନୟାହାଟ, କଣାସ, ଦେଲଙ୍ଗ, ପିପିଲି ଅଞ୍ଚଳ, ଜାଲପୁର ଏବଂ କଟକ ଜିଲ୍ଲାର ବାଙ୍କୀ ଟାଉନ୍, କେନ୍ଦ୍ରାପଡ଼ା ନିକଟ ଏକ୍ସପ୍ରେସ୍ ହାଇଓ୍ୱେ, ଜଗତସିଂହପୁର, କାଇଜଙ୍ଗା ନିକଟ ବିରିଡ଼ି ଅଞ୍ଚଳ, ରାହାମା, ମଣିଜଂଘା, ପ୍ରତାପ ନଗରୀ, ଗୋପାଳପୁର, ଗୋଦମା ନିକଟ କଟକ-ପାରାଦୀପ ରାସ୍ତା, ସମ୍ବଲପୁର ଟାଉନ୍‌ର ଜଳଭାବ ଅଞ୍ଚଳ ଓ ବଲାଙ୍ଗୀର ଟାଉନ୍‌ର ବିପନ୍ନ ଅଞ୍ଚଳରେ ଟ୍ୟାଙ୍କର ଓ ଟ୍ରକ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା ।

ଗତ ବନ୍ୟାର ଅଭିଜ୍ଞତାକୁ ଭିତ୍ତି କରି, ଅଧିକ ସଫଳତାର ସହିତ ଉକ୍ତ ପରିସ୍ଥିତିର ମୁକାବିଲା କରିବା ପାଇଁ ଏକ ନୂଆ କଣ୍ଟିଜେଣ୍ଟ ଯୋଜନା ପ୍ରସ୍ତୁତ କରାଯାଉଛି ।

---

ଶାସନ ସଚିବ,
ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ,
ସଚିବାଳୟ, ଭୁବନେଶ୍ୱର

# ଉଠା ଜଳସେଚନ ଯୋଜନାର କ୍ଷୟକ୍ଷତି

ଶ୍ରୀ ସୁରେନ୍ଦ୍ରନାଥ ପ୍ରଧାନ

୧୯୮୨ ମସିହା ଜୁନମାସ ପ୍ରଥମ ସପ୍ତାହରେ ଓଡ଼ିଶାରେ ଯେଉଁ ବାତ୍ୟା ହେଲା, ତହିଁରେ ବାଲେଶ୍ୱର, ଢେଙ୍କାନାଳ, କଟକ, କେନ୍ଦୁଝର, ମୟୂରଭଞ୍ଜ ଓ ପୁରୀ ଜିଲ୍ଲାର ବହୁ ସଂଖ୍ୟକ ଉଠାଜଳସେଚନ ପ୍ରକଳ୍ପ କ୍ଷତିଗ୍ରସ୍ତ ହେଲା । ବାତ୍ୟା ଜଳ କେବଳ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ଅଞ୍ଚଳଗୁଡ଼ିକୁ ନିମଗ୍ନ କଲା ନାହିଁ, ଜଳ ବଣ୍ଟନ ବ୍ୟବସ୍ଥାର ପ୍ରଭୁତ କ୍ଷତି ଘଟାଇବା ସଙ୍ଗେ ସଙ୍ଗେ କାର୍ଯ୍ୟକ୍ଷମ ଅବସ୍ଥାରେ ଥିବା ପମ୍ପଗୁଡ଼ିକୁ ମଧ୍ୟ ଜଳମଗ୍ନ କରାଇ ଦେଲା । ପାଣିପମ୍ପ ବସିଥିବା ଘର, ଗୋଦାମ ଘର ଓ ଅଫିସ ଘରଗୁଡ଼ିକର ଛାତ ଉଡ଼ି ଯାଇଥିଲା ଏବଂ ପ୍ରବଳ ବାତ୍ୟା ଯୋଗୁଁ କେତେକ ସ୍ଥାନରେ କୋଠାବାଡ଼ି ମଧ୍ୟ ଭୁଶୁଡ଼ି ପଡ଼ିଥିଲା । ଏଗୁଡ଼ିକୁ ପୁନର୍ବାର କାର୍ଯ୍ୟକ୍ଷମ କରିବା ପାଇଁ ୧୯୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା । ବିଭିନ୍ନ ଜିଲ୍ଲାରେ କେତୋଟି ଜଳସେଚନ ପ୍ରକଳ୍ପ କ୍ଷୟକ୍ଷତି ହୋଇଛି ଓ ସେଗୁଡ଼ିକର ପୁନଃ ସଂସ୍ଥାନ ବାବଦରେ କେତେ ଟଙ୍କା ଖର୍ଚ୍ଚ ହେବ ତହିଁର ବିବରଣୀ ନିମ୍ନୋକ୍ତ ପରିସଂଖ୍ୟାନ–୧ରେ ଦର୍ଶା ଯାଉଛି ।

ପରିସଂଖ୍ୟାନ—୧

| କ୍ରମିକ ନମ୍ବର | ଜିଲ୍ଲାର ନାମ | | ବାତ୍ୟାଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ପରିକଳ୍ପନା-ଗୁଡ଼ିକର ସଂଖ୍ୟା | ବାତ୍ୟାଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଅଫିସ ଗୃହଗୁଡ଼ିକର ସଂଖ୍ୟା | କ୍ଷତିଗ୍ରସ୍ତ ପରିକଳ୍ପନାଗୁଡ଼ିକର ପୁନଃ ସଂସ୍ଥାନ ପାଇଁ ଆବଶ୍ୟକ ବ୍ୟୟ ଅଟକଳ (ଟଙ୍କା) ଲକ୍ଷ ଆକାରରେ) |
|---|---|---|---|---|---|
| (୧) | (୨) | | (୩) | (୪) | (୫) |
| ୧ । | ବାଲେଶ୍ୱର | .. | ୧୮୯ | ୮ | ୧୮.୮୩ |
| ୨ । | କଟକ | .. | ୧,୧୬୪ | ୧୨୯ | ୧,୩୬.୫୩ |
| ୩ । | ଢେଙ୍କାନାଳ | .. | ୧୬୩ | ୩୮ | ୨୧.୩୭ |
| ୪ । | କେନ୍ଦୁଝର | .. | ୩୯ | ୧୫ | ୪.୦୦ |
| ୫ । | ମୟୂରଭଞ୍ଜ | .. | ୨୦ | .. | ୨.୯୪ |
| ୬ । | ପୁରୀ | .. | ୫୬ | ୯ | ୬.୩୩ |
| | ମୋଟ | .. | ୧,୬୩୧ | ୧୯୯ | ୧,୯୦.୦୦ |

ବାତ୍ୟା ପରେ ପରେ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ମରୁଡ଼ି ପରିସ୍ଥିତି ଦେଖାଗଲା । ଏଣୁ ଯୁଦ୍ଧକାଳୀନ ଭିତ୍ତିରେ ପୁନଃ ସଂସ୍ଥାନ କାର୍ଯ୍ୟ ସମ୍ପାଦନ କରିବାକୁ ପଡ଼ିଥିଲା । ସ୍ୱଳ୍ପ ସମୟ ହେତୁ ପାଣି ମଡ଼ାଇବା ନାଳଗୁଡ଼ିକର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ପାରି ନ ଥିଲେହେଁ ମରୁଡ଼ିଗ୍ରସ୍ତ ଅଞ୍ଚଳରେ ଥିବା ପମ୍ପଗୁଡ଼ିକୁ ମରାମତି ତଥା ଆବଶ୍ୟକ ସ୍ଥଳେ ନୂଆପମ୍ପମାନ ବସା ଯାଇଥିଲା ।

୨୯୯ଟି ଉଠାଜଳସେଚନ ଯୋଜନା ବ୍ୟତୀତ ବାତ୍ୟା ଦୁର୍ଗତ ଅଞ୍ଚଳରେ ଥିବା ସମସ୍ତ ଜଳସେଚନ ପ୍ରକଳ୍ପ ଲୋକଙ୍କୁ ପାଣି ଯୋଗାଇ ଦେବା ପାଇଁ ପ୍ରସ୍ତୁତ କରି ରଖା ଯାଇଥିଲା । ଅନ୍ୟାନ୍ୟ ଜିଲ୍ଲାର ମରୁଡ଼ି କ୍ଷତିଗ୍ରସ୍ତ ଅଞ୍ଚଳରେ ମଧ୍ୟ ଅନୁରୂପ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ଏବଂ ଲୋକମାନଙ୍କୁ ପାଣି ଯୋଗାଇ ଦିଆଯାଇଥିଲା । ମରୁଡ଼ି ପରିସ୍ଥିତି ଦେଖା ଦେଇଥିବା ଅଞ୍ଚଳକୁ ପାଣି ଯୋଗାଇ ଦେବା ସକାଶେ ମୋଟ ୩,୧୨୦ଟି ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟରେ ଲଗା ଯାଇଥିଲା ।

ମରୁଡ଼ି ଜନିତ ପରିସ୍ଥିତି ସୁଧାରିବା ଦିଗରେ ଯେତେବେଳେ ଏହି ଜଳସେଚନ ପ୍ରକଳ୍ପଗୁଡ଼ିକ କାର୍ଯ୍ୟରେ ଲଗାଯାଇଥିଲା, ଠିକ୍ ସେତିକିବେଳେ ଅପ୍ରତ୍ୟାଶିତ ଭାବରେ ମହାନଦୀ ଓ ଏହାର ଶାଖା ନଦୀମାନଙ୍କରେ

ମାଡି ଆସିଲା ପ୍ରଳୟଙ୍କରୀ ବନ୍ୟା । ଗଞ୍ଜାମ ଜିଲ୍ଲାରେ ପ୍ରବାହିତ ହେଉଥିବା ଋଷିକୁଲ୍ୟା ନଦୀରେ ମଧ୍ୟ ବଡ ଧରଣର ବନ୍ୟା ଆସିଲା । ପ୍ରବଳ ବନ୍ୟା ଫଳରେ ବ୍ୟାପକ ଅଞ୍ଚଳ ଜଳମଗ୍ନ ହେବା ସଙ୍ଗେ ସଙ୍ଗେ ସୁରକ୍ଷିତ ବନ୍ଧଗୁଡ଼ିକରେ ବହୁ ସଂଖ୍ୟକ ଘାଣ୍ଡ ହେବା ଫଳରେ ନଦୀ ତଟବର୍ତ୍ତୀ ଉଠା ନଦୀଜଳ ପ୍ରକଳ୍ପଗୁଡ଼ିକରେ ବ୍ୟାପକ କ୍ଷତି ଘଟିଲା । ପ୍ରଖର ବନ୍ୟା ସ୍ରୋତରେ ତ୍ରିକୋଣ ଭୂମି ଅଞ୍ଚଳରେ ଥିବା ନଳକୂପଗୁଡ଼ିକର ଜଳ ବଣ୍ଟନ ବ୍ୟବସ୍ଥା ବିଚ୍ଛିନ୍ନ ହୋଇଗଲା । କାର୍ଯ୍ୟକ୍ଷମ ଅବସ୍ଥାରେ ଥିବା ପାଣି ପମ୍ପଗୁଡ଼ିକ ସ୍ୱଳ୍ପ ସମୟ ମଧ୍ୟରେ ସ୍ଥାନାନ୍ତରିତ କରାଯାଇ ପାରି ନ ଥିଲା ଓ ଫଳରେ ବହୁ ସଂଖ୍ୟକ ପାଣିପମ୍ପ ବନ୍ୟା ଜଳରେ ବୁଡ଼ିଗଲା । ନଦୀ କୂଳରେ ଥିବା ପାଣିପମ୍ପ ଘର ଓ ଜଳ ନିଷ୍କାସନ ଟାଙ୍କି ବହୁ ସ୍ଥାନରେ ଭୁଶୁଡ଼ି ପଡ଼ିଲା । ଜଳ ବଣ୍ଟନ ବ୍ୟବସ୍ଥାରେ ବ୍ୟବହୃତ ହୋଇଥିବା ଆର. ସି. ସି. ପାଇପ୍ ଏବଂ ଖୋଲା ପାଣି ମାହାରା ପ୍ରଭୃତି ପ୍ରଖର ସ୍ରୋତରେ ଧୋଇଗଲା । କେତେକ ସ୍ଥାନରେ ବାଲି ଓ ପଟୁ ପଡି ଏଗୁଡ଼ିକ ପୋତି ହୋଇ ପଡ଼ିଲା । ଅନ୍ୟ କେତେକ ସ୍ଥାନରେ ନଦୀର ଗତିପଥ ମଧ୍ୟ ବଦଳି ଯାଇଛି ଓ ସେ ଭଳି ସ୍ଥାନରେ ଉଠା ନଦୀ ଜଳସେଚନ ପ୍ରକଳ୍ପକୁ ପୁନର୍ବାର କାର୍ଯ୍ୟକାରୀ କରାଯିବା ଆବଶ୍ୟକ । ବନ୍ୟାଜଳ ମାଡିଯିବା ଫଳରେ ବିଭିନ୍ନ ଗୋଦାମରେ ଗଚ୍ଛିତ ଥିବା ସିମେଣ୍ଟଗୁଡ଼ିକ ପଥର ପାଲଟି ଗଲା । ବାଙ୍କୀଠାରେ ଗୋଟିଏ ଜିପ୍‌ଗାଡ଼ି ବନ୍ୟା ଜଳରେ ଭାସିଯାଇ ବାଲିରେ ପୋତି ହୋଇପଡ଼ିଲା । କେତେକ ଡିଜେଲ ଚାଳିତ ପାଣିପମ୍ପ ମଧ୍ୟ ବନ୍ୟା ଜଳରେ ବୁଡ଼ି ଯାଇଥିଲା ଓ ଏଗୁଡ଼ିକ ସର୍ଭିସିଂ ତଥା ରି-କଣ୍ଡିସନିଂ କରାଯିବା ଦରକାର । ବନ୍ୟା ଫଳରେ ବିଭିନ୍ନ ଜିଲ୍ଲାରେ ମୋଟ ୧,୬୭୭ଟି ଉଠା ଜଳସେଚନ ପ୍ରକଳ୍ପ, ୯୮ଟି ଗୋଦାମଘର ଓ ଅଫିସଘର କ୍ଷତିଗ୍ରସ୍ତ ହୋଇଛି । ଏଗୁଡ଼ିକର ପୁନଃ ସଂସ୍ଥାନ ବାବଦରେ ୪୪୦.୯୪ ଲକ୍ଷ ଟଙ୍କା ବ୍ୟୟ ହେବ ବୋଲି ଅଟକଳ କରାଯାଇଛି । ସାମ୍ପ୍ରତିକ ବନ୍ୟା ଯୋଗୁଁ ବିଭିନ୍ନ ଜିଲ୍ଲାରେ ଥିବା ଜଳସେଚନ ପ୍ରକଳ୍ପ ଓ ଗୋଦାମଘର ପ୍ରଭୃତି କ୍ଷତି ହୋଇଛି ଏବଂ ଏଗୁଡ଼ିକର ପୁନଃ ସଂସ୍ଥାନ ନିମନ୍ତେ ଆବଶ୍ୟକ ବ୍ୟୟ ଅଟକଳ ପ୍ରଭୃତି ପରିସଂଖ୍ୟାନ-୨ରେ ଦର୍ଶାଯାଇଛି ।

ଓଡ଼ିଶା ଉଠା ଜଳସେଚନ କର୍ପୋରେସନର କୌଣସି ନିଜସ୍ୱ ପାଣ୍ଠି ନାହିଁ । ସରକାରୀ ଉଦ୍ୟୋଗରେ ପରିଚାଳିତ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ ଖର୍ଚ୍ଚ ସରକାରଙ୍କ ତରଫରୁ ବହନ କରାଯାଇଥାଏ । ଚଳିତ ବର୍ଷ ବଜେଟରେ ରଖାଯାଇଥିବା ବ୍ୟୟ ଅଟକଳ ଆବଶ୍ୟକତା ତୁଳନାରେ ପର୍ଯ୍ୟାପ୍ତ ନୁହେଁ । ଏଣୁ ଜଳସେଚନ ପ୍ରକଳ୍ପଗୁଡ଼ିକର ଜରୁରୀ ମରାମତି ଓ ପୁନଃ ସଂସ୍ଥାନ ବାବଦରେ ସରକାରଙ୍କ ତରଫରୁ ଅତିରିକ୍ତ ବ୍ୟୟ ବରାଦ ଶୀଘ୍ର ମଞ୍ଜୁର କରା ନ ଗଲେ ଆଗାମୀ ରବି ଋତୁରେ ଜଳ ଯୋଗାଇ ଦେବା ସମ୍ଭବ ହୋଇ ପାରିବ ନାହିଁ ।

ପରିସଂଖ୍ୟାନ—୨

| କ୍ରମିକ ନମ୍ବର | ଜିଲ୍ଲାର ନାମ | | ବନ୍ୟାଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଉଠା ଜଳସେଚନ ପ୍ରକଳ୍ପର ସଂଖ୍ୟା | କ୍ଷତିଗ୍ରସ୍ତ ହୋଇଥିବା ଗୋଦାମଘର କୋଠା ବାଡ଼ିର ସଂଖ୍ୟା | ପ୍ରକଳ୍ପ ଗୋଦାମଘର କୋଠାବାଡ଼ି ମରାମତି ଓ ପୁନଃ ସଂସ୍ଥାନ ପାଇଁ ଆବଶ୍ୟକ ଅର୍ଥର ପରିମାଣ | ପାଣିପମ୍ପ ଓ ଅନ୍ୟାନ୍ୟ ସରଞ୍ଜାମ ମରାମତି ତଥା ଅଦଳ ବଦଳ ପାଇଁ ଆବଶ୍ୟକ ଅର୍ଥର ପରିମାଣ | ମରାମତି ଓ ପୁନଃ ସଂସ୍ଥାନ ପାଇଁ ଆବଶ୍ୟକ ମୋଟ ଅର୍ଥର ପରିମାଣ |
|---|---|---|---|---|---|---|---|
| (୧) | (୨) | | (୩) | (୪) | (୫) | (୬) | (୭) |
| ୧ । | କଟକ | .. | ୧,୧୦୩ | ୯୧ | ୨,୭୭.୯୮ | ୧୮.୧୧ | ୨,୯୬.୦୯ |
| ୨ । | ବଲାଙ୍ଗୀର | .. | ୬୫ | .. | ୧୮.୦୦ | .. | ୧୮.୦୦ |
| ୩ । | ଢେଙ୍କାନାଳ | .. | ୧୮ | .. | ୬.୪୯ | .. | ୬.୪୯ |
| ୪ । | ଗଞ୍ଜାମ | .. | ୧୯୯ | .. | ୧୫.୭୫ | .. | ୧୫.୭୫ |
| ୫ । | କଳାହାଣ୍ଡି | .. | ୭ | .. | ୦.୬୮ | .. | ୦.୬୮ |
| ୬ । | ଫୁଲବାଣୀ | .. | ୭୩ | .. | ୨୮.୦୬ | .. | ୨୮.୦୬ |
| ୭ । | ପୁରୀ | .. | ୧୧୬ | ୬ | ୩୮.୧୦ | ୨.୦୦ | ୪୦.୧୦ |
| ୮ । | ସମ୍ବଲପୁର | .. | ୯୬ | ୧ | ୩୩.୧୩ | ୨.୬୪ | ୩୫.୭୭ |
| | ମୋଟ | .. | ୧,୬୭୭ | ୯୮ | ୪,୧୮.୧୯ | ୨୨.୭୫ | ୪,୪୦.୯୪ |

ମ୍ୟାନେଜିଂ ଡାଇରେକ୍ଟର
ଓଡ଼ିଶା ଉଠା ଜଳସେଚନ କର୍ପୋରେସନ, ଭୁବନେଶ୍ୱର


ବୟାଅଶୀ ବନ୍ୟା
FLOODS '82

# ଆକାଶ ମାର୍ଗରୁ.....



# ପ୍ରଳୟ



ଆଠଗଡ଼ • ATHAGARH

# ପଯ୍ୟୋ



ପିପିଲି - PIPILI




AERIEL SURVEY
EXPRESS HIGHWAY
KANDARPUR CANAL BRIDGE
BOUDH





ଦଳେଇ ଘାଇ
(DALAI GHAI)



A VILLAGE NEAR DALAI GHAI

-ଦଳେଇ ଘାଇ ପାଖ ଏକ ଗ୍ରାମ-



କଣାସ
(KANAS)



ଉତ୍ତରା ଛକ
(UTTARA CHHAK)



(ବୟାଲିଶ ମୌଜା)
-BAYALIS MOUJA-



(ବଲାଙ୍ଗୀର) -BALANGIR-



(ବୌଦ) -BOUDH-

## ବନ୍ୟା ବିପର୍ଯ୍ୟୟ...

## FLOOD DEVASTATIONS.


BANKI
AFTER DELU



ବନ୍ୟାପରେ
ବାଙ୍କୀ





# TIKARPARA

## କରପଡା



# ଆକାଶ ମାର୍ଗରୁ ଖାଦ୍ୟ ଯୋଗାଣ

# FOOD PACKETS AIR-DROPPED



















# ବନ୍ୟାରୁ ଉଦ୍ଧାର
# RESCUED AND SHELTERED















PHILANTHROPISTS COME TO C.M'S AID







BANKI DEWATERED—








ଯୋଗାଯୋଗ ପାଇଁ ବିକଳ୍ପ ବ୍ୟବସ୍ଥା... (କଟକ-ଭୁବନେଶ୍ୱର
RESTORING THE SNAPPED LINK...



ଟେଲିଫୋନ ଓ ବିଦ୍ୟୁତ ତନ୍ତ୍ରର ଆଶୁ ପ୍ରତିକାର.

REPAIR OF ELECTRICITY & TELEPHONE LINES.







ଜୋବ୍ରାରୁ ବାଲି ଅପସାରଣ...

SANDCAST JOBRA UNDER RENOVATION...

ଦଲେଇଘାଇର ମରାମତି... - DALEIGHAI BREACH BEING PLUGGED...





↑ ଉଦ୍ଧାର ବ୍ୟବସ୍ଥା

ଖାଦ୍ୟ ବ୍ୟବସ୍ଥା ↓






↑ ପାନୀୟ ଜଳ ବ୍ୟବସ୍ଥା

DRINKING WATER, FOOD, & BOATS



ଖାଦ୍ୟ ବଣ୍ଟନ



କିରୋସିନ୍ ବଣ୍ଟନ...





ଚଟେଇ ବଣ୍ଟନ

'OOD AND SHELTER



ON WAY TO FLOODED AREAS

ଯୁଦ୍ଧକାଳୀନ ଭିତ୍ତିରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା-

Health measures on War footing.



← କୂଅ ବିଶୋଧନ

ପ୍ରତିଷେଧକ →





← ଔଷଧ ବିତରଣ

PRESS CONFERENCE - 30.8.82
ସାମ୍ବାଦିକ ସମ୍ମିଳନୀ - ୩୦।୮।୮୨



(RELIEF CAMP)
ଆଶ୍ରୟ ଶିବିର



MASS FEEDING
ଆହାର ବ୍ୟବସ୍ଥା





Youth Hostel Association
ଯୁଥ୍ ହଷ୍ଟେଲ ଆସୋସିଏସନ



Red
(ରେଡ୍



ୟୁନିସେଫ୍ (UNICEF)

ଦୁର୍ଗତଙ୍କ ସେବାରେ
"ସେବାସଂସ୍ଥା



HAL (ହାଲ୍)



ସମାଜ ମଙ୍ଗଳ ବୋର୍ଡ
(Social walfare Board)



# ବିପନ୍ନ ଭାଇ ଭଉଣୀଙ୍କ ପାଖରେ



ବନ୍ଧାଣିମା (BINDHANIMA)



(DALAIGHAI) ଦଳେଇଘାଇ





## BY THE SIDE OF THE FLOOD HIT

BHANPUR (ଭାଣପୁର)







UNION FINANCE MINISTER
(କେନ୍ଦ୍ର ଅର୍ଥମନ୍ତ୍ରୀ)



ରାଷ୍ଟ୍ରପତି ପରିଦର୍ଶନ



CENTRAL TEAM
(କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳ)

CENTRE APPRISED OF LOSSES





RAPID RECONSTRUCTION MEASURES






ବାଲକାଟି
(GALAKATI)




କେନାଲ ବନ୍ଧ ନିର୍ମାଣ...
EMBANKMENT RECONSTRUCTION...

# ପୁନଃନିର୍ମାଣ ଦିଗରେ ଦ୍ରୁତ ପଦକ୍ଷେ





# RECONSTRUCTION - ON WAR FOOTING



# ସେ ବାଙ୍କୀ ଆଉ କଣ ଫେରିବ ?

ଶ୍ରୀ ନରେନ୍ଦ୍ର କୃଷ୍ଣ ଧଳ



ରେଣୁକା ନଦୀ

ମୋର ଅତି ଆଦରର ଆଉ ମୋ ଜୀବନର ସବୁଠୁ ବଳି ଗର୍ବ ବାଙ୍କୀ ସହର ଆଜି ଆଉ ନାହିଁ । ପ୍ରକୃତି ତାର ତାଣ୍ଡବଲୀଳାରେ ଫର୍ଦ୍ଦା ଚୂରର ଦେଇ ଯାଇଛି—ବାଙ୍କୀ ଉପରେ-ବାଙ୍କୀ ମୃତ—ଜୀବନ ଥାଇ ମଧ୍ୟ ବାଙ୍କୀ ଆଜି ମୁଣ୍ଡ ଟେକିବାକୁ ସମର୍ଥ ନୁହେଁ । ଆଉ ଫେରିବ ମୋର ସେ ସ୍ୱପ୍ନର ବାଙ୍କୀ ? ଯାହା ଉପରେ ଅନେକ ଅନେକ ବର୍ଷ ଧରି ମୁଁ ଘୁରିଛି—ବୁଲିଛି—ଖେଳିଛି-ଚିର ପ୍ରବାହମାନ ମହାନଦୀ ବକ୍ଷରେ ସନ୍ତରଣ କାଟିଛି । ସେ ବାଙ୍କୀକୁ ଆଉ ଫେରି ପାଇବିନି ! ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଉକ୍ତି ସତ୍ୟ "ଆଜି ବାଙ୍କୀ ପାଇଁ ସବୁକିଛି କରାଯିବ କିନ୍ତୁ ବାଙ୍କୀକୁ ଆଉ ଆପଣଙ୍କୁ ଫେରାଇ ଦେଇ ପାରିବିନି ।"

କିଏ ମୋତେ ଫେରାଇବ ମୋର ସେ ବାଙ୍କୀକୁ ?

ଅଗଷ୍ଟ ୩୦ ତାରିଖ ସନ୍ଧ୍ୟା -ବାଙ୍କୀ ଆକାଶରେ ଘୋଟି ଆସିଲା କଳାମେଘ । ମହାନଦୀ ବକ୍ଷ ଉଛୁଳି ଉଠିଲା । ସମଗ୍ର ବାଙ୍କୀରେ "ରକ୍ଷାକର" ରକ୍ଷାକର" "ଆର୍ତ୍ତନାଦ । ମହାନଦୀ ବକ୍ଷ ବେଳକୁ ବେଳ ଅଧିକ ସ୍ଫୀତ ହୋଇ ଉଠିଲା । ବନ୍ଧ ଟପି ପାଣି ସହର ଭିତରେ ପଶିଲା । ମହାନଦୀ ବକ୍ଷର ସେଇ ଭାରା ସଂଭାଳି ପାରିଲନି ବନ୍ଧ ଦେହ । ଗାଣ୍ଡିଅନ୍ଥ—ଆଉ ମହାନଦୀ ନିଜ ବକ୍ଷକୁ ଲମ୍ବାଇ ଦେଲା ବାଙ୍କୀ ବକ୍ଷ ଦେଶ ଉପରେ । ଆଉ ସେଥି ଉପର ବନ୍ୟାର ଦୁଇଭାଗ କରି ଦେଲା ବାଙ୍କୀର ବକ୍ଷ ଦେଶ । ବାଙ୍କୀର ବସୁଧା ଫାଟି ଗଲା । ସୀତା ପାତାଳ ଭିତରକୁ ପଶିଗଲେନି ବାଙ୍କୀର ବିଭବ—



ବାଙ୍କୀ ବଜାର ପାଖ



ବାଙ୍କୀ ବଜାରରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଗୌରବ ସେଇ ପାତାଳ ଭିତରେ ପଶିଗଲା । ବାଙ୍କୀ ଦୁର୍ଭାଗ୍ୟ ହୋଇଗଲା । ଖଣ୍ଡିତ କଳେବରରେ ବାଙ୍କୀ ଠିଆ ହୋଇ ନିଜର ବିକଳାଙ୍ଗ ରୂପକୁ ନେଇ ଆଜି କାନ୍ଦୁଛି । ବାଙ୍କୀର ବିଭବ ଆଜି ପାତାଳ ଭିତରେ ।

ଅଗଷ୍ଟ ୩୦ ତାରିଖ ସଂଧ୍ୟାରେ ସହରର ସମସ୍ତଙ୍କୁ ସତର୍କବାଣୀ ଶୁଣାଇ ଦିଆଗଲା । ସମସ୍ତେ ଘରଦ୍ୱାର ଛାଡ଼ି ଚର୍ଚ୍ଚିକା ଠାକୁରାଣୀଙ୍କ ମନ୍ଦିରରେ ଆଶ୍ରୟ ନେଲେ । ଦୋମହଲା ଛାତ, ସୁନାବେଡ଼ା ମୁଣ୍ଡିଆ ଆଉ ବାଙ୍କୀ କଚେରୀ (ଏସ୍. ଡି. ଓ. ଅଫିସ୍) ହେଲା ଆଶ୍ରୟ ସ୍ଥଳ । ମଫସଲ ଅଞ୍ଚଳରୁ ଲୋକେ ଗାଈ-ଗୋରୁ ଧରି ସହର ଭିତରକୁ ମାଡ଼ି ଆସିଲେ । ବହୁ ବନ୍ୟା ମହାନଦୀରେ ବହିଯାଇଛି । ଲୋକେ ବହୁ ବନ୍ୟା ଦେଖିଛନ୍ତି । ୧୯୮୦ରେ ମହାନଦୀରେ ଯେଉଁ ପ୍ରବଳ ବନ୍ୟା ପ୍ରବାହିତ ହେଲା ତାକୁ ବି ଲୋକେ ଦେଖିଛନ୍ତି । ତେଣୁ ସମସ୍ତେ ଏ ବନ୍ୟା ମଧ୍ୟ ସେହିଭଳି ଗ୍ରୁଲିଯିବ ଏଇଆ ଭାବିଲେ । ସେଇ ଭାବନାକୁ ମନ ଭିତରେ ରଖି ଲୋକେ ନିଧଡ଼କ ରହିଲେ । କିନ୍ତୁ ବିଧିର ବିଧାନ ଅନ୍ୟ ରକମର । ମା ଚର୍ଚ୍ଚିକାଙ୍କ ଘଟକୁ ମହାନଦୀରେ ଗାଧୋଇ ଦେବା ପାଇଁ ଅଣାଯିବାକୁ ଉଦ୍ୟମ ହେଲା । ମାତ୍ର ଘଟ ବାହାରିବା ପୂର୍ବରୁ ପ୍ରଚଣ୍ଡ ଶବ୍ଦ କରି ଚର୍ଚ୍ଚିକା ଆଉ ରଣପୁର ଗ୍ରାମ ମଧ୍ୟବର୍ତ୍ତୀ ବନ୍ଧ ଭାଙ୍ଗି ପଡ଼ିଲା । ତୀବ୍ର ବେଗରେ ସହର ଭିତରକୁ ପାଣି ମାଡ଼ି ଆସିଲା । ଆଉ ସେଇ ପ୍ରଚଣ୍ଡ ବେଗ ଧୋଇ ନେଇଗଲା କୋଠା-ବାଡ଼ି-ଘରଦ୍ୱାର-ଗାଈ ଗୋରୁ—ମଣିଷ—ଗଛ-ବୃକ୍ଷ ସବୁ କିଛି । ଗ୍ରୁହଁ ଗ୍ରୁହଁ ସହର ଭିତରେ ଦଶ ଫୁଟରୁ ବାର ଫୁଟ ପାଣି ଗ୍ରୁଲିଲା । ସମଗ୍ର ସହରଟି ବୁଡ଼ିଗଲା ପାଣି ଭିତରେ । କେବଳ ଦୋମହଲା କୋଠାଘରଗୁଡ଼ିକ ମୁଣ୍ଡ ଟେକି ଠିଆ ହୋଇ ଥିଲେ ।



ବାଙ୍କୀ ହରିଜନ ବସ୍ତି

ଏହି ନିବନ୍ଧର ଲେଖକ ବହୁ ଚେଷ୍ଟା କରି ୧୫ ଜଣ ବନ୍ଧୁଙ୍କୁ ସାଙ୍ଗରେ ଧରି ଦୁଇଦିନ ପରେ ଅର୍ଥାତ୍ ସେପ୍ଟେମ୍ବର ପହିଲା ତାରିଖରେ ବ୍ରହ୍ମପୁରା ଭୋର ଡଙ୍ଗାରେ ପାରି ହୋଇ ବାର ତେର କିଲୋମିଟର ଚାଲି ବାଙ୍କୀ କଲେଜ ପାଖରେ ପହଞ୍ଚିଲେ । ସାଙ୍ଗରେ ଥିଲେ ରାଜ୍ୟ ପରିବହନ ବିଭାଗ ଡେପୁଟି ସେକ୍ରେଟାରୀ ଶ୍ରୀ ବିମାନ ପଟ୍ଟନାୟକ, ଡାକ୍ତର ସୀତାରାମ ଯୋଶୀ, ବିଶିଷ୍ଟ କଣ୍ଟ୍ରାକ୍ଟର ଶ୍ରୀ ବୈକୁଣ୍ଠ ନାଥ ପରିଡ଼ା ଏବଂ ଆଉ କେତେକ ଯୁବକ ବନ୍ଧୁ । ବାଙ୍କୀ କଲେଜ ସେଇ ଜ୍ୟୋତ୍ସ୍ନାଧୌତ ରାତିରେ ଏକ କଙ୍କାଳସାର ଦୈତ୍ୟ ରୂପେ ପ୍ରତୀୟମାନ ହେଉଥାଏ । ରାତି ଯେତେବେଳକୁ ଦୁଇଟା । ଆଗକୁ ରାସ୍ତା ବନ୍ଦ । ରାସ୍ତା ବଦଳରେ ପାଣିର ସୁଅ । କେତେ ପାଣି କିଏ ଜାଣିଛି ! କଲେଜ ଭିତରେ ପଶିଲୁ । କଲେଜ କୋଠାରୁ ପାଣି ଛାଡ଼ି ଯାଇଥାଏ । କିନ୍ତୁ ଆଣ୍ଠୁଏ ଲେଖାଏଁ କାଦୁଅ । ଅତି ସାବଧାନତା ସହକାରେ କାଦୁଅ ଭିତରେ ପଶି ପାଦ ଚିପି ଚିପି ଆସିଲୁ । କଲେଜ ଗେଟ୍ ପର୍ଯ୍ୟନ୍ତ ଆସି ଦେଖିଲୁ ପାଚେରୀ ସଂପୂର୍ଣ୍ଣ ଭାଙ୍ଗି ଯାଇଛି । ଗେଟ୍ ଆଗରେ ପାଣି । ରାସ୍ତା ନାହିଁ । ପ୍ରାୟ ଶହେ ଫୁଟ ଯାଏଁ ଛାତିଏ ପାଣି ଭିତରେ ପଶି ପୁଣି ବାଲି ଉପରକୁ ଉଠିଲୁ । ରାସ୍ତା ଆଉ ନାହିଁ । ତା ବଦଳରେ ବାଲି ସ୍ତୂପ । ଆଉ ମଝିରେ ମଝିରେ ଇଟା, ପଥର ସ୍ତୂପ । ଆଉ ଟିକେ ଆଗକୁ ଆମ ପାଇଁ ଅପେକ୍ଷା କରିଥିଲା ବିଶ୍ବର ସମସ୍ତ ବିସ୍ମୟ । ପ୍ରବଳ ଜଳସ୍ରୋତ । ପ୍ରାୟ ପାଞ୍ଚଶହ ଫୁଟ ଚଉଡ଼ା ବାଙ୍କୀ ସହରର ବୁକୁ ଫଟାଇ ବହି ଯାଉଛି । ଘଣ୍ଟାଏ ଅପେକ୍ଷା କରିବା ପରେ ଡଙ୍ଗା ଆସିଲା । ଚିହ୍ନା ନାଉରୀ, ରଣପୁରର । ମତେ ଦେଖିଲା । କହିଲା 'ବରିବାବୁ ସବୁ ସରିଗଲା' । ଆଉ ବାକୀ ନାହିଁ । ମୁଁ ନିଜେ ସେତେବେଳେକୁ ଶୋକାଭିଭୂତ । ତାକୁ ବା କ'ଣ କହିବି ? ଡଙ୍ଗାରେ ଆସିଲୁ ମା' ଚର୍ଚ୍ଚିକାଙ୍କ ଗୁଡିକ ଗିରି ତଳକୁ । ସେଇ ଗିରି ତଳେ ଠିଆହୋଇ ମା'ଙ୍କୁ ଅନାଇ କହିଲି 'ମା -ଏହା କ'ଣ ତୋର ଇଚ୍ଛା ! ତୋର ଅଗଣିତ ସନ୍ତାନଙ୍କୁ କ'ଣ ଏହିଭଳି ଦୁଃଖ-କଷ୍ଟ ଭିତରେ ରଖିବାକୁ ତୋର ଅଭିଳାଷ ଥିଲା ? କିନ୍ତୁ ନିର୍ବାକ୍ ମା' ପାଖରୁ ଉତ୍ତର ଆସିଲାନି । ମନେହେଲା ମା'ବି ମୂକ । ମା' ମଧ୍ୟ ଚିନ୍ତା କରୁଛି ସେ କ'ଣ କରୁ ? ସକାଳୁ ଅନେକଙ୍କ ସାଙ୍ଗରେ ଦେଖା ହେଲା । ସମସ୍ତଙ୍କ ମୁହଁରେ ଶୋକ । ମୋତେ ଦେଖି ଅନେକ କାନ୍ଦି କାନ୍ଦି କହିଲେ "ବାଙ୍କୀ—ଚାଲିଗଲା । ଆମ ବାଙ୍କୀ ଚାଲିଗଲା ।

ବାଙ୍କୀ ବଜାର ଭିତରେ ପାଦ ଦେଲୁ । ବଜାର ବୋଲି ଆଉ କିଛି ନାହିଁ । ରାସ୍ତା ବଦଳରେ ଆଠ-ଦଶଫୁଟ ଗଭୀରର ଖାଲ । ତା' ଭିତରେ ପାଣି ଜମିଛି । ପାଖରେ ଭଙ୍ଗା ଘରର ଇଟା, ପଥର, ବାଉଁଶର ସ୍ତୂପ । ଅଗଷ୍ଟ ୩୦ ତାରିଖ ପୂର୍ବରୁ ବାଙ୍କୀ ଆଉ ଏ ବାଙ୍କୀ ମଧ୍ୟରେ ଆକାଶ ପାତାଳ ପ୍ରଭେଦ । ତିରିଶ ତାରିଖ ପୂର୍ବରୁ ବାଙ୍କୀ ଆନନ୍ଦ ଝଲମଲ ଆଉ ପ୍ରାଣ ପ୍ରାଚୁର୍ଯ୍ୟ



ବାଙ୍କୀ ଶିବ ମନ୍ଦିର

ଭରା । ଆଜି ଏ ବାଙ୍କୀ କେବଳ ଏକ ମୃତ ନଗରୀ । କେବଳ ହାଡ ଆଉ ମାଂସର ପଚା ଗନ୍ଧ । ଶ୍ବାନ-ଶୃଗାଳର ବାସସ୍ଥାନ । ଅସମ୍ଭବ ସେ ଦୃଶ୍ୟ । ନିଜେ ନଦେଖିଲେ ବର୍ଣ୍ଣନା କରିବା ସମ୍ଭବ ନୁହେଁ । ଚତୁର୍ଦିଗରୁ ବାଙ୍କୀ ବାହାର ଜଗତରୁ ଛିନ୍ନ । ଟେଲିଫୋନ ନାହିଁ । ଓ୍ବାୟାରଲେସ ନାହିଁ । ପଥ-ଘାଟ ବନ୍ଦ । ପଇଁତ ତୁଠ ପାଖରେ ରାସ୍ତା ଦେଢ଼ଶହ ଫୁଟ ଜଳସ୍ରୋତରେ କାଟି ନେଇଛି । ଅପର ପକ୍ଷରେ ରଣନଦୀ ଯୋଗୁ ଦୁଇପଟେ ରାସ୍ତା ଖାଲ ।

## ସାହାଯ୍ୟ

ଆକାଶ ମାର୍ଗରୁ ହେଲିକପ୍ଟରର ଯୋଗେ ରିଲିଫ୍ ଯୋଗାଇବା ଏକମାତ୍ର ଉପାୟ । ତାହାହିଁ ହେଲା । ପ୍ରତିଦିନ ଆକାଶ ମାର୍ଗରୁ ଖାଦ୍ୟ ପ୍ରତିଆ ପଡ଼ିଲା । ସେପ୍ଟେମ୍ବର ପହିଲାରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ନିର୍ଦ୍ଦେଶରେ ଖୋର୍ଦ୍ଧା ଏସ୍. ଡି. ଓ. ଟ୍ରକ ଯୋଗେ



ଖିମିଳିପୁର ଘାଇ ନିକଟରେ ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ

ବୈଦେଶ୍ୱରକୁ ଚୁଡ଼ା-ଗୁଡ଼ନି ପଠାଇଲେ । ପରେ ଢରେ ବ୍ରହ୍ମପୁରୀ ଦେଇ ସେପ୍ଟେମ୍ବର ୩ ତାରିଖ ବେଳକୁ ବାଙ୍କୀ ସହ ପ୍ରତ୍ୟକ୍ଷ ଯୋଗାଯୋଗ କରାଯାଇ ପାରିଲା ।

ସେପ୍ଟେମ୍ବର ଆଠ ତାରିଖରେ ବାଙ୍କୀ ସହର ଭିତରକୁ ରାସ୍ତା ଯୋଗାଯୋଗ ହୋଇ ପାରିଲା । ଏଥିପାଇଁ ପୂର୍ତ୍ତ ବିଭାଗ ଇଂଜିନିୟରମାନେ ଧନ୍ୟବାଦର ପାତ୍ର । ଏହା ଅସମ୍ଭବ ବୋଲି ମନେ ହେଉଥିଲାବେଳେ ତିରିଶ ଫୁଟ ଗଭୀର ଖାତ ଭିତରେ ରାସ୍ତା କରି ଯାନ-ବାହାନ ଚଳାଚଳ କରି ପାରିଲା । ଠିକ୍ ସେହି ଭଳି ବିଦ୍ୟୁତ ଶକ୍ତି ସଂଯୋଗ ମଧ୍ୟ ହୋଇଗଲା । ଏହା ଯେ ସରକାରଙ୍କ ତତ୍ପରତାର ଫଳ ଏଥିରେ ସନ୍ଦେହ ନାହିଁ । ପରେ ପରେ ବହୁ ସରକାରୀ -ବେସରକାରୀ ରିଲିଫ୍ ବାଙ୍କୀରେ ପହଞ୍ଚିଲା । ବାଙ୍କୀର ମୃତ ବଜାରକୁ ଜୀବନ୍ୟାସ ଦେବା ପାଇଁ ଉଦ୍ୟମ ଚାଲିଛି । କିନ୍ତୁ ପୂର୍ବର ବାଙ୍କୀ ସତେ କ'ଣ ଆଉ ଫେରିବ ?

ସାମ୍ବାଦିକ, ମାତୃଭୂମି
ଭୁବନେଶ୍ୱର

# ପଶୁ ଧନକୁ କାଳ

ଶ୍ରୀ କେ. ବିଶ୍ୱନାଥମ୍



ବନ୍ୟାଗ୍ରସ୍ତ ଅଞ୍ଚଳରେ ଗୋ ସେବା

ଗତ ୧୯୮୨ ମସିହା ଅଗଷ୍ଟମାସ ୩୧ ତାରିଖ ଦିନ ଯେଉଁ ପ୍ରଳୟଙ୍କରୀ ବନ୍ୟା ମାଡ଼ି ଆସିଲା, ସେଥିରେ ଓଡ଼ିଶାର ଆଠଟି ଜିଲ୍ଲାରେ ପ୍ରଭୂତ ଧନଜୀବନ ଓ ପଶୁସଂପଦର କ୍ଷତି ଘଟିଛି । ପ୍ରାୟ ୩୫,୬୬୯ ଟି ପଶୁପକ୍ଷୀ ଭାସିଯାଇ ପ୍ରାଣ ହରାଇଛନ୍ତି ଏବଂ ପ୍ରାୟ ୨୯,୮୯,୧୧୬ ଗୋଟି ପଶୁପକ୍ଷୀ ଅସହାୟ ଓ ରୋଗଗ୍ରସ୍ତ ହୋଇପଡ଼ିଛନ୍ତି । ଭାସିଯାଇଥିବା ଓ ମୃତ୍ୟୁମୁଖରେ ପଡ଼ିଥିବା ପଶୁପକ୍ଷୀଙ୍କ ମଧ୍ୟରେ ୫,୬୮୧ଟି ଗାଈ ଓ ମଇଁଷି, ୪,୦୭୫ଟି ବାଛୁରୀ, ୪.୮୧୪ଟି ବଳଦ ଓ ମଇଁଷି ବଳଦ, ୨୧,୦୯୨ଟି ଛେଳି, ମେଣ୍ଢା ଓ ଘୁଷୁରି ଏବଂ ୧୧,୪୫୫ଟି କୁକୁଡ଼ା ଓ ବତକ ଅନ୍ତର୍ଭୁକ୍ତ । ପଶୁମାନଙ୍କ ମଧ୍ୟରୁ କଟକ ଜିଲ୍ଲାରେ ସର୍ବାଧିକ ୧୫,୩୮୯ ଗୋଟି ପଶୁ ଭାସିଯାଇଛନ୍ତି ଓ ମୃତ୍ୟୁମୁଖରେ ପଡ଼ିଛନ୍ତି । ଏହା ପଛକୁ ବଲାଙ୍ଗୀର ଜିଲ୍ଲାରେ ୧୩,୮୧୦ଟି, ଫୁଲବାଣୀ ଜିଲ୍ଲାରେ ୨,୫୭୦ଟି, ଢେଙ୍କାନାଳ ଜିଲ୍ଲାରେ ୨,୧୭୯ଟି, ପୁରୀଜିଲ୍ଲାରେ ୧,୪୯୭ଟି ଓ ସମ୍ବଲପୁର ଜିଲ୍ଲାରେ ୨୧୬ଟି ପଶୁ ଭାସିଯାଇଛନ୍ତି କିମ୍ବା ମୃତ୍ୟୁବରଣ କରିଛନ୍ତି । ସେହିପରି କୁକୁଡ଼ା ଓ ବତକମାନଙ୍କ ମଧ୍ୟରୁ ବଲାଙ୍ଗୀର ଜିଲ୍ଲାରେ ସର୍ବାଧିକ ୮,୫୨୩ଟି ଭାସିଯାଇଛନ୍ତି କିମ୍ବା ମୃତ୍ୟୁବରଣ କରିଛନ୍ତି । ତତ୍‌ପରେ ସମ୍ବଲପୁର ଜିଲ୍ଲାରେ ୮୫୭ ଗୋଟି, ଫୁଲବାଣୀ ଜିଲ୍ଲାରେ ୮୦୦, ଢେଙ୍କାନାଳ ଜିଲ୍ଲାରେ ୭୭୦ ଓ ପୁରୀ ଜିଲ୍ଲା ୫୫୦ କୁକୁଡ଼ା ଓ ବତକଙ୍କର ବନ୍ୟାଯୋଗୁଁ ମୃତ୍ୟୁ ଘଟିଛି ।

ବନ୍ୟାଯୋଗୁଁ ଅଧିକ କ୍ଷତିଗ୍ରସ୍ତହୋଇଥିବା କଟକ, ପୁରୀ, ବଲାଙ୍ଗୀର ଓ ଫୁଲବାଣୀ ଜିଲ୍ଲାରେ ଅଧିକାଂଶ ପଶୁଚିକିତ୍ସକ, ଅତିରିକ୍ତ ପଶୁଚିକିତ୍ସକ, ଜୁନିୟର ଭେଟେରିନାରୀ ଅଫିସର ଏବଂ ପଶୁସ୍ୱାସ୍ଥ୍ୟ ପରିଦର୍ଶକମାନେ ବିପନ୍ନ ହୋଇପଡ଼ିଛନ୍ତି । ଅତୀବ ଦୁଃଖର କଥା ଯେ ବାଙ୍କୀ ସବ୍‌ଡିଭିଜନର ସିମିଳିପୁର ପଶୁସ୍ୱାସ୍ଥ୍ୟ ପରିଦର୍ଶକ ବନ୍ୟାରେ ମୃତ୍ୟୁବରଣ କରିଛନ୍ତି । ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବ୍ଳକମାନଙ୍କରେ ୧୫୮ ଗୋଟି ପଶୁଚିକିତ୍ସାଳୟ ୫୩୨ଟି ପଶୁ ଚିକିତ୍ସା ସହାୟକ କେନ୍ଦ୍ର ୧୧୨ କୃତ୍ରିମ ପ୍ରଜନନ କେନ୍ଦ୍ର, ୧୦୬ କି ଭିଲେଜ ଉପକେନ୍ଦ୍ର ଓ ୧୭୭ ସଘନ ଗୋଉନ୍ନୟନ ଯୋଜନା ଉପକେନ୍ଦ୍ର ରହିଛି । ତନ୍ମଧ୍ୟରୁ ୨୭ ଗୋଟି ପଶୁଚିକିତ୍ସାଳୟ ଓ ୪ ଗୋଟି ବାଟଲ୍ରିଡ୍, ୨ଗୋଟି ଘାସ ଫାର୍ମ ଏବଂ ୧୮୯ଟି ପଶୁଚିକିତ୍ସା ସହାୟକ କେନ୍ଦ୍ର ଓ ଉପକେନ୍ଦ୍ର ଆଂଶିକ ବା ସଂପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି । ଏଥିରେ ଥିବା ଔଷଧ, ଯନ୍ତ୍ରପାତି ପ୍ରଭୃତି ମଧ୍ୟ ନଷ୍ଟ ହୋଇଯାଇଛି । ତେଣୁ ଏହି ସବୁ ଅନୁଷ୍ଠାନମାନଙ୍କୁ ଯଥାଶୀଘ୍ର ଔଷଧ ପ୍ରଭୃତି ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି । ସେପ୍ଟେମ୍ବର ମାସ ୨ ତାରିଖଠାରୁ ବନ୍ୟାଞ୍ଚଳରେ ରିଲିଫ୍ ଓ ଚିକିତ୍ସା କାର୍ଯ୍ୟସହ ଏହି ଅଞ୍ଚଳରେ ଥିବା ଅନୁଷ୍ଠାନମାନଙ୍କୁ ଆବଶ୍ୟକ ପରିମାଣ ଔଷଧ ପହଞ୍ଚାଇବାର ବ୍ୟବସ୍ଥା କରାଯାଇଛି । ଏହାଛଡ଼ା ବନ୍ୟାକ୍ଷତିଗ୍ରସ୍ତ ହୋଇନଥିବା ଅଞ୍ଚଳରୁ କର୍ମଚାରୀମାନଙ୍କୁ ଅଣାଯାଇ, ବନ୍ୟାଞ୍ଚଳରେ ଯୁଦ୍ଧକାଳୀନ ଭିତିରେ ଚିକିତ୍ସା, ପ୍ରତିଷେଧକ ବ୍ୟବସ୍ଥା ଓ ରିଲିଫ୍ କାର୍ଯ୍ୟ ଆରମ୍ଭ କରାଯାଇଛି ।

ସେପ୍ଟେମ୍ବର ମାସ ୨ ତାରିଖରେ ୧୨ ଜଣ ଉଚ୍ଚ କର୍ମଚାରୀଙ୍କୁ କଟକ ଓ ପୁରୀ ଜିଲ୍ଲାରେ ବିଭିନ୍ନ ଜୋନ୍ କରାଯାଇ, ପ୍ରତି ଜୋନ୍ ଦାୟିତ୍ୱରେ ରଖାଯାଇଛି । ବନ୍ୟା ହୋଇନଥିବା ଜିଲ୍ଲାମାନଙ୍କରୁ ୬୬ଜଣ ଜି. ଏ. ଏସ୍. ଓ ୧୧୯ ଜଣ ପଶୁ ସ୍ୱାସ୍ଥ୍ୟ ପରିଦର୍ଶକଙ୍କୁ ଅଣାଯାଇ ବନ୍ୟାଞ୍ଚଳରେ ନିଯୁକ୍ତ କରାଯାଇଛି । ବର୍ତ୍ତମାନ ୨୫୬ ଗୋଟି ଦଳ ବିଭିନ୍ନ ବନ୍ୟାଞ୍ଚଳରେ କାର୍ଯ୍ୟରତ ଅଛନ୍ତି । ସେମାନଙ୍କୁ ଯଥେଷ୍ଟ ପରିମାଣରେ ପ୍ରତିଷେଧକ ଟୀକା ଓ ଔଷଧ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି ।

ମିଳିଥିବା ବିବରଣୀରୁ ଜଣାଯାଏ ଯେ, ବନ୍ୟାଞ୍ଚଳରେ ମୃତ୍ୟୁମୁଖରେ ପଡ଼ିଥିବା ପଶୁମାନଙ୍କ ମଧ୍ୟରୁ ୩,୦୮୨ ମୃତପଶୁଙ୍କୁ ଜନସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦେଇ ସତ୍କାର କରାଯାଇଛି ।

ବନ୍ୟାଞ୍ଚଳରେ ଦୁର୍ଦ୍ଦଶାଗ୍ରସ୍ତ ହୋଇଥିବା ୨୯,୮୯,୧୧୬ ପଶୁପକ୍ଷୀଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୩ଲକ୍ଷ ଗୋରୁ ଗାଈ ଓ ମଇଁଷିଙ୍କୁ ସାହାଣା ପ୍ରତିଷେଧକ ଟୀକା ୯୨,୦୯୯ ଦାହୁରୀଙ୍କୁ ବଡ଼ବଡ଼ିଆ ପ୍ରତିଷେଧକ ଟୀକା ଓ ୩,୦୨୭ ପଶୁଙ୍କୁ ଗୋବସନ୍ତ ପ୍ରତିଷେଧକ ଟୀକା ଦିଆ ସରିଲାଣି ଏବଂ ଏହି କାର୍ଯ୍ୟକ୍ରମ ଚାଲୁରହିଛି । ଆହୁରି ୨୫ । ୨୬ ଲକ୍ଷ ପଶୁଙ୍କୁ ପ୍ରତିଷେଧକ ଟୀକା ଦେବାକୁ ପଡ଼ିବ । ଏଥିପାଇଁ ଯଥେଷ୍ଟ ପରିମାଣର ପ୍ରତିଷେଧକ ଟୀକା ଆବଶ୍ୟକ ହେବ । ବର୍ତ୍ତମାନ ସୁଦ୍ଧା ରାଜ୍ୟର ବିଭିନ୍ନ ବନ୍ୟାଞ୍ଚଳକୁ ୩,୩୧,୦୦୦ ଡୋଜ୍ ସାହାଣା ପ୍ରତିଷେଧକ ଟୀକା ଓ ୨,୩୮,୦୦୦ ଡୋଜ୍ ବଡ଼ବଡ଼ିଆ ପ୍ରତିଷେଧକ ଟୀକା ପଠାଯାଇ ସାରିଲଣି ।



ଫୁଲନଖରା ଦୁଗ୍ଧ ପ୍ଲାଣ୍ଟ ବନ୍ୟା ଜଳରେ ବୁଡ଼ି ରହିଛି

ବର୍ତ୍ତମାନ ସୁଦ୍ଧା ପ୍ରାୟ ୨ଲକ୍ଷ ଟଙ୍କା ମୂଲ୍ୟର ଔଷଧ ଅନ୍ୟାନ୍ୟ ଅଞ୍ଚଳରୁ ଅଣାଯାଇ, ବନ୍ୟାଞ୍ଚଳର ବିଭିନ୍ନ ପଶୁ-ଚିକିତ୍ସା ଅନୁଷ୍ଠାନକୁ ଦିଆଯାଇଛି ଏବଂ ୫ଲକ୍ଷ ଟଙ୍କା ମୂଲ୍ୟର ଔଷଧ କିଣାଯାଇ, ବନ୍ୟାଞ୍ଚଳରେ ଥିବା ବିଭିନ୍ନ ଅନୁଷ୍ଠାନକୁ ଯୋଗାଇ ଦିଆଯାଉଛି । ବନ୍ୟାଞ୍ଚଳ ଲୋକମାନଙ୍କର ଆର୍ଥିକ ମେରୁଦଣ୍ଡ ସଂପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ ହୋଇଥିବା ଯୋଗୁଁ ପଇସା ଖର୍ଚ୍ଚ କରି ସେମାନେ ଗୋରୁ ଗାଈଙ୍କର ଚିକିତ୍ସା କରିବା ସମ୍ଭବ ନୁହେଁ । ତେଣୁ ସରକାର ଚିକିତ୍ସାର ସମସ୍ତ ଖର୍ଚ୍ଚ ବହନ କରିବେ । ଏବେ ବନ୍ୟାଞ୍ଚଳ ଗୋରୁ ଗାଈ ମାନଙ୍କର ହେରା ଓ ନିମୋନିଆ ରୋଗ ଦେଖା ଦେଇଛି । ଏହାର ପ୍ରାଦୁର୍ଭାବ ବଢ଼ିଯାଇପାରେ । ତେଣୁ ବନ୍ୟାଞ୍ଚଳରେ ଥିବା ଅନୁଷ୍ଠାନମାନଙ୍କରେ ସାଧାରଣ ଔଷଧ ସହ ଜୀବନ ରକ୍ଷାକାରୀ ଔଷଧ ମଧ୍ୟ ସଞ୍ଚିତ କରି ରଖିବାକୁ ପଡ଼ିବ । ପ୍ରତି ପଶୁଚିକିତ୍ସାଳୟକୁ ୧୦ ହଜାର ଟଙ୍କା ମୂଲ୍ୟର ଔଷଧ ଓ ପ୍ରତି ପଶୁଚିକିତ୍ସା ସହାୟକ କେନ୍ଦ୍ରକୁ ୫ ହଜାର ଟଙ୍କା ମୂଲ୍ୟର ଔଷଧ ଯୋଗାଇବାର ବ୍ୟବସ୍ଥା କରାଯାଉଛି । ବର୍ତ୍ତମାନ ସୁଦ୍ଧା ବନ୍ୟାଞ୍ଚଳରେ ୮୪,୬୧୪ ଗୋଟି ପଶୁପକ୍ଷୀଙ୍କର ଚିକିତ୍ସା କରାଯାଇ ସାରିଲଣି ।

ମିଳିଥିବା ତଥ୍ୟରୁ ଜଣାଯାଏ ଯେ, ବନ୍ୟାଞ୍ଚଳରେ ୪,୮୧୪ ବଳଦ ଓ ମଇଁଷି ଓ ମଇଁଷି ବନ୍ୟାରେ ଭାସି ଯାଇଛନ୍ତି ଓ ମୃତ୍ୟୁମୁଖରେ ପଡ଼ିଛନ୍ତି । ଏହାଛଡ଼ା ଅତି ଗରିବ ପରିବାରଙ୍କର ପ୍ରାୟ ୧୫,୦୦୦ ଗାଈ, ଛେଳି, ମେଣ୍ଢା, ଓ ଘୁଷୁରି ପ୍ରଭୃତି ମଧ୍ୟ ମୃତ୍ୟୁମୁଖରେ ପଡ଼ିଛନ୍ତି । ଏମାନଙ୍କୁ ଆର୍ଥିକ ସାହାଯ୍ୟ ଦେବାକୁ ହେବ । ଗାଈ, ବଳଦ ପ୍ରଭୃତି ରାଜ୍ୟ ମଧ୍ୟରୁ କିଣି ସେମାନଙ୍କୁ ବର୍ତ୍ତମାନ ପରିସ୍ଥିତିରେ ଯୋଗାଇବା ସମ୍ଭବ ନୁହେଁ । କାରଣ ଏତେ ସଂଖ୍ୟାରେ ଏମାନେ ମିଳି ନ ପାରନ୍ତି । ତେଣୁ ଭାରତ ସରକାରଙ୍କ ସହାୟତାରେ ରାଜ୍ୟ ବାହାରୁ କିଣି ଏମାନଙ୍କୁ ଯୋଗାଇବାକୁ ପଡ଼ିବ ।

ବର୍ତ୍ତମାନ ପରିସ୍ଥିତିରେ ଗୋଖାଦ୍ୟ, ନଡା ଓ କଞ୍ଚା ଘାସ ପ୍ରଭୃତି ଦୁର୍ଦ୍ଦଶାଗ୍ରସ୍ତ ଗୋରୁ ଗାଈଙ୍କୁ ଯୋଗାଇବା, ଏକ ଜରୁରୀ ଆବଶ୍ୟକ ହୋଇ ପଡ଼ିଛି । ଏହା ବନ୍ୟାଞ୍ଚଳରେ ମିଳିବା ସମ୍ଭବ ନୁହେଁ । ଏହା ଛଡା ନଡା ଓ ଘାସ ଯଥେଷ୍ଟ ପରିମାଣରେ ମିଳୁନାହିଁ । ଉତ୍କଳ ଗୋମଙ୍ଗଳ ସମିତି ୧,୨୦୦ କ୍ୱିଣ୍ଟାଲ ଘାସ ସଂଗ୍ରହ କରି ବନ୍ୟାଞ୍ଚଳକୁ ପଠାଇଥିବାରୁ ଆମେ କୃତଜ୍ଞ । ତେଣୁ କୁଣ୍ଡା, ଚୋକଡ ଓ କାଣ୍ଡିଆ କୁଣ୍ଡା ପ୍ରଭୃତି ବନ୍ୟାଞ୍ଚଳକୁ ଯୋଗାଇବାର ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନ ସୁଦ୍ଧା ବନ୍ୟାଞ୍ଚଳରେ ୧୬,୨୪୬·୭୫ କ୍ୱିଣ୍ଟାଲ କୁଣ୍ଡା ଓ ୧,୮୧୫ କ୍ୱିଣ୍ଟାଲ ନଡାଘାସ ବଣ୍ଟାଯାଇଛି ।

ଏହାଛଡା ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘର ପରିଚାଳନା ନିର୍ଦ୍ଦେଶକଙ୍କ ତଥ୍ୟ ଅନୁଯାୟୀ ବନ୍ୟାଯୋଗୁଁ ଫୁଲନଖରା ଦୁଗ୍ଧଶାଳାର ୩୩ଲକ୍ଷ ଟଙ୍କାର ବିଭିନ୍ନ ଉପକରଣ କଟକ ଜିଲ୍ଲାର ୨୪ଟି ପ୍ରାଥମିକ ଦୁଗ୍ଧ ସମବାୟ ସମିତି ଓ ପୁରୀ ଜିଲ୍ଲାର ୩୨ ଗୋଟି ପ୍ରାଥମିକ ଦୁଗ୍ଧ ସମବାୟ ସମିତିର ବିଶେଷ କ୍ଷତି ଘଟିଛି । ବହୁ ସଭ୍ୟଙ୍କର ଦୁଧିଆଳୀ ଗାଈ ଭାସିଯାଇଛନ୍ତି କିମ୍ବା ମୃତ୍ୟୁମୁଖରେ ପଡ଼ିଛନ୍ତି ।

ଏହି ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ତଥା ଅନୁଷ୍ଠାନଗୁଡ଼ିକର ମରାମତି ଓ ପୁନର୍ଗଠନ ପାଇଁ ପଶୁପାଳନ ବିଭାଗରେ ୨୪୦·୭୫ ଲକ୍ଷ ଟଙ୍କା ଆବଶ୍ୟକ ହେବବୋଲି ଅଟକଳ କରାଯାଇଛି ।

ନିର୍ଦ୍ଦେଶକ,
ପଶୁପାଳନ, ଦୁଗ୍ଧ ଉତ୍ପାଦନ ଓ
ପଶୁଚିକିତ୍ସା ବିଭାଗ, ଓଡ଼ିଶା, କଟକ




ମୁଖ୍ୟମନ୍ତ୍ରୀଙ୍କ
ପାଣ୍ଠିକୁ ଦାନ...
DONATIONS
TO
CM'S
RELIEF FUND
ୟୁନିସେଫ୍ ସାହାଯ୍ୟ ଆଲୋ
DISCUSSION, WITH UNICEF TE
C.M THANKS
JAWANS
ଜବାନ୍‌ଙ୍କ ଗହଣରେ !
ଡାନିଡା ସହ ପାନୀୟ ଜଳ
ସାହାଯ୍ୟ ଆଲୋଚନା
DANIDA TEAM
DISCUSSES
DRINKING WATER
SUPPLY

# ବୟାଅଶୀ ବନ୍ୟାର ବିଶେଷତ୍ୱ



ଶ୍ରୀ ଆର୍ତ୍ତବନ୍ଧୁ ଭଇନା

୧୯୮୨ର ମୌସୁମୀ ପ୍ରବାହ ଜୁନ୍ ୩ ତାରିଖ ଦିନ କଟକ, ପୁରୀ, ବାଲେଶ୍ୱର, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଓ ସମ୍ବଲପୁର ଜିଲ୍ଲାରେ ପ୍ରବଳ ବାତ୍ୟା ସହ ଧ୍ୱଂସଲୀଳା ଘଟାଇଲା । ଏହି ବାତ୍ୟା ଯୋଗୁଁ ୫୦ରୁ ୨୬୯ ମି : ମି : ବର୍ଷା ହେବା ସଙ୍ଗେ ସଙ୍ଗେ ଘଣ୍ଟାକୁ ୨୨୦ କି : ମି : ବେଗରେ ପବନ ବହିଲା ।

ଏହା ପରେ ପରେ ଘୋର ମରୁଡ଼ି ଆସିଲା । ଏହି ମରୁଡ଼ି ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ଉଦ୍ୟମ ହେଉଥିବା ସମୟରେ ଅଗଷ୍ଟ ୧୮ ତାରିଖ ଅପରାହ୍ନ ୩-୩୦ ମିନିଟ୍‌ରୁ ୧୯ ତାରିଖ ଯାଏଁ ଦୀର୍ଘ ୧୮ ଘଣ୍ଟା ଧରି ସମ୍ବଲପୁରରେ ଅଭୂତପୂର୍ବ ବର୍ଷା (୫୮୨ ମି : ମି:) ହେଲା । ଏହି ସମୟରେ ହୀରାକୁଦରେ ୪୧୦ ମି: ମି:, ମଣେଶ୍ୱରରେ ୩୧୨ ମି: ମି: ଓ ଝାରସୁଗୁଡ଼ାରେ ୧୬୬ ମି:ମି: ବର୍ଷା ହେଲା । ଏହା ଫଳରେ ସମ୍ବଲପୁର ଟାଉନ୍‌ର ବାଲିବନ୍ଧଠାରେ ଓ ହୀରାକୁଦ ନଦୀବନ୍ଧ ଯୋଜନାର କେନାଲ ବ୍ୟବସ୍ଥାରେ ଘାଇ ହେବା ସଙ୍ଗେ ସଙ୍ଗେ ସମ୍ବଲପୁର ଟାଉନ୍ ଓ ଆଖପାଖ ଅଞ୍ଚଳରେ ଭୀଷଣ କ୍ଷୟକ୍ଷତି ହେଲା । ବର୍ଷା ଜଳରେ ହୀରାକୁଦ ନଦୀବନ୍ଧ ବୁଡ଼ିଯାଇଥିଲା ଏବଂ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ନିମନ୍ତେ ଏହାକୁ ଠିକ୍ କରିବାକୁ ୨୫ ଦିନରୁ ଅଧିକ ସମୟ ଲାଗିଲା । ଯାହାହେଉ, ହୀରାକୁଦ ନଦୀବନ୍ଧର ଦ୍ୱାରଗୁଡ଼ିକ ବନ୍ଦ କରାଯାଇଥିବାରୁ ସମ୍ବଲପୁର ଟାଉନ୍ ଓ ମହାନଦୀ ଅବବାହିକାର ତଳ ଅଞ୍ଚଳ ରକ୍ଷା ପାଇଗଲା ।

ଅବବାହିକା ଅଞ୍ଚଳ ବର୍ଷାଜଳରେ ଭରପୁର ହୋଇ ରହିଥିବାବେଳେ ମହାନଦୀ ଅବବାହିକା ଅର୍ଥାତ୍ ହୀରାକୁଦର ତଳମୁଣ୍ଡରେ ଅଭୂତପୂର୍ବ ବନ୍ୟା ଆସିଲା । ଏହି ବନ୍ୟାଜଳ ନରାଜ ନିକଟରେ ୧୫·୮ ଲକ୍ଷ କ୍ୟୁସେକ୍ ହୋଇଥିଲା । ମହାନଦୀରେ ଭୀଷଣ ବନ୍ୟା ଫଳରେ ନରାଜଠାରେ ଯେତେ ସର୍ବାଧିକ ପରିମାଣର ଜଳ ନିଷ୍କାସନ ହେଉଥିଲା, ତହିଁର ବିବରଣୀ ନିମ୍ନରେ ପ୍ରଦତ୍ତ ହୋଇଛି । ଏଥିରୁ ଜଣାଯାଏ ଯେ ୧୯୮୨ ବନ୍ୟା ଜନ ମାନସରେ ବହୁ କାଳ ପର୍ଯ୍ୟନ୍ତ ଜୀବନ୍ତ ହୋଇ ରହିବ:—

| | | ଲକ୍ଷ କ୍ୟୁସେକ୍ |
|---|---|---|
| ୧୯୮୨ | .. | ୧୫·୮୪ |
| ୧୯୨୬ | .. | ୧୪·୨୦ |
| ୧୯୨୯ | .. | ୧୪·୪୦ |
| ୧୯୩୩ | .. | ୧୩·୯୦ |
| ୧୯୩୭ | .. | ୧୩·୫୦ |
| ୧୯୩୯ | .. | ୧୨·୦୪ |
| ୧୯୪୦ | .. | ୧୩·୬୦ |
| ୧୯୫୫ | .. | ୧୨·୪୦* |
| ୧୯୫୮ | .. | ୧୧·୯୫ |
| ୧୯୫୯ | .. | ୧୨·୫୫ |

| | | | |
|---|---|---|---|
| ୧୯୬୦ .. ୧୨.୬୫ | | ୧୯୮୦ .. | ୧୨.୨୯ |
| ୧୯୬୧ .. ୧୨.୬୭ | | | |

*(ହୀରାକୁଦ ନଦୀବନ୍ଧ ପରିକଳ୍ପନାର ମୁଖ୍ୟାଙ୍କ ରିପୋର୍ଟ ଅନୁଯାୟୀ) ।

### ହୀରାକୁଦ ନଦୀବନ୍ଧ ତଳ ଭାଗରେ ମହାନଦୀ ଅବବାହିକାରେ ଅଗଷ୍ଟ ୨୮ ରୁ ୩୧ ତାରିଖ ମଧ୍ୟରେ ବୃଷ୍ଟିପାତ

| କ୍ରମିକ ସଂଖ୍ୟା | କେନ୍ଦ୍ରର ନାମ | ମି:ମି: ଆକାରରେ ବୃଷ୍ଟିପାତ | | | ମୋଟ |
|---|---|---|---|---|---|
| | | ୨୮-୮-୧୯୮୨ | ୨୯-୮-୧୯୮୨ | ୩୦-୮-୧୯୮୨ | |
| (୧) | (୨) | (୩) | (୪) | (୫) | (୬) |
| ୧ | ହୀରାକୁଦ .. | ୩୯.୯୦ | ୧୬୩.୦୦ | ୬୨.୪୦ | ୨୬୫.୩୦ |
| ୨ | ବରଗଡ଼ .. | ୪୨.୦୦ | ୮୪.୩୦ | ୧୯୩.୪୦ | ୩୧୯.୭୦ |
| ୩ | ବରପାଲି .. | ୭୬.୫୦ | ୧୪୩.୦୦ | ୩୧୫.୫୦ | ୫୩୫.୦୦ |
| ୪ | ଡୁଙ୍ଗୁରିପାଲି .. | ୩୦୭.୦୦ | ୩୮୫.୦୦ | ୧୯୨.୦୦ | ୮୮୪.୦୦ |
| ୫ | ବିଜେପୁର .. | ଏନ୍: ଆର୍: | ୧୪୦.୦୦ | ୫୩୧.୦୦ | ୬୭୧.୦୦ |
| ୬ | ବଲାଙ୍ଗୀର .. | ୩୭.୫୦ | ୨୦୦.୦୦ | ୧୨୦.୫୦ | ୩୫୮.୦୦ |
| ୭ | ଟିଟିଲାଗଡ଼ .. | ୨୮.୦୦ | ୧୨୧.୫୦ | ୧୧୫.୨୦ | ୨୬୪.୭୦ |
| ୮ | ସୋନପୁର .. | .. | ୨୨୦.୦୦ | ୩୩୮.୦୦ | ୫୫୮.୦୦ |
| ୯ | ଖଇରମାଳ .. | ୭୭.୨୦ | ୨୪୫.୫୦ | ୮୪.୫୦ | ୪୦୬.୭୦ |
| ୧୦ | ଭବାନିପାଟଣା .. | ୨୮.୦୦ | ୧୨୧.୫୦ | ୧୧୫.୨୦ | ୨୬୪.୭୦ |
| ୧୧ | ନରଲା .. | ଏନ୍: ଆର୍: | ୨୧୩.୦୦ | ୧୨୪.୦୦ | ୩୩୭.୦୦ |
| ୧୨ | କଣ୍ଟାମୁଣ୍ଡା .. | ” | ୧୭୩.୦୦ | ୧୭୫.୦୦ | ୩୪୮.୦୦ |
| ୧୩ | ମଦନପୁର ରାମପୁର ” .. | ” | ୧୬୩.୦୦ | ୨୬୮.୦୦ | ୪୩୧.୦୦ |
| ୧୪ | କେସିଂଗା .. | ” | ୧୯୦.୦୦ | ୨୦୭.୦୦ | ୩୯୭.୦୦ |
| ୧୫ | ବଡ଼ ନରସିଂହପୁର .. | ” | ୧୯୫.୦୦ | ୨୦୦.୦୦ | ୩୯୫.୦୦ |
| ୧୬ | ଫୁଲବାଣୀ .. | ୨୦୯.୦୦ | ୪୮୪.୦୦ | ଏନ୍: ଆର୍: | ୬୯୩.୦୦ |
| ୧୭ | ପିଲସାଲ୍କି ନଦୀବନ୍ଧ .. | ୩୧୨.୦୦ | ୪୨୮.୫୦ | ଏନ୍: ଆର୍: | ୭୪୦.୫୦ |
| ୧୮ | ବୌଦ .. | ଏନ୍: ଆର୍: | ୧୨୩.୦୦ | ୨୬୯.୦୦ | ୩୯୨.୦୦ |
| ୧୯ | ବାଲିଗୁଡ଼ା .. | ୩.୩୦ | ୧୮୦.୦୦ | ୨୨୧.୨୫ | ୪୦୪.୫୫ |
| ୨୦ | ଟିକରପଡ଼ା .. | ୯.୮୦ | ୧୫୪.୮୦ | ୧୪୧.୯୬ | ୩୦୬.୫୬ |
| ୨୧ | ବରମୂଲ .. | ୧୩.୨୦ | ୨୯୯.୩୦ | ୫୭.୨୬ | ୩୬୯.୭୬ |
| ୨୨ | ରାଜ କିଶୋର ନଗର .. | ଏନ୍: ଆର୍: | ୧୩୩.୦୦ | ୨୬୪.୦୦ | ୨୯୭.୦୦ |

୧୯୮୨ ମସିହାରେ କଟକ କାଠଯୋଡ଼ି ନଦୀର ବେଲ୍‌ଭିୟୁ ଘାଟରେ ଜଳର ରେକର୍ଡ ଅଦ୍ୟାବଧି ସର୍ବାଧିକ । ଏହାର ମାପ ନିମ୍ନରେ ପ୍ରଦତ୍ତ ହୋଇଛି :—

| | | | |
|---|---|---|---|
| ୧୮୯୨ .. | ୨୭.୮୦ | ୧୯୨୬ .. | ୨୭.୩୫ |
| ୧୯୧୧ .. | ୨୭.୮୦ | ୧୯୨୯ .. | ୨୫.୭୦ |
| ୧୯୨୦ .. | ୨୬.୭୫ | ୧୯୩୩ .. | ୨୭.୩୪ |
| ୧୯୨୫ .. | ୨୬.୦୦ | ୧୯୩୭ .. | ୨୮.୨୫ |
| | | ୧୯୩୯ .. | ୨୬.୨୫ |
| | | ୧୯୪୦ .. | ୨୬.୨୦ |
| | | ୧୯୪୬ .. | ୨୬.୮୩ |
| | | ୧୯୪୭ .. | ୨୬.୨୫ |

| | | |
|---|---|---|
| ୧୯୫୫ | .. | ୨୭'୦୦ (ବଢେଇ ଘାଉ) |
| ୧୯୮୦ | .. | ୨୬'୦୦ |
| ୧୯୮୨ | .. | (୨୮'୭୫) (୧୯୮୨ ଅଗଷ୍ଟ ୩୧ ତାରିଖ ରାତି ୮ଟା) |

ନିମ୍ନରେ ପ୍ରବଳ ବନ୍ୟା ସମୟରେ ଜୋବ୍ରା ଆନିକଟ ନିକଟରେ ଜଳ ମାପର ପରିମାଣ ପ୍ରଦତ୍ତ ହୋଇଛି । ଏଥିରୁ ସୂଚିତହୁଏ ଯେ ୧୯୮୨ର ଜଳ ମାପର ରେକର୍ଡ ସର୍ବାଧିକ:—

| | | ଫୁଟ |
|---|---|---|
| ୧୯୮୨ | .. | (୭୭'୨୦) |
| ୧୯୫୫ | .. | ୭୬'୨୦ |
| ୧୯୩୩ | .. | ୭୫'୫୫ |
| ୧୮୯୨ | .. | ୭୫'୨୮ |
| ୧୮୭୨ | .. | ୭୫'୯୫ |

ବିଷୟରେ ଅନୁଭୂତି ହୋଇଥିଲା । ଓଡ଼ିଶାର ପୂର୍ବାଞ୍ଚଳରେ ସାଧାରଣତଃ ବନ୍ୟା ହୋଇଥାଏ । କିନ୍ତୁ ଏଥର ପୂର୍ବାଞ୍ଚଳ ଅପେକ୍ଷା ପଶ୍ଚିମାଞ୍ଚଳରେ ପ୍ରଥମେ ବିପର୍ଯ୍ୟୟ ଘଟିଥିଲା ।

ହୀରାକୁଦ ତଳ ଅଞ୍ଚଳ ମହାନଦୀ ଅବବାହିକାରେ ଯେଉଁ ପ୍ରବଳ ଜଳ ପ୍ରବାହ ସୃଷ୍ଟି ହୋଇଥିଲା, ତାହା ପୂର୍ବ ରେକର୍ଡ ତୁଳନାରେ ସର୍ବାଧିକ । ଅଙ୍ଗ, ସୁକଟେଲ, ବୃତଙ୍ଗ ଇତ୍ୟାଦି ନଦୀ ପୋଇଗୁଡ଼ିକ ବୁଡ଼ି ଯାଇଥିଲା । ମହାନଦୀର ଅବବାହିକା ଅଞ୍ଚଳରେ ଜଳ ଧରି ରଖିବାର ଶକ୍ତି ନ ଥିବାରୁ ମହାନଦୀରେ ଆସୁଥିବା ଅତ୍ୟଧିକ ବନ୍ୟାଜଳ ବରମୂଲଠାରେ ଅବରୋଧ କରାଯାଇ ପାରି ନ ଥିଲା ଓ ଏହା ନରାଜଠାରେ ତ୍ରିକୋଣ ଭୂମିର ସୀମା ନିକଟରେ ପହଞ୍ଚିଥିଲା । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ୧୯୮୨ ଅଗଷ୍ଟ ୩୧ ତାରିଖ ମଧ୍ୟରାତ୍ରୀରେ ବରମୂଲଠାରେ ୧୫'୭୧ ଲକ୍ଷ କ୍ୟୁସେକ୍ ପାଣି ଥିଲା । ସେତେବେଳେ ସେଦିନ ସଂଧ୍ୟା ୫ଟା ସମୟରେ ନରାଜଠାରେ ସର୍ବାଧିକ ୧୫'୮୪ ଲକ୍ଷ କ୍ୟୁସେକ୍ ବନ୍ୟାଜଳ ରହିଥିଲା । ଏହି ବନ୍ୟା ପାଇଁ ହୀରାକୁଦ ବନ୍ଧର କୌଣସି ଅବଦାନ ନ ଥିଲା । କାରଣ ଅଗଷ୍ଟ ୨୯ ତାରିଖ ଦିନ ଅପରାହ୍ନ ୪ଟାଠାରୁ ହୀରାକୁଦ



ଓଡ଼ିଶାର ଇତିହାସରେ ପ୍ରଥମ ଥର ପାଇଁ ସମ୍ବଲପୁର, ସୋନପୁର, ବୌଦ, ଆଠମଲ୍ଲିକ ପରି ଗୁରୁତ୍ୱପୂର୍ଣ୍ଣ ଟାଉନ୍‌ଗୁଡ଼ିକ ଜଳମଗ୍ନ ହେବା ସଙ୍ଗେ ସଙ୍ଗେ ବନ୍ୟା ଯୋଗେ ଭୀଷଣ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିଲା । ଏହି ଟାଉନ୍‌ଗୁଡ଼ିକରେ ବସବାସ କରୁଥିବା ଲୋକମାନଙ୍କର ପ୍ରଥମ ଥର ପାଇଁ ବନ୍ୟାର ପ୍ରାଦୁର୍ଭାବ

ବନ୍ଧର ସମସ୍ତ ସ୍ଲୁଇସ୍‌ଗେଟ୍ ବନ୍ଦ ରଖାଯାଇଥିଲା । ହୀରାକୁଦଠାରେ ଯଦି ବନ୍ଧ ନ ଥାନ୍ତା, ତେବେ ନରାଜଠାରେ ଥିବା ସର୍ବାଧିକ ବନ୍ୟାଜଳ ୧୭'୧୪ ଲକ୍ଷ କ୍ୟୁସେକ୍‌କୁ ବୃଦ୍ଧି ପାଇଥାନ୍ତା, ଯାହା ଫଳରେ ଓଡ଼ିଶାର ସବୁଠାରୁ ଅଧିକ ଜନବସତି ପୂର୍ଣ୍ଣ କଟକ ନଗର ସଂଭବତଃ ଧୋଇ ହୋଇଯାଇଥାନ୍ତା ।

ବାଙ୍କୀ ସହର ଚର୍ଚ୍ଚିକାଠାରେ ଘାଈ ହୋଇଯିବା ଯୋଗୁଁ ବିଶେଷ କ୍ଷତିଗ୍ରସ୍ତ ହୋଇଛି । ଓଡ଼ିଶାର ପ୍ରଧାନ ନଗରୀ କଟକ ଅଳ୍ପକେ ରକ୍ଷା ପାଇ ଯାଇଛି । କାରଣ କଟକ ସହର ନିକଟରେ ଯେଉଁଠି ପାଣି ସହର ଭିତରକୁ ଗତି କରୁଥିଲା, ସେଠାରେ ବାଲିବସ୍ତା ପ୍ରଭୃତି ଜମା କରିବା ଯୋଗୁଁ ଓ ସହରର ତଳିଆ ଅଞ୍ଚଳରେ ବିଭିନ୍ନ ଘାଈ ହୋଇଯିବା ଯୋଗୁଁ କଟକ ସହର ରକ୍ଷା ପାଇ ଯାଇଛି ।

ଆଜକୁ ଶହଶହ ବର୍ଷ ଧରି ନିଷ୍କ୍ରିୟ ହୋଇ ପଡ଼ି-ରହିଥିବା ପ୍ରାଚୀ, ଅଳକା ଓ ରେଣୁକା ପ୍ରଭୃତି ତିନୋଟି ଐତିହାସିକ ନଦୀ ପୁନର୍ବାର ଖରସ୍ରୋତା ହୋଇଉଠିଲେ ।

ମହାନଦୀ ଅବବାହିକାର କେନାଲ ଓ ନଦୀବନ୍ଧ-ଗୁଡ଼ିକରେ ଅସଂଖ୍ୟ ଘାଈ ହୋଇଛି । ଏହାର ସଂଖ୍ୟା ୨୦ ହଜାରରୁ ଅଧିକ ହେବ । ଏଥିମଧ୍ୟରୁ ମହାନଦୀରେ

କରିବାକୁ ଅନ୍ୟ କୌଣସି ରାସ୍ତା ନ ଥିବାରୁ ହଜାର ହଜାର ଟ୍ରକ୍ ଓ ଅନ୍ୟାନ୍ୟ ଯାନବାହନ ୧୫ ଦିନରୁ ଅଧିକ କାଳ ପର୍ଯ୍ୟନ୍ତ ଅଟକି ରହିଥିଲେ । ଏହା ଦ୍ୱାରା ମୁଣ୍ଡଳି ନିକଟରେ ମହାନଦୀ ଉପରେ ଗୋଟିଏ ପୋଲ ନିର୍ମାଣର ଆବଶ୍ୟକତା ଅନୁଭୂତ ହୋଇଛି । ଯଦ୍ଦ୍ୱାରାକି ୫ ନମ୍ବର ଜାତୀୟ ରାଜପଥ ସହିତ ଅନ୍ୟାନ୍ୟ ରାସ୍ତାର ସଂଯୋଗ ଘଟିବ । ଏହି ଘାଈଗୁଡ଼ିକରେ କଜ୍‌ୱେ କିମ୍ବା କଜ୍‌ୱେ କରିବା ପାଇଁ ବିଚାର ଚାଲିଛି ।

୧୯୮୨ ଅଗଷ୍ଟ ସେପ୍ଟେମ୍ବର ମାସର ବନ୍ୟା ଜନସ୍ମୃତିରେ ଶୀର୍ଷତମ । ହୀରାକୁଦ ଉଜାଣିରେ ଆଉ ଗୋଟିଏ ନଦୀବନ୍ଧ ଆମେ ନିର୍ମାଣ ନ କରିଥିବା ବିଷୟ ଏହି ବନ୍ୟା ଆମକୁ ସଚେତନ କରିଦେଇଛି । ଏହାଦ୍ୱାରା ବନ୍ୟା ନିୟନ୍ତ୍ରଣ ହେବା ସଙ୍ଗେ ସଙ୍ଗେ ଜଳସେଚନ ଓ ବିଦ୍ୟୁତ ଉତ୍ପାଦନ କରାଯାଇପାରିବ ।



ହୋଇଥିବା ୨୬୭୫ଟି ଘାଈର ଲମ୍ବ ୨୦୦ ଫୁଟରୁ ଅଧିକ ହେବ । ବନ୍ୟା ପ୍ରତିରୋଧ ନିମନ୍ତେ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ସତ୍ତ୍ୱେ ଏତେଗୁଡ଼ିଏ ଘାଈ ହୋଇଗଲା । ଏହାଫଳରେ ମହାନଦୀ ତ୍ରିକୋଣ ଭୂମିର ପ୍ରାୟ ୮ ଲକ୍ଷ ଏକର ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ଗୁରୁତରଭାବେ ବାଧାପ୍ରାପ୍ତ ହୋଇଛି । ଏହାବ୍ୟତୀତ ହୀରାକୁଦ ନଦୀବନ୍ଧ ଯୋଜନା ଓ ସାଲ୍‌କି, ତାଳା, ଉତ୍ତେଇ, କୁଆଁରିଆ ଭଳି ଜଳସେଚନ ଯୋଜନା ଏବଂ ଅନେକଗୁଡ଼ିଏ ମଧ୍ୟମ ଜଳସେଚନ-ଗୁଡ଼ିକ ବିଶେଷ କ୍ଷତିଗ୍ରସ୍ତ ହୋଇଛି ।

କଟକ-ଭୁବନେଶ୍ୱର ଜାତୀୟ ରାଜପଥରେ ଘାଈ ହେବା ଯୋଗୁଁ ଏବଂ ଏହି ଦୁଇଟି ସହରକୁ ସଂଯୋଗ

ଏଥିପାଇଁ ମହାନଦୀ ଉପରେ ୧୯୪୫ ମସିହାରେ ତିନୋଟି ନଦୀବନ୍ଧ ପରିକଳ୍ପିତ ହୋଇଥିଲା । ଯାହାହେଉ, ପୁରୀ ଜିଲ୍ଲା ମଣିଭଦ୍ରା ନିକଟରେ ଏକ ବହୁମୁଖୀ ନଦୀ ଉପତ୍ୟକା ପରିକଳ୍ପନାର ଅନୁସନ୍ଧାନ କାର୍ଯ୍ୟ ହାତକୁ ନିଆଯାଇଛି । ଏହାଦ୍ୱାରା କେବଳ ଯେ ମହାନଦୀ ତ୍ରିକୋଣଭୂମି, ଖଣ୍ଡପଡ଼ା, ନୟାଗଡ଼, ବାଙ୍କୀ, ନରସିଂହପୁର, ବଡ଼ମ୍ବା, ଆଠଗଡ଼, ପ୍ରଭୃତି ଅଞ୍ଚଳରେ ବନ୍ୟା ନିୟନ୍ତ୍ରଣ କରାଯାଇପାରିବ, ତା ନୁହେଁ ପରନ୍ତୁ ବାର୍ଷିକ ୨୦୦୦ ନିୟୁତ ୟୁନିଟ୍ ଜଳ ବିଦ୍ୟୁତ୍ ଉତ୍ପାଦିତ ହେବା ସଙ୍ଗେ ସଙ୍ଗେ କଟକ, ପୁରୀ ଓ ଗଞ୍ଜାମ ଜିଲ୍ଲାର ୮ଲକ୍ଷ ଏକର ଜମି ଜଳସେଚିତ ହୋଇପାରିବ ।

କଟକ ସହରର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ କଟକର ନାଳ ସମସ୍ୟାର ଉନ୍ନତି କରିବା

ପ୍ରକାଶେ ଏହି ବନ୍ୟା ମଧ୍ୟ ଆମକୁ ଶିକ୍ଷା ଦେଇଛି । ଏଥିପାଇଁ ଯଥାକ୍ରମେ ୧୨'୫୫ କୋଟି ଓ ୧୯'୫ କୋଟି ଟଙ୍କାର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଉଛି । ସେହିଭଳି, ଗ୍ରାମଗୁଡ଼ିକ ପୋତା ଯିବା ପରେ ବାକୀ ଟାଉନ୍‌ର ସୁରକ୍ଷା ଲାଗି ପଦକ୍ଷେପ ନିଆଯିବ । ବାକୀ ଟାଉନ୍‌କୁ ଉପଯୁକ୍ତ ପରିକଳ୍ପନା ପରେ ପୁନର୍ଗଠନ କରାଯିବ । ବନ୍ୟା ବିପନ୍ନ ଅଞ୍ଚଳରେ ଦୋମହଲା କୋଠାମାନ ନିର୍ମାଣ କରାଯିବ । ଏଗୁଡ଼ିକ ଶିକ୍ଷାନୁଷ୍ଠାନ କିମ୍ବା ଗୋଷ୍ଠୀ କେନ୍ଦ୍ରରୂପେ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ପ୍ରବଳ ବନ୍ୟା ସମୟରେ ବିପନ୍ନମାନଙ୍କୁ ଆଶ୍ରୟ ଦେବ । ବନ୍ୟାପୂର୍ବରୁ ସତର୍କମୂଳକ ବାର୍ତ୍ତା ଖୁବ୍ ଭଲ ଭାବରେ ଦିଆଯିବା ପାଇଁ ନଦୀ ଉପତ୍ୟକା ଅବବାହିକାରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ଭି: ଏଚ୍: ଏଫ୍: ସେଟ୍ ବସାଯିବ । ଏଥି, ଜଳସେଚନ ବିଭାଗରେ ଦୂର-ଯୋଗାଯୋଗ (ଟେଲି-କମ୍ୟୁନିକେସନ) ବ୍ୟବସ୍ଥାର ଉନ୍ନତି କରାଯିବ ।

ପରିଶେଷରେ ଏତିକି କୁହାଯାଇପାରେ ଯେ ଏହି ଜାତୀୟ ବିପର୍ଯ୍ୟୟ ସମୟରେ ଆମେ ସାହସ ହରାଇନାହୁଁ । ବରଂ ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟାବହ ଧ୍ୱଂସଲୀଳା ପରେ ଜର୍ମାନୀ ଓ ଜାପାନୀମାନେ ଗୋଟିଏ ଦଶନ୍ଧି ମଧ୍ୟରେ କିପରି ସେମାନଙ୍କର ରାଷ୍ଟ୍ର ପୁନର୍ଗଠନ କରିଛନ୍ତି, ତାହା ସ୍ମରଣ କରିଛୁ । ମୂଲ୍ୟବାନ ମାନବ ଜୀବନ ସମେତ ଆମେ ବିପୁଳ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିଲେ ସୁଦ୍ଧା ପୂର୍ଣ୍ଣ ଶକ୍ତି ସାମର୍ଥ୍ୟରେ ଓଡ଼ିଶାର ପୁନର୍ଗଠନ ଲାଗି ଆମେ ଦୃଢ଼ ପରିକର ।



# ଏକ ନୂତନ ଭାରତର ଅଭ୍ୟୁଦୟ

ଅର୍ଥନୈତିକ ବିକାଶର ସାମ୍ପ୍ରତିକ ଅଭ୍ୟୁତ୍‌ଥାନ ସଙ୍ଗେ ସଙ୍ଗେ ନୂଆ ୨୦-ଦଫା କାର୍ଯ୍ୟକ୍ରମରେ ଗୁରୁତ୍ୱ ଆରୋପ କରାଯାଇଛି, ଯେପରି ଉନ୍ନୟନ କାର୍ଯ୍ୟକଳାପର ସୁଫଳ ଯଥାସମ୍ଭବ ବିଭିନ୍ନ ଶ୍ରେଣୀର ସଂଖ୍ୟାଗରିଷ୍ଠ ଲୋକଙ୍କୁ ମିଳି ପାରିବ। ବିଶେଷତଃ ଗାଁ ଗହଳରେ ବାସ କରୁଥିବା ଜନସଂଖ୍ୟାର ଶତକଡ଼ା ୮୦ ଭାଗ ଲୋକେ ଯେପରି ଏଥିରୁ ଉପକୃତ ହୋଇ ପାରନ୍ତି ।

ଦେଖନ୍ତୁ ବିଗତ ଦୁଇ ବର୍ଷ ଭିତରେ କେତେ କ'ଣ ସଫଳତା ମିଳିଛି । ନିମ୍ନଲିଖିତ ପଦକ୍ଷେପ ନିଆଯାଇଛି:—

* କୃଷି ଶ୍ରମିକଙ୍କ ନିମନ୍ତେ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ ଆଇନର ସମୀକ୍ଷା କରାଯାଉଛି ଏବଂ ତାହାକୁ ଫଳପ୍ରଦ ଭାବରେ ଲାଗୁ କରାଯାଉଛି ।
* ଗୋତି ଶ୍ରମିକଙ୍କୁ ଥଇଥାନ କରାଯାଉଛି ।
* ତଫସିଲଭୁକ୍ତ ଜାତି ଓ ଉପଜାତିର ବିକାଶ ନିମନ୍ତେ ଉଦ୍ଦିଷ୍ଟ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି ।
* ସବୁଯାକ ସମସ୍ୟାବହୁଳ ଗ୍ରାମରେ ପାନୀୟଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଉଛି ।

ଗ୍ରାମାଞ୍ଚଳର ଗୃହହୀନ ପରିବାରବର୍ଗଙ୍କୁ ଘରଡିହ ଯୋଗାଇ ଦିଆଯାଉଛି ଏବଂ ଗୃହନିର୍ମାଣ ଲାଗି ସାହାଯ୍ୟ ଯୋଗାଣ କାର୍ଯ୍ୟକ୍ରମର ସମ୍ପ୍ରସାରଣ କରାଯାଉଛି ।

ଜାତୀୟ ଜୀବନକୁ ଋଦ୍ଧିମନ୍ତ କରିବା ନିମନ୍ତେ ଆମର ସକଳ ପ୍ରଚେଷ୍ଟା ଫଳବତୀ ହେବା କଥାଟି ସମାଜର ବିଭିନ୍ନ ଶ୍ରେଣୀର ଲୋକଙ୍କ ମଧ୍ୟରେ ସଦ୍‌ଭାବନା ବଜାୟ ରଖିବା ତଥା ସାମାଜିକ ନ୍ୟାୟ ପ୍ରତିଷ୍ଠା ଦିଗରେ ଆମର ଦକ୍ଷତା ଉପରେ ନିର୍ଭର କରେ ।

**ସତ୍ୟ ମେବ ଜୟତେ**

**ଶ୍ରମ ଏବ ଜୟତେ**

# ସଡ଼କ ବିଚ୍ଛିନ୍ନ, ସେତୁ ନିଶ୍ଚିହ୍ନ

ଶ୍ରୀ ପ୍ରହ୍ଲାଦ ପଟ୍ଟନାୟକ

ଚଳିତ ବର୍ଷଟି ଆମ ପାଇଁ ଏକ ଅଭିଶପ୍ତ ବର୍ଷ । ୧୯୮୨ ଜୁନ୍ ୩ ଓ ୪ ତାରିଖରେ ଆମ ରାଜ୍ୟରେ ପ୍ରବଳ ବାତ୍ୟା ପ୍ରବାହିତ ହୋଇଥିଲା । ତା'ଫଳରେ ମୁଖ୍ୟତଃ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାରେ କିଛି ସମୟ ପାଇଁ ସ୍ୱାଭାବିକ ଜୀବନ ଯାତ୍ରା ଅଚଳ ହୋଇ ପଡିଥିଲା । ଚଳିତ ବର୍ଷ ପ୍ରାୟ ଜୁନ ମାସ ମଧ୍ୟ ଭାଗରେ ମୌସୁମୀ ବାୟୁ ପ୍ରବାହ ଆରମ୍ଭ ହୋଇଥିଲେହେଁ ବର୍ଷା ଧିମେଇ ଯାଇଥିଲା । ଏ ଧରଣର ବର୍ଷାଭାବ ଜନିତ ପରିସ୍ଥିତି ବହୁଦିନ ଧରି ଲାଗି ରହିବା ଫଳରେ ଆମ ରାଜ୍ୟ ଗୁରୁତର ମରୁଡ଼ି ପରିସ୍ଥିତିର ସମ୍ମୁଖୀନ ହୋଇଥିଲା । ୧୯୮୨ ଅଗଷ୍ଟ ୧୮ ଓ ୧୯ ତାରିଖରେ ସମ୍ବଲପୁରଠାରେ ୧୮ ଘଣ୍ଟା ମଧ୍ୟରେ ଏକାଦିକ୍ରମେ ପ୍ରାୟ ୫୮୧'୭୦ ମିଃ ମିଃ ବର୍ଷା ହେଲା । ଏହି ଅଭୂତପୂର୍ବ ବର୍ଷା ଫଳରେ ମହାନଦୀର ବନ୍ୟାଜଳ ସମ୍ବଲପୁର ସହର ମଧ୍ୟରେ ପ୍ରବେଶ କରି ବ୍ୟାପକ ଧନ ଜୀବନ ହାନି କଲା । ଭାଗ୍ୟର ବିଡ଼ମ୍ବନା ଏପରି ଯେ ଏ ପ୍ରକାର ପରିସ୍ଥିତି ସୁଧୁରିବା ପୂର୍ବରୁ ଅଗଷ୍ଟ ୨୯ରୁ ୩୧ ତାରିଖ ମଧ୍ୟରେ ପ୍ରବଳ ବର୍ଷା ହୋଇ ସୃଷ୍ଟି ହେଲା ପ୍ରଳୟଙ୍କରୀ ବନ୍ୟା

ଉପର ମୁଣ୍ଡରେ ମହାନଦୀ ଓ ଏହାର ଉପନଦୀଗୁଡ଼ିକରେ ପ୍ରଳୟଙ୍କରୀ ବନ୍ୟା ହୋଇ କ୍ରମଶଃ ଏହା କୁଆଖାଇ, କାଠଯୋଡ଼ି, ବିରୂପା, ଦୟା , ଭାର୍ଗବୀ, ଲୁଣା ଓ ଚିତ୍ରୋତ୍ପଳା ନଦୀରେ ଭୟଙ୍କର ବନ୍ୟା ସୃଷ୍ଟି କଲା । ଏହି ବନ୍ୟା ପୂର୍ବର ସମସ୍ତ ରେକର୍ଡ ଅତିକ୍ରମ କରିଗଲା । ମହାନଦୀ, କୁଆଖାଇ, ଦୟା ଓ ଭାର୍ଗବୀ ନଦୀରେ ଅଭୂତପୂର୍ବ ବନ୍ୟା ହୋଇ କଟକ, ପୁରୀ ସମ୍ବଲପୁର, ବଲାଙ୍ଗୀର, ଫୁଲବାଣୀ, କଳାହାଣ୍ଡି, ଢେଙ୍କାନାଳ ଓ ଗଞ୍ଜାମ ଜିଲ୍ଲା ପ୍ରଭୃତିରେ ଅପୂରଣୀୟ କ୍ଷତି ଘଟାଇଲା । ଜନମାନସରେ ଏ ବନ୍ୟାର ପଟାନ୍ତର ନାହିଁ । ସାମ୍ପ୍ରତିକ ବନ୍ୟା ଫଳରେ ସବୁଠାରୁ କ୍ଷତିଗ୍ରସ୍ତ ଅଞ୍ଚଳଗୁଡ଼ିକ ହେଲା କଟକ ଜିଲ୍ଲାର ବାଙ୍କୀ ସହର, ଜଗତସିଂହପୁର ଅଞ୍ଚଳର ବଳେଇଘାଇ, କେନ୍ଦ୍ରାପଡ଼ା ଓ ମାର୍ଶାଘାଇ ଅଞ୍ଚଳ । ଏହା ସାଙ୍ଗକୁ ବୈତରଣୀ ଓ ବଂଶଧାରା ନଦୀରେ ବନ୍ୟା ହେବା ଫଳରେ ବାଲେଶ୍ୱର ଓ କୋରାପୁଟ ଜିଲ୍ଲା କେତେକାଂଶରେ କ୍ଷତିଗ୍ରସ୍ତ ହୋଇଛି । ବନ୍ୟା ଫଳରେ ଫୁଲବାଣୀ



ଜିଲ୍ଲାର ବୌଦ୍ଧ ଅଞ୍ଚଳ ଓ ବଲାଙ୍ଗୀର ଜିଲ୍ଲାର ଅଂଶ ଓ ସୁକତେଲ ନଦୀ ପ୍ଲାବିତ ଅଞ୍ଚଳରେ ମଧ୍ୟ ବିଶେଷ କ୍ଷତି ହୋଇଛି ।

ଏହି ବନ୍ୟାରେ ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇ ରାସ୍ତାଘାଟ ଜଳମଗ୍ନ ହେବା ଫଳରେ ରାଜ୍ୟର ଯୋଗାଯୋଗ ବ୍ୟବସ୍ଥା ବିଶେଷ କ୍ଷତିଗ୍ରସ୍ତ ହୋଇଥିଲା ଏବଂ ସଡ଼କ ଯୋଗାଯୋଗ ଛିନ୍ନ ବିଚ୍ଛିନ୍ନ ହୋଇ ପଡିଥିଲା । ବନ୍ୟା ଫଳରେ ବିଭିନ୍ନ ସେତୁ, ପୋଲ ଓ କଂକ୍ରିଟ ପ୍ରଭୃତି କ୍ଷତିଗ୍ରସ୍ତ ହୋଇଥିଲା । ବନ୍ୟା ଜଳରେ କେତେକ ଧୋଇ ହୋଇ ଯାଇଥିଲା । କେତେକ ସ୍ଥାନରେ ରାସ୍ତାଘାଟରେ ଘାଇ ସୃଷ୍ଟି ହୋଇ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡିଥିଲା । ଦୀର୍ଘଦିନ ଧରି ମାଇଲ ମାଇଲ ରାସ୍ତା ପାଣିରେ ବୁଡ଼ି ରହିଥିଲା । ବନ୍ୟା ଜଳର ପ୍ରଖର ସ୍ରୋତ ସାଙ୍ଗକୁ ଅସମ୍ଭବ ଗଭୀରତା ସୃଷ୍ଟି ହେବା ଫଳରେ ତୁରନ୍ତ ପୁନଃ ସଂସ୍ଥାନ କରିବା କଷ୍ଟକର ହୋଇପଡିଲା । ଏହା କେବଳ ସମ୍ଭବ ହୋଇ ପାରିଲା, ବନ୍ୟା ଜଳ ହ୍ରାସ ପାଇବା ପରେ ।

ସାମ୍ପ୍ରତିକ ପ୍ରଳୟଙ୍କରୀ ବନ୍ୟା ଯୋଗୁ ଯୋଗାଯୋଗ ବ୍ୟବସ୍ଥାର ଯେଉଁ ପ୍ରଭୂତ କ୍ଷତି ଘଟିଲା, ତାହାର ସଂକ୍ଷିପ୍ତ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା ।

କଟକ-ଭୁବନେଶ୍ୱର ଜାତୀୟ ରାଜପଥ ବହୁଦିନ ବିଚ୍ଛିନ୍ନ ହୋଇଗଲା । କେନ୍ଦ୍ରାପଡ଼ା ଓ ପାରାଦୀପ ଜାତୀୟ ରାଜପଥ ବିଚ୍ଛିନ୍ନ ହୋଇପଡିଲା ।

ଭୁବନେଶ୍ୱରଠାରୁ ପୁରୀ ଯାଇଥିବା ୮ ନମ୍ବର ରାଜପଥ ଉତ୍ତରାଚ୍ଛକ ଓ ଧଉଳୀ ରାସ୍ତା ମଧ୍ୟରେ ଚାରିଗୋଟି ସ୍ଥାନରେ ଘାଇ ସୃଷ୍ଟି ହେବା ଫଳରେ ଭୁବନେଶ୍ୱର-ପୁରୀ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡିଥିଲା ।

ବାଙ୍କୀ ସହରକୁ ଚତୁଃପାର୍ଶ୍ୱରୁ ଯୋଗାଯୋଗ କରୁଥିବା ରାସ୍ତା ବିଚ୍ଛିନ୍ନ ହୋଇଯିବା ଫଳରେ ବାଙ୍କୀ ସହର ବାହ୍ୟ ଜଗତରୁ ଅଲଗା ହୋଇଗଲା ।

ଦଳେଇଘାଇ ବନ୍ଧ ଭାଙ୍ଗିଯିବା ଫଳରେ କନ୍ଦରପୁର-ଜଗତସିଂହପୁର ରାସ୍ତା ଜଳମଗ୍ନ ହୋଇଗଲା । କଟକ-ଜଗତସିଂହପୁର ମଧ୍ୟରେ ଯୋଗାଯୋଗ ଦୀର୍ଘକାଳ ବିଚ୍ଛିନ୍ନ ହୋଇଗଲା । ପାରାଦୀପ ରାସ୍ତା ଜଳମଗ୍ନ ହେବା ସଙ୍ଗେ ସଙ୍ଗେ କେତେକ ସ୍ଥାନରେ ଘାଇ ହୋଇଯିବା ଫଳରେ କଟକ-ପାରାଦୀପ ମଧ୍ୟରେ ତଥା ଏହାର ମଧ୍ୟବର୍ତ୍ତୀ ସ୍ଥାନଗୁଡିକ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଲା ।

ବାଙ୍କୀ, କେନ୍ଦ୍ରାପଡ଼ା ଓ ମାର୍ଶାଘାଇ ସଡ଼କ ପାଣିରେ ବୁଡିଯିବା ଫଳରେ ତଥା କେତେକ ସ୍ଥାନରେ ଘାଇ ହୋଇଯିବା ଯୋଗୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଗଲା ।

କଟକ-ସମ୍ବଲପୁର ମଧ୍ୟରେ ଥିବା ପୁରୁଣା ରାସ୍ତା ବହୁ ସ୍ଥାନରେ ବୁଡିଯାଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଗଲା ।

ସୁକତେଲ ନଦୀର ସେତୁକୁ ସଂଯୋଗ କରୁଥିବା ସଡ଼କରେ ଘାଇ ହୋଇଯିବା ଫଳରେ ବଲାଙ୍ଗୀର-ସୋନପୁର ରାସ୍ତା ବିଚ୍ଛିନ୍ନ ହୋଇପଡିଲା । ଅଙ୍ଗନଦୀ ସେତୁରେ ୩୦୦ ଫୁଟ ଚଉଡ଼ା ଓ ୪୦ ଫୁଟ ଗଭୀରର ଗୋଟିଏ ଘାଇ ହେବା ଫଳରେ ଏବଂ ସୁକତେଲ ସେତୁ ନିକଟରେ ଅନ୍ୟ ଏକ ଘାଇ ହେବା ଫଳରେ ବରଗଡ଼-ବଲାଙ୍ଗୀର ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଗଲା । ବୌଦ୍ଧ ସହର ନିକଟରେ ବଡ଼ ଧରଣର ଗୋଟିଏ ଘାଇ ହେବା ଫଳରେ ଏହି ସହର ବାହ୍ୟ ଜଗତଠାରୁ ସମ୍ପୂର୍ଣ୍ଣ ରୂପେ ବିଚ୍ଛିନ୍ନ ହୋଇପଡ଼ିଲା । ବୌଦ୍ଧ-ସୋନପୁର ମଧ୍ୟରେ ଥିବା ସଡ଼କରେ ଅନେକ ଘାଇ ହୋଇଯାଇ ଅତି ଶୋଚନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ବୌଦ୍ଧ ଓ ମନମୁଣ୍ଡା ମଧ୍ୟରେ ସାତଗୋଟି ସେତୁରେ ଘାଇ ହୋଇଯିବା ସଙ୍ଗେ ସଙ୍ଗେ ତଳସରଦା ପୋଲଟି ବିଶେଷ କ୍ଷତିଗ୍ରସ୍ତ ହୋଇଗଲା ।

ଯୋଗାଯୋଗ ବ୍ୟବସ୍ଥା କ୍ଷେତ୍ରରେ ଉପରୋକ୍ତ ବିବରଣୀଗୁଡିକ ସମ୍ପ୍ରତି ବନ୍ୟାରେ ହୋଇଥିବା ଗୁରୁତର ପରିସ୍ଥିତିର ଏକ ସଂକ୍ଷିପ୍ତ ସୂଚନା ମାତ୍ର ।

କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକମାନଙ୍କୁ ସହାୟତା କରାଇ ଦିଆଯାଇଥିଲା ଏବଂ ଅଳ୍ପ କେତେକ ସ୍ଥାନକୁ ବାଦ ଦିଆଗଲେ ପ୍ରାୟ ସମସ୍ତ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ୧୯୮୨ ସେପ୍ଟେମ୍ବର ୯ ତାରିଖ ସୁଦ୍ଧା ବନ୍ୟା-ଜଳ ହ୍ରାସ ପାଇବା ମାତ୍ରେ ତତ୍କ୍ଷଣାତ୍ ପୁନଃ ସଂସ୍ଥାନ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏଥିମଧ୍ୟରୁ ଗୁରୁତ୍ୱପୂର୍ଣ୍ଣ ପୁନଃ ସଂସ୍ଥାନ ବ୍ୟବସ୍ଥାଗୁଡ଼ିକ ହେଲା :

(୧) କଟକ-କନ୍ଦରପୁ - ଜଗତସିଂହପୁର - ମାଛଗାଁ ରାସ୍ତା(ଦଳେଇଘାଇ ଅଞ୍ଚଳ) ।

(୨) କଟକ-ପାରାଦୀପ ରାସ୍ତା ।

(୩) କଟକ-କେନ୍ଦ୍ରାପଡ଼-ମାର୍ଶାଘାଇ ରାସ୍ତା ।

(୪) ଭୁବନେଶ୍ୱର-ପୁରୀ ରାସ୍ତା ।

(୫) ନିମାପଡ଼ା-ଅସ୍ତରଙ୍ଗ ରାସ୍ତା ।

(୬) ସିମର-ବାଙ୍କୀ ରାସ୍ତା ।

(୭) କଟକ-ଭୁବନେଶ୍ୱର ରାସ୍ତା ।

(୮) କେନ୍ଦ୍ରାପଡ଼ା-ପାରାଦୀପ ରାସ୍ତା ।

ଅଦ୍ୟାବଧି ମିଳିଥିବା ବିବରଣୀ ଅନୁଯାୟୀ ପ୍ରାୟ ୧୪ ହଜାର କି: ମି: ଦୀର୍ଘ ରାସ୍ତା (ରାସ୍ତା ବିଭାଗ ପକ୍ଷରୁ ରକ୍ଷଣାବେକ୍ଷଣ କରାଯାଉଥିବା) ମଧ୍ୟରୁ ପ୍ରାୟ ୫ ହଜାର କି: ମି: ରାସ୍ତା ଏବଂ ତନ୍ମଧ୍ୟରୁ କଟକ, ପୁରୀ, ସମ୍ବଲପୁର, ବଲାଙ୍ଗୀର, ଫୁଲବାଣୀ, ଢେଙ୍କାନାଳ, ଗଞ୍ଜାମ ଓ କଳାହାଣ୍ଡି

ପ୍ରଭୃତି ଆଠଗୋଟି ଜିଲ୍ଲାର ୯ ହଜାର ୪୦୦ କି: ମି: ରାସ୍ତା ମଧ୍ୟରୁ ପ୍ରାୟ ୪ ହଜାର ୩୦୦ କି: ମି: ରାସ୍ତା ବନ୍ୟା ପ୍ଲାବିତ ହୋଇ, ଘାଇ ହୋଇ ଧୋଇଯାଇ ବିଭିନ୍ନ ଭାବରେ କ୍ଷତିଗ୍ରସ୍ତ ହୋଇଥିଲା ।

ଅଗଷ୍ଟ ୩୦ ତାରିଖ ଦିନ ହୋଇଥିବା ଘାଇ ମରାମତି କରାଯାଇ ସେପ୍ଟେମ୍ବର ୧୬ ତାରିଖ ଦିନ ଯୋଗାଯୋଗ ସ୍ଥାପନ କରାଯାଇଥିଲା ।



ପୁନଃ ସଂସ୍ଥାନ ବାବଦରେ ପ୍ରାୟ ୪୩.୪୪ କୋଟି ଟଙ୍କା ବ୍ୟୟ ହେବ ବୋଲି ଆନୁମାନିକ ଅଟକଳ କରାଯାଇଛି । ଏହାବ୍ୟତୀତ, ପ୍ରତିକାର ବ୍ୟବସ୍ଥା ସ୍ୱରୂପ ଏଭଳି ଅଭୂତପୂର୍ବ ବନ୍ୟାର ମୁକାବିଲା କରିବା ପାଇଁ ୨୯.୮୦ କୋଟି ଟଙ୍କା ଆବଶ୍ୟକ ହେବ ବୋଲି ମଧ୍ୟ ଆନୁମାନିକ ଅଟକଳ ଉପସ୍ଥାପିତ ହୋଇଛି ।

## ସାଂପ୍ରତିକ ବନ୍ୟାରେ ଯୋଗାଯୋଗ ବ୍ୟବସ୍ଥାର ବ୍ୟାପକ କ୍ଷୟକ୍ଷତି

### ବରଗଡ-ବଲାଙ୍ଗୀର ରାସ୍ତା

ଏହି ରାସ୍ତାରେ ଥିବା ଅଙ୍ଗନଦୀ ସେତୁ ନିକଟରେ ୧୯୮୨ ଅଗଷ୍ଟ ୩୦ ତାରିଖ ଦିନ ୩୦୦ ଫୁଟ ଚଉଡ଼ା ଓ ୨୫ ଫୁଟ ଗଭୀରର ଏକ ଘାଇ ହୋଇଥିଲା । ପୁନଶ୍ଚ ସୁକତେଲ ସେତୁ ନିକଟରେ ଅନ୍ୟ ଏକ ଘାଇ ହୋଇଥିଲା । ଏହାର ପୁନଃ ସଂଯୋଗ ପାଇଁ ୫୦୦ ଶ୍ରମିକ ଦିନ ରାତି ଖଟି ସେପ୍ଟେମ୍ବର ୧୫ ତାରିଖ ଦିନ ଯୋଗାଯୋଗ ବ୍ୟବସ୍ଥା ସ୍ଥାପନ କରି ପାରିଥିଲେ । ସୁକତେଲ ନଦୀର ବନ୍ୟା ଯୋଗୁଁ ବଲାଙ୍ଗୀର-ସୋନପୁର ରାସ୍ତାରେ ପ୍ରାୟ ୨୦୦ ଫୁଟ ଚଉଡ଼ା ଓ ୨୫ ଫୁଟ ଗଭୀରର ଏକ ଘାଇ ହୋଇଥିଲା । ସେପ୍ଟେମ୍ବର ୧୬ ତାରିଖ ଦିନ ଏହି ରାସ୍ତାରେ ଯୋଗାଯୋଗ ସ୍ଥାପନ କରା ଯାଇଥିଲା । ସୋହେଲା-ନୂଆପଡ଼ା ରାସ୍ତାରେ

### ଫୁଲବାଣୀ ଜିଲ୍ଲା

ବନ୍ୟା ଯୋଗୁଁ ଏହି ଜିଲ୍ଲାରେ ବ୍ୟାପକ କ୍ଷତି ଘଟିଛି । ବୌଦ୍ଧ-ସୋନପୁର ରାସ୍ତାର ବୌଦ୍ଧ-ମନମୁଣ୍ଡା ମଧ୍ୟରେ ଘାଇ ହୋଇଥିଲା । ସାଲ୍କୀ ସେତୁ, ବଡ଼ସରଡା ସେତୁ, ଗୋହିରା ସେତୁ, ବାଗ ସେତୁ ଓ ମେହରାଣୀ ସେତୁ ଧୋଇ ହୋଇଯାଇଛି । ବଉଦ ସହର, ମନମୁଣ୍ଡା ସହର ଓ ମରଯୋଦପର ଗ୍ରାମ ନିକଟରେ ମଧ୍ୟ ଘାଇ ହୋଇଥିଲା । ଏସବୁ ରାସ୍ତା ମରାମତି ହୋଇ ଏବେ ସେଥିରେ ହାଲୁକା ଧରଣର ଗାଡ଼ି ଯିବଣି । ମନମୁଣ୍ଡା, କଣ୍ଟାମାଳ, ଫଣ୍ଟପଡ଼ା ରାସ୍ତାରେ ଥିବା ବିଭିନ୍ନ ଅଂଶ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଛି । ଏହି ରାସ୍ତାରେ ସେପ୍ଟେମ୍ବର ୧୧ ତାରିଖଠାରୁ ଗାଡ଼ି ଚଳାଚଳ ଆରମ୍ଭ ହୋଇଛି ।

ଫୁଲବାଣୀ ସହର ଉପକଣ୍ଠରେ ଥିବା ପିଲସାଲକି ସେତୁର ଉଭୟ ପାର୍ଶ୍ୱରେ ବଡ଼ ଧରଣର ଘାଇ ହୋଇଛି । ସେପ୍ଟେମ୍ବର ୨ ତାରିଖଠାରୁ ଯୋଗାଯୋଗ ବ୍ୟବସ୍ଥା ପୁନଃ ସଂଯୋଗ କରାଯାଇଛି । ଫଗଗୁଡ଼ା-ସାରଙ୍ଗଡ଼ା ରାସ୍ତାରେ ଥିବା ବଡ଼ ସାଲକି ସେତୁର ବାମ ପାର୍ଶ୍ୱରେ ଘାଇ ହୋଇଥିଲା । ଏହି ସେତୁର ଧାରଣାଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ଖୁଜୁରିପଡ଼ା-ଶଙ୍କରଖୋଲ ରାସ୍ତାରେ ୧୫ ଫୁଟର ଗୋଟିଏ ଅଂଶ ଧୋଇ ହୋଇ ଯାଇଥିଲା । ସେପ୍ଟେମ୍ବର ୧୦ ତାରିଖଠାରୁ ଏ ରାସ୍ତାରେ ଗାଡ଼ି ଚଳାଚଳ ଆରମ୍ଭ ହୋଇଛି ।



ଭେଟକୋଇ ଓ ରାଣୀପଥର ଘାଟି ଅଞ୍ଚଳ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲା । ସେ ରାସ୍ତାରେ ଜିପ୍‌ଗାଡ଼ି ଚଳାଚଳ ଆରମ୍ଭ ହୋଇଛି ।

ଖରିପଡ଼ା-ମାଦବେପୁର ମଧ୍ୟରେ ଥିବା ଖରିପଡ଼ା ଘାଟିରେ ପାହାଡ଼ ଧସିଯାଇ ରାସ୍ତାର କ୍ଷତି ଘଟାଇ ଥିଲା । ସେ ରାସ୍ତାରେ ସେପ୍ଟେମ୍ବର ୭ ତାରିଖଠାରୁ ଗାଡ଼ି ଚଳାଚଳ ଆରମ୍ଭ ହୋଇଛି । ଏହି ଘାଟି ରାସ୍ତାରେ ୩୫′×୩୦′×୨୦′ ଆୟତନ ବିଶିଷ୍ଟ ଗୋଟିଏ ବିରାଟ-କାୟ ପଥର ଧସି ଆସି ରାସ୍ତା ଅବରୋଧ କରିଥିଲା ଓ ଏହାକୁ ସ୍ଥାନାନ୍ତରିତ କରିବା ଏକ ସମସ୍ୟାରେ ପରିଣତ ହୋଇଥିଲା ।

କଟକ ଜିଲ୍ଲା

ପ୍ରବଳ ବନ୍ୟା ଯୋଗୁଁ କଟକ-ଭୁବନେଶ୍ୱର, କଟକ-ଜଗତସିଂହପୁର, କଟକ-କେନ୍ଦ୍ରାପଡ଼ା, କେନ୍ଦ୍ରାପଡ଼ା-ମାର୍ଶାଘାଇ, କେନ୍ଦ୍ରାପଡ଼ା-ଗୁଦବାଲି, କଟକ-ପାରାଦୀପ ପ୍ରଭୃତି ଯୋଗାଯୋଗ ବ୍ୟବସ୍ଥା ଯେ କେବଳ ବ୍ୟାହତ ହୋଇଥିଲା, ତା' ନୁହେଁ ବିଭିନ୍ନ ସ୍ଥାନରେ ଘାଇ ହୋଇଯିବା ଫଳରେ ସବ୍-ଡିଭିଜନ ଓ ପଞ୍ଚାୟତ ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ବିଚ୍ଛିନ୍ନ ହୋଇ ଯାଇଥିଲା । ଦଳେଇଘାଇ ଭାଙ୍ଗିଯିବା ଫଳରେ ଜଗତସିଂହପୁର ଅଞ୍ଚଳର ପ୍ରାୟ ଅଧିକାଂଶ ରାସ୍ତାଘାଟ ବିଚ୍ଛିନ୍ନ ହୋଇ ପଡ଼ିଥିଲା ଓ ପ୍ରାୟ ୧୦ ଦିନ ପରେ ଏଗୁଡ଼ିକ ପୁନଃ ସଂଯୋଗ କରାଯାଇ ପାରିଥିଲା । କନ୍ଦରପୁରଠାରୁ ଜଗତସିଂହପୁରକୁ ସଂଯୋଗ କରୁଥିବା ରାସ୍ତା ସେପ୍ଟେମ୍ବର ୧୬ ତାରିଖରେ ପୁନଃ ସଂଯୋଗ କରାଯାଇଥିଲା । କେନ୍ଦ୍ରାପଡ଼ା-ମାଁଛିଗାଁ ସଡ଼କ, ଜଗତସିଂହପୁର-ଆଲିପିଙ୍ଗଳ ସଡ଼କ, ଧନୀପୁର-କଣ୍ଡିଲୋ ସଡ଼କ, ବିରିଡ଼ିହାଟ-ସୋମପୁର ସଡ଼କ, ବାଲିରଙ୍ଗୀ-ଶିଖର ଘାଟ ସଡ଼କ ପ୍ରଭୃତିରେ ଘାଇ ହୋଇଥିଲା । ବାଲିକୁଦା-ନୂଆଗାଁ ସଡ଼କ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲା ଓ ବନ୍ୟା ଜଳରେ ତହସିଲ ଅଫିସ ଅଧାଅଧି ବୁଡ଼ି ଯାଇଥିଲା ।

ମଣିଜଙ୍ଗା-ଏରସମା ରାସ୍ତା, ରାହାମା-ପଣ୍ଡୁଆ ରାସ୍ତା, କଟକ-ପୁରୀ ପୁରୁଣା ସଡ଼କ ପ୍ରଭୃତିରେ ଘାଇ ହୋଇଥିଲା । ଫୁଲନଖରା-ନିଆଳି-ମାଧବ ରାସ୍ତାରେ ତିନୋଟି ସ୍ଥାନରେ ଘାଇ ହୋଇଥିଲା ଓ ସେପ୍ଟେମ୍ବର ୯ ତାରିଖରେ ଏ ରାସ୍ତାର ପୁନଃ ସଂଯୋଗ ହୋଇଥିଲା । କାକିଆ ଘାଇ ସେତୁ ନିକଟରେ, ଓଲଟପୁର ରାସ୍ତାରେ, ସନେଇ-ବାହାରଣା ରାସ୍ତାରେ ଘାଇ ହୋଇଥିଲା ।

ବଗୁଆ-ବାଲିଚନ୍ଦ୍ରପୁର ରାସ୍ତାରେ ବଡ଼ ଧରଣର ଘାଇ ହୋଇଥିଲା । ବରଠା-କୁଆଁପାଳ ରାସ୍ତା, ଛତିଆ-ସାଲେପୁର ରାସ୍ତା, ବିନ୍ଧାଣିମା-ଖଣ୍ଡାହଟା ରାସ୍ତା ଓ ଗୋପ ମଥୁରା-ବାଙ୍ଗରାସିଂହ ରାସ୍ତାରେ ବିଭିନ୍ନ ସ୍ଥାନରେ ଘାଇ ହୋଇଥିଲା ।



କଟକ ଜିଲ୍ଲାର ବାଙ୍କୀ ଅଞ୍ଚଳରେ ଅସମ୍ଭବ କ୍ଷୟକ୍ଷତି ହୋଇଛି । କଟକ-ଗୋବିନ୍ଦପୁର-ବାଙ୍କୀ ରାସ୍ତା, ବାଙ୍କୀ-ସିମର ରାସ୍ତା, ବାଙ୍କୀ-ବୈଦ୍ୟେଶ୍ୱର ରାସ୍ତାଗୁଡ଼ିକରେ ଘାଇ ହୋଇଥିଲା ।

ଜାତୀୟ ରାଜପଥ ଛକଠାରୁ କେନ୍ଦ୍ରାପଡ଼ା ମଧ୍ୟରେ ପ୍ରାୟ ୭ ଦିନ ଧରି ଯାତାୟତ ବନ୍ଦ ହୋଇ ଯାଇଥିଲା । କେନ୍ଦ୍ରାପଡ଼ା-ମାର୍ଶାଘାଇ ରାସ୍ତା, କଟକ-ଗୁନ୍ଦବାଲି ରାସ୍ତା, ପଟାମୁଣ୍ଡାଇ-ରାଜନଗର ରାସ୍ତା, କେନ୍ଦ୍ରାପଡ଼ା-ଇନ୍ଦୁପୁର ରାସ୍ତା, କେନ୍ଦ୍ରାପଡ଼ା-ବାସୁପର ରାସ୍ତା, କେନ୍ଦ୍ରାପଡ଼ା-କୋଳଘାଟ ରାସ୍ତା ଓ ଆଳି ନୂଆଗାଁ-ଜୟପୁର ରାସ୍ତା ପାଣିରେ ବୁଡ଼ିଯିବା ଫଳରେ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲା ।

## ପୁରୀ ଜିଲ୍ଲା

ଭୁବନେଶ୍ୱର-ପୁରୀ ରାସ୍ତାର ଧଉଳି ଛକ ଓ ଉଉଳା ଛକ ମଧ୍ୟରେ ଛଅଟି ସ୍ଥାନରେ ଘାଇ ହୋଇଥିଲା । ସେପ୍ଟେମ୍ବର ୮ ତାରିଖ ଦିନ ଏହି ରାସ୍ତା ପୁନଃ ସଂଯୋଗ କରା ଯାଇଥିଲା । ସଉଦେଇପୁର-ନିମାପଡ଼ା ରାସ୍ତାରେ ଘାଇ ହୋଇଥିଲା । ସୁନାମୁହିଁ-ସାତପଡ଼ା ରାସ୍ତା, ସାକ୍ଷିଗୋପାଳ-ଅଟଳପୁର ରାସ୍ତା, ଜୟପୁର-ସାରଙ୍ଗ ଯୋଡ଼ି ରାସ୍ତା, ବନମାଳିପୁର-ବଲଙ୍ଗା ରାସ୍ତା, କାକଟପୁର-କୋଣାର୍କ ରାସ୍ତା, ଅସ୍ତରଙ୍ଗ-ନୂଆଗଡ଼ ରାସ୍ତା, ପିପିଲି-ଡେଲାଙ୍ଗ ରାସ୍ତା, ପିପିଲି-ଡେଲାଙ୍ଗ ରାସ୍ତା ଓ ପଟନାଇକିଆ-ଡେଲାଙ୍ଗ-ଖୋର୍ଦ୍ଧା ରାସ୍ତା ପ୍ରଭୃତିରେ ବିଭିନ୍ନ ସ୍ଥାନରେ ଘାଇ ହୋଇ ଯାଇଥିଲା । ସେପ୍ଟେମ୍ବର ୬ ତାରିଖ ସୁଦ୍ଧା ଏ ରାସ୍ତାର ପୁନଃ ସଂଯୋଗ କରା ଯାଇଥିଲା ।

## ଗଞ୍ଜାମ ଜିଲ୍ଲା

ଏହି ଜିଲ୍ଲାର ଋଷିକୁଲ୍ୟା ଓ ତାର ଉପନଦୀଗୁଡ଼ିକରେ ବନ୍ୟା ଆସିବା ଫଳରେ ଯେଉଁ ରାସ୍ତାଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିଲା ସେଗୁଡ଼ିକ ହେଲା, ବାଲିପଦର-ବେଲଗୁଣ୍ଠା ରାସ୍ତା, ରସଲକୁଣ୍ଡା, ଭଞ୍ଜନଗର-ଟଳସିଂହ ରାସ୍ତା, ଡ଼ରସିଂହ-ଦଣପଲ୍ଲୀ ରାସ୍ତା, ଟଳସିଂହ-ଗ୍ୟାଲେରୀ ରାସ୍ତା, ବେଲଗୁଣ୍ଠା-ଗୋଉଡ଼ା-ଜେମି ରାସ୍ତା, ଭୁଜଗଡ଼-ଗ୍ୟାଲେରୀ ରାସ୍ତା, ଶଲ୍ଲୀକୋଟ-ବୋଇରାଣି ରାସ୍ତା, ରମ୍ଭା-ଖଣ୍ଡଦେଉଳି ରାସ୍ତା, ଗଞ୍ଜାମ-କୁଶପଲ୍ଲୀ ରାସ୍ତା, ଭାଞ୍ଜିପୁଟ-କାଞ୍ଚନ ରାସ୍ତା ଓ ହୁମା-ପାଲୁରୁ-ପୁରୁଷାଗାଁ ରାସ୍ତା ।

ଚିଫ୍ ଇଞ୍ଜିନିୟର, (ଆର୍. ଏଣ୍ଡ୍. ବି.)
ଭୁବନେଶ୍ୱର ।

## ବଲାଙ୍ଗୀର ବନ୍ୟା :

# ମାନ ପଧାନ ଓ ତା' ସାଙ୍ଗମାନେ....

ବିପଦ କବଳରୁ ମୁକୁଳିବା ପାଇଁ ସମସ୍ତେ ଚିନ୍ତା କରିଥାଆନ୍ତି । ମାତ୍ର ନିଜର ବିପଦ ପ୍ରତି ଭ୍ରୂକ୍ଷେପ ନକରି ଅନ୍ୟକୁ ବିପଦ କବଳରୁ ଉଦ୍ଧାର କରିବା ପାଇଁ ସାହସ ବାନ୍ଧି ଆଗେଇ ଆସନ୍ତି କେତେ ଜଣ ? ପନ୍ଦର ବର୍ଷ ବୟସର ପିଲା, ମାନ ପଧାନର ଅସୀମ ସାହସ ତା'ର ସାଙ୍ଗମାନଙ୍କ ମନରେ ଭରି ଦେଇଥିଲା ଶତ ସିଂହର ପରାକ୍ରମ । ସେମାନଙ୍କର ଧୈର୍ଯ୍ୟ ଓ ସାହସ ଯୋଗୁଁ ଟେଳେଲ ଗାଁର ଲୋକେ ନିଶ୍ଚିତ ମରଣ ମୁଖରୁ ରକ୍ଷା ପାଇଲେ ।

ବଲାଙ୍ଗୀର ଜିଲ୍ଲା ଆଗଲପୁର ପଞ୍ଚାୟତରେ ଟେଳେଲ ଗାଁ । ସେ ଗାଁର ଲୋକେ ଅଙ୍ଗ ନଦୀ ବଢ଼ିପାଣି ଘେରରେ ଥିବା ବେଳେ ପାଖ ହରଭଙ୍ଗା ଗାଁର ଗୋବର୍ଦ୍ଧନ ସାହୁ, ଅମର ସାହୁ, ମାନ ପଧାନ, ହରିହର ସାହୁ, ଦ୍ୱିତୀୟା ବିଶ୍ୱାଳ, ଭଗବାନ ନାଏକ ଓ କବିରାଜ ପ୍ରଧାନ ନିଜନିଜ ଜୀବନକୁ ବିପନ୍ନ କରି ଅତି ସାହସର ସହିତ ଟେଳେଲ ଗାଁର ପ୍ରାୟ ୩୦୦ ଜଣ ସ୍ତ୍ରୀ, ପୁରୁଷ ଓ ଛୋଟ ଛୋଟ ପିଲମାନଙ୍କୁ ଡଙ୍ଗା ଯୋଗେ ବଢ଼ି କବଳରୁ ଉଦ୍ଧାର କରି-ଥିଲେ ।

ଗଲ ମାସ ଅଠେଇଶ ଓ ଅଣତିରିଶ ତାରିଖ ଦିନ ପ୍ରବଳ ବର୍ଷାଯୋଗୁଁ ଅଙ୍ଗ ନଦୀରେ ମାଡ଼ି ଆସିଲା ନାହିଁ ନଥିବା ପ୍ରଳୟଙ୍କରୀ ବନ୍ୟା । ହରଭଙ୍ଗା ଗାଁଲୋକଙ୍କ ମନରେ ଆତଙ୍କ ଭରିଗଲା । ଏହି ଗାଁର ଗୋବର୍ଦ୍ଧନ ସାହୁ ଏବଂ ଅନ୍ୟ ଲୋକମାନେ ନିକଟସ୍ଥ ଡୁଙ୍ଗରିପାଲି ଗାଁକୁ ବଢ଼ି ଦେଖିବାକୁ ଯାଇଥିଲେ । ସେଠାରେ ସେମାନେ ପାଣି ଘେରରେ ପଡ଼ିଥିବା ଟେଳେଲ ଗାଁ ଲୋକମାନଙ୍କର କରୁଣ ଚିତ୍କାର ଶୁଣିବାକୁ ପାଇଲେ । କେବଳ ସେତିକି ନୁହେଁ, ସେମାନେ ଦେଖିଲେ ଟେଳେଲ ଗାଁର ଲୋକମାନେ ମହାଦେବ ମନ୍ଦିରର ଚୂଡ଼ା ଉପରେ ଆଶ୍ରୟ ନେଇ ମନ୍ଦିରର ନାଲି ଧ୍ୱଜା କରିଆରେ ବିପଦ ସଙ୍କେତ ଦେଉଛନ୍ତି । ସଙ୍ଗେ ସଙ୍ଗେ ଗୋବର୍ଦ୍ଧନ ସାହୁ ଗାଁକୁ ଫେରିଆସିଲେ । ନାଉରିଆଠାରୁ ଡଙ୍ଗା ଆଣି ସାଥୀରେ ଅମର ସାହୁ, ହରି ସାହୁଙ୍କୁ ଧରି ଶହେ ଟଙ୍କାର ମୁଡ଼ି କିଣି ସାହାଯ୍ୟ କରିବାକୁ ବାହାରି ପଡ଼ିଲେ । ଆଶ୍ଚର୍ଯ୍ୟର କଥା ତାଙ୍କ ସହିତ ଅଣ୍ଡାଭିଡ଼ି ବାହାରିଲେ ମାତ୍ର ପନ୍ଦର ବର୍ଷ ବୟସର ପିଲା ମାନ ପଧାନ ।

ସେତେବେଳକୁ ରାତି ଆଠଟା । ଅନ୍ଧାର ଘୋଟି ଆସୁଥାଏ । ପାଣି ପବନ ସାଙ୍ଗକୁ ଆକାଶ ମେଘାଛନ୍ନ । ଡଙ୍ଗା ଯିବାର ଅଳ୍ପ ସମୟ ପରେ ଡଙ୍ଗାଟି ଗୋଟିଏ ଗଛରେ ଲାଗିଗଲା । ସାତଜଣଯାକ ଏହି ବିପଦରୁ ଉଦ୍ଧାର ପାଇବା ପାଇଁ ଚେଷ୍ଟା କଲେ । ଡଙ୍ଗାର କାତ ଓ ଥାଳୁଣ ଭାଙ୍ଗିଗଲା । ଯାହାହେଉ ଭଗବାନଙ୍କ ଦୟାରୁ ଡଙ୍ଗାଟି ଆପେଆପେ ଗଛରୁ ମୁକୁଳି ଯାଇଥିଲା । ସାତଜଣଯାକ ହାତରେ ପାଣିକୁ ଆଡ଼େଇ ଆଡ଼େଇ ପ୍ରାୟ ରାତି ଏଗାରଟା ବେଳକୁ ଟେଳେଲ ଗାଁରେ ପହଞ୍ଚିଲେ ।

ସେଠାରେ ସେମାନେ ତିନିଦିନ ଭିତରେ ଗାଁ ଲୋକ-ମାନଙ୍କୁ ଥର ଥର କରି ଡଙ୍ଗାରେ ଆଣି, ଡୁଙ୍ଗୁରିପାଲି ଗାଁର ଉଚ୍ଚ ଜାଗାରେ ଛାଡ଼ିଲେ । ଏହି ତିନିଦିନ ଭିତରେ ସେମାନେ ନିଜର ଜ୍ଞାତିକୁଟୁମ୍ବଙ୍କ ଖବର କିଛି ଜାଣି ପାରିଲେ ନାହିଁ । ସେମାନେ ନିଜ ଗାଁକୁ ଫେରି ଯାହା ନିଜ ଆଖିରେ ଦେଖିଲେ, ତାହା କହିହେବ ନାହିଁ । ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ ସେମାନଙ୍କର ଆତ୍ମସନ୍ତୋଷ ଯେ ସେମାନେ ତିନିଶହ ଲୋକଙ୍କର ଜୀବନ ରକ୍ଷା କରିପାରି-ଛନ୍ତି । ଏଇ ସାତଜଣ ଯୁବକ କହନ୍ତି, ପନ୍ଦର ବର୍ଷ ବୟସର ପିଲା ମାନ ପଧାନର ସାହସ ଓ ଧୈର୍ଯ୍ୟ ଆମ ମନରେ ପ୍ରେରଣା ଭରିଦେଲା । ପାଣି ପବନରେ ମାନ ଯେମିତି ଡଙ୍ଗା ବାହିଲା ନା, ଆମ ଆଖି ଖୋସି ହୋଇ-ଗଲା ।

# ପାଣିପାଗ ଅତିବୃଷ୍ଟି ଓ ବନ୍ୟା

ଶ୍ରୀ ଜି. ଅରୁଣାଚଳମ୍

आदित्यात्जायते वृष्टिः वृष्टेरन्नं ततः प्रजाः ॥

ସୂର୍ଯ୍ୟଙ୍କଠାରୁ ବର୍ଷା, ବର୍ଷାରୁ ଅନ୍ନ, ତା'ପରେ ପ୍ରଜା........

କିନ୍ତୁ ଅଗଷ୍ଟ ୧୮-୧୯ ତାରିଖ ରାତିରେ ସମ୍ବଲପୁର ଓ ପାଖାପାଖି ଥିବା ବୁର୍ଲା ଓ ହୀରାକୁଦରେ ଏମିତି ମୁଷଳ ଧାରାରେ ବର୍ଷା ହେଲା ଯେ, ମନେ ହେଲା ଆଉ ଏ ବର୍ଷା ଛାଡ଼ିବ ନାହିଁ । ଫସଲ ଓ ଜନ ଜୀବନ ମଧ୍ୟ ତାର ଦାଉରୁ ରକ୍ଷା ପାଇବ ନାହିଁ । ସକାଳକୁ ସମଗ୍ର ଅଞ୍ଚଳ ଜଳମୟ ହୋଇଗଲା । ଜାଗା ଜାଗାକେ ଗୁରି ପାଖ ଫୁଟ ପାଣି । ବୃଷ୍ଟିପାତ ପର୍ଯ୍ୟବେକ୍ଷକ ଯେତେବେଳେ ବୃଷ୍ଟିମାତ୍ରା ମାପିବା ପାଇଁ ଯାଆନ୍ତି, ସେ ଦେଖିଲେ ବର୍ଷାଜଳ ପରିମାପକ ଯନ୍ତ୍ରରୁ ଜଳଧାରା ଉଚ୍ଛୁଳି ପଡୁଛି । ଏଥିରୁ ବୁଝାଯାଉଛି ପରିମାପକ ଯନ୍ତ୍ର ଯେତେ ପରିମାଣରେ ବୃଷ୍ଟିପାତ ମାପି ପାରେ ତା'ଠାରୁ ଅଧିକ ବର୍ଷା ହୋଇଥିଲା । ତଥାପି ପର୍ଯ୍ୟବେକ୍ଷକ ୫୮୨ ମିଲିମିଟର ବର୍ଷା ହୋଇଥିବାର ରେକର୍ଡ କରିଥିଲେ । କହିବା ବାହୁଲ୍ୟ ଯେ ପ୍ରକୃତ ବୃଷ୍ଟିପାତ ୫୮୨ ମିଲିମିଟରରୁ ଅଧିକ ହୋଇ ପାରିଥାଏ । ଗତ ରାତିର ଝଡ଼ବର୍ଷା ଓଡ଼ିଶାର ଯେ କୌଣସି ସ୍ଥାନରେ ଗୋଟିଏ ଦିନରେ ଶହେବର୍ଷ ମଧ୍ୟରେ ହୋଇଥିବା ବର୍ଷାର ସର୍ବାଧିକ ରେକର୍ଡ ଅତିକ୍ରମ କରି ଯାଇଛି ।

ଅଗଷ୍ଟ ମାସର ଅତିବୃଷ୍ଟି କେବଳ ନୂତନ ରେକର୍ଡ ସୃଷ୍ଟି ହେଲା ନାହିଁ, ମାତ୍ର ଦଶ ଦିନ ପରେ ଅଗଷ୍ଟ ୨୮, ୨୯ ଓ ୩୦ ତାରିଖରେ ପ୍ରକୃତି ଆଉ ଥରେ ରୁଦ୍ରରୂପ ଧାରଣ କଲା । ଏଥର ତାର ପ୍ରକୋପ ପଡ଼ିଲା ବଲାଙ୍ଗୀର ଓ ଫୁଲବାଣୀ ଜିଲ୍ଲାର ବ୍ୟାପକ ଅଞ୍ଚଳ ଏବଂ ତାର ପାଖାପାଖି ଢେଙ୍କାନାଳ, ସମ୍ବଲପୁର ଓ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ । ତିନିଦିନ ମଧ୍ୟରେ ଏହି ଅଞ୍ଚଳଗୁଡ଼ିକରେ ଅନବରତ ପ୍ରବଳ ବୃଷ୍ଟି ହେବା ଫଳରେ ମହାନଦୀରେ ଚଳିତ ଶତାବ୍ଦୀର ସର୍ବବୃହତ୍ ବନ୍ୟା ମାଡ଼ି ଆସିଲା । ଭାଗ୍ୟକୁ ହୀରାକୁଦ ଉପରମୁଣ୍ଡରେ ଥିବା ମହାନଦୀର ଅବବାହିକା ଅଞ୍ଚଳର ବର୍ଷାଜଳକୁ କୌଣସି ମତେ ରୋକାଯାଇ ପାରିଥିଲା । ତେଣୁ ତଳ ଅଞ୍ଚଳରେ ସୃଷ୍ଟି ହୋଇଥିବା ବନ୍ୟା ଅଧିକ ପ୍ରଳୟଙ୍କରୀ ହେବାର ସୁଯୋଗ ପାଇଲା ନାହିଁ ।

କିପରି ଓ କେବେ ଏଭଳି ବନ୍ୟା ବିପାତ ହୋଇଥାଏ ? ପୂର୍ବରୁ ଏ ସବୁକୁ ଜାଣି ହେବ କି ? ଏହି ଅଭୂତପୂର୍ବ ବୃଷ୍ଟିପାତ ଯେଉଁ ବନ୍ୟା ସୃଷ୍ଟି କରୁଛି, ତାକୁ ନିୟନ୍ତ୍ରଣ କରିବା ଦିଗରେ କି ଭଳି ପଦକ୍ଷେପ ନିଆଯାଇ ପାରିବ ?

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରବାହ ଦେଶର ଅନ୍ୟାନ୍ୟ ଅଞ୍ଚଳ ଭଳି ଓଡ଼ିଶାରେ ମଧ୍ୟ ବର୍ଷା କରାଇଥାଏ । ଜୁନ ମାସରୁ ଅକ୍ଟୋବର ମାସ ହେଉଛି ମୌସୁମୀ ଋତୁ । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଫେରିଯିବା ପରେ ଲଘୁଚାପ ଓ ଘୂର୍ଣ୍ଣିବାତ୍ୟା ଯୋଗୁଁ ପ୍ରାୟ ଡିସେମ୍ବର ମଧ୍ୟଭାଗ ପର୍ଯ୍ୟନ୍ତ ଓଡ଼ିଶାରେ କେତେ ଅସରା ବର୍ଷା ହୋଇଥାଏ । ଏହାପରେ ଶୀତ ଋତୁ ଓ ଗ୍ରୀଷ୍ମ ଋତୁରେ ଘଡ଼ ଘଡ଼ି ସହ କେବେ କେବେ ବର୍ଷା ହୁଏ । ସେ ଯା' ହେଉ ଓଡ଼ିଶାର ଯେ କୌଣସି ସ୍ଥାନରେ ସର୍ବାଧିକ ବୃଷ୍ଟିପାତର ସମୟ ହେଉଛି ଜୁନ୍‌ରୁ ଅକ୍ଟୋବର ମାସ ।

ମୌସୁମୀ ଋତୁରେ ବଙ୍ଗୋପସାଗରର ଉତ୍ତର ପାର୍ଶ୍ୱରେ ଅନେକ ସମୟରେ ଲଘୁଚାପ ସୃଷ୍ଟି ହୋଇ ଓଡ଼ିଶା ଉପକୂଳକୁ ପ୍ରବାହିତ ହୋଇଥାଏ । ଏହି ଲଘୁଚାପ କେବେ କେବେ ଘନୀଭୂତ ହୋଇ ବାତ୍ୟା ସୃଷ୍ଟି କରେ । ଏହା ଫଳରେ ଓଡ଼ିଶାରେ ଅସାଧାରଣ ବୃଷ୍ଟିପାତ ହୋଇଥାଏ । ଲଘୁଚାପ ଫଳରେ ଅଧିକ ବା ଅତ୍ୟଧିକ ବର୍ଷା ହେବ କି ନାହିଁ, ତାହା ନିର୍ଦ୍ଧାରଣ କରିବା ସକାଶେ କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ନିମ୍ନରେ ପ୍ରଦତ୍ତ ହେଲା:

(୧) ବାୟୁ ମଣ୍ଡଳରେ ଆର୍ଦ୍ରତାର ପରିମାଣ ଏବଂ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଏହାର ଅବ୍ୟାହତ ଗତି, (୨) ଦେଶର ବାୟୁମଣ୍ଡଳର ବିଭିନ୍ନ ସ୍ତରରେ ଭୂପୃଷ୍ଠର ୧୫° ଉପରର ଉତ୍ତରରୁ ସମୁଦ୍ର ପତନର ପ୍ରାୟ ୧୫ କିଲୋମିଟର ଊର୍ଦ୍ଧ୍ୱକୁ ଥିବା ବାୟୁର ଗଠନ ଓ ଆନୁପାତିକ ଅବସ୍ଥାନ, ସଂପର୍କରେ ଅବହିତ ହେବା (୩) ବାୟୁର ଦିଗ ଓ ଗତି ଏବଂ ଅନେକ ସମୟରେ ଘଟୁଥିବା ଗତି ଓ ବେଗର ପରିବର୍ତ୍ତନ ଇତ୍ୟାଦିର ପର୍ଯ୍ୟବେକ୍ଷଣ । ଏ ସବୁକୁ ସ୍ମରଣ ରଖି, ଗତ ଅଗଷ୍ଟ ମାସରେ ଓଡ଼ିଶାରେ ଦୁଇଟି ପର୍ଯ୍ୟାୟରେ ଯେଉଁ ପ୍ରବଳ ବୃଷ୍ଟିପାତ ହୋଇଯାଇଛି ତାହା ପରୀକ୍ଷା କରାଯାଉ ।

## ପ୍ରଥମ ପର୍ଯ୍ୟାୟ: ଅଗଷ୍ଟ ୧୬ ରୁ ୨୦

ଅଗଷ୍ଟ ୧୬ ତାରିଖ ଦିନ ବଙ୍ଗୋପସାଗରର ଉତ୍ତରରେ ଗୋଟିଏ ଲଘୁଚାପ ଅଞ୍ଚଳ ସୃଷ୍ଟି ହୋଇ ୧୮ ତାରିଖ ସକାଳ ସୁଦ୍ଧା ଏହା କେନ୍ଦ୍ରୀଭୂତ ହୋଇଥିଲା ।




ଅଗଷ୍ଟ ୧୮ ତାରିଖ ସକାଳ ସାଢ଼େ ଆଠଟା ସମୟରେ ଏହା ବାଲେଶ୍ୱରର ପ୍ରାୟ ୧୭୫ କି. ମି. ପୂର୍ବ-ଦକ୍ଷିଣ-ପୂର୍ବରେ କେନ୍ଦ୍ରୀଭୂତ ହେଲା । ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତି କରି ୧୮ ତାରିଖ ରାତିରେ ବାଲେଶ୍ୱର ନିକଟରେ ଉତ୍ତର ଓଡ଼ିଶା ଉପକୂଳ ଅତିକ୍ରମ କରିଥିଲା । ଏହି ଲଘୁଚାପ କ୍ରମଶଃ ଦୁର୍ବଳ ହୋଇ ଉତ୍ତର ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରେ କେନ୍ଦ୍ରୀଭୂତ ହୋଇଥିଲା । ତା' ପରେ ଉତ୍ତର ଦିଗକୁ ଗତି କରିଥିଲା । ଏହାର ଗତିପଥ ୧ ନମ୍ବର ଚିତ୍ରରେ ସୂଚିତ ହୋଇଛି ।

ଉପରୋକ୍ତ ଲଘୁଚାପର ପ୍ରଭାବରେ ଉତ୍ତର ଓଡ଼ିଶାର ବ୍ୟାପକ ଅଞ୍ଚଳରେ ପ୍ରବଳ ବୃଷ୍ଟିପାତ ହୋଇଥିଲା । ମାତ୍ର ସବୁଠାରୁ ଉଲ୍ଲେଖଯୋଗ୍ୟ ଘଟଣା ହେଉଛି, ସମ୍ବଲପୁର ଓ ଏହାର ଖୁବ୍ ନିକଟବର୍ତ୍ତୀ ଅଞ୍ଚଳରେ ପ୍ରବଳ ବର୍ଷା ଏବଂ ସମ୍ବଲପୁର ଜିଲ୍ଲା ଓ ଆଖପାଖ ଅଞ୍ଚଳରେ ଅତି ପ୍ରବଳ

ବର୍ଷା ହୋଇଥିଲା । ଏହି ବର୍ଷା ଫଳରେ ଅଗଷ୍ଟ ୨୦ ଓ ୨୧ ତାରିଖରେ ମହାନଦୀରେ ସାମାନ୍ୟ ବନ୍ୟା ହୋଇଥିଲା । ଅଗଷ୍ଟ ୧୯ ତାରିଖ ସକାଳେ ମପାଯାଇଥିବା ପ୍ରକୃତ ବୃଷ୍ଟିପାତ ହାର ୨ ନମ୍ବର ଚିତ୍ରରେ ଦର୍ଶାଯାଇଛି ।

## ଦ୍ୱିତୀୟ ପର୍ଯ୍ୟାୟ ଅଗଷ୍ଟ : ୨୬ ରୁ ସେପ୍ଟେମ୍ବର ୬

ଯେଉଁ ଲଘୁଚାପ ସୃଷ୍ଟି ଫଳରେ ଓଡ଼ିଶାର ଆଠଟି ଜିଲ୍ଲା ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା, ତାର ପ୍ରଥମ ସୂଚନା ମିଳିଥିଲା ଅଗଷ୍ଟ ୨୬ ତାରିଖ ସକାଳେ । ଏହା ବଙ୍ଗୋପସାଗର ମଧ୍ୟ ଭାଗରେ ତଥା ଆଖପାଖ ଉପର ପାର୍ଶ୍ୱରେ ସୃଷ୍ଟି ହୋଇଥିଲା । ଅଗଷ୍ଟ ୨୭ ତାରିଖ ସକାଳ ସୁଦ୍ଧା ଚାନ୍ଦବାଲିର ଦକ୍ଷିଣ ପୂର୍ବକୁ ପ୍ରାୟ ୨୭୦ କି. ମି. ଦୂରରେ ଏହା କେନ୍ଦ୍ରୀଭୂତ ହୋଇଥିଲା । ପୁନଶ୍ଚ ଏହା ଉତ୍ତର-ପଶ୍ଚିମ ଦିଗକୁ ଗତିକରି ସେ ଦିନ ସନ୍ଧ୍ୟା ସୁଦ୍ଧା ଚାନ୍ଦବାଲିର ପ୍ରାୟ ୧୩୦ କି. ମି. ଦୂର ଦକ୍ଷିଣ-ଦକ୍ଷିଣ-ପଶ୍ଚିମରେ ଠାବ କରାଯାଇଥିଲା । ଏହା ପୁନର୍ବାର ଉତ୍ତର-ଉତ୍ତର-ପଶ୍ଚିମ ଦିଗକୁ ଗତି କରି ୨୦ ତାରିଖ ସକାଳ ସୁଦ୍ଧା ଓଡ଼ିଶା ଉପକୂଳର ଚାନ୍ଦବାଲି ନିକଟରେ କେନ୍ଦ୍ରୀଭୂତ ହୋଇଥିଲା । ଅବଶ୍ୟ ଏହା ପରେ ଲଘୁଚାପର ଗତି ଇତସ୍ତତଃ ଓ ଅସ୍ୱାଭାବିକ ହୋଇଥିଲା । ଅଗଷ୍ଟ ୨୮ ତାରିଖ ସନ୍ଧ୍ୟା ସୁଦ୍ଧା ଏହା ଉତ୍ତର ଦିଗକୁ ଗତି କରି





୨୮ ତାରିଖ ମଧ୍ୟରାତ୍ରି ସୁଦ୍ଧା ଉତ୍ତର ବାଲେଶ୍ୱର ଉପକୂଳ ଅତିକ୍ରମ କରିଥିଲା । ଏହା କେନ୍ଦ୍ରୀଭୂତ ହୋଇ ସ୍ଥୂଳରୂପ ଆକାର ଧାରଣ କରି ୨୯ ତାରିଖ ସୁଦ୍ଧା ପଶ୍ଚିମ-ଦକ୍ଷିଣ-ପଶ୍ଚିମ ଦିଗକୁ ଗତି କଲା । ୨୯ ତାରିଖ ସକାଳ ସୁଦ୍ଧା ଏହା କେନ୍ଦୁଝରର ପୂର୍ବ ଦିଗରେ ଥିଲା ଏବଂ ଧୀରେ ଧୀରେ ଗତି କରି ସନ୍ଧ୍ୟା ସୁଦ୍ଧା ଏହା କେନ୍ଦୁଝରର ଦକ୍ଷିଣରେ ପ୍ରାୟ ୫୦ କି. ମି. ଦୂରରେ ପହଞ୍ଚିଲା । ସେ ଯାହାହେଉ ୨୯ ତାରିଖ ରାତି ସୁଦ୍ଧା ଏହି ଲଘୁଚାପ ପୁନର୍ବାର ଗତିପଥ ପରିବର୍ତ୍ତନ କରି ଉତ୍ତର ଦିଗକୁ ଗତି କରିଥିଲା ଏବଂ ୩୦ ତାରିଖ ସକାଳ ସୁଦ୍ଧା ଢେଙ୍କିବସାର ଦକ୍ଷିଣ-ପଶ୍ଚିମକୁ ପ୍ରାୟ ୫୦ କି. ମି. ଦୂରରେ କେନ୍ଦ୍ରୀଭୂତ ହୋଇଥିଲା ।

ଏହା ପରେ ଉକ୍ତ ଲଘୁଚାପ ଉତ୍ତର-ପଶ୍ଚିମ ଆଡ଼କୁ ଗତି କରିଥିଲା ।

ଏହି ଲଘୁଚାପ ଇତସ୍ତତଃ ଭାବେ ଗତି କରୁଥିବା ବେଳେ ଏହାର ପ୍ରଭାବ ଯୋଗୁଁ ୨୮ ତାରିଖ, ୨୯ ତାରିଖ ଓ ୩୦ ତାରିଖ ସକାଳ ମଧ୍ୟରେ ଅତି ପ୍ରବଳ ବର୍ଷା ହୋଇଥିଲା । ଫୁଲବାଣୀ ଓ ବଲାଙ୍ଗୀର ଜିଲ୍ଲା ଅଭିମୁଖେ ୨୮ ତାରିଖ ରାତି ଓ ୨୯ ତାରିଖ ସକାଳେ ଲଘୁଚାପ ଗତି କରୁଥିବା ଫଳରେ ଏହି ଜିଲ୍ଲାରେ ସର୍ବୋଚ୍ଚ ଅଧିକ ବର୍ଷା ହୋଇଥିଲା । ଅଗଷ୍ଟ ୨୮,୨୯ ଓ ୩୦ ତାରିଖରେ ବର୍ଷା-ଘନୀଭୂତ ବିକ୍ଷିପ୍ତ ବର୍ଷା ହାର ୩ ନମ୍ବର ଚିତ୍ରରେ ଦର୍ଶାଯାଉଛି ।

ଅଗଷ୍ଟ ୧୮, ୧୯ ଏବଂ ଅଗଷ୍ଟ ୨୮, ୨୯ ଓ ୩୦ ତାରିଖରେ ଏଭଳି ଅସ୍ୱାଭାବିକ ବର୍ଷା ହେବାର କାରଣ ତେବେ କଣ ? ୧୮,୧୯ ତାରିଖ ବର୍ଷା ସଂକ୍ରାନ୍ତରେ ନିମ୍ନଲିଖିତ ଘଟଣାଗୁଡ଼ିକ ପ୍ରଣିଧାନଯୋଗ୍ୟ ।

୧ । ବାୟୁମଣ୍ଡଳର ନିମ୍ନସ୍ତରରେ ବାୟୁର ଗଠନ ଏପରି ହୋଇଥିଲା ଯେ ବାୟୁମଣ୍ଡଳରେ ଆର୍ଦ୍ରତା ଅଧିକ ମାତ୍ରାରେ ଭରିଯାଇଥିଲା ।

୨ । ଉତ୍ତର ଓଡ଼ିଶାରେ ପ୍ରବଳ ବୃଷ୍ଟିପାତ ଘଟାଇବା ଦିଗରେ ଊର୍ଦ୍ଧ୍ୱ ବାୟୁ ଆସ୍ତରଣ ସହାୟକ ହୋଇଥିଲା ।

୩ । ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବହୁ ସମୟ ମନ୍ଥର ଗତିରେ ପ୍ରବାହିତ ହେବା ଫଳରେ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହେବାଭଳି ଅନୁକୂଳ ପରିସ୍ଥିତି ସୃଷ୍ଟି କଲା ଏବଂ ବାସ୍ତବରେ ଭୀଷଣ ବର୍ଷା କରାଇଲା ।

ମାତ୍ର ୫୮୨ ମି. ମି. ବର୍ଷା ହେବାର କାରଣ କ'ଣ? ଏହା କ'ଣ ପୂର୍ବରୁ ନିର୍ଣ୍ଣୟ କରାଯାଇ ପାରିଥାନ୍ତା ? ପୂର୍ବରୁ କ'ଣ ଏହାର ସୂଚନା ମିଳିଥିଲା?

ବାସ୍ତବ ଘଟଣାବଳୀରୁ ଯାହା ଜଣାପଡ଼େ, ଏହା ଥିଲା ଏକ ବାଦଲ ବିସ୍ଫୋରଣ । ଅଗଷ୍ଟ ୧୮ ତାରିଖ ରାତି ୯ଟାଠାରୁ ୧୯ ତାରିଖ ଦିନ ୨ଟା ମଧ୍ୟରେ ଅତି ମାତ୍ରାରେ ବର୍ଷା ହୋଇଥିଲା । ହୀରାକୁଦର ବୃଷ୍ଟିପାତ ରେକର୍ଡ଼ରୁ ଯାହା ସୂଚିତ ହୁଏ, ୪୦ ସେ. ମି. ବର୍ଷା ମଧ୍ୟରୁ ୧୯ ତାରିଖ ମଧ୍ୟରାତ୍ରରୁ ଭୋର ୪ଟା ସୁଦ୍ଧା ମାତ୍ର ୪ଘଣ୍ଟା ସମୟ ଭିତରେହିଁ ୨୮ ସେ. ମି. ବର୍ଷା ହୋଇଥିଲା । ୩୦୦ ବର୍ଗ କି. ମି. କିମ୍ବା ତା'ଠାରୁ କମ୍ ଆୟତନ ବିଶିଷ୍ଟ ଏକ କ୍ଷୁଦ୍ର ଅଞ୍ଚଳରେ ଅସାଧାରଣ ଭାବେ ପ୍ରବଳ ବୃଷ୍ଟିପାତ ହୋଇଥିଲା । ଅପର ପକ୍ଷରେ ଏହାଠାରୁ ଅପେକ୍ଷାକୃତ ଏକ ବୃହତ୍ ଅଞ୍ଚଳରେ ୨୦ ସେ. ମି. କିମ୍ବା ତା'ଠାରୁ କମ୍ ପରିମାଣର ବର୍ଷା ହୋଇଥିବା ରେକର୍ଡ କରାଯାଇଥିଲା । ପାଣିପାଗ ବିଜ୍ଞାନ ସଂପର୍କରେ ଅଦ୍ୟାବଧି ଯେତେଯାହା ବିକାଶ ଘଟିଛି ଏବଂ ଆମ ହାତରେ ଯେତେ ଯାହା ସୁବିଧା ସୁଯୋଗ ଓ ଜିନିଷ ରହିଛି, ତଦନୁଯାୟୀ ଏ ଧରଣର ଅସ୍ୱାଭାବିକ ପ୍ରବଳ ବୃଷ୍ଟିପାତ ସଂପର୍କରେ ପୂର୍ବରୁ ସୂଚନା ଦେବା କିମ୍ବା ଏହାର ନିର୍ଦ୍ଦିଷ୍ଟ ରୂପରେଖ ନିର୍ଦ୍ଧାରଣ କରିବା ସମ୍ଭବ ନୁହେଁ । ବ୍ୟାପକ ଜଳସେଚନ ବ୍ୟବସ୍ଥା ତଥା ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ପ୍ରଭୃତି ଥିବା ଏକ ଜନ ବହୁଳ ସହର ଓ ଏହାର ଆଖପାଖରେ ଏହି ପ୍ରବଳ ବୃଷ୍ଟିପାତ ହୋଇଥିବା ଦୁର୍ଭାଗ୍ୟର ବିଷୟ । କିନ୍ତୁ ସହରାଞ୍ଚଳରେ ବୃଷ୍ଟି ହୋଇଥିବା ଯୋଗୁ ଏହାକୁ ରେକର୍ଡ କରାଯାଇ ପାରିଲା । କୌଣସି ସ୍ୱଳ୍ପବସତି ଅଞ୍ଚଳରେ ଯଦି ଏହି ବର୍ଷା ହୋଇଥାଆନ୍ତା ତେବେ ଏହାକୁ ରେକର୍ଡ କରାଯାଇ ପାରି ନଥାନ୍ତା ।

ଅଗଷ୍ଟ ୨୮ରୁ ୩୦ ତାରିଖ ମଧ୍ୟରେ ଯେଉଁ ପ୍ରବଳ ବୃଷ୍ଟିପାତ ହୋଇଥିଲା, ତାର ବିଶେଷତ୍ୱ ନିମ୍ନରେ ପ୍ରଦତ୍ତ ହେଲା :

୧ । ବାୟୁମଣ୍ଡଳର ନିମ୍ନତର ସ୍ତରରେ ଏଭଳିଭାବେ ବାୟୁ ସଞ୍ଚାଳିତ ହୋଇଥିଲା ଯେ ଦକ୍ଷିଣ ଓଡ଼ିଶା ଓ ଏହାର ଆଖପାଖ ଅଞ୍ଚଳର ବାୟୁମଣ୍ଡଳରେ ଆର୍ଦ୍ରତା ଭରିଯାଇଥିଲା ।

୨ । ଊର୍ଦ୍ଧ୍ୱ ବାୟୁ ଆସ୍ତରଣ ଏଭଳି ଥିଲା ଯେ ଏହା ବ୍ୟାପକ ଆକାରରେ ଜଳୀୟ ବାଷ୍ପ ପରିପୂର୍ଣ୍ଣ ଉଷ୍ଣବାୟୁ ପ୍ରବାହକୁ ଊର୍ଦ୍ଧ୍ୱମୁଖୀ କରାଇବା ଦିଗରେ ସହାୟକ ହୋଇଥିଲା ଓ ଏହା ଫଳରେ ବ୍ୟାପକ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା ।

୩ । ଅଗଷ୍ଟ ୨୮ ତାରିଖ ରାତିରୁ ୨୯ ତାରିଖ ରାତି ମଧ୍ୟରେ ଲଘୁଚାପ ପଶ୍ଚିମ-ଦକ୍ଷିଣ ଦିଗକୁ ଅସ୍ୱାଭାବିକ ଭାବେ ଗତି କରିବାରୁ ଏବଂ ପରିଶେଷରେ ପୁନର୍ବାର ଦିଗ ପରିବର୍ତ୍ତନ କରିବା ପୂର୍ବରୁ ଏହା ମନ୍ଥର ହୋଇଥିବାରୁ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଦୁଇ ଦିନରୁ ଅଧିକକାଳ ପ୍ରବଳ ବର୍ଷା ଲାଗି ରହିଥିଲା । ତେଣୁ ପ୍ରବଳ ବନ୍ୟା ସୃଷ୍ଟି ହେଲା ।

ଏହି ଲଘୁଚାପ ଯୋଗୁଁ ଓଡ଼ିଶାରେ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ଦେଖାଦେଲା । ଏହାକୁ ଏଡ଼ାଇ ଦିଆଯାଇ ପାରିଲା ନାହିଁ । ଲଘୁଚାପ ପ୍ରଭାବରେ ତିନି ଦିନ ଧରି ଯେଉଁ ପରିମାଣରେ ବର୍ଷା ହେଲା ତାହା ବାସ୍ତବିକ ଅଭୂତପୂର୍ବ । ଆନୁମାନିକ ହିସାବ ଅନୁଯାୟୀ ଏହି ତିନି ଦିନ ମଧ୍ୟରେ ପ୍ରାୟ ୧,୮୦୦ ନିୟୁତ କ୍ୟୁବିକ୍ ମିଟର ଜଳ ବର୍ଷା ଆକାରରେ ମେଘରୁ ଝରିଥିଲା । ଅଗଷ୍ଟ ୨୯ ତାରିଖ ରାତିରେ ଦୈବାତ୍ ଏହି ଲଘୁଚାପ ଦିଗ ପରିବର୍ତ୍ତନ କରି ଦ୍ରୁତ ଗତିରେ ଉତ୍ତର ଦିଗକୁ ପ୍ରବାହିତ ହେଲା । ଏପରି ହୋଇ ନଥିଲେ ଓଡ଼ିଶା ଅଧିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥାନ୍ତା ।

ଯେଉଁ ଗୁରୁତର ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେଲା, ତାର ଦୁଃଖଦାୟକ କବଳରୁ ବହୁ ଲୋକ ଧୀରେ ଧୀରେ ମୁକ୍ତ ହେଉଥିବା ବେଳେ ପ୍ରତ୍ୟେକଙ୍କ ମନରେ ସ୍ୱତଃ ଜୋଟିଏ ମୁଖ୍ୟ ହେଉଥିବା ବେଳେ ପ୍ରଶ୍ନ ଭଙ୍ଗିମାରେ—"ଏ ପ୍ରକାର ବ୍ୟାପକ ଧ୍ୱଂସଲୀଳା ପୁଣି ଘଟିବ ନାହିଁ ତ?" ଭବିଷ୍ୟତରେ ଏ ପ୍ରକାର ପରିସ୍ଥିତିର ମୁକାବିଲା ଦିଗରେ ବର୍ତ୍ତମାନଠାରୁ ବିହିତ ପଦକ୍ଷେପ ଗ୍ରହଣ କରା ନଗଲେ ପୁନର୍ବାର ଏ ଧରଣର ପରିସ୍ଥିତି ସୃଷ୍ଟି ହେବା ଅବଶ୍ୟମ୍ଭାବୀ । ଏ ସଂକ୍ରାନ୍ତରେ ମିଳୁଥିବା ତଥ୍ୟଗୁଡ଼ିକୁ ଗଭୀରଭାବେ ଅନୁଧ୍ୟାନ କରାଯାଉ ।

ମିଳୁଥିବା ରେକର୍ଡ ଅନୁଯାୟୀ ବିଗତ ୮୦ବର୍ଷ ମଧ୍ୟରେ ୧୯୨୫ ଜୁନ୍ ଏବଂ ୧୯୩୬ ଜୁନ୍ ମାସରେ ମହାନଦୀ ଅବବାହିକାର ଠିକ୍ ଏହି ଅଞ୍ଚଳ ଅର୍ଥାତ୍

ବଲାଙ୍ଗୀର, ଫୁଲବାଣୀ ତଥା ଏହାର ଆଖପାଖ ଅଞ୍ଚଳରେ ଅସାଧାରଣଭାବେ ପ୍ରବଳ ବୃଷ୍ଟିପାତ ହୋଇ ମହାନଦୀରେ ବନ୍ୟା ସୃଷ୍ଟି କରିଥିଲା । ୧୯୩୬ ମସିହାର ଝଡ଼ବର୍ଷା ସାଂପ୍ରତିକ ବିପତ୍ତି ସଦୃଶ । ପ୍ରଭେଦ ହେଉଛି, ସାଂପ୍ରତିକ ବର୍ଷା ତିନିଦିନ ଧରି ଲାଗି ରହିଥିବା ସ୍ଥଳେ ୧୯୩୬ ମସିହାରେ ଏହା ୫ ଦିନ ବ୍ୟାପୀ ଲାଗି ରହିଥିଲା । ଏହାଛଡ଼ା ତିନି ଦିନଠାରୁ ଅଧିକ କାଳ ବ୍ୟାପୀ ପ୍ରବଳ ବର୍ଷା ବିଘାତ ପ୍ରାୟ ଛଅ ଥରରୁ ଅଧିକ ହୋଇଥିଲା । ହୀରାକୁଦ ବନ୍ଧ ଉପର ମୁଣ୍ଡ ଓ ତଳ ଅଞ୍ଚଳରେ ପ୍ରବଳ ବର୍ଷା ହିଁ ଥିଲା ଏହାର କାରଣ । ଏଥିରୁ ଜଣାଯାଉଛି, ସ୍ୱତନ୍ତ୍ର ଭାବରେ ତେଲ ନଦୀର ବନ୍ୟା ନିୟନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ହୀରାକୁଦ ତଳକୁ ମହାନଦୀର ଅନ୍ୟ କୌଣସି ସ୍ଥାନରେ ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା କରାଯିବା ଆବଶ୍ୟକ ।

ପ୍ରକୃତିର ଆଶୀର୍ବାଦରୁ ଓଡ଼ିଶାରେ ପ୍ରାଣ ପୁଷ୍ଟିକର ପ୍ରଚୁର ବୃଷ୍ଟିପାତ ହୋଇଥାଏ । ରାଜ୍ୟର ବାର୍ଷିକ ବୃଷ୍ଟି-ପାତ ପରିମାଣରେ ବିଶେଷ ତାରତମ୍ୟ ଦେଖାଯାଏ ନାହିଁ । ମାତ୍ର ନିଶ୍ଚିତ ଭାବରେ କେତେକ ସମୟରେ ଅତିବୃଷ୍ଟି ହୋଇଥାଏ । ପ୍ରସଙ୍ଗକ୍ରମେ ଉଲ୍ଲେଖ କରାଯାଇ ପାରେ ଯେ ଅଦୂର ଭବିଷ୍ୟତରେ ସ୍ୱଚ୍ଛଜଳ ହେବ ଏକ ଅତୀବ ମୂଲ୍ୟବାନ ସଂପଦ । ଏଣୁ ଜଳ ସଂପଦର ବିକାଶ ତଥା ପରିଚାଳନା ପ୍ରତି ତୁରନ୍ତ ଧ୍ୟାନ ଦିଆଯିବା ଏକାନ୍ତ ଆବଶ୍ୟକ । ପ୍ରବଳ ବର୍ଷାର ପରିସମାପ୍ତି ଘଟୁ ବୋଲି ଆଶା କରିବା ଠିକ୍ ନୁହେଁ । ତେଣୁ ସଂପୃକ୍ତ ନଦୀ ଜଳ ସଂପଦର ସଦୁପଯୋଗ କରିବା ସଙ୍ଗେ ସଙ୍ଗେ ଏହାକୁ ଏକ ମୂଲ୍ୟବାନ ସଂପତ୍ତିରେ ପରିଣତ କରିବା ଦିଗରେ ଚେଷ୍ଟା କରାଯିବା ଉଚିତ ।

---

ନିର୍ଦ୍ଦେଶକ,
ପାଣିପାଗ କେନ୍ଦ୍ର,
ଭୁବନେଶ୍ୱର ।



# ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ଡାଏରୀ

ଶ୍ରୀ ହିମାଂଶୁ ଶେଖର ପାଢ଼ୀ

୧୯୮୨ ଅଗଷ୍ଟ ମାସ ୨୯ ତାରିଖ ସକାଳ। ମୁଖ୍ୟମନ୍ତ୍ରୀଙ୍କଠାରୁ ସମ୍ବାଦ ପାଇଲି ଫୁଲବାଣୀ-ବୌଦରେ ବନ୍ୟାବିପଦ ଆସନ୍ନ । ବର୍ଷା ଓ ବନ୍ୟାର ରିପୋର୍ଟ ସରକାରୀ ଭାବେ ଆସେ । ଫୁଲବାଣୀ ପାହାଡ଼ିଆ ଅଞ୍ଚଳ । ଏଠାରେ ହାରାହାରି ବାର୍ଷିକ ବୃଷ୍ଟିପାତ ଅପେକ୍ଷାକୃତ ଅଧିକ ଥାଏ । ଅଳ୍ପ ବ୍ୟବଧାନରେ ଅତ୍ୟଧିକ ବୃଷ୍ଟି ହେଲେ ପାହାଡ଼ିଆ ନଦୀଗୁଡ଼ିକ ଖୁବ୍ ଶୀଘ୍ର କ୍ଷିପ୍ର ହୋଇ ଉଠନ୍ତି । ନଦୀଗୁଡ଼ିକରେ ହୁହୁଁ ହୁହୁଁ ଜଳପ୍ରବାହ ମାଡ଼ି ଆସେ । ଶୁଖିଲା ପଡ଼ିଥିବା ନଦୀନାଳରେ ପ୍ରଖର ସ୍ରୋତ ବହେ । ମାତ୍ର ତାହା ବିଦ୍ୟୁତ୍‌ର ଝଲକପରି ଆସି ପୁଣି କମିଯାଏ । ସେ ଅଞ୍ଚଳରେ ରହୁଥିବା ଲୋକେ ନଦୀର ଏ ଢଙ୍ଗ ଭଲଭାବେ ଜାଣନ୍ତି । ଦୁଇ ତିନିଘଣ୍ଟା ଅପେକ୍ଷା କଲାପରେ ସାଧାରଣତଃ ଅବସ୍ଥା ବଦଳି ଆସେ ।

ଏ ଗଲା ଫୁଲବାଣୀ ସହର କଥା । ବଉଦ ଏ ଜିଲ୍ଲାର ଏକ ସବ୍‌ଡିଭିଜନ । ଏହାର ସ୍ଥିତି ଫୁଲବାଣୀ ସହର ଠାରୁ ଭିନ୍ନ । ପାହାଡ଼ିଆ ଜିଲ୍ଲାରେ ହେଲେ ମଧ୍ୟ ଏ ସବ୍‌ଡିଭିଜନଟି ଠିକ୍ ଉପକୂଳ ଅଞ୍ଚଳ ପରି ଏକ ସମତଳ ଜାଗା । ସାତକୋଶିଆ ଗଣ୍ଡଠାରୁ ଉପକୂଳେ ପ୍ରାୟ ଷାଠିଏ ମାଇଲ ପର୍ଯ୍ୟନ୍ତ ମହାନଦୀର ଧାରେ ଧାରେ ଦକ୍ଷିଣ ପାର୍ଶ୍ୱରେ ଏହା ଅବସ୍ଥିତ । ନଦୀ ସହିତ ସମାନ୍ତରାଳ ଭାବରେ ଆହୁରି ଟିକିଏ ଦକ୍ଷିଣ ପଟକୁ ଭୁବନେଶ୍ୱର-ବଲାଙ୍ଗୀର ରାସ୍ତା । କଳାହାଣ୍ଡି ଓ ଫୁଲବାଣୀର ପାହାଡ଼ ନାସିକୁ ବାଘ, ମେହେଶ୍ୱରୀ, ସାଲୁଙ୍କି ପରି କେତୋଟି ଛୋଟ ଛୋଟ ଉପନଦୀ ଏହି ରାସ୍ତାକୁ ଡେଇଁ ମହାନଦୀରେ ପଡ଼ିଛନ୍ତି । ମହାନଦୀର ମହାନତା ବୃଦ୍ଧି କରିବା ପାଇଁ ସେମାନେ ଚିର ଚଞ୍ଚଳ । କ୍ଷୁଦ୍ର ସର୍ପର ବିଷ ଭୟଙ୍କର ପରି ସେମାନଙ୍କ କଳେବର କ୍ଷୁଦ୍ର ହେଲେ ମଧ୍ୟ ସେମାନେ ଆଶାତୀତ ଜଳ ବୋହି ଆଣନ୍ତି । ବଉଦ ସବ୍‌ଡିଭିଜନଟି ଏହିପରି ମହାନଦୀ କୂଳରେ ଓ ଅନ୍ୟ କେତେକ ଗ୍ରାମ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିଲେ ମଧ୍ୟ ସମୁଦ୍ର ଯେପରି ରାଣ ଦେଲେ ପରି କେବେହେଲେ କୂଳ ଲଂଘେ ନାହିଁ, ସେହିପରି ମହାନଦୀରେ ଯାହିଁକି କ'ଣ ଜଳପ୍ରବାହ ଆସିଲେ ମଧ୍ୟ ବଉଦ କୂଳ ଲଂଘେ ନାହିଁ । ଯେତେ ଜଳ ଆସୁ—ସମସ୍ତ କେବଳ ନଦୀ ଶଯ୍ୟାରେ ଯାଏ । "ବଉଦରେ ବନ୍ୟା ବିପଦ ଆସନ୍ନ" ମୁଖ୍ୟମନ୍ତ୍ରୀଙ୍କ ଠାରୁ ଏହା ଶୁଣିଲେ ମଧ୍ୟ ମନରେ କମ୍ ଭୟ ଆସୁନଥାଏ । ଯାହାହେଉ, ଆଶ୍ୱସନା ଓ ଆତଙ୍କର ଦ୍ୱନ୍ଦ୍ୱରେ ପଡ଼ି ଫୁଲବାଣୀ ବାଟେ ବଉଦ ବାହାରିଲି ।

ଫୁଲବାଣୀରେ ପିଲସାଲକି ନଦୀର ପ୍ରାଦୁର୍ଭାବ ଦେଖି ଆଶ୍ଚର୍ଯ୍ୟ ହେଲି । ସତେ ଯେପରି ପିଲସାଲକି ରୂପରେ ବଜ୍ରଘାତ କରି ଦେଇ ସେ ଫୁଲବାଣୀ ସହରକୁ ଧ୍ୱଂସ-ବିଧ୍ୱଂସ କରି ଦେଇଛି । ବନ୍ୟାର ସ୍ରୋତ ସହର ମଧ୍ୟରେ ପୁଣି ବିଭୀଷିକା ସୃଷ୍ଟି କରିଛି । ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ଉପେନ୍ଦ୍ର ବାବୁ ୩୧ ତାରିଖ ଭୋରବେଳେ ଫୁଲବାଣୀ ଦେଖିବା ପାଇଁ ହେଲିକପ୍ଟରରେ ଓହ୍ଲାଇଲେ । ତାଙ୍କଠାରୁ ପୁଣି ବଉଦ ସମ୍ବାଦ ଶୁଣି ମୋର ହୃତ୍‌କମ୍ପ ହେଲା । ସଙ୍ଗେ ସଙ୍ଗେ ଉଭୟେ ହେଲିକପ୍ଟରରେ ବଉଦ ବାହାରିଲୁ । ଆକାଶ ମାର୍ଗରୁ ବଉଦ ବନ୍ୟାର କରାଳ ଚିତ୍ର ଦେଖି ଭୟଙ୍କର ସର୍ବାଙ୍ଗ ଥରି ଉଠିଲା । ବିଶ୍ୱାସ କରି ହେଉ ନାହିଁ—ଏହା ବୌଦ କି ନୁହେଁ । ସବ୍‌ଡିଭିଜନର ପ୍ରାୟ ସମସ୍ତ ସ୍ଥାନ ଜଳମଗ୍ନ । ମହାନଦୀ, ବାଘ, ସାଲୁଙ୍କି, ମେହେଶ୍ୱରୀ ଓ ତେଲନଦୀ ଇତ୍ୟାଦି ନଦୀର ଜଳଧାର ଏକତ୍ର ମିଶି ଅବାଧରେ ବିଭିନ୍ନ ଦିଗରେ ଚକାଭଉଁରୀ ଖେଳି ପ୍ରଖର ଗତିରେ ଚାଲିଛନ୍ତି । ଗାଁଗଣ୍ଡାର ସ୍ଥଳ ଉପରୁ ଟିକିଏ ଟିକିଏ ମାଟିଆ ଦେଖାଯାଉଛି । ଗଛଗୁଡ଼ିକ ଅଧାଅଧି ବୁଡ଼ିଯାଉଛି । କାଁ ଗାଁ ଉଚ୍ଚକୋଠାରେ ବା ଉଚ୍ଚ ସ୍ଥାନରେ ଲୋକମାନେ ଆଶ୍ରୟ ନେଇଛନ୍ତି । ନିଜ ନିଜର ଗଣ୍ଠିଲି ଧରି ଯାତ୍ରୀମାନେ ଟ୍ରେନକୁ ଅପେକ୍ଷା କଲାପରି କେଉଁଠି ବା ରାସ୍ତାରେ ଲୋକେ ପିଲାଛୁଆ ଧରି ବସିଛନ୍ତି । ଜନାକୀର୍ଣ୍ଣ ବଉଦର ଗାଁ ଗହଳି ଜନଶୂନ୍ୟ ଜଳାର୍ଣ୍ଣବରେ ପରିଣତ ହୋଇଛି । ବଉଦର ପୁରାତନ ରାଜବାଟୀ ନିକଟରେ ଥିବା ଅବୁଝା ଯାହା ଦୃଷ୍ଟିଗୋଚର ହେଉ । ବଉଦ ସହରର ପ୍ରାୟ ସମସ୍ତ ବିପନ୍ନ ଲୋକଙ୍କର ତାହା ହିଁ ଆଶ୍ରୟସ୍ଥଳୀ ହୋଇଛି । ପାଇଲଟଙ୍କୁ ଧନ୍ୟବାଦ । ଅତି ସତର୍କତା ସହ ସେ ହେଲିକପ୍ଟରକୁ ତଳକୁ ଆଣିବା ପରେ ଠିକ୍ ଟୁହମୁଁଙ୍କ ପାଖରେ ଆମେ ଓହ୍ଲାଇଲୁ । ଲୋକେ ଜମାହେଲେ । ଦୁଇଦିନ ଖାଇ ନଥିଲେ ମଧ୍ୟ କେହି ରିଲିଫ୍ ମାଗୁନାହାନ୍ତି, ଔଷଧ ମାଗୁ ନାହାନ୍ତି, ସମସ୍ତଙ୍କ ମୁହଁରେ ଗୋଟିଏ ପ୍ରଶ୍ନ—ଏକ'ଣ ହେଲା ?

ପ୍ରକୃତିର ତାଣ୍ଡବ ନୃତ୍ୟରେ ଜନତା ଶଙ୍କିତ, ଆତଙ୍କିତ ଓ ହତବାକ୍ । କାହାରି ଆଖିରେ ଲୁହ ନାହିଁ—ଲୁହ ସରିଗଲାଣି । ଶୁଣିଲି, ଠିକ୍ ପୂର୍ବଦିନ ରାତ୍ରିରେ ଯେତେବେଳେ ପ୍ରଳୟ ପ୍ରୟୋଧି ପରି ବନ୍ୟାପାଣି ଚତୁର୍ଦ୍ଦିଗରୁ ମାଡ଼ି ଆସିଲା, ସେତିକିବେଳକୁ ନାହିଁ ନଥିବା ଅନ୍ଧାର—ବର୍ଷା ଓ ଝଡ଼ । ସ୍ରଷ୍ଟାଙ୍କର ସୃଷ୍ଟିର ଏ କି ବୈଚିତ୍ର୍ୟ ! ବିପଦ କ'ଣ ଏହିପରି ଆସେ ! ପ୍ରଳୟଙ୍କରୀ ବନ୍ୟା ସାଥିକୁ ଅବିଶ୍ରାନ୍ତ ବର୍ଷା, ଅବିରାମ ଝଡ଼— କିଟି କିଟିଆ ଅନ୍ଧାର, ବାତ୍ୟା, ବତାସ ଓ ବିଦ୍ୟୁତ୍ । ବିଶ୍ୱନିୟନ୍ତାଙ୍କର ବିଧାନ ଅତି ଅବୋଧ୍ୟ । ଉପେନ୍ଦ୍ରବାବୁଙ୍କୁ ବାଙ୍କୀ ଯିବାକୁ ବିଦାୟ ଦେଇ ସହର ଭିତରେ ପଶିଲି । ସହର ଧ୍ୱସ୍ତ ବିଧ୍ୱସ୍ତ । ଖୁଲଘର ମାଟିକାନ୍ଥ ତ ଆଉ ନଥାଏ । କୋଠାଘରେ ତଳ ମହଲାରେ ପାଣି ପଶି ଜଂଘେ କାଦୁଅ । ଲୋକଙ୍କ ଗୋରୁ ଗାଈ, ଧାନଚାଉଳ, ଲୁଗାପଟା, ବାସନ କୁସନ, ଖଟପଲଙ୍କ, କବାଟ ଚଉକାଠ ସବୁ ନଷ୍ଟ ହୋଇଛି ଅଥବା ଭାସି ଯାଇଛି । ବଢ଼ିପାଣି ପଶିଯିବା ପରେ କେତେକ ସେଇ ଭୋକିଲା ପେଟରେ କାଦୁଅ ଆଡେଇ ଖୋଜୁଥାନ୍ତି ବାପ ଅଜା ଅମଳର ପେଟେରା, କଂସା, ଥାଳି—ଆଉ କାହୁଁ ଆସେ । ଯାହାହେଉ, ଅତି ତତ୍ପରତାର ସହ ସରକାରଙ୍କ ରିଲିଫ୍ ପହଞ୍ଚିବାରୁ ଜୀବନ ରହିଗଲା ।

ମଫସଲ ଗାଁର ଅବସ୍ଥା ଆହୁରି ମର୍ମନ୍ତୁଦ । ନଦୀ କୂଳେ କୂଳେ ଇତିହାସ ପ୍ରସିଦ୍ଧ ଜଗନ୍ନାଥ ସଡ଼କର ଭଗ୍ନାବଶେଷ ଏବେବି ରହିଛି । ସେଇ ସଡ଼କରେ ଯାଇ କୃଷ୍ଣମୋହନ ପୁର, ଦାମୋଦର ପୁର, ବାଲିପୁର, ବାଲିଅଣ୍ଡା, ବଘାରପାଲି, କରଡ଼ି, ଧବପୁର, ରାମଗଡ଼, ହରଭଙ୍ଗା, ତିରଢ଼, କୁମାରୀ ଓ ବଘିଆ ପଡ଼ା ରାସ୍ତାରେ ସାଲୁଙ୍କିର ବନ୍ୟାରେ ବିଧ୍ୱସ୍ତ ବଘିଆ ପଡ଼ା, ନୂଆପାଲି, ଇଣ୍ଡ୍ରିସିଙ୍ଗା, କମିରା, ମର୍ଯ୍ୟାଦପୁର, ପୁରୁନ୍ନ ଖମାରିପଡ଼ା ଓ କୁହୁଗରୀ ବୌଦ୍ଧ ସହର ନିକଟ ମହାନଦୀ କୂଳରେ କ୍ଷତିଗ୍ରସ୍ତ ଟୁଟୁସିଙ୍ଗା, ମଉସୁଣ୍ଡି, ଗମ୍ଭାରୀପଦର, ଗୋବିନ୍ଦପୁର, ଚଣ୍ଡିଗଲ, ସରଧାପୁର, ସାପ ଦୋହଲି, ଡମ୍ବରଗାଡ଼, ପୋଡ଼ଖାଲ, ମାନେଶ୍ୱର, ତେନ୍ତୁଳିପାଲି, ଟାଟରକିଲ, ବାଉଁଶୁଣୀ, ମହେଶ୍ୱରପିଣ୍ଡା ଅମୃଡ଼ା, ସାହୁପଡା ମନମୁଣ୍ଡା, ରତାଖଣ୍ଡି, ତୁଣ୍ଡୁମାଳ, ଆୟଗଡ଼ଣା, କିର୍ଲା, ଗବକୁର, ପଥର୍ଲା, ଲୁଡ଼ାପଡ଼ା, ଦପଲା, କମଗାଟ, ଗୁଆବାହାଲ ପ୍ରଭୃତି ମୁଁ ଦେଖିଲି ସବୁ ଜନଶୂନ୍ୟ । ଜୀବନ ବିକଳରେ କିଏ କେଉଁଆଡେ ଯାଇ ଆଶ୍ରୟ ନେଇଛନ୍ତି । ସୁଲିଗଲା ବେଳକୁ ସୁନ୍ଦର ସମତଳ ବାଲିସ୍ତର ତଳକୁ ଜଂଘେ କରି କାଦୁଅ । କାହାଘର କେଉଁଠି ଥିଲା ଚିହ୍ନି ହେଉନାହିଁ । ଗାଁ ଗଉଁଟିଆଙ୍କ ବୁନିଆଦିଗରା ଖାଲ ଖମାର ଦୋଖଲି ଘର ସହିତ ଗାଁ ମୁଣ୍ଡର ଗରିବର କୁଡ଼ିଆ ସମସ୍ତ ମାଟିରେ ମିଶି ଯାଇଛି । କେତେକ ସ୍ଥାନରେ ଶହ ଶହ ଏକର ଜମିଚଷ କରୁଥିବା ବିଶିଷ୍ଟ କୃଷୀଙ୍କ ଘର ନାହିଁ, ଶହେ ପୁଡଗ ଧାନ ଥିବା ଅମାର ନାହିଁ । କୋଳର କାଖର ପିଲାକୁ ଧରି କାଲିର ବୋହୂ କୁଆସୁଣୀଙ୍କ ସହିତ ଅଶୀବର୍ଷର ବାପମାଆଙ୍କୁ ନେଇ କିଏ କୁଆଡେ ଗଲେ—କିଏ ହଜିଗଲେ— କେହି କହିପାରୁ ନାହାନ୍ତି । ଧନୀ ଗରିବ ଆଜି ସମସ୍ତେ ଗୋଟିଏ ସ୍ତରରେ—ଗୋଟିଏ ଅବସ୍ଥାର ଦାସ ।

ଅଗଷ୍ଟ ୩୧ ତାରିଖଠାରୁ ସେପ୍ଟେମ୍ବର ୧୧ ତାରିଖ ପର୍ଯ୍ୟନ୍ତ ବୌଦ୍ଧର ପ୍ରାୟ ପ୍ରତ୍ୟେକ ବିପନ୍ନ ଅଞ୍ଚଳ ମୁଁ ବୁଲି ଦେଖିଲି । ସବୁଆଡେ ଏକାକଥା । ଘରଦ୍ୱାର ଭାଙ୍ଗି ଯାଇଛି— ଗୃହ ଭାସି ଯାଇଛି । ଗୃହ ଆସବାବପତ୍ର କିଛି ନାହିଁ । ଗୋରୁଗାଈ, ଛେଳି ମେଣ୍ଢା, କୁକୁର, ବିରାଡ଼ିଙ୍କ ଶବ ସବୁଆଡେ ପଡ଼ିଛି । ମାଠଲକ ଭିତରେ ତିନି ତିନିଟା ଘାଇ । ନଦୀକୂଳର ସବୁଜ କ୍ଷେତ ଦିପହର ଖରାରେ ମରୁଭୂମି ପରି ଦିଶୁଛି । ଗାଁ ମଣିଷ ଦୁଃଖ, ଭୟ ଓ ଚିନ୍ତାରେ ମ୍ରିୟମାଣ । ସେମାନଙ୍କ ଚେହେରା ମଡାଚଣ୍ଡିଆଙ୍କ ପରି ହୋଇଯାଇଛି । କିଏ କାହାକୁ କାହା ଦୁଃଖ କହିବ ? ମାଗୁଣୀର ନବଜାତ ପୁତ୍ର, ପୁରନ୍ଦରର ଝିଅ ସୁନ୍ଦରୀ, କୁଞ୍ଜର ଝିଅ ସରୋଜ, ଏକାଦଶୀର ଝିଅ ମଞ୍ଜୁ, ନିରଞ୍ଜନର ଝିଅ ମୈଥିଳୀ ହଜିଗଲେ । ଏଇମିତି ଭଣା ଅଧିକେ ଶୁଣା ଯାଉଛି, ପ୍ରତ୍ୟେକ ଗାଁରେ । ଏପଟେ କୁମାରୀଠାରୁ ସେପଟେ କମଗାଟ, ଗୁଆବାହାଲ ପର୍ଯ୍ୟନ୍ତ ପ୍ରାୟ ୨୦୦ ଗାଁରେ ସରକାରଙ୍କ ତତ୍ପରତା ପ୍ରଶଂସନୀୟ । ଅନ୍ୟାନ୍ୟ ବଦାନ୍ୟ ବ୍ୟକ୍ତି ଓ ସମାଜସେବୀ ଅନୁଷ୍ଠାନର ଅବଦାନ କମ୍ ନୁହେଁ । ଜୀବନକୁ ପାଣିଛଡ଼େଇ ବେଠିଆ ବେରେଣୀର ଶ୍ରୀସତ୍ୟ ନାରାୟଣ ମିଶ୍ରଙ୍କ ମାତ୍ର ନବମ ଶ୍ରେଣୀରେ ପଢୁଥିବା ପୁଅ ସୁଭାଷ, କୃଷ୍ଣମୋହନ ପୁରର ଏକା, ଦୁତିଆ, ହଜାରୀ ଓ ତେନ୍ତୁଳିପାଲିର ମାଗୁଣୀ, କାଉଁଶୁଣିର ଧୋବେଇ, ମାଲୁଣୀ— ଏମାନେ ଓ ଆଉ କେତେକ ଅପୂର୍ବ ସାହସ ଓ ତ୍ୟାଗ ଦେଖେଇଛନ୍ତି । କେତେ ମଣିଷଙ୍କ ଜୀବନ ରକ୍ଷିଛନ୍ତି । ଇତିହାସ ଏମାନଙ୍କୁ ମନେ ରଖିବ । ବଉଦର ବନ୍ୟା ବିପର୍ଯ୍ୟସ୍ତ ଲୋକଙ୍କର ଦୁଃଖର ମାତ୍ରା ଏତେ ଅଧିକ ଯେ କଳ୍ପନା କରିବା ସମ୍ଭବ ନୁହେଁ । ଲୋକଙ୍କ ଅର୍ଥନୈତିକ ଅଣ୍ଟାବଳ ଏକାବେଳେକେ ଭାଙ୍ଗି ପଡ଼ିଛି ।

ଏ ଦୁର୍ଦ୍ଦିନ, ଏ ବନ୍ୟା ଅଭୂତପୂର୍ବ, ଅପ୍ରତ୍ୟାଶିତ ସତ୍ୟ, ମାତ୍ର ବଉଦର ଭୌଗଳିକ ପରିସ୍ଥିତି ଦୃଷ୍ଟିରୁ ଏହା ଆଶଙ୍କାତୀତ ନୁହେଁ । ଫୁଲବାଣୀ ଜିଲ୍ଲାରେ କଳିଙ୍ଗାଠାରୁ ଦାରିଗୁଡା ପର୍ଯ୍ୟନ୍ତ ବ୍ୟାପି ରହିଥିବା ପାହାଡ଼ ନାସିରେ ବର୍ଷା ହେଲେ ଏହି ବୃଷ୍ଟିଜଳ ସାଲୁଙ୍କି, ବାଘ, ମେହେରୁଣୀ ପ୍ରଭୃତି ନଦୀ ଦେଇ ମହାନଦୀକୁ ଗଡ଼େ, ପୁଣି କଳାହାଣ୍ଡି ଜିଲ୍ଲାର ବୃଷ୍ଟିଜଳ ତେଲ ଓ ବଲାଙ୍ଗୀର ଜିଲ୍ଲାରେ ପ୍ରବାହିତ ଅଙ୍ଗ, ସୁକତେଲ ଇତ୍ୟାଦି ନଦୀ ମହାନଦୀକୁ ବର୍ଷାଜଳ ଯୋଗାଏ । ଏହିସବୁ ନଦୀ ହୀରାକୁଦ ଜଳଭଣ୍ଡାରର ଅଛି ନିମ୍ନଦେଶରେ ଅବସ୍ଥିତ । ଏହି ବୃଷ୍ଟିଜଳକୁ ଅଧିକ ଉପଯୋଗ ପରିମାଣ କିଛି ସମୟପାଇଁ ଅଟକାଇ ଦେବାକୁ ନାହିଁ । ନଦୀରେ କୌଣସିଠାରେ ପଥରବନ୍ଧ ବା ଡ୍ୟାମ୍ ନାହିଁ । ବର୍ଷାଋତୁରେ ଏଇ ନଦୀଗୁଡ଼ିକରେ ଅଜସ୍ର ଜଳ ବୋହି ଯାଇ ଅବବାହିକାରେ ବନ୍ୟା ସୃଷ୍ଟି କରେ କିନ୍ତୁ ଅନ୍ୟ ସମୟରେ ଏହା ପ୍ରାୟ ଶୁଖିଲା ପଡୁଥିବାରୁ ଏଠାର ଉପତ୍ୟକାରେ ମରୁଡ଼ିର ବିଭୀଷିକା ଲାଗି ରହିଥାଏ । ଗତ ପଚାଶ

ମାସ ୨୭, ୨୮ ଓ ୨୯ ତାରିଖରେ ଫୁଲବାଣୀ, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାରେ ଏକାବେଳେକେ ଆଶାତୀତ ବୃଷ୍ଟି ହେବାରୁ ସେ ସମସ୍ତ ଜଳ ଛୋଟ ନଦୀଗୁଡ଼ିକରେ ବହି ଆସି ଏପରି ପ୍ରଳୟଙ୍କରୀ ବନ୍ୟା ସୃଷ୍ଟି କଲା । ଖଡ଼ଙ୍ଗ, ଡାଘ, ମେହେରୁଣୀ, ପାଲୁଙ୍କି, ତେଲ, ଅଙ୍ଗ, ସୁରୁବାଲି, ଖାମ୍ଭଲି ପ୍ରଭୃତି ନଦୀରେ ସୁବିଧା ସ୍ଥାନ ଦେଖି ଜଳଭଣ୍ଡାର ନିର୍ମାଣ କରାଗଲେ ବନ୍ୟା ନିୟନ୍ତ୍ରଣ ହେବା ସଙ୍ଗେ ସଙ୍ଗେ ମରୁଡ଼ି ସମୟରେ ଜଳ ସେଚନ କରାଯାଇ ପାରିବ । ନଦୀ କୂଳେ କୂଳେ ପ୍ରତିରକ୍ଷା ବନ୍ଧ ହେଲେ ଗାଁ ରକ୍ଷା ହେବ । ଏଇ ପ୍ରସ୍ତାବ ମୁଁ ଗତ ୧୯୫୫ ମସିହାରୁ ଦେଇ ଆସୁଅଛି । ଏଥର ନାହିଁ ନଥିଲା ବନ୍ୟା ପରେ ଏହା ଉପଲବ୍ଧି କହଲଣି ଓ ମୁଖ୍ୟମନ୍ତ୍ରୀ ବାଘନଦୀ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଏକାଧିକବାର ପ୍ରକାଶ କରି ସାରିଛନ୍ତି ଓ ପ୍ରତିଶ୍ରୁତିବଦ୍ଧ ।

ଆଲୋକ-ଅନ୍ଧାର, ଦୁଃଖ-ସୁଖ ଓ ଉତ୍ଥାନ-ପତନ ମାନବ ଜୀବନରେ ଲାଗି ରହିଛି । ସାହସ ଓ ଧୈର୍ଯ୍ୟ ସହିତ ପରିବର୍ତ୍ତନ ପରିସ୍ଥିତିର ସମ୍ମୁଖୀନ ହୋଇ ଜୀବନ ସଂଗ୍ରାମରେ ମନୁଷ୍ୟ ଯୁଗେ ଯୁଗେ ବଢ଼ି ରହିଛି । ବୌଦବାସୀ ଏଥିରୁ ବ୍ୟତିକ୍ରମ ହେବେ ନାହିଁ ।

---

ଉପବାଚସ୍ପତି,
ଓଡ଼ିଶା ବିଧାନସଭା, ଭୁବନେଶ୍ୱର



# ସ୍ୱାଧୀନତା ଆମକୁ ମୁକ୍ତିର ସୁଯୋଗ ଦେଉଛି




"ରାଷ୍ଟ୍ରର ହିତ ନିମନ୍ତେ ଗୃହୀତ ଏହି କାର୍ଯ୍ୟସୂଚୀ ସାମଗ୍ରିକ ବିକାଶ ଯୋଜନା ସହିତ ଅଙ୍ଗାଙ୍ଗୀ ଜଡ଼ିତ । ଏଥିରେ ଏପରି କେତେକ କାର୍ଯ୍ୟକ୍ରମ ପ୍ରତି ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି ଯାହାର ରୂପାୟନ ଫଳରେ ଯୋଜନାର ସୁଫଳ ଦ୍ରୁତ ବିଭିନ୍ନ ଶ୍ରେଣୀର ଲୋକଙ୍କୁ ମିଳି ପାରିବ ।"

ଏହି କାର୍ଯ୍ୟକ୍ରମର ସଫଳ ସମ୍ପାଦନ ନିମନ୍ତେ ପ୍ରତ୍ୟେକ ନାଗରିକର ସାହାଯ୍ୟ ଓ ସହଯୋଗ ଲୋଡ଼ା । କ୍ରୀଡ଼ା ଦଳର ପ୍ରତ୍ୟେକ ଖେଳାଳୀ ପରି ଗୋଷ୍ଠୀଗତ ମନୋବୃତ୍ତି ନେଇ ନିଜନିଜର ନୈପୁଣ୍ୟ ପ୍ରଦର୍ଶନ କରିବା ଆସନ୍ତୁ ।

"ଏହି କାର୍ଯ୍ୟକ୍ରମ ଆପଣମାନଙ୍କ ପାଇଁ, ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କ ପାଇଁ ତଥା ଆମର ପ୍ରିୟତମ ରାଷ୍ଟ୍ର ପାଇଁ ଉଦ୍ଦିଷ୍ଟ ଯାହାର ସେବା କରିବାକୁ, ପରିଚାଳନ କରିବାକୁ ଓ ନିର୍ମାଣ କରିବାକୁ ଆମେ ଦୃଢ଼ ସଂକଳ୍ପ । ଏହାର ସଫଳ ରୂପାୟନ ନିମନ୍ତେ ମୁଁ ଆପଣମାନଙ୍କର ଅନ୍ତରଙ୍ଗ ଓ ଏକନିଷ୍ଠ ସହଯୋଗ କାମନା କରୁଛି

ପ୍ରଧାନମନ୍ତ୍ରୀ
—ଶ୍ରୀମତୀ ଇନ୍ଦିରା ଗାନ୍ଧୀ

davp 82/209

**ସ୍ୱାଧୀନତା ପ୍ରାପ୍ତିର ୩୫ତମ ବର୍ଷ —୯ମ ଏସୀୟ କ୍ରୀଡ଼ା ପର୍ବ ।**

# ୧୯୮୨ ବନ୍ୟା ଓ ରେଳପଥ

ଶ୍ରୀ ସାତକଡ଼ି ହୋତା



୧୯୮୨ ଅଗଷ୍ଟ ୨୯ ଓ ୩୦ ଏବଂ ସେପ୍ଟେମ୍ବର ୧ ଓ ୨ ତାରିଖରେ ଓଡ଼ିଶାର ୮ଟି ଜିଲ୍ଲା ଯଥା:—କଟକ, ପୁରୀ, ଫୁଲବାଣୀ, ଗଞ୍ଜାମ, ଢେଙ୍କାନାଳ, ବଲାଙ୍ଗୀର, କଳାହାଣ୍ଡି ଓ ସମ୍ବଲପୁରରେ ହୋଇଥିବା ଅଭୂତପୂର୍ବ ବନ୍ୟା ଯୋଗୁଁ ଧନଜୀବନର ବ୍ୟାପକ କ୍ଷୟକ୍ଷତି ଘଟିଛି । ଏହି ବନ୍ୟାର ଭୟାବହତା ଜନମାନସରେ ଅବିସ୍ମରଣୀୟ ହୋଇ ରହିବ । ୯ ହଜାର ବର୍ଗମାଇଲରୁ ଅଧିକ ଅଞ୍ଚଳ କ୍ଷତିଗ୍ରସ୍ତ ହେବା ସଙ୍ଗେ ସଙ୍ଗେ ୫ ନିୟୁତରୁ ଅଧିକ ଲୋକ ବିପନ୍ନ ହୋଇଛନ୍ତି । ପ୍ରଥମ ଥରପାଇଁ ଭୁବନେଶ୍ୱର-କଟକ ଓ ଭୁବନେଶ୍ୱର-ପୁରୀ ମଧ୍ୟରେ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହେବା ଫଳରେ ରାଜ୍ୟର ରାଜଧାନୀ ସହ ଉଭୟ ଦିଗରୁ ଗମନାଗମନ ବନ୍ଦ ହୋଇଥିଲା । ତେବେ, ଯାହାହେଉ, ବନ୍ୟାର ପ୍ରାଦୁର୍ଭାବ ରେଳ ଯୋଗାଯୋଗ ବ୍ୟବସ୍ଥାକୁ ସଂପୂର୍ଣ୍ଣ ପ୍ରତିହତ କରି ପାରି ନ ଥିଲା । କଟକ-ପାରାଦ୍ୱୀପ ରେଳପଥରେ କନ୍ଦରପୁରଠାରୁ ରାହାମା ମଧ୍ୟରେ ପ୍ରାୟ ୪୦ କିଲୋମିଟର ରେଳପଥ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିଲା । ପଶ୍ଚିମାଞ୍ଚଳ ଜିଲ୍ଲାଗୁଡ଼ିକରେ ପ୍ରବଳ ବନ୍ୟାଯୋଗୁଁ ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲା ବନ୍ୟା ବିପନ୍ନ ହୋଇଥିଲା । ତେଲ ନଦୀରେ ଗୁଡ଼ିଏ ଘାଇ ହେବା ଫଳରେ ରେଳପଥ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା । ଉଭୟ ପୂର୍ବ ଓ ପଶ୍ଚିମାଞ୍ଚଳକୁ ୨ ଦିନ ପର୍ଯ୍ୟନ୍ତ ରେଳ ଚଳାଚଳ ବନ୍ଦ ହୋଇ ଯାଇଥିଲା କିନ୍ତୁ ଅତିଶୀଘ୍ର ଆବଶ୍ୟକ ମରାମତି କାର୍ଯ୍ୟ ହେବା ପରେ ପୂର୍ବଭଳି ରେଳ ଚଳାଚଳ ହୋଇ ପାରିଥିଲା ।

ତିନିଦିନ ପର୍ଯ୍ୟନ୍ତ ନରାଜଠାରେ ମହାନଦୀ, କଟକଠାରେ କୁଆଖାଇ ଓ ପୁରୀ ଶାଖା ଲାଇନରେ ଭାର୍ଗବୀ ନଦୀର ଜଳସ୍ତର ରେଳବାଇ ବନ୍ଧଗୁଡ଼ିକର ବିପଦ ସଙ୍କେତ ଟପିଯିବା ସଙ୍ଗେ ସଙ୍ଗେ ଜଳର ଗତି ବନ୍ଧର ଉଭୟ ପାର୍ଶ୍ୱକୁ ଧକ୍କା ଦେଇଥିଲା । ନିକଟସ୍ଥ ଗ୍ରାମଗୁଡ଼ିକର ହଜାର



ହଜାର ଲୋକମାନଙ୍କୁ ଉଦ୍ଧାର କରାଯିବା ପୂର୍ବରୁ ସେମାନେ ରେଳପଥ ଉପରେ ବିଶେଷତଃ କଟକ ଓ ବାରଙ୍ଗ, କଟକ ଓ ଗୋରଖନାଥ ମଧ୍ୟରେ ଆଶ୍ରୟ ନେଇଥିଲେ । ନରାଜ-ରାହିଖାଲ ସେକ୍ସନର ୧୯ ନମ୍ବର ପୋଲ ନିକଟବର୍ତ୍ତୀ ସଂଯୋଗକାରୀ ବନ୍ଧ ଓ କଟକ-ବାରଙ୍ଗ ମଧ୍ୟରେ ମୁଖ୍ୟ ରେଳପଥର ୫୫୩ ନମ୍ବର କାଠଯୋଡ଼ି ପୋଲ ଧସିଯିବା ଯୋଗୁଁ କେତେ ସମୟ ପାଇଁ ଗମନାଗମନ ବନ୍ଦ କରିବାକୁ ପଡ଼ିଥିଲା । ଏହାପରେ ଗମନାଗମନ ବ୍ୟବସ୍ଥା ଶୁରୁ କରିବା ପାଇଁ ଖୁବ୍ ଅଳ୍ପ ସମୟ ମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ଇଂଜିନିୟରମାନଙ୍କ ଦ୍ୱାରା ଏହି ରାସ୍ତା ମରାମତି କରାଯାଇଥିଲା ।

ଏହି ବନ୍ୟା ଯୋଗୁଁ ତଥା ଦକ୍ଷେଇଘାଇଠାରେ ଘାଇ ହେବାଫଳରେ କଟକ ଜିଲ୍ଲାରେ ରେଳରାସ୍ତାର ପଶ୍ଚିମରେ ଜଗତସିଂହପୁର ଓ ପାରାଦୀପ ସବ୍‌ଡିଭିଜନର ବ୍ୟାପକ ଅଞ୍ଚଳ ପାଣିରେ ବୁଡ଼ିଗଲା । ବନ୍ୟାଜଳର ପ୍ରବଳ ସ୍ରୋତରେ ନଦୀ ବନ୍ଧ ଓ କେନାଲ ବନ୍ଧଗୁଡ଼ିକ ଭୁଶୁଡ଼ିବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳର ବାସଗୃହଗୁଡ଼ିକ କ୍ଷତିଗ୍ରସ୍ତ ହେଲା । ଅନେକ ସ୍ଥାନରେ ରେଳଧାରଣାଗୁଡ଼ିକ ରେଳପଥ ଉପରୁ ଯାଇ ପ୍ରାୟ ୩/୪ ମିଟର ଦୂରରେ ବଙ୍କି ଉଠି ଝୁଲୁଥିଲା । ଏହା ବ୍ୟତୀତ, ରେଳଧାରଣାଗୁଡ଼ିକ ମଧ୍ୟ ସାଂଘାତିକ ଭାବେ ବଙ୍କା ହୋଇଯାଇଥିଲା । ରେଳପଥ ବନ୍ଧ ପୁରାପୁରି ଧୋଇ ହୋଇ ଯାଇଥିଲା । ବଡ଼ ଖଣ୍ଡେଇତ ଓ ଗୋରଖନାଥ ଷ୍ଟେସନକୁ ଛିନ୍ନ







ପର୍ଯ୍ୟନ୍ତ ଯାଇ ହେଉ ନାହିଁ । ଏଠାରେ ପାଣି ଘେରରେ ଥିବା ରେଳ କର୍ମଚାରୀମାନେ ଘରର ଛାତ ଉପରେ ଆଶ୍ରୟ ନେଇଥିଲେ । ପରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା ।

ସମ୍ବଲପୁର-ବଲାଙ୍ଗୀର ରେଳରାସ୍ତା ଅତିଶୀଘ୍ର ମରାମତି ହୋଇପାରିଲା । କିନ୍ତୁ କଟକ-ପାରାଦୀପ ରେଳରାସ୍ତାର କ୍ଷତି ଏତେ ବ୍ୟାପକ ଯେ ଏହାର ପ୍ରାଥମିକ ମରାମତି କାର୍ଯ୍ୟ ବାବଦରେ ୪୦ ହଜାର କ୍ୟୁବିକ୍ ମିଟର ସିଣ୍ଡର୍ ଓ ୧୦ ହଜାର କ୍ୟୁବିକ୍ ମିଟର ବୋଲ୍ଡର ଆବଶ୍ୟକ ହେଲା । ଏହା ପ୍ରାୟ ୩,୧୦୦ ଓ୍ୱାଗନ୍ ବୋଝେଇ ଅଙ୍ଗାର (ସିଣ୍ଡର୍) ଓ ପଥରଢିମା (ବୋଲ୍ଡର) ସହ ସମାନ । ଏସବୁ ଅଗ୍ରାଧିକାର ଭିତ୍ତିରେ ନିକଟସ୍ଥ ରେଳବାଇ ଡିଭିଜନଗୁଡ଼ିକରୁ କଟକ-ପାରାଦୀପ ସେକ୍ସନ୍‌କୁ ପଠାଯାଇଥିଲା । ଏହି କାର୍ଯ୍ୟ ଅନ୍ୟାନ୍ୟ କ୍ଷେତ୍ର ଅଫିସର ଓ କର୍ମଚାରୀଙ୍କ ସହଯୋଗକ୍ରମେ ଜଣେ ଅତିରିକ୍ତ ମୁଖ୍ୟ ଇଞ୍ଜିନିୟରଙ୍କ ତତ୍ତ୍ୱାବଧାନରେ ଦିନରାତି ଲଗି କରାଯାଇଥିଲା ! ୧,୦୦୦ ଜଣ ଶ୍ରମିକ ନିରବଚ୍ଛିନ୍ନ ଭାବେ ୬ ସପ୍ତାହରୁ ଅଧିକ ସମୟ ଧରି ଏହି ମରାମତି କାର୍ଯ୍ୟ କରିଥିଲେ । ରେଳବାଇର ଚୂଡ଼ାନ୍ତ ମରାମତି କାର୍ଯ୍ୟ ସମୀକ୍ଷା କରିବା ସମୟରେ କ୍ଷୟକ୍ଷତିର ପୂର୍ଣ୍ଣ ଆବଶ୍ୟକତା ଜଣାଯିବ । ଉପରୋକ୍ତ ପରିମାଣର ସିଣ୍ଡର୍ ଓ ବୋଲ୍ଡର ପକାଇବା ପରେ ଚୂଡ଼ାନ୍ତ ମରାମତି କାର୍ଯ୍ୟ କରିବା ନିମନ୍ତେ ଅନେକ ଲକ୍ଷ କ୍ୟୁବିକ୍ ମିଟର ମାଟିକାମ, ୫ କିଲୋମିଟର ବ୍ୟାପୀ ରେଳପଥରେ ନୂଆ କାଠଧାରଣା (ସ୍ଲିପର୍) ଓ ୧୬ ହଜାର କ୍ୟୁବିକ୍ ମିଟର ବେଲଷ୍ଟିଂ ପ୍ରଭୃତି ଆବଶ୍ୟକ ହେବ ।

ଅନେକ ଜାଗାରେ ଟେଲିଫୋନ୍, ଟେଲିଗ୍ରାଫ୍ ଓ ବିଦ୍ୟୁତ୍ ଲାଇନଗୁଡ଼ିକ ଗୁରୁତର ଭାବେ ଧ୍ୱସ୍ତ ବିଧ୍ୱସ୍ତ ହୋଇଥିଲା । ଏହା ଫଳରେ ଯୋଗାଯୋଗ ବ୍ୟବସ୍ଥା ସଂପୂର୍ଣ୍ଣ ରୂପେ ବ୍ୟାହତ ହୋଇଥିଲା । ଅନେକ ଖମ୍ବ ଉପୁଡ଼ି ପଡ଼ିଥିଲା ଏବଂ ତାର ଛିଡ଼ିଯାଇଥିଲା । କିଛିଦିନ ପର୍ଯ୍ୟନ୍ତ ଯୋଗାଯୋଗ ବନ୍ଦ ହୋଇଯାଇଥିଲା । ହିସାବରୁ ଜଣାଯାଇଛି ଯେ ରେଳରାସ୍ତାର ସ୍ଥାୟୀ ମରାମତି କାର୍ଯ୍ୟ ଶେଷ ହେବାକୁ ୨ କୋଟି ଟଙ୍କା ଖର୍ଚ୍ଚ ହେବ । ପାରାଦୀପ ବନ୍ଦର ପର୍ଯ୍ୟନ୍ତ ଗମନାଗମନ ବ୍ୟବସ୍ଥା ୬ ସପ୍ତାହରୁ ଅଧିକ କାଳ ବନ୍ଦ ହେବା ଫଳରେ ଅତ୍ୟଧିକ ପରିମାଣରେ କ୍ଷତି ହୋଇଛି ।

---

ରେଳବାଇ ସମନ୍ୱୟ କମିଶନର୍,
ଓ ସ୍ୱତନ୍ତ୍ର ସଚିବ, ପରିବହନ
ବିଭାଗ

# ବନ୍ୟା ଓ ବିଦ୍ୟୁତ ବୋର୍ଡ଼

ଶ୍ରୀ ଅମିୟ କୁମାର ମୁଖାର୍ଜି

ଓଡ଼ିଶାର ପଶ୍ଚିମାଞ୍ଚଳରେ ଅଭୂତପୂର୍ବ ଅତିବୃଷ୍ଟି ଯୋଗୁଁ ମହାନଦୀ ଉପତ୍ୟକାର ବଲାଙ୍ଗୀର, ଫୁଲବାଣୀ ସମ୍ବଲପୁର, ଢେଙ୍କାନାଳ ଜିଲ୍ଲାରେ ପ୍ରବଳ ବନ୍ୟା ଦେଖା ଦେଲା । ଏହା ଫଳରେ ପୁରୀ ଓ କଟକ ଜିଲ୍ଲାର ତ୍ରିକୋଣ ଭୂମି ଅଞ୍ଚଳରେ ପ୍ରଳୟଙ୍କରୀ ବନ୍ୟା ସୃଷ୍ଟି ହେଲା । ଗଂଜାମ ଜିଲ୍ଲାରେ ମଧ୍ୟ ସେହିପରି ବନ୍ୟା ହୋଇ ଭଂଜନଗର ଅଞ୍ଚଳରେ ଥିବା ବିଦ୍ୟୁତ ବୋର୍ଡର ବୈଦ୍ୟୁତିକ ସରଞ୍ଜାମର ବ୍ୟାପକ କ୍ଷତି ଘଟାଇଲା ।

## କ୍ଷୟ କ୍ଷତିର ପରିମାଣ

ସାଂପ୍ରତିକ ବନ୍ୟା ରାଜ୍ୟ ବିଦ୍ୟୁତ ବୋର୍ଡର ୩୩ କେ: ଭି:, ୧୧ କେ: ଭି: ଲାଇନ ଓ ୩୩/୧୧ କେ: ଭି:, ୩୩/୪ କେ:ଭି:, ୧୦/୪କେ:ଭି: ସବ୍-ଷ୍ଟେସନର ପ୍ରଭୂତ କ୍ଷତି ଘଟାଇଲା । ବରଗଡ଼ ଓ ବଲାଙ୍ଗୀର ମଧ୍ୟରେ ଅଙ୍ଗ ନଦୀ ଉପର ଦେଇ ଯାଇଥିବା ୧୩୨ କେ: ଭି: ଟାୱାର ଓ ୬୬ କେ: ଭି: ଓ ୧୧ କେ: ଭି: ଲାଇନ ସଂପୂର୍ଣ୍ଣ ଭାବେ ବିଧ୍ୱସ୍ତ ହୋଇଗଲା । ଅଂଗ ନଦୀ ପାର ହୋଇ ଯାଇଥିବା ବିଦ୍ୟୁତ ଟାୱାର ବିଧ୍ୱସ୍ତ ହେବା ଫଳରେ ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାରେ ବିଦ୍ୟୁତ ସରବରାହ ସଂପୂର୍ଣ୍ଣ ବ୍ୟାହତ ହୋଇଥିଲା । ଏହା ବ୍ୟତୀତ କଟକ, ପୁରୀ, ଫୁଲବାଣୀ ଜିଲ୍ଲାର ବ୍ୟାପକ ଅଞ୍ଚଳ ଏବଂ ସମ୍ବଲପୁର ଓ ଗଞ୍ଜାମର କେତେକ ଅଞ୍ଚଳ ମଧ୍ୟ ଅନ୍ଧକାର ରହିଲା । ବିଭିନ୍ନ ଜିଲ୍ଲାର ବୈଦ୍ୟୁତିକ ସରଞ୍ଜାମ କ୍ଷୟ-କ୍ଷତିର ଏକ ତାଲିକା ପରିଶିଷ୍ଟ—୧ ରେ ଦିଆଗଲା ।

## କ୍ଷୟ କ୍ଷତିର ସମୀକ୍ଷା

ନଦୀ ବନ୍ଧ, କେନାଲ ବନ୍ଧ ଏବଂ ରାସ୍ତାରେ ବହୁ ପରିମାଣରେ ଘାଇ ହେବାରୁ ରାଜ୍ୟ ବିଦ୍ୟୁତ ବୋର୍ଡର ବିଦ୍ୟୁତ ସରବରାହ ଓ ବଣ୍ଟନ କ୍ଷେତ୍ରରେ ଘୋର ବିଭ୍ରାଟ ଦେଖା ଦେଲା । ବହୁ ସ୍ଥାନରେ ଟ୍ରାନ୍ସଫରମରଗୁଡ଼ିକ ପାଣିରେ ବୁଡ଼ି ରହିଲା । କେତେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟି ଓ ତାରରେ ବାଡ଼ି ମାଡ଼ିଗଲା । ବଉଦ କନ୍ଧମାଳ ଅଞ୍ଚଳର ବହୁ ସ୍ଥାନରେ ଓ କାଠଯୋଡ଼ି, ମହାନଦୀର ଅବବାହିକାରେ ଥିବା ଉଠା ଜଳସେଚନ ଯୋଜନାଗୁଡ଼ିକୁ ବିଦ୍ୟୁତ ଯୋଗାଉଥିବା ଉଚ୍ଚ ଶକ୍ତିସଂପନ୍ନ ଓ ନିମ୍ନ ଶକ୍ତିସଂପନ୍ନ ଲାଇନଗୁଡ଼ିକ ସଂପୂର୍ଣ୍ଣ ଭାବରେ ଭାସିଗଲା ।

କେତେକ ଅଞ୍ଚଳରେ ଗ୍ରାମବାସୀମାନେ ବିଦ୍ୟୁତ ଲାଇନ କଣ୍ଡକ୍ଟରକୁ ଦଉଡ଼ି ରୂପେ ବ୍ୟବହାର କରି ନଦୀର ବନ୍ୟା ସ୍ରୋତ ପାରି ହେଲେ । ଏଣୁ ଉକ୍ତ ବିଦ୍ୟୁତ ତାରଗୁଡ଼ିକ ବହୁତ ପରିମାଣରେ କ୍ଷତି ହୋଇଛି । ବ୍ୟାପକ ଅଞ୍ଚଳକୁ ବିଦ୍ୟୁତ ଯୋଗାଉଥିବା କେନ୍ଦ୍ରାପଡ଼ାର ୧୩୨/୩୩ କେ: ଭି: ସବ୍ଷ୍ଟେସନର ସୁଇଚ୍ ୟାର୍ଡ ମଧ୍ୟରେ ବନ୍ୟା ଜଳ ପ୍ରବେଶ କରିବାରୁ ଏହି ବିଦ୍ୟୁତ କେନ୍ଦ୍ରକୁ ବନ୍ଦ କରି ଦିଆଗଲା । ସେହିପରି କଟକ ସହରକୁ ବିଦ୍ୟୁତ ଶକ୍ତି ଯୋଗାଉଥିବା ୨୫ ଏମ୍: ଭି: ଏ: ୩୩/୧୧ କେ: ଭି: ଖପୁରିଆଗଡ଼ ସବ୍-ଷ୍ଟେସନରେ ବନ୍ୟା ଜଳ ପ୍ରବେଶ କରି ୧୧ କେ: ଭି: କଣ୍ଟ୍ରୋଲ ପାନେଲ, କରେଣ୍ଟ ଟ୍ରାନ୍ସଫର୍ମର ଓ କଣ୍ଟ୍ରୋଲ କେବୁଲ ନଷ୍ଟ କରିଦେଲା ।

## ବିଦ୍ୟୁତ ଶକ୍ତିର ପୁନଃ ସଂଯୋଗ

ବନ୍ୟା ଜଳ ପଡ଼ନ ବହୁ ଉଚ୍ଚକୁ ଉଠିଥିବା ଗ୍ରାମାଞ୍ଚଳରେ ବିଦ୍ୟୁତ ଜନିତ ବିପଦ ଏଡ଼ାଇବା ପାଇଁ ଅଧିକାଂଶ ୧୧ କେ: ଭି: ଲାଇନଗୁଡ଼ିକ ବନ୍ଦ କରି ଦିଆଯାଇଥିଲା । ଏହି ସମୟୋଚିତ ପଦକ୍ଷେପ ଫଳରେ ବହୁ ମନୁଷ୍ୟ ଓ ଗୋରୁଗାଈ ମୃତ୍ୟୁ ମୁଖରୁ ରକ୍ଷା ପାଇଛନ୍ତି । ଅନେକ ଅଞ୍ଚଳ ବହୁ ଦିନ ଧରି ବନ୍ୟା ଜଳରେ ବୁଡ଼ି ଯାଇଥିବାରୁ ସେ ଅଞ୍ଚଳକୁ ଯାତାୟାତ କରିବାର ସୁବିଧା ନ ଥିଲା । ପ୍ରଥମରୁ ବନ୍ୟା ପିଡ଼ିତ ଅଞ୍ଚଳମାନଙ୍କୁ ଯିବା ଯଦିଓ କଷ୍ଟକର ହେଉଥିଲା, ବନ୍ୟା ଜଳ ହ୍ରାସ ପାଇବା ମାତ୍ରେ ତୁରନ୍ତ ବିଚ୍ଛିନ୍ନ

ଅଞ୍ଚଳକୁ ବିଦ୍ୟୁତ ପୁନର୍ବାର ଦିଆଗଲା । ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲା ଏବଂ ଫୁଲବାଣୀର ବୌଦ ଅଞ୍ଚଳ ବ୍ୟତୀତ ବନ୍ୟାର ୪ । ୫ ଦିନ ମଧ୍ୟରେ ରାଜ୍ୟର ସମସ୍ତ ଅଞ୍ଚଳକୁ ବିଦ୍ୟୁତ ଯୋଗାଇ ଦିଆଯାଇଥିଲା । ସେପ୍ଟେମ୍ବର ୪ ତାରିଖ ମଧ୍ୟରେ କେତେକ କଟକଣା ରଖାଯାଇ ଭବାନିପାଟଣା ଓ ବଲାଙ୍ଗୀରର ଅତ୍ୟାବଶ୍ୟକ ସଂସ୍ଥାମାନଙ୍କୁ ବିଦ୍ୟୁତ ଯୋଗାଇ ଦିଆଯାଇଥିଲା । ନୂତନ ୧୩୨ କେ: ଭି: ଟାୱାର ନିର୍ମାଣ କାର୍ଯ୍ୟକୁ ସାମୟିକ ଭାବରେ ସ୍ଥଗିତ ରଖାଯାଇ ଅନ୍ୟ ଉପାୟରେ ୩ ଏମ୍: ଭି: ଏ: ବିଦ୍ୟୁତ ଶକ୍ତି ୩୩ କେ: ଭି: ଲାଇନରେ ଉପରୋକ୍ତ ଜାଗାମାନଙ୍କୁ ଦିଆଯାଇଛି । ସେପ୍ଟେମ୍ବର ୧୫ ସୁଦ୍ଧା କଟକ ଓ ପୁରୀ ଜିଲ୍ଲାର ସମସ୍ତ ବୁଡ଼ ମହକୁମାକୁ ବିଦ୍ୟୁତ ଶକ୍ତି ଯୋଗାଇ ଦିଆଯାଇଛି ।

## ମରାମତ ଖର୍ଚ୍ଚ

ରାଜ୍ୟ ବିଦ୍ୟୁତ ବୋର୍ଡର ଇଂଜିନିୟରମାନେ କ୍ଷୟକ୍ଷତିର ପୂର୍ଣ୍ଣ ବିବରଣୀକୁ ଅପେକ୍ଷା ନ କରି ବିଦ୍ୟୁତ ପୁନଃ ସଂଯୋଗ କାର୍ଯ୍ୟରେ ଲାଗି ପଡ଼ିଛନ୍ତି । ବର୍ତ୍ତମାନ ସୁଦ୍ଧା ମିଳିଥିବା କ୍ଷୟ କ୍ଷତିର ବିବରଣୀରୁ ଜଣାଯାଏ ଯେ ମୋଟ ଖର୍ଚ୍ଚର ପରିମାଣ ପ୍ରାୟ ୩୬୬ ଲକ୍ଷ ଟଙ୍କା ହେବ ।

ବର୍ତ୍ତମାନ ମାଟିର ଅବସ୍ଥା ଅନୁକୂଳ ନ ଥିବାରୁ ଏବଂ ଶୀଘ୍ର ବିଦ୍ୟୁତ ଶକ୍ତି ଯୋଗାଇବାକୁ ପଡୁଥିବାରୁ ସ୍ଥାୟୀ ନର୍ମାଣ କାର୍ଯ୍ୟ ସଂମ୍ଭବ ନୁହେଁ । ତେଣୁ ସ୍ଥାୟୀ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ କିଛି ସମୟ ବିଳମ୍ବ ହେବ ।

ହୀରାକୁଦ ଓ ବାଲିମେଳା ଜଳ ଭଣ୍ଡାରରୁ ବିଦ୍ୟୁତ ଉତ୍ପାଦନ ହ୍ରାସ ପାଇବା ଫଳରେ ବିଦ୍ୟୁତ ଯୋଗାଣ କମାଇ ଦିଆଯାଇଥିଲା ଓ ଏହା ଯୋଗୁ ବିଦ୍ୟୁତ ରାଜସ୍ୱ ବାବଦ ଆୟ କମି ଯାଇଥିଲା । ଠିକ୍ ସେତିକିବେଳେ ଅର୍ଥାତ୍ ଗତ ଜୁନ ମାସରେ ରାଜ୍ୟରେ ପ୍ରବାହିତ ପ୍ରଚଣ୍ଡ ବାତ୍ୟାରେ ବିଦ୍ୟୁତ ବୋର୍ଡ ପ୍ରକୃତି କ୍ଷତିର ସମ୍ମୁଖୀନ ହେଲା । ବିଦ୍ୟୁତ କଟକଣା ଉଠାଇ ଦେଇ ସ୍ୱାଭାବିକ ବିଦ୍ୟୁତ ଯୋଗାଣ ବଜାୟ ରଖିବା ପୂର୍ବରୁ ବିଦ୍ୟୁତ ବୋର୍ଡକୁ ବନ୍ୟା ଜନିତ କ୍ଷୟକ୍ଷତି ସହିବାକୁ ପଡ଼ିଲା । ଏଣୁ ସ୍ୱାଭାବିକ ବିଦ୍ୟୁତ ଯୋଗାଣ ଦିଗରେ ତୁରନ୍ତ ବ୍ୟବସ୍ଥା ନ କଲେ ବୋର୍ଡକୁ ଅନେକ ଅସୁବିଧା ଭୋଗ କରିବାକୁ ପଡ଼ିବ ଏବଂ ସ୍ୱାଭାବିକ ଉନ୍ନୟନ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହେବ ।

**1.** ବନ୍ୟା ଫଳରେ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାର କ୍ଷୟକ୍ଷତି କଳନା ଏବଂ ସେଗୁଡ଼ିକ ଭରଣା କରିବା ସଂପର୍କରେ ସମୀକ୍ଷା

| | | |
|---|---|---|
| ୧ । ୩୩ କେ: ଭି: ଲାଇନ | .. | ୨୨ କି: ମି: |
| ୨ । ୧୧ କେ: ଭି: ଲାଇନ | .. | ୧୮୫ କି: ମି: |
| ୩ । ଏଲ୍: ଟି: ଲାଇନ (୩ ପି:ଏଚ୍ ଓ ୧ ପି: ଏଚ୍:) । | | ୨୪୭ କି: ମି: |
| ୪ । ୩୩/୧୧ କେ: ଭି: ଏସ୍/ଏସ୍ (୧,୬୦୦ ଏବଂ ୬୩୦ କେ: ଭି: ଏ:) । | | ୫ ଟି |
| ୫ । ୧୧/୦·୪ କେ: ଭି: ଏସ୍/ଏସ୍ । | | ୩୯୫ ଟି |
| ୬ । ସର୍ଭିସ ସଂଯୋଗ— | | |
| (୧) ସିଙ୍ଗ୍ଲ ଫେଜ୍ | .. | ୧୫,୫୪୦ |
| (୨) ଥ୍ରୀ ଫେଜ୍ | .. | ୧,୯୧୦ |
| ୭ । ରାସ୍ତା ଲାଇଟ ଫିଟିଂ | .. | ୮୦୦ ଟି |

**2.** । ଇ: ଏଚ୍: ଟି: ବ୍ୟବସ୍ଥା ଏବଂ ବୃହତ ୩୩/୧୧ କେ: ଭି: ଏସ୍ / ଏସ୍:—

| | |
|---|---|
| (୧) ୧୩୨ କେ: ଭି: ଏସ୍ / ସି: ଲାଇନ । | ୧୯ କି: ମି: |
| (୨) ୬୬ କେ: ଭି: ଏସ୍ / ସି: ଲାଇନ । | ୬ କି: ମି: |
| (୩) ବୃହତ ୩୩ / ୧୧ କେ:ଭି: ଏସ୍/ଏସ: । | ୧ ଟି |



## ପରିଶିଷ୍ଟ—ଖ

### କ୍ଷତିଗ୍ରସ୍ତ ହୋଇଥିବା ବିଦ୍ୟୁତ ଯୋଗାଣ ବ୍ୟବସ୍ଥାର ସବିଶେଷ ବିବରଣୀ

| କ୍ରମିକ ନମ୍ବର | ଜିଲ୍ଲାର ନାମ | ଡିଭିଜନର ନାମ | କ୍ଷତିଗ୍ରସ୍ତ ହୋଇଥିବା ଲାଇନ୍ (କି: ମି: ହିସାବରେ) | | | କ୍ଷତିଗ୍ରସ୍ତ ସବ୍‌ଷ୍ଟେସନ ୩୩/୧୧ କେ. ଭି. ୧୧/୦.୪ କେ. ଭି. | | କ୍ଷତିଗ୍ରସ୍ତ ସର୍ଭିସ ସଂଯୋଗ | | କ୍ଷତିଗ୍ରସ୍ତ ରାସ୍ତା ଲାଇଟ୍ | କ୍ଷତିଗ୍ରସ୍ତ ସିରିଲ ନିର୍ମାଣ କାର୍ଯ୍ୟ | ଅନ୍ୟାନ୍ୟ | ମନ୍ତବ୍ୟ |
|---|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧ | ବଲାଙ୍ଗୀର .. | ଇ. ସି.ଡ଼ି. ବଲାଙ୍ଗୀର .. | ୪୫ | ୧୮୫ | ୧୩୭ | ୧ | ୮ ୩୩/୪ କେ.ଭି. | ୧୩୦ | ୮ | ୨୦. | ଗୋଟିଏ ମରାମତି କେନ୍ଦ୍ର ଗୃହ । | .. | |
| | ” | ବି. ଇ. ଡ଼ି. ବଲାଙ୍ଗୀର .. | ୧୪ | ୧୧୩ | ୨୮୭ | ନାହିଁ | ୬୬ | ୧,୨୪୫ | ୬୬୫ | ୨୨୦ | ବଲାଙ୍ଗୀର ଓ ସୋନପୁର ଇ. ଏସ୍. ଓ. ଅଫିସ | | |
| | ” | ଏସ୍. ଇ. ଡ଼ି. ସମ୍ବଲପୁର .. | ନାହିଁ | ୫ | ୩ | ନାହିଁ | ନାହିଁ | ୫୦ | ୩୨ | ୨୦ | .. | | |
| | | ମୋଟ .. | ୪୯ | ୩୦୩ | ୪୨୭ | ୧ | ୬୬+ ୮ (୩୩/୪ କେ. ଭି.) | ୧,୪୩୫ | ୬୬୮ | ୨୬୦ | .. | | |
| ୨ | କଟକ .. | ବି. ଡ଼ି. ଡ଼ି. ଭୁବନେଶ୍ୱର .. | ୫୬ | ୨୧୦ | ୨୯୫ | ୨ | ୨୬ | ୬୪୦ | ୨୨୫ | ୧୦୦ | ୫ଟି ଇଞ୍ଜିନିୟର ଘର, ୨୦ଟି ଟ୍ରାନ୍ସଫରମର ବେଦୀ । | | |
| | ” | ଇ. ସି. ଡ଼ି. ଜଗତସିଂହପୁର | ୪୨ | ୫୩୦ | ୬୨୫ | ୨ | ୨୧୦ | ୫,୦୦୦ | ୩୦୦ | ୧୦୦ | | | |
| | ” | କେ. ଇ. ଡ଼ି କେନ୍ଦ୍ରାପଡ଼ା .. | ୧୦ | ୫୮ | ୧୧୮ | .. | ୬୯ | ୧,୬୦୦ | ୮୦ | .. | .. | | |
| | ” | ଇ. ସି. ଡ଼ି. ମାର୍ଶାଘାଇ .. | ୪୦ | ୨୦୦ | ୨୨୫ | ୧ | ୧୦୫ | ୧,୦୦୦ | ୮୦ | ୨୫ | .. | | |
| | ” | ସି. ଇ. ଡ଼ି. କଟକ .. | ୨୫ | ୬୦ | ୫୦ | .. | ୫୫ | ୫୦୦ | ୬୦ | ୬୦ | .. | | |
| | .. | କେ. ଇ. ଡ଼ି. ଖୋର୍ଦ୍ଧା .. | ୬୪ | ୨୩ | ୬୦ | ୧ | ୧୫ | ୬୨୫ | ୪୯ | ୧୫୦ | .. | .. | |
| | | ଇ. ସି. ଡ଼ି. ଖୋର୍ଦ୍ଧା .. | ୧ | ୬୨ | ୩୨ | ୧ | ୧୨ | ୯୪୫ | ୫୨ | .. | .. | | |
| | | | ୨୩୮ | ୧,୧୫୩ | ୧,୪୦୫ | ୬ | ୪୯୨ | ୧୦,୪୨୦ | ୮୬୬ | ୪୩୫ | .. | | |

| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
|---|---|---|---|---|---|---|---|---|---|---|---|---|---|
| ୩ | ଢେଙ୍କାନାଳ | ଇ. ସି. ଡ଼ି. ଅନୁଗୁଳ .. | ୨୨ | ୨୬ | ୧୯ | .. | ୮ | ୧୫୦ | ୪୫ | ୧୫ | .. | | |
| ୪ | ଫୁଲବାଣୀ | ପି. ଇ. ଡ଼ି. ଫୁଲବାଣୀ .. | ୬୯ | ୩୨୬ | ୧୯୨ | ୬ | ୧୮୬ | ୯୦୦ | ୧୦୪ | ୧୦୨ | ଫ୍ୟୁଜ୍ କଲ୍ କେନ୍ଦ୍ର—୧୬ଟି | .. | |
| ୫ | ଗଞ୍ଜାମ | ଦ. ଇ. ଡ଼ି. ଭଞ୍ଜନଗର .. | ୧ | ୧୦ | ୧୦ | .. | .. | .. | .. | .. | .. | .. | |
| ୬ | ପୁରୀ | ଡ଼ି. ଇ. ଡ଼ି. ଭୁବନେଶ୍ୱର .. | ୧୦ | ୧୦ | ୨୫ | ନାହିଁ | ୧୧ | ୪୦ | ୧୦ | .. | ୧୦ଟି ଟ୍ରାନ୍ସଫରମର ବେଡୀ | | |
| | " | ପି. ଇ. ଡ଼ି. ପୁରୀ .. | ୪ | ୬୫ | ୬୫ | ୩ | ୧୧ | ୧,୩୧୫ | ୬୦ | ୫ | (କ) ଦେଲଙ୍ଗ<br>(ଖ) ଉରଲା<br>(ଗ) କାକଟପୁର ଲଇନ-ମ୍ୟାନ ଘର | | |
| | | କେ. ଦ ଡ଼ି. ଖୋର୍ଦ୍ଧା | ୫ | ୧୧ | ୨୦ | ୧ | ୯ | .. | .. | .. | ଲଇନମ୍ୟାନ ଘର | | |
| | " | ଇ. ସ. ଡ଼ି. ଖୋର୍ଦ୍ଧା .. | .. | ୧୧୫ | ୭୨ | .. | ୨୯ | ୨,୨୨୦ | ୫୬ | ୨୦ | .. | | |
| | | ମୋଟ .. | ୧୯ | ୨୦୧ | ୧୮୨ | ୪ | ୬୦ | ୨,୫୬୫ | ୧୨୬ | ୨୫ | .. | | |
| ୭ | ସମ୍ବଲପୁର | .. ବ. ଇ. ଡ଼ି. ବରଗଡ଼ .. | ୨ | ୩୨ | ୨୦ | ନାହିଁ | ୧୨ | ୮୦ | ୯ | ୬ | .. | .. | .. |
| | | ମୋଟ .. | ୨ | ୩୨ | ୨୦ | ନାହିଁ | ୧୨ | ୮୦ | ୯ | ୩ | .. | .. | .. |
| | | ସର୍ବମୋଟ .. | ୪୧୦ | ୨,୦୫୧ | ୨,୨୫୫ | ୧୮ | ୮୨୫<br>+୮<br>୩୩/୦·୪ ଏସ୍/ଏସ୍ | ୧୫,୫୬୦ | ୧,୯୨୯ | ୮୪୦ | .. | .. | .. |

# ବହୁଆଶୀ ବନ୍ୟା

ଶ୍ରୀ ସୁଦାମ ଚରଣ ପଟ୍ଟନାୟକ

ସ୍ମରଣାତୀତ କାଳରୁ ତ୍ରିକୋଣ ଭୂମି ତୁଲ୍ୟ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକ ବନ୍ୟା ବିପର୍ଯ୍ୟୟର ଶିକାର ହୋଇଆସିଛି । ଆମ ଦେଶ ଓ ନଦନଦୀର ଉତ୍ପତି ଯେତିକି ପୁରାତନ, ତ୍ରିକୋଣଭୂମି ଅଞ୍ଚଳରେ ବନ୍ୟା ଆସିବା ସେଭଳି ଏକ ସ୍ୱାଭାବିକ ଘଟଣା । ମାତ୍ର ଏଇ ବନ୍ୟା ବିପର୍ଯ୍ୟୟର ଅନ୍ତରାଳରେ ଲୁକ୍କାୟିତ ହୋଇ ରହିଛି ଜନସାଧାରଣଙ୍କ ଦୁଃଖଦୁର୍ଦ୍ଦଶାର ଯାଉନ୍ତ ତଥା ଦୁଃଖାବହ କାହାଣୀ । ଊନବିଂଶ ଶତାବ୍ଦୀର ପ୍ରଥମ ତିନି ଦଶନ୍ଧିର ପ୍ରାକ୍ କାଳରେ ବନ୍ୟା ବିପତ୍ତି ଓଡ଼ିଶାରେ ବିଶେଷ ଉଦ୍‌ବେଗ ସୃଷ୍ଟି କରିଥିଲା । ଜୀବନଧାରଣ ପାଇଁ ଅବିରାମ ଉଦ୍ୟମ କରିବା ବେଳେ ମଣିଷକୁ ସଦା ସର୍ବଦା ପ୍ରକୃତି ବିରୁଦ୍ଧରେ ସଂଗ୍ରାମ କରିବାକୁ ପଡ଼ିଛି ଏବଂ ବେଳେ ବେଳେ ଏ କ୍ଷେତ୍ରରେ ସଫଳତା ହାସଲ କରିବା ହୁଏତ ସମ୍ଭବ ହୋଇଛି । ପ୍ରକୃତି କିନ୍ତୁ ଅଧିକ କ୍ରୁଦ୍ଧା ହୋଇ ବ୍ୟାପକ ଭାବେ କ୍ଷୟକ୍ଷତି, ଜୀବନହାନି ତଥା ଧ୍ୱଂସ ସାଧନ କରିଛି ।

## ବନ୍ୟାର କାରଣ

ଗ୍ରୀଷ୍ମମଣ୍ଡଳୀୟ ଅଞ୍ଚଳ ମଧ୍ୟରେ ଆମ ରାଜ୍ୟ ଅବସ୍ଥିତ । ଓଡ଼ିଶା ଉପକୂଳରେ ଜୁନ ମାସ ଦ୍ୱିତୀୟ ସପ୍ତାହ ମଧ୍ୟରେ ସାଧାରଣତଃ ଦକ୍ଷିଣ -ପଶ୍ଚିମ ମୌସୁମୀ ବାୟୁ ପ୍ରବାହ ଗତି କରିଥାଏ । ଅସ୍ୱାଭାବିକ ପାଗ ପରିସ୍ଥିତି ଯୋଗୁଁ ଅବଶ୍ୟ ଏହାର ଆଗମନ ବେଳେ ବେଳେ ବିଳମ୍ବ ହୋଇଥାଏ । ରାଜ୍ୟରେ ସମଗ୍ର ବୃଷ୍ଟିପାତର ଶତକଡା ୭୫ ଭାଗରୁ ୯୦ ଭାଗ ଯାଏଁ ବର୍ଷା ଦକ୍ଷିଣ -ପଶ୍ଚିମ ମୌସୁମୀ ବାୟୁ ପ୍ରବାହ ଯୋଗୁଁ ହୋଇଥାଏ । ସାରା ବର୍ଷ ଭିତରେ ସାଧାରଣତଃ ଅଗଷ୍ଟ ମାସରେ ସର୍ବାଧିକ ବୃଷ୍ଟିହୁଏ । ଜୁଲାଇ ଓ ଅଗଷ୍ଟ ମାସରେ ପୁଞ୍ଜିଭୂତ ମେଘମାଳା ସମଗ୍ର ଆକାଶକୁ ଆଚ୍ଛାଦିତ କରିଥାଏ । ବଙ୍ଗୋପସାଗରରେ ବର୍ଷାଋତୁ ମଧ୍ୟରେ ସାଧାରଣତଃ ୮ -୧୦ ଟି ଲଘୁଚାପ ସୃଷ୍ଟି ହୋଇଥାଏ ଏବଂ ଲଘୁଚାପଜନିତ ଝଡବତାସ ଉତ୍ତର-ପଶ୍ଚିମ ଦିଗକୁ ପ୍ରବାହିତ ହୁଏ । ଏହି ଲଘୁଚାପ କେନ୍ଦ୍ରୀଭୂତ ହୋଇ ଓଡ଼ିଶାର ସମସ୍ତ ନଦୀଗୁଡ଼ିକର ଉପର ମୁଣ୍ଡରେ ପ୍ରବଳ ବୃଷ୍ଟିପାତ ହୁଏ ।

## ସମୁଦ୍ର ଜଳପତ୍ତନର ଉଜାଣି ଢେଉ :

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ପ୍ରବାହ ଯୋଗୁଁ ବଙ୍ଗୋପସାଗର ଓ ନଦୀ ମୁହାଣ ଗୁଡ଼ିକର ଜଳକୁ ଦକ୍ଷିଣ-ପଶ୍ଚିମ ଦିଗକୁ ଗତିକରାଏ ଏବଂ ନଦୀ ମୁହାଣରେ ଜଳପତନ ବୃଦ୍ଧିପାଏ । ପୂର୍ଣ୍ଣିମା ଯୋଗୁଁ ସମୁଦ୍ରରେ ଜୁଆର ସୃଷ୍ଟିହୋଇ ଉଜାଣି ବହିଥାଏ । ଏହା ଫଳରେ ନଦୀଜଳ ଖଲାସ ହୋଇପାରେ ନାହିଁ ଏବଂ ଜଳପ୍ରବାହ ମାତ୍ରା ହ୍ରାସପାଏ । ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ଯେ ବଡଧରଣର ବନ୍ୟା ସାଧାରଣତଃ ପୂର୍ଣ୍ଣିମା ଓ ଅମାବାସ୍ୟାକାଳୀନ ଜୁଆର ସମୟରେ ଘଟିଥାଏ । ୧୯୮୨ ମସିହାର ବନ୍ୟା ଏହାର ଏକ ଜ୍ୱଳନ୍ତ ଉଦାହରଣ ।

## ବାଲିବନ୍ଧ ଓ ବାଲୁକା ସ୍ତୂପ :

ବନ୍ୟାର ତୃତୀୟ କାରଣ ହେଉଛି, ଦକ୍ଷିଣା ପବନ ଯୋଗୁଁ ସମୁଦ୍ର ତଟବର୍ତ୍ତୀ ବାଲୁକାରାଶି କ୍ରମଶଃ ଉଡ଼ି ଉଡ଼ି ନଦୀ ମୁହାଣରେ ବାଲିବନ୍ଧ ଓ ବାଲୁକା ସ୍ତୂପ ସୃଷ୍ଟିକରିଥାଏ । ଅହରହ ବାୟୁ ପ୍ରବାହ ଫଳରେ ବିରାଟ ବାଲୁକା ସ୍ତୂପ ସୃଷ୍ଟି ହୁଏ ଏବଂ ଜଳ ନିଷ୍କାସନ ପଥ ରୁଦ୍ଧ ହେବା ସଙ୍ଗେ ସଙ୍ଗେ ନଦୀ ମୁହାଣ ପୋତି ହୋଇପଡେ । ନଦୀଜଳ ସିଧାସଳଖ ଭାବେ ସମୁଦ୍ରକୁ ନିଷ୍କାସିତ ହୋଇପାରେ ନାହିଁ ଓ ସ୍ୱାଭାବିକ ଜଳ ପ୍ରବାହ ବାଧାପ୍ରାପ୍ତ ହୁଏ । ଜଳ ନିଷ୍କାସନ ହୋଇ ନପାରିବା ଫଳରେ ଜଳ ପ୍ରବାହ ହେତୁ ନଦୀର ଗତିପଥ ବୃଦ୍ଧି ପାଏ ଏବଂ ବନ୍ୟାଜଳ ପ୍ରବାହ ଧାରା ସଙ୍କୁଚିତ ହୋଇ ବନ୍ୟା ବିପଦ ଦେଖାଦିଏ ।

## ପ୍ରବଳ ବନ୍ୟା ଓ ଦୁର୍ବଳ ନଦୀବନ୍ଧ :

ଦୁର୍ବଳ ନଦୀବନ୍ଧ ଯୋଗୁଁ କିମ୍ବା କେତେକ ସ୍ଥାନରେ ନଦୀ ବନ୍ଧ ଭାଙ୍ଗିବା ଯୋଗୁଁ ପ୍ରଳୟଙ୍କରୀ ବନ୍ୟା ସୃଷ୍ଟି ହୋଇଥାଏ । ତ୍ରିକୋଣଭୂମି ଅଞ୍ଚଳରେ ନଦୀର ଗତିପଥ ନିୟନ୍ତ୍ରଣ କରିବା ନିମନ୍ତେ କେବେ ଓ କେଉଁଭଳି ଭାବେ ନଦୀବନ୍ଧ

ବର୍ଷୀ ଦୁର୍ବଳ ସ୍ଥାନମାନଙ୍କରେ ମାଟିବନ୍ଧନିର୍ମାଣ କରାଗଲା, ସେ ସଂପର୍କରେ ଇତିହାସରୁ କୌଣସି ସୂଚନା ମିଳେନାହିଁ । ହିନ୍ଦୁ ଓ ମରହଟ୍ଟା ରାଜତ୍ୱ କାଳରେ ମଧ୍ୟ ଏ ଧରଣର ବନ୍ଧ ରହିଥିଲା ବୋଲି ବିଶ୍ୱାସ କରାଯାଏ । ବ୍ରିଟିଶ ଓ ମରହଟ୍ଟା ରାଜତ୍ୱ କାଳରେ ବନ୍ଧଗୁଡ଼ିକ ଯଥାଯଥ ଭାବେ ରକ୍ଷଣାବେକ୍ଷଣ କରାଯାଉନଥିଲା । ସ୍ୱାଧୀନତା ପାସି ପରେ ସରକାର ବନ୍ଧଗୁଡ଼ିକ ଯଥାଯଥଭାବେ ରକ୍ଷଣାବେକ୍ଷଣ କରିବା ଦିଗରେ ଉଦ୍ୟମ କରିଥିଲେ । ମାତ୍ର ସମୟ ସମୟରେ ବଡ ଧରଣର ବନ୍ୟା ଆସି ନଦୀବନ୍ଧ ଅତିକ୍ରମ କରି ବ୍ୟାପକ ଅଞ୍ଚଳ ଜଳମଗ୍ନ କରିବା ସଙ୍ଗେ ସଙ୍ଗେ ବିପୁଳ କ୍ଷୟକ୍ଷତି ଘଟାଉଥିଲା । ଏହି ସମସ୍ୟାର ଏକ ନିର୍ଦ୍ଦିଷ୍ଟ ସୀମା ରହିଛି ଓ ଏହା ଅତିକ୍ରମ କରିବା ପରେ ଯାହା ଘଟେ ତାହା ଅବଶ୍ୟମ୍ଭାବୀ । ନଦୀବନ୍ଧ ସ୍ତରଠାରୁ ବନ୍ୟାଜଳ ବଢ଼ି ପାଇଲେ ବନ୍ୟାଜଳ ପ୍ରବେଶ କରିଥାଏ ।

୧୯୫୫ ମସିହାଠାରୁ ବନ୍ୟାର ଇତିହାସ ସଂପର୍କରେ ଅନୁଧ୍ୟାନ କରିବା ସଙ୍ଗେ ସଙ୍ଗେ ବନ୍ୟାର ଭୟାବହତା ଜାଣିବା ନିମନ୍ତେ ଓଡ଼ିଶାର ତିନିଗୋଟି ବଡନଦୀ ମହାନଦୀ ଓ (କାଠଯୋଡ଼ି), ବ୍ରାହ୍ମଣୀ ଏବଂ ବୈତରଣୀର ବନ୍ୟା ପରିମାପ ନିମ୍ନରେ ସୂଚିତ ହୋଇଛି । ଏଥି ମଧ୍ୟରୁ ଗୋଟିଏ କିମ୍ବା ଏକାଧିକ ନଦୀରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟା ଯାହାକି ସେହି ବର୍ଷ ବିପଦ ସଙ୍କେତ ଅତିକ୍ରମ କରିଥିଲା, ତହିଁର ବିବରଣୀ ଏଥିରେ ଦର୍ଶାଯାଇଛି । ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀରେ ବାରମ୍ବାର ବନ୍ୟା ହେଉଥିବା ବିଷୟ ଏଥିରୁ ଜଣାପଡ଼ିବ ।

| ବର୍ଷ | କାଠଯୋଡ଼ି (ନରାଜ ଘାଟ) ବିପଦ ସଙ୍କେତ -୨୧' | ମହାନଦୀ (ଯୋବ୍ରା-ଉପରଧାର) ବିପଦ ସଙ୍କେତ -୭୨' | ବ୍ରାହ୍ମଣୀ (ଜେନାପୁର) ବିପଦ ସଙ୍କେତ-୬୭' | ବୈତରଣୀ (ଆନନ୍ଦପୁର) ବିପଦ ସଙ୍କେତ-୬୩' |
|---|---|---|---|---|
| ୧୯୫୫ | ୨୭'୧୦ | .. | .. | .. |
| ୧୯୫୭ | ୨୭'୪୦ | .. | .. | .. |
| ୧୯୬୭ | ୨୨'୯୦ | ୭୩'୨୫ | .. | .. |
| ୧୯୭୨ | ୨୭'୭୦ | ୭୫'୯୫ (ଜୁଲାଇ ୪) | .. | .. |
| ୧୯୭୪ | ୨୫'୮୦ | ୭୩'୬୦ | .. | ୬୦'୫୦ |
| ୧୯୭୫ | ୨୫'୦୦ | ୭୩'୦୦ | ୬୫'୩୫ | ୬୦'୫୦ |
| ୧୯୭୭ | ୨୩'୯୦ | ୭୨'୪୦ | ୬୭'୬୦ | ୬୪'୪୦ |
| ୧୯୭୯ | ୨୬'୯୦ | ୭୫'୩୦ | ୬୭'୧୦ | ୬୦'୫୦ |
| ୧୯୮୦ | ୨୩'୫୦ | ୭୩'୧୦ | ୬୫'୩୫ | ୫୯'୯୦ |
| ୧୯୮୧ | ୨୪'୭୦ | ୭୩'୦୦ | ୬୯'୨୫ | ୬୫'୬୦ |
| ୧୯୮୨ | ୨୧'୫୦ | ୬୯'୧୦ | ୬୭'୮୦ | ୬୦'୬୦ |
| ୧୯୮୩ | ୨୨'୦୦ | ୭୦'୬୯ | ୬୭'୬୦ | ୬୧'୩୦ |
| ୧୯୮୫ | ୨୬'୦୦ | .. | ୬୫'୪୫ | ୫୮'୩୦ |
| ୧୯୮୮ | ୨୧'୩୦ | ୭୦'୬୦ | ୬୭'୬୦ | ୬୧'୪୦ |

| ୧ | ୨ | ୩ | ୪ | ୫ |
|---|---|---|---|---|
| ୧୯୧୯ | ୨୪.୫୦ | ୭୨.୯୦ | ୬୪.୨୦ | ୬୦.୮୦ |
| ୧୯୧୮ | ୨୪.୦୦ | ୭୩.୬୦ | ୬୩.୯୫ | ୬୦.୦୦ |
| ୧୯୧୬ | ୨୪.୧୦ | ୭୩.୦୦ | ୬୬.୬୦ | ୬୦.୨୦ |
| ୧୯୧୫ | ୨୩.୩୦ | ୭୧.୫୦ | ୬୩.୦୦ | ୫୯.୯୦ |
| ୧୯୧୪ | ୨୪.୬୦ | ୭୩.୪୦ | ୬୬.୬୦ | ୬୦.୪୦ |
| ୧୯୧୩ | ୨୨.୫୭ | ୭୧.୯୦ | ୬୯.୫୦ | ୬୬.୨୦ |
| ୧୯୧୨ | ୧୯.୯୦ | ୬୯.୮୦ | ୬୬.୩୦ | ୬୨.୦୦ |
| ୧୯୧୧ | ୨୭.୮୦ | ୭୫.୦୦ | ୬୬.୨୦ | ୫୯.୮୦ |
| ୧୯୧୦ | ୨୫.୧୨ | ୭୩.୪୦ | ୬୫.୬୦ | ୬୦.୬୦ |
| ୧୯୦୯ | ୨୧.୬୨ | ୭୦.୦୦ | ୬୬.୧୦ | ୬୧.୯୦ |
| ୧୯୦୮ | ୨୩.୦୦ | ୭୧.୦୦ | ୬୬.୬୦ | ୬୦.୮୦ |
| ୧୯୦୭ | ୨୩.୭୦ | ୭୨.୩୦ | ୬୯.୮୦ | ୬୭.୨୦ |
| ୧୯୦୬ | ୧୯.୦୦ | ୭୦.୦୦ | ୬୬.୯୦ | ୬୩.୯୦ |
| ୧୯୦୪ | ୨୪.୧୨ | ୭୨.୨୦ | ୬୬.୮୦ | ୬୬.୦୦ |
| ୧୯୦୨ | ୧୯.୦୦ | ୬୯.୨୦ | ୬୬.୦୦ | ୬୪.୧୦ |
| ୧୯୦୦ | ୨୪.୫୦ | ୭୩.୦୦ | ୬୬.୨୦ | ୬୬.୦୦ |
| ୧୮୯୭ | ୨୦.୩୦ | ୭୮.୨୦ | ୬୪.୭୦ | ୫୭.୯୩ |
| ୧୮୯୬ | ୨୬.୩୭ | ୭୫.୬୦ | ୬୮.୮୦ | ୬୫.୩୦ |
| ୧୮୯୫ | ୨୫.୫୦ | ୭୪.୨୭ | ୬୬.୧୦ | ୫୯.୪୫ |
| ୧୮୯୪ | ୨୪.୫୦ | ୭୩.୪୦ | ୬୯.୬୦ | ୬୪.୩୦ |
| ୧୮୯୩ | ୨୨.୭୩ | ୭୦.୯୧ | ୬୬.୧୦ | ୬୩.୫୫ |
| ୧୮୯୨ | ୨୭.୫୦ | ୭୫.୭୮ | ୬୬.୪୦ | ୬୧.୬୦ |

| ୧ | ୨ | ୩ | ୪ | ୫ |
|---|---|---|---|---|
| ୧୯୨୦ | ୨୭.୭୫ | ୭୪.୭୦ | ୭୦.୧୦ | ୭୭.୯୦ |
| ୧୯୨୧ | ୨୧.୪୦ | ୭୧.୩୦ | ୭୭.୨୦ | ୫୮.୯୦ |
| ୧୯୨୨ | ୨୦.୭୦ | ୭୦.୧୦ | ୭୭.୮୦ | ୭୨.୧୦ |
| ୧୯୨୩ | ୨୨.୭୫ | ୭୧.୨୦ | ୭୯.୭୦ | ୭୦.୦୦ |
| ୧୯୨୪ | ୨୧.୫୦ | ୭୦.୫୦ | ୭୩.୭୦ | ୫୮.୧୦ |
| ୧୯୨୫ | ୨୭.୦୦ | ୭୩.୫୦ | ୭୭.୭୦ | ୭୪.୦୦ |
| ୧୯୨୬ | ୨୭.୩୫ | ୭୫.୪୦ | ୭୧.୦୦ | ୭୨.୦୦ |
| ୧୯୨୭ | ୨୨.୭୫ | ୭୦.୧୦ | ୭୮.୩୦ | .. |
| ୧୯୨୮ | ୨୧.୭୦ | ୭୧.୩୦ | ୭୫.୪୦ | ୭୩.୯୦ |
| ୧୯୨୯ | ୨୪.୭୦ | ୭୪.୦୦ | ୭୦.୨୯ | ୭୨.୦୦ |
| ୧୯୩୦ | ୨୨.୧୫ | ୭୦.୭୦ | ୭୪.୪୦ | ୭୦.୯୦ |
| ୧୯୩୧ | ୨୪.୫୦ | ୭୨.୭୦ | ୭୮.୭୦ | ୭୩.୦୦ |
| ୧୯୩୨ | ୨୨.୭୦ | ୭୦.୭୦ | ୭୮.୦୦ | ୭୨.୭୦ |
| ୧୯୩୩ | ୨୭.୩୫ | ୭୫.୫୫ | ୭୭.୪୦ | ୭୨.୭୦ |
| ୧୯୩୪ | ୨୪.୮୫ | ୭୩.୦୧ | ୭୮.୧୦ | ୭୨.୫୦ |
| ୧୯୩୫ | ୨୧.୭୫ | ୭୦.୦୦ | ୭୭.୯୦ | ୭୦.୫୦ |
| ୧୯୩୬ | ୨୨.୨୦ | ୭୦.୪୦ | ୭୮.୪୦ | ୭୦.୩୦ |
| ୧୯୩୭ | ୨୭.୭୫ | ୭୫.୩୫ | ୭୭.୮୦ | ୭୨.୧୦ |
| ୧୯୩୮ | ୨୧.୭୫ | ୭୦.୪୦ | ୭୭.୭୦ | ୫୭.୯୦ |
| ୧୯୩୯ | ୨୭.୨୫ | ୭୪.୮୫ | ୭୮.୫୦ | ୭୧.୯୦ |
| ୧୯୪୦ | ୨୭.୫୦ | ୭୫.୩୫ | ୭୦.୮୦ | ୭୮.୭୦ |
| ୧୯୪୧ | ୨୦.୯୦ | ୭୦.୯୫ | ୭୮.୫୦ | ୭୭.୮୧ |
| ୧୯୪୨ | ୨୩.୫୦ | ୭୨.୪୦ | ୭୭.୯୦ | ୭୨.୯୦ |

| ୧ | ୨ | ୩ | ୪ | ୫ |
|---|---|---|---|---|
| ୧୯୪୩ | ୨୩·୯୫ | ୭୨·୮୦ | ୭୧·୩୦<br>ଅଗଷ୍ଟ ୭ | ୬୭·୫୦ |
| ୧୯୪୪ | ୨୫·୦୦ | ୭୪·୧୦ | ୬୭·୨୦ | ୬୩·୦୦ |
| ୧୯୪୫ | ୨୩·୦୦ | ୭୧·୨୦ | ୬୫·୬୦ | ୬୧·୨୦ |
| ୧୯୪୬ | ୨୫·୮୩ | ୭୪·୦୫ | ରେକର୍ଡ ହୋଇନାହିଁ | ୭୪·୭୦ |
| ୧୯୪୭ | ୨୬·୨୫ | ୭୪·୪୦ | ୬୧·୭୦ | ୫୭·୮୦ |
| ୧୯୪୮ | ୨୪·୦୦ | ୭୨·୬୦ | ରେକର୍ଡ ହୋଇନାହିଁ | ୫୮·୮୦ |
| ୧୯୫୦ | ୨୪·୫୦ | ୭୨·୫୦ | ରେକର୍ଡ ହୋଇନାହିଁ | ୬୩·୨୦ |
| ୧୯୫୨ | ୨୧·୬୦ | ୭୨·୧୦ | ୬୮·୮୦ | ୬୦·୨୦ |
| ୧୯୫୩ | ୨୩·୦୦ | ୭୨·୪୦ | ୬୭·୧୦ | ୬୧·୨୦ |
| ୧୯୫୫ | ୨୭·୦୦<br>(ସେପ୍ଟେମ୍ବର ୬, ସକାଳ ୭) | ୭୬·୨୦<br>(ସେପ୍ଟେମ୍ବର ୫) | ୭୨·୨୦<br>(ସେପ୍ଟେମ୍ବର ୪) | ୬୪·୧୦<br>(ସେପ୍ଟେମ୍ବର ୪) |
| ୧୯୮୦ | .. | .. | ବିପଦ ସଙ୍କେତ ତଳେ | ବିପଦ ସଙ୍କେତ ଉଠେ |
| ୧୯୮୨ | ୨୮·୭୫<br>(୩୧ ଅଗଷ୍ଟ) | ୭୭·୨୦<br>(୩୧ ଅଗଷ୍ଟ, ଅପରାହ୍ନ ୫) | ବିପଦ ସଙ୍କେତ ତଳେ | ବିପଦ ସଙ୍କେତ ଉଠେ |

ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀର ପରିସଂଖ୍ୟାନ ବିବରଣୀ ନିମ୍ନରେ ଦର୍ଶାଯାଇଛି ।

| କ୍ରମିକ ନମ୍ବର<br>୧ | ପରିସଂଖ୍ୟାନ ବିବରଣୀ<br>୨ | | ମହାନଦୀ<br>୩ | ବ୍ରାହ୍ମଣୀ<br>୪ | ବୈତରଣୀ<br>୫ |
|---|---|---|---|---|---|
| ୧. | ନଦୀର ଦୈର୍ଘ୍ୟ (ମାଇଲ) | .. | ୫୩୩ | ୪୩୮ | ୨୧୫ |
| ୨. | ତ୍ରିକୋଣଭୂମିର ଦୈର୍ଘ୍ୟ (ମାଇଲ) | .. | ୬୭ | ୯୩ | ୨୨ |
| ୩. | ଅବବାହିକା ଅଞ୍ଚଳ (ହଜାର ବର୍ଗମାଇଲ) | .. | ୫୧ | ୧୪ | ୪ |
| ୪. | ଯେଉଁଠାରୁ ତ୍ରିକୋଣଭୂମି ଆରମ୍ଭ ହୋଇଛି ସେଠାରେ ଜଳର ପରିମାଣ | | | | |
| | (୧) ସର୍ବାଧିକ ଜଳପ୍ରବାହ (କ୍ୟୁସେକ୍ସ) | .. | ୧୫,୭୧,୦୦୦ | ୬,୪୩,୨୯୦ | ୫୦,୦୦,୦୦ |
| | (୨) ସର୍ବନିମ୍ନ ଜଳପ୍ରବାହ (କ୍ୟୁସେକ୍ସ) | .. | ୨୦୦ | ୧୩୦ | ୨୪ |
| ୫. | ତ୍ରିକୋଣଭୂମିର କ୍ଷେତ୍ରଫଳ (ବର୍ଗମାଇଲ) | .. | ୨,୯୪୦ | ୮୫୪ | ୨୫୯ |
| ୬. | ବନ୍ୟା ଦ୍ୱାରା ସାଧାରଣତଃ ଜଳମଗ୍ନ ଅଞ୍ଚଳର କ୍ଷେତ୍ରଫଳ (ବର୍ଗମାଇଲ) | | ୪୭୫ | ୨୩୦ | ୧୪୦ |
| ୭. | ଆଡ଼ିବନ୍ଧର ଦୈର୍ଘ୍ୟ (ମାଇଲ) | .. | ୭୫୧ | ୧୭୮ | ୧୦୦ |

୧୯୫୫ ମସିହା ବନ୍ୟାରେ ୮୩୨ଟି ସ୍ଥାନରେ ଘାଇ ହୋଇଥିଲା ଓ ତହିଁର ବିବରଣୀ ନିମ୍ନରେ ପ୍ରଦତ୍ତ ହୋଇଛି

| କ୍ରମିକ ନମ୍ବର | ଜିଲ୍ଲା | ସବ୍‌ଡିଭିଜନ | ବେସରକାରୀ ଓ ରାଜସ୍ୱ ବିଭାଗ ବନ୍ଧ | ପୂର୍ତ୍ତବିଭାଗର ନଦୀ ଓ କେନାଲ ବନ୍ଧ | ରାଜସ୍ୱ ଜିଲ୍ଲା ଓ ବୋର୍ଡ ଏବଂ ବେସରକାରୀ ରାସ୍ତା | ପୂର୍ତ୍ତବିଭାଗ ରାସ୍ତା | ମୋଟ ଘାଇ ସଂଖ୍ୟା |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | କଟକ | ସଦର | ୪୧ | ୨୩ | ୧୦୫ | ୧୫ | ୧୮୪ |
| | | ଯାଜପୁର | ୧୭ | ୫୨ | ୧୭ | ୫ | ୯୧ |
| | | କେନ୍ଦ୍ରାପଡ଼ା | ୬ | ୧୧ | ୨୧ | ୨ | ୪୦ |
| | | ଆଠଗଡ଼ | ୧୬ | ୨ | ୬ | ୨ | ୪୦ |
| | | ବାଙ୍କୀ ଜୋନ୍ | ୧ | .. | .. | ୨ | ୩ |
| | | ମୋଟ .. | ୮୧ | ୮୮ | ୧୪୯ | ୨୬ | ୩୪୪ |
| ୨ | ବାଲେଶ୍ୱର | ଭଦ୍ରକ | ୨୬ | ୫ | ୩୫ | ୧ | ୬୭ |
| ୩ | ପୁରୀ | ସଦର | ୩୩ | ୧୦ | ୨୪ | ୪ | ୭୧ |
| | | ଖୋର୍ଦ୍ଧା | ୮ | .. | .. | .. | ୮ |
| | | ନୟାଗଡ଼ | ୧ | ୬୪ | ୫୯ | ୩ | ୧୨୭ |
| | | ମୋଟ--ପୁରୀ . | ୪୨ | ୭୪ | ୮୩ | ୭ | ୨୦୬ |
| ୪ | ଢେଙ୍କାନାଳ | ସଦର | ୩ | .. | ୮ | ୨ | ୧୩ |
| | | ଆଠମଲ୍ଲିକ | ୨ | ୮ | ୪୦ | ୧ | ୪୩ |
| | | ଅନୁଗୁଳ | .. | .. | ୨ | ୨ | ୪ |
| | | କାମାକ୍ଷାନଗର | ୨୩ | .. | ୪ | ୨ | ୨୯ |
| | | ତାଳଚେର | .. | .. | .. | .. | .. |
| | | ପାଲଲହଡ଼ା | ୬ | .. | ୧୮ | ୧ | ୨୫ |
| | | ମୋଟ .. | ୩୪ | ୮ | ୭୨ | ୮ | ୧୧୪ |
| ୫ | କେନ୍ଦୁଝର | | .. | .. | .. | .. | .. |
| ୬ | ବଲାଙ୍ଗୀର | ସୋନପୁର | .. | .. | .. | ୧ | ୧ |
| ୭ | ସମ୍ବଲପୁର | | .. | .. | .. | .. | .. |
| ୮ | ଗଞ୍ଜାମ | ଛତ୍ରପୁର | ୫୯ | ୧୧ | ୧୦ | .. | ୮୦ |
| | | ଘୁମୁସର | ୪ | ୧୪ | .. | ୧ | ୨୦ |
| | | ମୋଟ .. | ୬୪ | ୨୫ | ୧୦ | ୧ | ୧୦୦ |
| ୯ | ଫୁଲବାଣୀ | ବୌଦ୍ଧ | .. | .. | .. | .. | .. |
| | | ସର୍ବମୋଟ .. | ୨୪୭ | ୧୯୨ | ୩୪୯ | ୪୪ | ୮୩୨ |

୧୯୫୫ ମସିହା ବନ୍ୟାରେ ୩,୦୦୩ଟି ଗୃହ ସଂପୂର୍ଣ୍ଣ ଭାବେ ଓ ୫୮,୭୧୭ଟି ଗୃହ ଆଂଶିକ ଭାବେ ନଷ୍ଟ ହୋଇଥିଲା । ମୃତ ବ୍ୟକ୍ତିଙ୍କ ସଂଖ୍ୟା ୬୯ ଓ ଗୃହପାଳିତ ପଶୁ ଜୀବନହାନୀ ସଂଖ୍ୟା ୨,୮୮୬ ହୋଇଥିଲା ।

ଅଗଷ୍ଟ–ସେପଟେମ୍ବର ୧୯୮୨ ର–
ବନ୍ୟା

## ୧୯୮୨ ଦୁର୍ଗତର ବର୍ଷ

କେବଳ ୧୯୮୨ ମସିହାରେ ହିଁ ଓଡ଼ିଶା ତିନିଗୋଟି ବଡ଼ ଧରଣର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ୧୯୮୨ ଜୁନ ୩ ଓ ୪ ତାରିଖରେ ଓଡ଼ିଶା ବାତ୍ୟା ବିପର୍ଯ୍ୟୟର ଶିକାର ହୋଇଥିଲା । ଜୁଲାଇ ଓ ଅଗଷ୍ଟ ମାସ ମଧ୍ୟରେ ସମଗ୍ର ରାଜ୍ୟରେ ଉତ୍କଟ ମରୁଡ଼ି ପରିସ୍ଥିତି ଦେଖା ଦେଇଥିଲା । ବାତ୍ୟା ଓ ମରୁଡ଼ି ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତିର ମୁକାବିଲା କରିବା ପାଇଁ ସମୟ ମିଳିବା ପୂର୍ବରୁ ଅଗଷ୍ଟ ୨୯ ତାରିଖ ଠାରୁ ସେପଟେମ୍ବର ପହିଲା ମଧ୍ୟରେ ଅତର୍କିତ ଭାବେ ଅଭୂତପୂର୍ବ ବନ୍ୟାର ସମ୍ମୁଖୀନ ହେବାକୁ ହେଲା । ୧୮୫୫ ମସିହା ପରେ ଊନବିଂଶ ଶତାବ୍ଦୀ ଓ ବିଂଶ ଶତାବ୍ଦୀ ମଧ୍ୟରେ ୧୯୮୨ର ବନ୍ୟା ହେଉଛି ସର୍ବାଧିକ ବଡ଼ । ଜୁନ ମାସରେ ଏଭଳି ପ୍ରଳୟଙ୍କରୀ ବନ୍ୟାର ପଟାନ୍ତର ନାହିଁ । ୧୮୯୨, ୧୯୧୧, ୧୯୩୩ ଓ ୧୯୫୫ ମସିହାରେ ହୋଇଥିବା ଭୟଙ୍କର ବନ୍ୟାକୁ ଏହା ଟପି ଯାଇଛି ।

### ଅସ୍ୱାଭାବିକ ତଥା ଅଭୂତପୂର୍ବ ବନ୍ୟା

ଦୁର୍ଭାଗ୍ୟର ବିଷୟ ଯେ ଚଳିତ ବର୍ଷର ବନ୍ୟା ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ-ଖଣ୍ଡମାଳ ଓ ଢେଙ୍କାନାଳ ଜିଲ୍ଲାଗୁଡ଼ିକୁ ମଧ୍ୟ ବାଦ ଦେଇ ନାହିଁ। ସାଧାରଣତଃ ଏହି ଜିଲ୍ଲାଗୁଡ଼ିକରେ ଏ ଧରଣର ପ୍ରାକୃତିକ ବିପର୍ଯ୍ୟୟ ଦେଖାଯାଇ ନଥାଏ । ପ୍ରବଳ ଅବାଧରେ କେନ୍ଦ୍ରୀଭୂତ ବର୍ଷା କେବଳ ଅଗଷ୍ଟ ୩୦ ତାରିଖରେ ମହାନଦୀର ଉପରମୁଣ୍ଡରେ ଓ ହୀରାକୁଦ ବନ୍ଧ ଉପର ଅଞ୍ଚଳରେ ଅର୍ଥାତ ବିଜେପୁର ଠାରେ ୫୫୧ ମି. ମି., ଫୁଲବାଣୀଠାରେ ୪୮୪ ମି. ମି. ଓ ସୋନପୁର ଠାରେ ୩୩୮ ମି. ମି., ବର୍ଷା ହୋଇଥିଲା । ୧୯୮୨ ଅଗଷ୍ଟ ୨୯ ଓ ୩୦ ତାରିଖରେ ହୋଇଥିବା ପ୍ରବଳ ବୃଷ୍ଟିପାତକୁ ଏକତ୍ରିତ କରି ହିସାବ କଲେ ଯାହା ଜଣାପଡ଼େ, ଫୁଲବାଣୀଠାରେ ୬୯୩ ମି. ମି., କଣ୍ଟାମାଳଠାରେ ୬୮୧ ମି. ମି., ବିଜେପୁରଠାରେ ୬୭୧ ମି. ମି. ସୋନପୁର ଠାରେ ୫୫୮ ମି. ମି, ହରଭଙ୍ଗାଠାରେ ୫୦୩ ମି. ମି., ମଦନପୁର ରାମପୁର ଠାରେ ୪୩୦ ମି. ମି.; କେସିଙ୍ଗାଠାରେ ୩୮୭ ମି. ମି., କଲାମୁଣ୍ଡଠାରେ ୩୪୮ ମି. ମି. ନୂଆପଡ଼ା ଠାରେ ୩୩୭ ମି. ମି. ଓ ରାଜକିଶୋରନଗରଠାରେ ୨୯୭ ମି. ମି. ବର୍ଷା ହୋଇଥିଲା । ୧୯୮୨ ଅଗଷ୍ଟ ୨୭ ତାରିଖଠାରୁ ୩୦ ତାରିଖ ମଧ୍ୟରେ ମହାନଦୀ ଉପରମୁଣ୍ଡ, ତଳମୁଣ୍ଡ ଓ ଋଷିକୂଲ୍ୟା ଅବବାହିକା ଅଞ୍ଚଳରେ ଏହା ଘଟିବ ବୋଲି କ୍ୟୁ. ପି. ଏଫରୁ ଅନୁମାନ କରାଯାଉଥିଲା ।

| | ମହାନଦୀ ଉପରମୁଣ୍ଡ ଅଞ୍ଚଳ (ସମଗ୍ର ଅବବାହିକା) | ମହାନଦୀ ତଳମୁଣ୍ଡ ଅଞ୍ଚଳ (ସମଗ୍ର ଅବବାହିକା) | ଋଷିକୂଲ୍ୟା ଅବବାହିକା ଅଞ୍ଚଳ (ସମଗ୍ର ଅବବାହିକା) |
|---|---|---|---|
| ୨୭-୮-୧୯୮୨ | ୨୬'୫୦ ମି. ମି. | ୫୧'୧୦୦ ମି. ମି. | ୫୧'୧୦୦ ମି. ମି... |
| ୨୮-୮-୧୯୮୨ | .. ୨୬'୫୦ ମି. ମି. | ୫୧'୧୦୦ ମି. ମି. | ୧୧'୨୫ ମି. ମି. |
| ୨୯-୮-୧୯୮୨ | .. ୫୧'୧୦୦ ମି. ମି. | ୫୧'୧୦୦ ମି. ମି. | ୨୬'୫୦ ମି. ମି. |
| ୩୦-୮-୧୯୮୨ | . ୨୬'୫୦ ମି. ମି. | ୧୧'୨୫ ମି. ମି. | ୧୧'୨୫ ମି. ମି. |

ବିସ୍ତୃତ ଅଞ୍ଚଳରେ ପ୍ରବଳ ବର୍ଷା ହେବାହିଁ ଏଭଳି ଭୟଙ୍କର ବନ୍ୟାର ଏକମାତ୍ର କାରଣ । ଏ ବର୍ଷ ବନ୍ୟାର ବିଶେଷତ୍ୱ ହେଉଛି, ହୀରାକୁଦ ଜଳଭଣ୍ଡାରରୁ ଜଳ ଛଡ଼ା ନ ଯିବା ସତ୍ତ୍ୱେ ଏହି ବନ୍ୟା ହୋଇଥିଲା । ହୀରାକୁଦ ଜଳଭଣ୍ଡାରରୁ ପାଣି ଛଡ଼ା ଯାଇଥିଲେ, ଏହି ବନ୍ୟା ଅଧିକ ବିପଜ୍ଜନକ ତଥା ମାରାତ୍ମକ ହୋଇଥାନ୍ତା । ୧୯୮୨ ଅଗଷ୍ଟ ୨୮ ତାରିଖ ଦିନ ଭାରତୀୟ ଷ୍ଟାଣ୍ଡାର୍ଡ ସମୟ ଅନୁଯାୟୀ ୮-୩୦ ମିନିଟରେ ୨୦'୫° ଉତ୍ତର ଅକ୍ଷାଂଶ ନିକଟବର୍ତ୍ତୀ ତଥା ଓଡ଼ିଶାର ଉତ୍ତର ଉପକୂଳବର୍ତ୍ତୀ ଅଞ୍ଚଳ ପାଖାପାଖି କେନ୍ଦ୍ରୀଭୂତ ହୋଇଥିବା ଲଘୁଚାପ ଯୋଗୁଁ ଏହି ପ୍ରବଳ ବର୍ଷା ହୋଇଥିଲା ଏବଂ ଏହା ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଉତ୍ତର ଉପକୂଳର ଆଭ୍ୟନ୍ତରୀଣ ଅଞ୍ଚଳରେ ପୁନଶ୍ଚ କେନ୍ଦ୍ରୀଭୂତ ହେବା ଫଳରେ ବଲାଙ୍ଗୀର, ସମ୍ବଲପୁର, କଳାହାଣ୍ଡି, ଫୁଲବାଣୀ, ଢେଙ୍କାନାଳ ଓ କଟକ ଜିଲ୍ଲାରେ ପ୍ରବଳ ବର୍ଷା ହୋଇଥିଲା । ମହାନଦୀ ଏହାର ଉପନଦୀ ଓ ଶାଖାନଦୀ ଗୁଡ଼ିକର ବନ୍ୟା ଜଳ ଲଙ୍ଘନ କରିବା ସଙ୍ଗେ ସଙ୍ଗେ ୫୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଘାଇ ସୃଷ୍ଟି ହୋଇ ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ-ଖଣ୍ଡମାଳ (ଫୁଲବାଣୀ), ଢେଙ୍କାନାଳ, କଟକ ଓ ପୁରୀ ଜିଲ୍ଲାଗୁଡ଼ିକରେ ସାଂଘାତିକ ବନ୍ୟା ବିପତ୍ତି ଦେଖା ଦେଇଥିଲା । ଋଷିକୂଲ୍ୟା ନଦୀ ଗଞ୍ଜାମ ଜିଲ୍ଲାରେ ଆପେକ୍ଷିକ ଭାବେ ଅଳ୍ପ କ୍ଷତି କଲା । ଏହି ବନ୍ୟା ଅସ୍ୱାଭାବିକ ଭାବେ ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର, ଫୁଲବାଣୀ ଓ ଢେଙ୍କାନାଳ ଜିଲ୍ଲା ଗୁଡ଼ିକୁ ବିପନ୍ନ କଲା । ଏ ସବୁ ଜିଲ୍ଲା ମହାନଦୀର ଉପର ଅବବାହିକା ଅଞ୍ଚଳରେ ଥିବା ହେତୁ ବନ୍ୟାଦ୍ୱାରା କେବେ କ୍ଷତିଗ୍ରସ୍ତ ହେଉ ନଥିଲା ।

## ପ୍ରଳୟଙ୍କରୀ ବନ୍ୟାର ପରମାପ ରେକର୍ଡ

୧୯୮୨ ଅଗଷ୍ଟ ୨୯ ଠାରୁ ଆବଶ୍ୟକୀୟ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଗଲା । ଖାଲୁଆ ଅଞ୍ଚଳରୁ ନିରାପଦ ସ୍ଥାନଗୁଡ଼ିକୁ ଚାଲିଯିବା ପାଇଁ ଲୋକମାନଙ୍କୁ ରେଡ଼ିଓ ମାଧ୍ୟମରେ ସତର୍କ କରାଇ ଦିଆଗଲା । କ୍ଷେତ୍ର ପଦାଧିକାରୀମାନଙ୍କୁ ବନ୍ୟା ଆସିବାର ଯଥେଷ୍ଟ ପୂର୍ବରୁ ସତର୍କ କରାଇ ଦିଆଯାଇଥିଲା । ୧୯୮୨ ଅଗଷ୍ଟ ୨୯ ତାରିଖରେ ପ୍ରବଳ ବର୍ଷା ହେବା ପରେ ପରେ ମହାନଦୀ ବଢ଼ିବାକୁ ଆରମ୍ଭ କଲା । ୧୯୮୨ ଅଗଷ୍ଟ ୩୧ ତାରିଖ ୫ଟା ବେଳେ ନରାଜଠାରେ ସର୍ବାଧିକ ଜଳପତନ ଅର୍ଥାତ ୨୭.୬୧ ମିଟର ରେକର୍ଡ କରାଯାଇଥିଲା ଯାହାକି ସେହିଦିନ ୧୧ଟା ପର୍ଯ୍ୟନ୍ତ ସ୍ଥିର ରହିଥିଲା । ଏଠାରେ ବିପଦ ସଙ୍କେତ ହେଉଛି ୨୬.୬୨ ମିଟର । ଯୋବ୍ରାଠାରେ ଜଳପତନ ଥିଲା ୭୭.୨୦ । ୧୯୮୨ ଅଗଷ୍ଟ ୩୧ ତାରିଖ ଦିନ ଏହା ୧୯୫୫ ମସିହାର ବନ୍ୟା ରେକର୍ଡ (୭୬.୨୦) ଅତିକ୍ରମ କରିଥିଲା । ସେହିଭଳି ବେଲଭ୍ୟୁ (କଟକ) ଘାଟଠାରେ କାଠଯୋଡ଼ି ନଦୀର ଜଳପତନ ୧୯୮୨ ଅଗଷ୍ଟ ୩୧ ତାରିଖ ଦିନ ୬ଟା ବେଳେ ବିପଦ ସଙ୍କେତ ପରିମାପ ୨୧ ଫୁଟ ଅତିକ୍ରମ କରିବା ସଙ୍ଗେ ସଙ୍ଗେ ୧୯୩୩ ମସିହାର ସର୍ବାଧିକ ବନ୍ୟା ରେକର୍ଡ ୨୮.୪୦ ଫୁଟ ଅତିକ୍ରମ କରି ୨୮.୭୫ ଫୁଟରେ ପହଞ୍ଚିଥିଲା ।

## ଉଦ୍ଧାର ଓ ସାହାଯ୍ୟ କାର୍ଯ୍ୟ

ବନ୍ୟା ବିପନ୍ନ ଅଞ୍ଚଳରେ ୧୯୮୨ ଅଗଷ୍ଟ ୩୧ ତାରିଖ ଠାରୁ ଉଦ୍ଧାର ଓ ସାହାଯ୍ୟ କାର୍ଯ୍ୟ ପୂରାମାତ୍ରାରେ ଆରମ୍ଭ ହେଲା । ଏ ଧରଣର ଅଭୂତପୂର୍ବ ବନ୍ୟା ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତିର ମୁକାବିଲା କରିବା ପାଇଁ ସ୍ୱାଭାବିକ ପ୍ରଶାସନିକ ବ୍ୟବସ୍ଥାକୁ ଆଂଶିକ ଭାବେ ମୁଲତବୀ ରଖାଯାଇ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ଦିଗରେ ସମଗ୍ର ପ୍ରଶାସନିକ କଳକୁ ତ୍ୱରାନ୍ୱିତ କରାଯାଇଥିଲା । ବନ୍ୟା ଘେର ମଧ୍ୟରେ ଥିବା ଲୋକେ ତଥା ଅନ୍ୟାନ୍ୟ ବନ୍ୟା ବିପନ୍ନ ଲୋକମାନଙ୍କୁ ଉଦ୍ଧାର କରିବା ଓ ରିଲିଫ ଯୋଗାଇବା ପକାଶେ ସରକାର ଏମାନଙ୍କୁ ନିୟୋଜିତ କରିଥିଲେ । ଲୋକମାନଙ୍କୁ ଦୁଃଖ ଦୁର୍ଦ୍ଦଶାରୁ ଉଦ୍ଧାର କରିବା ତଥା ସାହାଯ୍ୟ ବ୍ୟବସ୍ଥାକୁ ବ୍ୟାପକତର କରିବା ଦିଗରେ ସରକାରଙ୍କୁ ସାହାଯ୍ୟ କରିବା ପାଇଁ ସାମରିକ ବାହିନୀ ଓ ତାଲିମପ୍ରାପ୍ତ ପଶ୍ଚିମବଙ୍ଗ ବେସାମରିକ ଏମର୍ଜେନସି ଫୋର୍ସକୁ ଡକାଯାଇଥିଲା । ଅଗଷ୍ଟ ୩୧ ତାରିଖ ସକାଳୁ ହେଲିକପ୍ଟର ଯୋଗେ ଆକାଶ ମାର୍ଗରୁ ବନ୍ୟା ବିପନ୍ନ ଅଞ୍ଚଳରେ ଖାଦ୍ୟ ପୁଡ଼ିଆ, ଔଷଧପତ୍ର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଜିନିଷମାନ ପକା ଯାଇଥିଲା । ବିପନ୍ନ ଅଞ୍ଚଳରେ ଆବଶ୍ୟକତା ଅନୁଯାୟୀ ୭ରୁ ୧୦ ଦିନ ପାଇଁ ରିଲିଫ ବ୍ୟବସ୍ଥା କରାଯାଇଥିଲା ।

## ଯୋଗାଯୋଗ ବିଚ୍ଛିନ୍ନ

ମହାନଦୀ, ଏହାର ଉପନଦୀ ଓ ଶାଖା ନଦୀଗୁଡ଼ିକରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଘାଇ ସୃଷ୍ଟି ହୋଇଛି । କେତେକ ଘାଇର ଓସାର ୩୦୦ ଫୁଟରୁ ୧,୫୦୦ ଫୁଟ ଯାଏ ହୋଇଛି । ମହାନଦୀର ଏକ ଶାଖା ଦେବୀ ନଦୀର ଦଳେଇ ଘାଇ ଠାରେ ସବୁଠାରୁ ବିପଦଜନକ ଘାଇ ହୋଇଛି । ତିନି ଜାଗାରେ ଏହି ଘାଇ ହୋଇଛି ଓ ଏହାର ପ୍ରସ୍ଥ ସ୍ଥଳ ବିଶେଷରେ ୩୦୦ ଫୁଟରୁ ୧,୨୦୦ଫୁଟ । ବିଗତ ୧୯୫୫ ମସିହାରେ କଟକ ଜିଲ୍ଲାର ଏହି ସୁରକ୍ଷିତ ଜଳବେଷ୍ଟିତ ଅଞ୍ଚଳରେ ଘାଇ ହୋଇଥିଲା ଏବଂ ତଦ୍ୱାରା ପ୍ରାୟ ଏକ ନିୟୁତ ଲୋକ ବିପନ୍ନ ହୋଇଥିଲେ । ସାଂପ୍ରତିକ ବନ୍ୟା ଫଳରେ ମହାନଦୀ ଓ ଏହାର ଶାଖା ନଦୀରେ ଥିବା ବନ୍ଧ ଏବଂ କଟକ ଓ ପୁରୀ ଜିଲ୍ଲାର କେନାଲ ବନ୍ଧଗୁଡ଼ିକ ସଂପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି । ଅଦ୍ୟାବଧି ମିଳିଥିବା ବିବରଣୀ ଅନୁଯାୟୀ କେନାଲ ବନ୍ଧରେ ପ୍ରାୟ ୧,୦୦୦ରୁ ଊର୍ଦ୍ଧ୍ୱ ଘାଇ ହୋଇଛି । ୭୩୩ଟି କ୍ଷୁଦ୍ର ଜଳସେଚନ ପରିକଳ୍ପନା ଓ ୧,୬୭୭ଟି ଉଠା ଜଳସେଚନ ପଏଣ୍ଟ କ୍ଷତିଗ୍ରସ୍ତ ହୋଇଛି । ରେଳ ଓ ସଡ଼କ ଯୋଗାଯୋଗ ବ୍ୟବସ୍ଥା ବିଶେଷ ବାଧାପ୍ରାପ୍ତ ହୋଇଛି । ୧୯୮୨ ଅଗଷ୍ଟ ୩୧ ତାରିଖ ଦିନ ବିଚ୍ଛିନ୍ନ ହୋଇଥିବା କଟକ-ଭୁବନେଶ୍ୱର ରେଳ ଯୋଗାଯୋଗ ୩ ଦିନ ମଧ୍ୟରେ ପୁନର୍ବାର ସଂଯୁକ୍ତ କରାଯାଇ ପାରିଛି । ଭୁବନେଶ୍ୱର ଓ କଟକ, ଭୁବନେଶ୍ୱର-ପୁରୀ ଏବଂ ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ରହିଥିବା ସଡ଼କ ଓ ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହୋଇଥିଲା । ଏହାକୁ ଏବେ ପୁନଃ ସଂଯୋଗ କରାଯାଇଛି । ବାଙ୍କୀ ଓ ବୌଦ୍ଧ ସହରକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ସବୁ ଦିଗରୁ ବିଚ୍ଛିନ୍ନ ହୋଇ ଯାଇଥିଲା । ଚାରିଦିନ ମଧ୍ୟରେ କୌଣସି ମତେ ଏହାକୁ ପୁନଃ ସଂଯୋଗ କରାଯାଇଛି । ସାଂପ୍ରତିକ ବନ୍ୟାରେ ମୋଟ ୩୯,୯୩୪ କିଲୋମିଟର ଦୀର୍ଘ ରାସ୍ତା ନଷ୍ଟ ହୋଇ ଯାଇଛି । ରାଜ୍ୟ ସଦରଠାରୁ ୧୬ଟି ସହର ବନ୍ୟା ଯୋଗୁଁ ବିଚ୍ଛିନ୍ନ ହୋଇଥିଲା ।

## କ୍ଷୟକ୍ଷତି

ଏହି ଅଭୂତପୂର୍ବ ପ୍ରଳୟଙ୍କରୀ ବନ୍ୟା ଫଳରେ କଟକ, ପୁରୀ, ଗଞ୍ଜାମ, ଫୁଲବାଣୀ, ଢେଙ୍କାନାଳ, ବଲାଙ୍ଗୀର, ସମ୍ବଲପୁର ଓ କଳାହାଣ୍ଡି ଜିଲ୍ଲା ପ୍ରଭୃତି ରାଜ୍ୟର ୮ଟି ଜିଲ୍ଲାର ପ୍ରାୟ ୧୧୪ଟି ବ୍ଲକରେ ଧନଜୀବନ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଛି । ଏହି ବନ୍ୟା ଯୋଗୁଁ ୯୦ ହଜାର ବର୍ଗ କିଲୋମିଟର ଅଞ୍ଚଳ ବିଶେଷ କ୍ଷତିଗ୍ରସ୍ତ ହେବା ସଙ୍ଗେ ସଙ୍ଗେ ପ୍ରାୟ ୫.୪ ନିୟୁତ ଲୋକେ ବିପନ୍ନ ହୋଇଛନ୍ତି । ଏହି ଜିଲ୍ଲାଗୁଡ଼ିକ ମଧ୍ୟରୁ ବଲାଙ୍ଗୀର, ଢେଙ୍କାନାଳ, ଫୁଲବାଣୀ, କଳାହାଣ୍ଡି ଓ ସମ୍ବଲପୁର ଜିଲ୍ଲା ଲୋକମାନଙ୍କର ଏଭଳି ପ୍ରଳୟଙ୍କରୀ ବନ୍ୟା ସଂପର୍କରେ ଅତୀତରେ କୌଣସି ଅଭିଜ୍ଞତା ନ ଥିଲା । କଟକ ଓ ପୁରୀ ଜିଲ୍ଲାର ୪.୬ ନିୟୁତ ଲୋକେ ବନ୍ୟା ଯୋଗୁଁ ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି । ଯେହେତୁ ଏହି ଅଞ୍ଚଳର ଜନସଂଖ୍ୟା ବହୁତ

ବେଶୀ । ରାଜ୍ୟର ବହୁ ଅଞ୍ଚଳ ୩ ଫୁଟରୁ ୧୦ ଫୁଟ ଯାଏ ବନ୍ୟା ଜଳରେ ବୁଡ଼ି ରହିଥିଲା । ବନ୍ୟା ଫଳରେ ରାଜ୍ୟର ୭ଟି ମ୍ୟୁନିସିପାଲିଟି, ୧୬ଟି ଏନ. ଏ. ସି., ୨୪ଟି ସବ-ଡ଼ିଭିଜନ୍ ଏବଂ ପ୍ରାୟ ୯,୨୮୯ଟି ଗ୍ରାମ ବିଶେଷ କ୍ଷତିଗ୍ରସ୍ତ ହୋଇଛି ।

ବିସ୍ତୃତ ଉର୍ବର ସମତଳ ଅଞ୍ଚଳ ବନ୍ୟାଜଳରେ ପ୍ରାୟ ଏକ ସପ୍ତାହ ଧରି ବୁଡ଼ି ରହିଥିଲା । ଏଇ ଅଞ୍ଚଳରେ ବେଶ ଭଲ ଫସଲ ହୋଇଥିଲା ଏବଂ ସେଗୁଡ଼ିକ ସଂପୂର୍ଣ୍ଣଭାବେ ନଷ୍ଟ ହୋଇ ଯାଇଛି । ପ୍ରାୟ ୧୧.୨୫ ଲକ୍ଷ ହେକଟର ଫସଲ ଅଞ୍ଚଳ ବ୍ୟାପକ ଭାବେ ନଷ୍ଟ ହୋଇଛି । ବନ୍ୟା ଫଳରେ ବନ୍ଧ କେନାଲ ବ୍ୟବସ୍ଥା, ଧନ ଓ ଜୀବନ ଯେଉଁଳି ଭାବରେ କ୍ଷତିଗ୍ରସ୍ତ ହୋଇଛି ତାହା ଅପୂରଣୀୟ । ଅତୀତରେ ଅସ୍ୱାଭାବିକ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବିପର୍ଯ୍ୟସ୍ତ ହୋଇଥିବା ରାଜ୍ୟର ଅର୍ଥନୀତି ଉପରେ ସାଂପ୍ରତିକ ପ୍ରଳୟଙ୍କରୀ ବନ୍ୟା, ପର୍ଯ୍ୟାୟକ୍ରମେ ଘଟିଯାଇଥିବା ଘୂର୍ଣ୍ଣିବାତ୍ୟା, ମରୁଡ଼ି ଓ ବାତ୍ୟା ଅଲିଭା ଦାଗ ରଖିଦେଇଯିବ ।

## ବେସରକାରୀ ଘରଗୁଡ଼ିକର କ୍ଷୟକ୍ଷତି

ହଜାର ହଜାର କଚ୍ଚା ଘର ହୁଏତ ସଂପୂର୍ଣ୍ଣଭାବେ ଧ୍ୱଂସ ହୋଇଯାଇଛି କିମ୍ବା ନିଶ୍ଚିହ୍ନ ହୋଇଯାଇଛି । ସାଂପ୍ରତିକ ବନ୍ୟାରେ ନଷ୍ଟ ହୋଇଯାଇଥିବା ଘର ସଂଖ୍ୟା ପ୍ରାୟ ୩ ଲକ୍ଷ ଓ ପ୍ରାୟ ସେତିକି ସଂଖ୍ୟକ ଘର ମଧ୍ୟ ଆଂଶିକଭାବେ ନଷ୍ଟ ହୋଇଯାଇଛି । ବନ୍ୟା ବିପନ୍ନ ଅଞ୍ଚଳର ଲୋକମାନଙ୍କୁ ଦୁଃଖ ଦୁର୍ଦ୍ଦଶାରୁ ରକ୍ଷା କରିବା ପାଇଁ ଏବଂ ସେମାନଙ୍କର ଦୟନୀୟ ଅବସ୍ଥା ସୁଧାରିବା ସକାଶେ ଆବଶ୍ୟକ ବାସୋପଯୋଗୀ ସୁବିଧା ଥିବା ଘର ନିର୍ମାଣ ଦିଗରେ ପଦକ୍ଷେପ ଗ୍ରହଣ କରିବା ପୂର୍ବରୁ ଯେତେଶୀଘ୍ର ସମ୍ଭବ ଅସ୍ଥାୟୀ ବାସଗୃହ ଯୋଗାଇ ଦିଆଯାଇଛି ।

## ସରକାରୀ କୋଠାବାଡ଼ି ଓ ସର୍ବସାଧାରଣ ଅନୁଷ୍ଠାନର କ୍ଷୟକ୍ଷତି ।

ସେହିଭଳି ସର୍ବସାଧାରଣ ଅନୁଷ୍ଠାନର କୋଠାବାଡ଼ି ଏବଂ ସରକାରୀ କୋଠାବାଡ଼ି ବିଶେଷ କ୍ଷତିଗ୍ରସ୍ତ ହୋଇଛି । ଏ ଧରଣର କୋଠାବାଡ଼ି ସଂଖ୍ୟା ହାରାହାରି ୧ ଲକ୍ଷ ହେବ । ସରକାରୀ କୋଠାବାଡ଼ି ଓ ସାଧାରଣ ଅନୁଷ୍ଠାନର କୋଠାବାଡ଼ି ଅତିଶୀଘ୍ର ନିର୍ମାଣ କରିବା ଆବଶ୍ୟକ । ଏଥିପାଇଁ ସିମେଣ୍ଟ, ଏମ. ଏସ. ରଡ଼, ଏ. ସି. ସିଟ୍ ପ୍ରଭୃତି ଗୃହ ନିର୍ମାଣ ଉପକରଣ ବହୁ ପରିମାଣରେ ଦରକାର ।

## ପାନୀୟ ଜଳର ଅଭାବ

ବନ୍ୟା ବିପନ୍ନ ଅଞ୍ଚଳରେ ସବୁଠାରୁ ବଡ଼ ସମସ୍ୟା ହେଉଛି ପାନୀୟ ଜଳର ଅଭାବ । ନଳ କୂପ, ପରିସ୍ରବ କୂପ ତଥା ଅନ୍ୟାନ୍ୟ ପାନୀୟ ଜଳର ଉତ୍ସମାନ କ୍ଷତିଗ୍ରସ୍ତ ଓ ଦୂଷିତ ହୋଇଯାଇଛି । ଇତିମଧ୍ୟରେ ବହୁସଂଖ୍ୟକ ନଳକୂପ ମରାମତି କରାଗଲାଣି । ବିପନ୍ନ ଅଞ୍ଚଳରେ ଯେତେଦୂର ସମ୍ଭବ ପାନୀୟ ଜଳ ଯୋଗାଇ ଦିଆଯାଉଛି । ଆବଶ୍ୟକସ୍ଥଳେ ନୂତନ ନଳକୂପ ବସା ଯାଉଛି ।

## ଖାଦ୍ୟ ଯୋଗାଣ

୧୯୮୨ ଅଗଷ୍ଟ ଶେଷସୁଦ୍ଧା ଆମ ରାଜ୍ୟରେ ମହଜୁଦ ଥିବା ଚାଉଳ ସେପ୍ଟେମ୍ବର ଓ ଅକ୍ଟୋବର ମାସର ସ୍ୱାଭାବିକ ଚାହିଦା ପୂରଣ କରିବା ଦିଗରେ ପର୍ଯ୍ୟାପ୍ତ ହୋଇଥାଆନ୍ତା । ମାତ୍ର ଏଇ ପ୍ରଳୟଙ୍କରୀ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଜରୁରି ରିଲିଫ ସାହାଯ୍ୟ ବାବଦରେ ପ୍ରାୟ ୧୦,୦୦୦ ଟନ୍ ଚାଉଳ ଖର୍ଚ୍ଚ ହେବାରୁ ସାଧାରଣ ବଣ୍ଟନ ବ୍ୟବସ୍ଥା ଉପରେ ଅଧିକ ବୋଝ ପଡ଼ିଛି । ଓଡ଼ିଶାର ଶସ୍ୟ ଭଣ୍ଡାର ହୋଇଥିବା କଟକ ଓ ପୁରୀ ଜିଲ୍ଲାର ସମତଳ ଅଞ୍ଚଳ ଗୁଡ଼ିକରେ ଫସଲ ସଂପୂର୍ଣ୍ଣଭାବେ ନଷ୍ଟ ହୋଇଥିବା ଯୋଗୁଁ ଓ ରାଜ୍ୟର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଆଗାମୀ ଖରିଫ ଫସଲ ଅମଳ ହେବା ପର୍ଯ୍ୟନ୍ତ ଚାଉଳ ଯୋଗାଣ ଅବ୍ୟାହତ ରଖିବାକୁ ପଡ଼ିବ । ସେପ୍ଟେମ୍ବର ମାସରୁ ଡିସେମ୍ବର ମାସ ମଧ୍ୟରେ ଜରୁରୀ ରିଲିଫ୍ ଓ ସାଧାରଣ ବଣ୍ଟନ ବ୍ୟବସ୍ଥା ବାବଦରେ ୮୮,୦୦୦ ମେଟ୍ରିକ ଟନ୍ ଚାଉଳ ଆବଶ୍ୟକ ହେବ ।

ବନ୍ୟା ବିପନ୍ନ ଅଞ୍ଚଳରେ ଜରୁରୀ ରିଲିଫ୍ ଆକାରରେ ଅଟା, ଗହମ, ଡ଼ାଲି, କିରୋସିନି ତେଲ ଓ ଲୁଣ ବ୍ୟତୀତ ୧୦,୯୫,୯୦ କୁଇଣ୍ଟାଲ ଚାଉଳ ଓ ୧୦,୦୭୫ କୁଇଣ୍ଟାଲ ଚୁଡ଼ା ଯୋଗାଇ ଦିଆଯାଇଥିଲା । ବିପନ୍ନ ଲୋକମାନଙ୍କୁ ତଲେଇ, ପଲିଥିନ୍ ଓ ଟାରପୋଲିନ୍ ପ୍ରଭୃତି ମଧ୍ୟ ଯୋଗାଇ ଦିଆଯାଇଥିଲା । ଗୃହ ନିର୍ମାଣ ସାହାଯ୍ୟ ବାବଦରେ ୨,୨୭,୦୦୦ ଲୋକଙ୍କୁ ପ୍ରାୟ ୩ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସାହାଯ୍ୟ ଦିଆଯାଇଥିଲା । ବନ୍ୟାଫଳରେ ମୃତ୍ୟୁ ବରଣ କରିଥିବା ଲୋକମାନଙ୍କର ପରିବାର ବର୍ଗଙ୍କୁ ୧,୦୧,୫୦୦ ଟଙ୍କା ସାହାଯ୍ୟ ଦିଆଯାଇଥିଲା । କଟକ ଓ ପୁରୀ ଜିଲ୍ଲାରେ ରବି ଫସଲପାଇଁ ୧୪ ହଜାର କୁଇଣ୍ଟାଲ ବିରି, ମୁଗ, ହରଡ଼ ଓ ଚିନାବାଦାମ ବିହନ ଯୋଗାଇ ଦିଆଯାଇଛି । ଜଙ୍ଗଲ କର୍ପୋରେସନ୍ ପକ୍ଷରୁ ବନ୍ୟା ବିପନ୍ନ ଅଞ୍ଚଳରେ ୭୮ ଟି ଡ଼ିପୋ ଖୋଲାଯାଇ ଗୃହ ନିର୍ମାଣ ଉପକରଣ ଯୋଗାଇ ଦିଆଯାଇଛି । ଯେଉଁ ଗ୍ରାମ ଗୁଡ଼ିକରେ ବିଦ୍ୟୁତ୍ ଶକ୍ତି ଯୋଗାଣ ବ୍ୟାହତ ହୋଇଥିଲା, ସେଠାକୁ ପୁନର୍ବାର ବିଦ୍ୟୁତ ଯୋଗାଇ ଦିଆଗଲାଣି । କ୍ଷତିଗ୍ରସ୍ତ ରାସ୍ତାଗୁଡ଼ିକର ପୁନଃ ନିର୍ମାଣ କାର୍ଯ୍ୟ ଏବଂ ଘାଇ ମରାମତି କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି । ମୁଖ୍ୟ କେନାଲ ଗୁଡ଼ିକରେ ପାଣି ଯୋଗାଇ ଦେଇ ଖରିଫ୍ ଫସଲକୁ ରକ୍ଷା କରିବା ତଥା ବ୍ୟାପକ ରବି ଫସଲ କରିବା ଦିଗରେ ପଦକ୍ଷେପ ଦିଆଯାଇଛି ।

## କ୍ଷୟକ୍ଷତି କଳନା ଓ ପୁନଃ ନିର୍ମାଣ କାର୍ଯ୍ୟ

ସାଂପ୍ରତିକ ବନ୍ୟାଫଳରେ ବିଭିନ୍ନ ବିଭାଗର ଯେଉଁ ସବୁ କ୍ଷୟକ୍ଷତି ହୋଇଛି, ସେଗୁଡ଼ିକ ପୁନଃସଂସ୍ଥାନ

କରିବା ବାବଦରେ କେତେ କ'ଣ ଖର୍ଚ୍ଚ ହେବ ତାହା କେନ୍ଦ୍ର ସରକାରଙ୍କୁ ଦିଆଯାଇଥିବା ସ୍ମାରକ ପତ୍ରରେ ଦର୍ଶାଯାଇଛି । ଏ ବାବଦରେ ମୋଟ ୬୧୮ କୋଟି ଟଙ୍କା ଆବଶ୍ୟକ ହେବ ବୋଲି ସ୍ମାରକ ପତ୍ରରେ ସୂଚିତ ହୋଇଛି ।

ବନ୍ୟା କ୍ଷୟକ୍ଷତି ସଂପର୍କରେ ବାସ୍ତବ ଅନୁଧ୍ୟାନ ନିମନ୍ତେ କେନ୍ଦ୍ର ସରକାରଙ୍କ ରିଲିଫ୍ କମିଶନର ଶ୍ରୀ କେ. ସି. ଏସ୍. ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳ ଓଡ଼ିଶା ଗସ୍ତରେ ଆସିଥିଲେ । ପୁନଶ୍ଚ, ଯୋଜନା କମିଶନଙ୍କ ଉପଦେଷ୍ଟା ଶ୍ରୀ କେ. ଏନ୍. ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନ୍ୟ ଏକ କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳ ଓଡ଼ିଶା ଗସ୍ତ ଶେଷ କରି ଅଛନ୍ତି । ଓଡ଼ିଶାର ବନ୍ୟାଜନିତ ଏହି ବ୍ୟାପକ କ୍ଷୟକ୍ଷତି ଯୋଗୁ କେନ୍ଦ୍ରୀୟ ଅନୁଧ୍ୟାନ କାରୀ ଦଳ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଆମ ରାଜ୍ୟର ଏହି ଘୋର ବିପତ୍ତି ସମୟରେ ଭାରତର ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ରାଜ୍ୟବାସୀଙ୍କୁ ଦୁଃଖ କଷ୍ଟରେ ସମବେଦନା ଜଣାଇବା ପାଇଁ ଓଡ଼ିଶା ଆସିଥିବାରୁ ରାଜ୍ୟବାସୀ ବିଶେଷ କୃତଜ୍ଞ । କେନ୍ଦ୍ର-ସରକାରଙ୍କ ପକ୍ଷରୁ ସମୟୋଚିତ ସାହାଯ୍ୟ ମିଳିଥିବାରୁ ରାଜ୍ୟ ସରକାର ମଧ୍ୟ ଏଥିପାଇଁ କୃତଜ୍ଞ ।

ବିଗତ ଦୁଇ ବର୍ଷ ମଧ୍ୟରେ ଆମ ରାଜ୍ୟକୁ ଗୋଟିଏ ପରେ ଗୋଟିଏ ବାତ୍ୟା, ମରୁଡ଼ି, ଜଳଜାପାତ ଓ ବନ୍ୟା ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟର ଏପରି ସମ୍ମୁଖୀନ ହେବାକୁ ପଡ଼ିଲା ଯେ ସମୟ ବି ଟିକିଏ ମିଳିଲା ନାହିଁ । ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟର ବିଶଦ ବିବରଣୀ ନିମ୍ନରେ ଦିଆଗଲା:—

୧୮୩୪—ବନ୍ୟା

୧୮୪୫—ବନ୍ୟା

୧୮୪୬—ବନ୍ୟା

୧୮୪୮—ବନ୍ୟା

୧୮୫୧—ବନ୍ୟା

୧୮୫୨—ବନ୍ୟା

୧୮୫୩—ବନ୍ୟା

୧୮୫୪—ବନ୍ୟା

୧୮୫୫—ବନ୍ୟା

୧୮୫୬—ବନ୍ୟା

୧୮୫୭—ବନ୍ୟା

୧୮୬୮—ବନ୍ୟା

୧୮୭୨—ବନ୍ୟା

୧୮୭୪—ବନ୍ୟା

୧୮୭୭—ବନ୍ୟା

୧୮୭୯—ବନ୍ୟା

୧୮୮୦—ବନ୍ୟା

୧୮୮୧—ବନ୍ୟା

୧୮୮୫—ପ୍ରଳୟଙ୍କରୀ ବାତ୍ୟାରେ (୭,୯୭୩ ଜଣ ଲୋକ ଓ ୧୦,୦୦୦ ଗୋରୁ ଗାଈଙ୍କ ମୃତ୍ୟୁ) ।

୧୮୯୦—ପ୍ରବଳ ବାତ୍ୟା

୧୮୯୨—ପ୍ରବଳ ବାତ୍ୟା

୧୮୯୩—ବାତ୍ୟା (ପ୍ରାକ୍-ମୌସୁମୀ ଓ ଲୁଣା ପାଣି ପ୍ରବାହ)

୧୮୯୪—ବନ୍ୟା

୧୮୯୫—ବନ୍ୟା

୧୮୯୬—ବନ୍ୟା

୧୯୦୦—ବନ୍ୟା

୧୯୦୨—ବନ୍ୟା

୧୯୦୮—ଜଳ ପ୍ରବାହ

୧୯୧୧—ଅଭୂତପୂର୍ବ ବନ୍ୟା

୧୯୧୩—ବନ୍ୟା

୧୯୨୦—ବନ୍ୟା

୧୯୨୬—ବନ୍ୟା

୧୯୨୭ —ବନ୍ୟା

୧୯୨୯ —୩୦ —ବନ୍ୟା

୧୯୩୩—ପ୍ରଳୟଙ୍କରୀ ବନ୍ୟା

୧୯୩୬ —ବନ୍ୟା

୧୯୩୭—ବନ୍ୟା

୧୯୩୯ —ବନ୍ୟା

୧୯୪୩ —ବନ୍ୟା

୧୯୪୭ —ବନ୍ୟା

୧୯୫୫ —ପ୍ରଳୟଙ୍କରୀ ବନ୍ୟା (ବହୁତ ଘର ଭାଙ୍ଗି ବହୁ ଅଞ୍ଚଳ କ୍ଷୟ କ୍ଷତି) ।

୧୯୫୬ —ବନ୍ୟା

୧୯୬୧ —ବନ୍ୟା

୧୯୬୫ —ଉତ୍କଟ ମରୁଡ଼ି

୧୯୬୭ —ପ୍ରଳୟଙ୍କରୀ ବାତ୍ୟା

୧୯୬୮ —ବାତ୍ୟା

୧୯୬୯ -ବନ୍ୟା

୧୯୭୧ -ପ୍ରଳୟଙ୍କରୀ ବାତ୍ୟା

୧୯୭୨ -ବନ୍ୟା

୧୯୭୩ -ବନ୍ୟା

୧୯୭୫ -ବନ୍ୟା

୧୯୭୭ -ବନ୍ୟା

୧୯୭୮ -କରକାପାତ, ଝଞ୍ଜିଆଭୂତ, ଘୂର୍ଣ୍ଣିବାତ୍ୟା (ପଶୁଣୀ ବାନ୍ଧଗୋଡ଼ା) ।

୧୯୭୯ -ମରୁଡ଼ି

୧୯୮୦ -ବନ୍ୟା ଓ ମରୁଡ଼ି

୧୯୮୧-ଘୂର୍ଣ୍ଣିବାତ୍ୟା—ବନ୍ୟା—ମରୁଡ଼ି

୧୯୮୨ -କରକାପାତ, ପ୍ରଳୟଙ୍କରୀ ବାତ୍ୟା, ମରୁଡ଼ି, ପ୍ରବଳ ବର୍ଷାପାତ ଓ ସମ୍ବଲପୁରରେ ବନ୍ୟା, ଆଠଗୋଟି ଜିଲ୍ଲାରେ ପ୍ରଳୟଙ୍କରୀ ବନ୍ୟା (ସମସ୍ତ ପ୍ରାକୃତିକ ବିପର୍ଯ୍ୟୟ ୧୯୮୨-୮୩ର ପ୍ରଥମ ୭ ମାସ ମଧ୍ୟରେ ହୋଇଥିଲା) ।

## ସ୍ଥାୟୀ ପ୍ରତିକାର ବ୍ୟବସ୍ଥା

ବନ୍ୟା ତଥା ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟଜନିତ ସମସ୍ୟାର ସ୍ଥାୟୀ ସମାଧାନର ପନ୍ଥା ନିର୍ଦ୍ଧାରଣ କରିବାର ସମୟ ଆସିଛି । ରାଜ୍ୟର ୩୨୪ କିଲୋମିଟର ଦୀର୍ଘ ସମଗ୍ର ଉପକୂଳରେ ନଡ଼ିଆ, ଝାଉଁ ଓ କାଜୁବାଦାମ ଭଳି ଫଳ ଓ ଜାଳେଣି ଉପଯୋଗୀ ଗଛ ଲଗାଯାଇ ଘଞ୍ଚ ଜଙ୍ଗଲ ସୃଷ୍ଟି କରାଯାଇ ପାରିବ ଓ ବାତ୍ୟା ପ୍ରତିରୋଧ କରିବା ଦିଗରେ ଏହା ସହାୟକ ହେବ । ସରକାରଙ୍କ ପକ୍ଷରୁ ସମୁଦ୍ର ଉପକୂଳ ଅଞ୍ଚଳ ଉନ୍ନୟନ ପରିକଳ୍ପନା କାର୍ଯ୍ୟକାରୀ ହେଉଛି । ଉକ୍ତ ପରିକଳ୍ପନା ଯଥାଶୀଘ୍ର ସମ୍ଭବ କାର୍ଯ୍ୟକାରୀ କରାଯିବା ଆବଶ୍ୟକ । ମହାନଦୀ ଓ ଏହାର ଉପନଦୀ ଗୁଡ଼ିକର ବନ୍ୟା ନିୟନ୍ତ୍ରଣ ତଥା ଜଳସେଚନ ବ୍ୟବସ୍ଥା ପାଇଁ ହୀରାକୁଦ ବନ୍ଧର ନିମ୍ନ ଅଞ୍ଚଳରେ ନଦୀ ବନ୍ଧ ନିର୍ମାଣ ପ୍ରତି ବିଶେଷ ଧ୍ୟାନ ଦିଆଯିବା ଆବଶ୍ୟକ । ଇତି ମଧ୍ୟରେ ମଣିଭଦ୍ରାଠାରେ ଏକ ନଦୀ ବନ୍ଧ ନିର୍ମାଣ କରିବା ନିମନ୍ତେ ପ୍ରସ୍ତାବ କରାଯାଇଛି ଓ ଏହା ବର୍ତ୍ତମାନ କେନ୍ଦ୍ର ସରକାର ତଥା ଜାତୀୟ ବନ୍ୟା ନିୟନ୍ତ୍ରଣ କମିଶନଙ୍କ ବିଚାରାଧୀନ ରହିଛି ।

ଉପ-ଶାସନ ସଚିବ,
ରାଜସ୍ୱ ବିଭାଗ,
ଭୁବନେଶ୍ୱର

## କ୍ଷୟକ୍ଷତିର ଚିତ୍ର

| | | |
|---|---|---|
| କ୍ଷତଗ୍ରସ୍ତ ଜିଲ୍ଲାର ସଂଖ୍ୟା | .. | ୮ |
| ବ୍ଲକ୍ ସଂଖ୍ୟା | .. | ୧୧୪ |
| ମ୍ୟୁନିସିପାଲଟି ସଂଖ୍ୟା | .. | ୭ |
| ବିଜ୍ଞାପିତ ଅଞ୍ଚଳ ପରିଷଦ ସଂଖ୍ୟା | .. | ୧୭ |
| ବିପନ୍ନ ଲୋକଙ୍କ ସଂଖ୍ୟା | .. | ୫୪ ଲକ୍ଷ |
| ଫସଲ ନଷ୍ଟ ହୋଇଥିବା ଅଞ୍ଚଳ | .. | ୧୨ ଲକ୍ଷ ହେକ୍ଟର |
| ବାଲି ଚର ପଡ଼ିଥିବା ଅଞ୍ଚଳ | .. | ୭୫,୦୦୦ ହେକ୍ଟର |
| ଭାସିଯାଇଥିବା ଘର ସଂଖ୍ୟା | .. | ୬୭,୫୦୦ |
| ସଂପୂର୍ଣ୍ଣ ଭାଙ୍ଗିଯାଇଥିବା ଘର ସଂଖ୍ୟା | .. | ୧,୫୮,୩୨୨ |
| ଆଂଶିକ ଭାବେ ଭାଙ୍ଗିଯାଇଥିବା ଘର ସଂଖ୍ୟା | .. | ୩,୨୫,୨୨୭ |

OGP—MP-VI (I. & P. R.) 47—15,000—12-10-1982

# THE WHIRL OF DISASTER



# ଧ୍ୱଂସର ଆବର୍ତ୍ତ

Vol. XXXIX No. 2,3 UTKAL PRASANGA Regd. No. O-5
Licence No. C. R. N. P. 5—Licensed to post without Pre-Payment





PRINTED AT ORISSA GOVERNMENT PRESS, CU...